# ଧରିତ୍ରୀ DHARITRI

ଧରିତ୍ରୀ 52 Years

ପୃଷ୍ଠା–୧୦+୮

ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ (୧୦+୮=୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 30/2025 | Page 18 | ₹ 7.00

୫୨ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 7 | ମୂଲ୍ୟ₹୭/-






CUTTACK OFFICE ADDRESS - 11-3B/1326 CDA SECTOR 11, CUTTACK, ODISHA-753014
BHUBANESWAR ADDRESS : PLOT NO - 2175/2858 & 2175/3766, 4TH FLOOR, LEWIS ROAD, SAMANTARAPUR, BHUBANESWAR ODISHA-751002

The project is registered as "DION Riverside Township" with the Odisha Real Estate Regulatory Authority under Registration No. MP/7/2025/01349, available at https://www.rera.odisha.gov.in/. "Riverside Township" refers to the integrated township development comprising residential units, commercial zones, educationalinstitutions, healthcare facilities, and recreational spaces. images used here are for representation purpose only



୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଅହମଦାବାଦକୁ ମିଳିବା ପରେ ସେଠାର ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ନିକଟରେ ଥିବା ଆବାସିକ କୋଠାଗୁଡ଼ିକୁ ଶନିବାର ପୌର ନିଗମ ପକ୍ଷରୁ ଭଙ୍ଗାଯାଉଛି।

# ଏୟାରବସ୍ ଏ୩୨୦ରେ ସମସ୍ୟା: ଭାରତରେ ୩୩୮ ବିମାନ ଉଡ଼ାଣ ପ୍ରଭାବିତ

## ବିଶ୍ୱବ୍ୟାପୀ ୬,୦୦୦ ବିମାନ ଉଡ଼ାଣ ବନ୍ଦ

ନୂଆଦିଲ୍ଲୀ,୨୯।୧୧

ଅତ୍ୟଧିକ ସୌର ବିକିରଣ ଯୋଗୁ ଏୟାରବସ୍ ଏ୩୨୦ ବିମାନଗୁଡ଼ିକରେ ସଫ୍ଟୱେର ସମସ୍ୟା ଦେଖାଦେଇଛି। ସେଗୁଡ଼ିକର ସମାଧାନ ପାଇଁ ବିଶ୍ୱବ୍ୟାପୀ ପ୍ରାୟ ୬,୦୦୦ ବିମାନ ଉଡ଼ାଣ ବନ୍ଦ ରହିଛି। ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ବନ୍ଦ ରହିବ। ଏହି ସମସ୍ୟା ଯୋଗୁ ସଫ୍ଟୱେର ଭର୍ସନ ଏଲ୍‌୧୦୪ ଥିବା ଏଲିଭେଟର ଏଇଲେରନ୍ କମ୍ପ୍ୟୁଟର (ଇଏଲ୍‌ଏସି ବି) ପ୍ରଭାବିତ ହୋଇଛି। ଉକ୍ତ ବ୍ୟବସ୍ଥା ଉଚ୍ଚତା ଆକଳନ କରିବା ସହ ଉଡ଼ାଣକୁ ନିୟନ୍ତ୍ରଣ କରିଥାଏ। ସୌରଝଡ଼ ବେଳେ ଅଧିକ ଉଚ୍ଚରେ ଉଡୁଥିବା ବିମାନରେ ଡେଟାରେ ତ୍ରୁଟି ସମ୍ଭାବନା ଦେଖାଦେଇଥାଏ।

ଉପରୋକ୍ତ ସମସ୍ୟା ଯୋଗୁ ଭାରତରେ ଏ୩୨୦ କମ୍ପାନୀର ୩୩୮ଟି ବିମାନରେ ସମସ୍ୟା ଦେଖାଦେଇଛି। ଫଳରେ ବିଭିନ୍ନ ଏୟାରଲାଇନ୍ସର ବିମାନ ଉଡ଼ାଣ ୬୦ରୁ ୯୦ ମିନିଟ୍ ବିଳମ୍ବିତ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅତ୍ୟଧିକ ସୌର ବିକିରଣ ଯୋଗୁ ଫ୍ଲାଇଟ୍ କଣ୍ଟ୍ରୋଲର ଗୁରୁତ୍ୱପୂର୍ଣ୍ଣ ଡେଟାରେ ସମସ୍ୟା ସୃଷ୍ଟି ହୋଇଥିଲା। ସଫ୍ଟୱେରରେ ପରିବର୍ତ୍ତନ ଆବଶ୍ୟକ ହେଉଥିବାରୁ ଏଥିପାଇଁ ବିମାନ ଉଡ଼ାଣ ପ୍ରଭାବିତ ହେବ ବୋଲି ଶୁକ୍ରବାର ଏୟାରବସ୍ ପକ୍ଷରୁ କୁହାଯାଇଥିଲା। ଭାରତୀୟ ଏୟାରଲାଇନ୍ସର ପ୍ରଭାବିତ ୩୩୮ଟି ଏୟାରବସ୍ ଏ୩୨୦ ବିମାନ ମଧ୍ୟରୁ ଶନିବାର ସନ୍ଧ୍ୟା ସୁଦ୍ଧା ୮୦ ପ୍ରତିଶତ ବା ୨୭୮ଟି ବିମାନର ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହୋଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତଥ୍ୟରୁ ଜଣାପଡ଼ିଛି। ରବିବାର ସକାଳ ସୁଦ୍ଧା ଅନ୍ୟ ବିମାନଗୁଡ଼ିକର ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହୋଇଯିବ ବୋଲି କୁହାଯାଇଛି।

# ଇମ୍ରାନ୍ ବଞ୍ଚିଥିବାର ପ୍ରମାଣ ଦିଅ

## ପାକ୍ ସରକାରଙ୍କ ପାଖରେ ପୁଅ କାସିମ୍‌ଙ୍କ ଦାବି

ଲାହୋର,୨୯।୧୧(ପି.ଟି.)

ଜେଲରେ ରହିଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବଞ୍ଚିଥିବା ନେଇ ପ୍ରମାଣ ଦେବାକୁ ତାଙ୍କ ପୁଅ କାସିମ୍ ଖାନ୍ ସୋସିଆଲ ମିଡିଆ ଜରିଆରେ ପାକିସ୍ତାନ ସରକାରଙ୍କ ନିକଟରେ ଦାବି କରିଛନ୍ତି। ୭୩ ବର୍ଷୀୟ ଇମ୍ରାନ୍‌ଙ୍କୁ ଦେଖାକରିବା ପାଇଁ ତାଙ୍କ ପରିବାର ସଦସ୍ୟଙ୍କୁ ଛଡ଼ାଯାଉ ନାହିଁ। ମାସେ ହେଲା ଇମ୍ରାନ୍‌ଙ୍କ ଓକିଲ ଏବଂ ଦଳୀୟ କର୍ମୀଙ୍କୁ ମଧ୍ୟ ଜେଲ ଭିତରକୁ ଯିବା ପାଇଁ ଅନୁମତି ମିଳୁନାହିଁ। ତେଣୁ ଇମ୍ରାନଙ୍କୁ ଜେଲ ଭିତରେ ମାରିଦିଆଯାଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଭିନ୍ନ ମାମଲାରେ ସମ୍ପୃକ୍ତି ନେଇ ଇମ୍ରାନଙ୍କୁ ୨୦୨୩ ଅଗଷ୍ଟରୁ ଗିରଫ କରାଯାଇ ରାୱଲପିଣ୍ଡିର ଆଡିଆଲା ଜେଲରେ ରଖାଯାଇଛି। ଇମ୍ରାନ୍‌ଙ୍କୁ ଦେଖା କରିବା ନିମନ୍ତେ ପରିବାର ସଦସ୍ୟଙ୍କୁ ଅନୁମତି ଦେବା ଦାବିରେ ତାଙ୍କର ୩ ଭଉଣୀଙ୍କ ସମେତ ପାକିସ୍ତାନ ତେହରିକ-ଇ-ଇନ୍‌ସାଫ କର୍ମୀ ଏବଂ ଖାଇବର ପାଖ୍‌ତୁନ୍‌ଖ୍ୱା ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦି ଆଡିଆଲା ଜେଲ୍ ବାହାରେ କିଛିଦିନ ହେଲା ଧାରଣାରେ ବସିଛନ୍ତି।

# ବାତ୍ୟା ଡିଟ୍‌ୱା: ୧୫୩ ମୃତ, ୧୭୬ ନିଖୋଜ


କଲମ୍ବୋ ନିକଟ ୱେଲାମ୍‌ପିଟିୟାରେ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର କରାଯାଉଛି।

## ଜରୁରୀ ସ୍ଥିତି ଘୋଷଣା କଲା ଶ୍ରୀଲଙ୍କା

କଲମ୍ବୋ,୨୯।୧୧

ବାତ୍ୟା ଡିଟ୍‌ୱାଜନିତ ପ୍ରବଳ ବର୍ଷାରେ ଶ୍ରୀଲଙ୍କାରେ ବନ୍ୟା ଏବଂ ଭୂସ୍ଖଳନ ଘଟି ଶନିବାର ମୃତ୍ୟୁସଂଖ୍ୟା ୧୫୩ରେ ପହଞ୍ଚିଥିବାବେଳେ ୧୭୬ ଜଣ ନିଖୋଜ ଅଛନ୍ତି। ୧୫,୦୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ୭୮,୦୦୦ ଲୋକ ସରକାରୀ ଆଶ୍ରୟ ସ୍ଥଳରେ ରହିଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶ୍ରୀଲଙ୍କା ସରକାର ଜରୁରୀ ସ୍ଥିତି ଘୋଷଣା କରିବା ସହ ଅନ୍ତର୍ଜାତୀୟ ସହାୟତା ଲୋଡ଼ିଛନ୍ତି।

ଶ୍ରୀଲଙ୍କାରେ ସପ୍ତାହେ ହେଲା ବର୍ଷା ଲାଗିରହିଥିବାବେଳେ ବିପର୍ଯ୍ୟୟ ସୃଷ୍ଟି କରିଛି। ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଦେଶରେ ଜରୁରୀ ଆଇନ ଲାଗୁ କରିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସେନାର ୩ ବାହିନୀକୁ ନିୟୋଜିତ କରାଯାଇଛି। ବାତ୍ୟା ଭାରତ ଆଡ଼େ ଅଗ୍ରସର ହେଉଥିବାବେଳେ କଲମ୍ବୋର ପୂର୍ବରେ ଥିବା କାଣ୍ଡି ଜିଲାରେ ଶନିବାର ପୁନର୍ବାର ଭୂସ୍ଖଳନ ଘଟି ମୁଖ୍ୟ ରାସ୍ତାର ଅନେକ ଭାଗ ଜଳାର୍ଣ୍ଣବ ହୋଇଯାଇଛି। ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସଙ୍ଗିନ୍ ରହିଛି। କେଲାନି ନଦୀକୂଳର ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବାତ୍ୟାରେ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିବାବେଳେ ବିଦେଶରେ ଥିବା ଶ୍ରୀଲଙ୍କା ନାଗରିକ ସହାୟତା ପଠାଇବା ପାଇଁ ସରକାର ନିବେଦନ କରିଛନ୍ତି।

ଶ୍ରୀଲଙ୍କାର ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ସହାୟତା ପାଇଁ ଭାରତୀୟ ବାୟୁସେନା ଶନିବାର ୨୧ ଟନ୍ ରିଲିଫ୍ ସାମଗ୍ରୀ ପଠାଇଛି। ଏଥିସହିତ ଉଦ୍ଧାର କାର୍ଯ୍ୟରେ ସହାୟତା ନିମନ୍ତେ ଭାରତ ୮୦ ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଏବଂ ୮ ଟନ୍ ଉପକରଣ ପଠାଇଥିବା ଜଣାପଡ଼ିଛି। ଶ୍ରୀଲଙ୍କାରେ ବିପର୍ଯ୍ୟୟ ଖବର ପାଇବା ପରେ ଭାରତ ତୁରନ୍ତ ଅପରେଶନ ସାଗରବିନ୍ଧୁ ଜରିଆରେ ସହାୟତା ପଠାଇଥିଲା ବୋଲି ବାୟୁସେନା କହିଛି। ଭାରତୀୟ ବାୟୁସେନାର ଗୋଟିଏ ସି-୧୩୦ ଏବଂ ଗୋଟିଏ ଆଇଏଲ୍-୭୬ ବିମାନକୁ ରିଲିଫ୍ ପଠାଇବା କାର୍ଯ୍ୟରେ ନିୟୋଜିତ କରାଯାଇଛି।

## ତାମିଲନାଡୁ, ଆନ୍ଧ୍ରରେ ରେଡ୍ ଆଲର୍ଟ

ଚେନ୍ନାଇ,୨୯।୧୧

ବବାତ୍ୟା ଡିଟ୍‌ୱା ଶ୍ରୀଲଙ୍କା ଉପକୂଳ ଅତିକ୍ରମ କରି ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରୁଥିବାବେଳେ ରବିବାର ଭୋର ସୁଦ୍ଧା ଉତ୍ତର ତାମିଲନାଡୁ, ପଣ୍ଡିଚେରୀ ଓ ଆନ୍ଧ୍ରପ୍ରଦେଶର ଦକ୍ଷିଣ ଭାଗରେ ପହଞ୍ଚିବା ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ଜାରି ରହିଛି। ତାମିଲନାଡୁ, ପଣ୍ଡିଚେରୀ ଏବଂ ଆନ୍ଧ୍ରରେ ରେଡ୍ ଆଲର୍ଟ ଜାରି ହୋଇଛି। ବାତ୍ୟା ମୁକାବିଲା ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ଦିଗରେ ପ୍ରସ୍ତୁତି ଜାରି ରଖିଛନ୍ତି। ଅନବରତ ବର୍ଷା ଲାଗିରହିଥିବାରୁ ଚେନ୍ନାଇ ଏୟାରପୋର୍ଟ ୫୪ଟି ବିମାନକୁ ବାତିଲ କରିଦେଇଛି। ତାମିଲନାଡୁର ପ୍ରଭାବିତ ଜିଲାରେ ଶନିବାର ସ୍କୁଲ, କଲେଜଗୁଡ଼ିକୁ ଛୁଟି କରିଦିଆଯାଇଛି। ଉପକୂଳରେ ଶନିବାର ପବନର ବେଗ ୫୦ରୁ ୬୦ କି.ମି. ଥିବାବେଳେ ଉପକୂଳ ଛୁଇଁବା ବେଳକୁ ବେଗ ୯୦ କି.ମି. ପର୍ଯ୍ୟନ୍ତ ବଢ଼ିବା ଆଶଙ୍କା କରାଯାଉଛି।

# ଏକାଠି ହେଲେ ସିଦ୍ଧାରାମାୟା, ଶିବକୁମାର



ବେଙ୍ଗାଲୁରୁ,୨୯।୧୧

କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ମଧ୍ୟରେ ନେତୃତ୍ୱକୁ ନେଇ କିଛିଦିନ ହେଲା ଟଣାଓଟରା ଲାଗିରହିଥିବାବେଳେ ଏବେ ସେମାନେ ଏକ ନୂଆ ସୂତ୍ର ସହ ଏକାଠି ହୋଇଛନ୍ତି। ଦିଲ୍ଲୀ କଂଗ୍ରେସ ନେତୃତ୍ୱ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଶନିବାର ସକାଳେ ଉଭୟ ନେତା ପ୍ରାତଃଭୋଜନ ପାଇଁ ଏକାଠି ହୋଇଥିବାବେଳେ ପୂର୍ବ ବିବାଦକୁ ଭୁଲିଯିବାକୁ ନିଷ୍ପତ୍ତି ନେଇଥିବାର ସୂଚନା ଦେଇଛନ୍ତି। ୨ ନେତାଙ୍କ ମଧ୍ୟରେ ବିବାଦରୁ ନଜର ହଟାଇବା ପାଇଁ ଏଭଳି ବୈଠକର ଆୟୋଜନ କରାଯାଇଥିବା ରାଜନୀତି ସମୀକ୍ଷକମାନେ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଶିବକୁମାର ନେତୃତ୍ୱ ନେଇପାରନ୍ତି ବୋଲି କୁହାଯାଉଛି। ଏପରିକି ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲ ସୁଦ୍ଧା ନେତୃତ୍ୱ ପରିବର୍ତ୍ତନ ହୋଇପାରେ ବୋଲି କେତେଜଣ କହିଛନ୍ତି। ସେପର୍ଯ୍ୟନ୍ତ ଶିବକୁମାରଙ୍କୁ ନୀରବ ରହିବାକୁ କୁହାଯାଇଛି।

# ବାହାହେଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

ମେଲ୍‌ବର୍ନ,୨୯।୧୧

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିସ୍ ଶନିବାର ତାଙ୍କ ପାର୍ଟନର ଜୋଡି ହେଡନଙ୍କୁ ବିବାହ କରିଛନ୍ତି। ରାଜଧାନୀ କାନ୍‌ବେରାସ୍ଥିତ ଆଲବାନିସ୍‌ଙ୍କ ସରକାରୀ ବାସଭବନରେ ଏକ ଗୁପ୍ତ ତଥା ଅନ୍ତରଙ୍ଗ ସମାରୋହ ମଧ୍ୟରେ ବିବାହ ସମ୍ପନ୍ନ ହୋଇଛି। ଅଷ୍ଟ୍ରେଲିଆ ସଂଘୀୟ ସରକାରର ୧୨୪ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ କ୍ଷମତାରେ ଥାଇ ବିବାହ କରିଛନ୍ତି। ବିବାହ ଉତ୍ସବରେ ଓସ୍କାର ବିଜୟୀ ଅଭିନେତା ରସେଲ କ୍ରୋ, କ୍ୟାବିନେଟ ମନ୍ତ୍ରୀବୃନ୍ଦଙ୍କ ସମେତ ପ୍ରାୟ ୬୦ ଜଣ ଅତିଥି ଯୋଗ ଦେଇଥିଲେ। ୬୨ ବର୍ଷୀୟ ଆଲବାନିସ୍ ୨୦୦୦ରେ କାର୍ମେଲ ଟେବୁଟ୍‌ଙ୍କୁ ବିବାହ କରିଥିବାବେଳେ ୨୦୧୯ରେ ସେମାନଙ୍କର ଛାଡ଼ପତ୍ର ହୋଇଥିଲା। ଗତବର୍ଷ ଭାଲେଣ୍ଟାଇନ୍ ଡେ'ରେ ଆଲବାନିସ୍ ୪୬ ବର୍ଷୀୟ ହେଡନଙ୍କୁ ପ୍ରପୋଜ୍ କରିଥିଲେ।


ବିବାହ ପରେ ସ୍ତ୍ରୀ ଜୋଡି ହେଡନଙ୍କ ସହ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିସ୍।

# ଆରାବଳି ପର୍ବତମାଳାରେ ସାନି ଖଣି ଲିଜ୍ ନିଷେଧ

## କେନ୍ଦ୍ରର ସଂଜ୍ଞାକୁ ଗ୍ରହଣ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୧୧



ବିଶ୍ୱର ସର୍ବପୁରାତନ ପର୍ବତମାଳାର ସୁରକ୍ଷା ଲକ୍ଷ୍ୟରେ ସୁପ୍ରିମକୋର୍ଟ ଆରାବଳି ପର୍ବତମାଳା ଉପରେ କେନ୍ଦ୍ରର ସଂଜ୍ଞାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟକୁ ବ୍ୟାପିଥିବା ଏହି ପର୍ବତମାଳା ଅଞ୍ଚଳ ମଧ୍ୟରେ ସାନି ଖଣି ଖନନ ଲିଜ୍ ମଞ୍ଜୁରୀକୁ ନିଷେଧ କରିଛନ୍ତି। ଆରାବଳି ପର୍ବତମାଳାର ସୁରକ୍ଷା ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ କମିଟି ଉକ୍ତ ପର୍ବତମାଳାର ଯେଉଁ ସଂଜ୍ଞା ସୁପାରିସ କରିଥିଲେ, ଗତ ୨୧ ତାରିଖରେ ତତ୍କାଳୀନ ସିଜେଆଇ ବି.ଆର୍. ଗବଇଙ୍କ ଖଣ୍ଡପୀଠ ଏହାକୁ ଗ୍ରହଣ କରିଥିଲେ। କମିଟି ଆରାବଳି ପର୍ବତମାଳାର ସଂଜ୍ଞା ନିର୍ଦ୍ଧାରଣ କରି କହିଛନ୍ତି, ଆରାବଳି ଜିଲାଗୁଡ଼ିକରେ ଅବସ୍ଥିତ ଭୂଭାଗ, ଯାହା ସ୍ଥାନୀୟ ହାରାହାରି ଉଚ୍ଚତାଠାରୁ ୧୦୦ ମିଟର କିମ୍ବା ଏହାଠାରୁ ଅଧିକ ଉଚ୍ଚ ହୋଇଥିଲେ, ଏହାକୁ ଆରାବଳି ପର୍ବତମାଳା ବିବେଚନା କରାଯିବ। ଏଭଳି ସବୁଠୁ ନୀଚା ରୂପରେଖ ମଧ୍ୟରେ ଆସୁଥିବା ସମ୍ପୂର୍ଣ୍ଣ ଭୂଭାଗ, ତାହା ବାସ୍ତବରେ କିମ୍ବା ବୈଚାରିକ ଭାବେ ସମପ୍ରସାରିତ ହୋଇଥିଲେ, ସବୁଗୁଡ଼ିକୁ ପର୍ବତ ଭାବେ ଗଣାଯିବ। ଏହାର ଗଡ଼ାଣି ଏବଂ ସଂଲଗ୍ନ ଭୂଭାଗକୁ ମଧ୍ୟ ଆରାବଳି ପର୍ବତମାଳାର ଭାଗ ବୋଲି ଗ୍ରହଣ କରାଯିବ। ଆରାବଳି ସଫାରି ପାର୍କ ପ୍ରକଳ୍ପ ପରିବେଶ ପ୍ରତି ସମସ୍ୟା ସୃଷ୍ଟି କରିବାକୁ ଥିବାରୁ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଫିସରମାନେ ଏହାକୁ ବିରୋଧ କରିବା ସହ ଏହାର ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଥିଲେ।

ଭାରତର ସବୁଜ ଫୁସ୍‌ଫୁସ୍ ଭାବେ ପରିଚତ ଆରାବଳି ପର୍ବତମାଳା ଅସ୍ତିତ୍ୱଗତ ସଙ୍କଟର ସମ୍ମୁଖୀନ ହୋଇଛି। ପୂର୍ବ ଗୁଜରାଟରୁ ହରିୟାଣାର ଦକ୍ଷିଣଭାଗ ପର୍ଯ୍ୟନ୍ତ ପାଖାପାଖି ୭୦୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପୁରାତନ ପର୍ବତାମାଳାର ଜୈବ ବିବିଧତା, ଭୂତଳ ଜଳର ପୁନଃ ଭରଣା ଏବଂ ଜଳବାୟୁକୁ ସନ୍ତୁଳିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏହି ପର୍ବତମାଳାର ୯୦ ପ୍ରତିଶତ ଅଞ୍ଚଳ ପ୍ରତି ବିପଦ ରହିଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ କମିଟିର ସୁପାରିସରୁ ଜଣାପଡ଼ିଛି।

ଫୁର୍‌ସତ୍

# ଏଭଳି ଅଛି ପରମ୍ପରା: ଯେଉଁଠି ପୁଅ କନ୍ୟା, ଝିଅ ସାଜେ ବର

ଅମରାବତୀ

ଆନ୍ଧ୍ରପ୍ରଦେଶ ପ୍ରକାଶମ୍ ଜିଲାର ଅନେକ ସ୍ଥାନରେ ବହୁ ଶହ ବର୍ଷ ପୁରୁଣା ପରମ୍ପରା ଏବେ ବି ପାଳନ କରାଯାଏ। କେତେକ ଗାଁରେ ବିବାହ ସମୟରେ ପୁରୁଷ କନ୍ୟା ପରି ଏବଂ କନ୍ୟାମାନେ ବର ଭଳି ସଜ୍ଜିତ ହୁଅନ୍ତି। ବର କନ୍ୟା ପରି ଶାଢ଼ି, ଅଳଙ୍କାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ପିନ୍ଧିଥାଏ। କନ୍ୟା ବର ପରି ଶାର୍ଟ, ପ୍ୟାଣ୍ଟ ପିନ୍ଧିବା ସହ ପୁରୁଷ ଭଳି କେଶ ସଜ୍ଜିତ କରିଥାଏ। ଯେରାଗୋଣ୍ଡାପାଲିମ ମଣ୍ଡଳର କୋଲୁକୁଲା ଗ୍ରାମରେ, ବର ଏବଂ କନ୍ୟା ବିବାହର ଦିନକ ପୂର୍ବରୁ ସେମାନଙ୍କର ପୋଷାକ ପରିବର୍ତ୍ତନ କରନ୍ତି ଏବଂ ସେମାନଙ୍କର ପ୍ରିୟ ଦେବତାଙ୍କୁ ପୂଜା କରନ୍ତି। ପ୍ରକାଶମ୍ ଜିଲାର କେତେକ ଗାଁରେ ଏହି ପ୍ରଥା ପିଢ଼ି ପରେ ପିଢ଼ି ଚଳିଆସୁଛି। ବିଶ୍ୱାସ ରହିଛି ଯଦି ସେମାନେ ଏହିପରି ନିଜକୁ ପରିବର୍ତ୍ତନ କରନ୍ତି ଏବଂ ସେମାନଙ୍କ ପାରିବାରିକ ଦେବତାଙ୍କୁ ପୂଜା କରନ୍ତି, ତେବେ ସବୁକିଛି ଭଲ ହୋଇଯିବ। ତଥାପି ପୂଜା ପରେ ବର ଏବଂ କନ୍ୟା ସାଧାରଣ ପୋଷାକ ପିନ୍ଧି ବିବାହ କରନ୍ତି। ନିକଟରେକୋଲୁକୁଲା ଗ୍ରାମର ବାଗୁଲାରେ ଏଭଳି ଏକ ବିବାହ ଅନୁଷ୍ଠିତ ହୋଇଥିଲା।



# ବାପା ହେବେ ରଣଦୀପ୍

**ମୁମ୍ବାଇ:** ଅଭିନେତା ରଣଦୀପ୍ ହୁଡା ତାଙ୍କର ଦ୍ୱିତୀୟ ବିବାହ ବାର୍ଷିକୀରେ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି। ସ୍ତ୍ରୀ ଲିନ ଲାଇଶ୍ରାମଙ୍କ ସହ ଏକ ସୁନ୍ଦର ଫଟୋ ଶେୟାର କରି ଖୁବ୍‌ଶୀଘ୍ର ମାତାପିତା ହେବାକୁ ଯାଉଥିବା କହିଛନ୍ତି। ଫଟୋରେ ଦମ୍ପତି ଜଙ୍ଗଲରେ ଏକ ଅଗ୍ନିକୁଣ୍ଡ ପାଖରେ ବସି ହାତ ଧରାଧରି ହୋଇ ହସୁଛନ୍ତି। ଅଭିନେତା ପୋଷ୍ଟର କ୍ୟାପସନ୍‌ରେ ଲେଖିଛନ୍ତି, ଦୁଇ ବର୍ଷର ପ୍ରେମ, ସାହସିକତା ଏବଂ ଆଗକୁ ଗୋଟିଏ ଛୋଟ ପିଲା ଆସୁଛି।

ରଣଦୀପ ୨୦୨୩ ନଭେମ୍ବର ୨୦ରେ ଲିନ ଲାଇଶ୍ରାମଙ୍କୁ ବିବାହ କରିଥିଲେ। ସେମାନେ ମୈତେଇ ପରମ୍ପରା ଅନୁଯାୟୀ ମଣିପୁରର ଇମ୍ଫାଲରେ ବିବାହ କରିଥିଲେ। ବିବାହ ପରେ ମୁମ୍ବାଇରେ ଏକ ରିସେପ୍ସନର ଆୟୋଜନ କରିଥିଲେ। ଲିନ ଲାଇଶ୍ରାମ ଜଣେ ଅଭିନେତ୍ରୀ। ସେ ଶାହରୁଖ ଖାନ୍‌ଙ୍କ ଫିଲ୍ମ 'ଓମ୍ ଶାନ୍ତି ଓମ୍' ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ୨୦୨୩ ମସିହାରେ ସେ 'ଜାନେ ଜାନ' ଏବଂ 'ମେରି କମ୍' ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ସେ ଜଣେ ମଡେଲ ଏବଂ ବ୍ୟବସାୟୀ ମଧ୍ୟ।

ରଣଦୀପ୍‌ଙ୍କୁ ଶେଷ ଥର ପାଇଁ ସନି ଦେଓଲଙ୍କ ଅଭିନୀତ 'ଜାଟ' (୨୦୨୫) ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ଏଥିରେ ସେ ଏକ ନକାରାତ୍ମକ ଭୂମିକାରେ ଅଭିନୟ କରିଥିଲେ। ତେବେ ୨୦୨୬ରେ ମୁକ୍ତିଲାଭ କରିବାକୁ ଥିବା ଇଂଲିଶ୍ ଚଳଚ୍ଚିତ୍ର 'ମ୍ୟାଚବକ୍ସ'ରେ ନଜରକୁ ଆସିବେ।



ଧରିତ୍ରୀ
DHARITRI
52 Years



ଆଜିର ସମ୍ପାଦକୀୟ: ପ୍ରତିଶୋଧାତ୍ମକ ପଦକ୍ଷେପ

# ଓଡ଼ିଶାରେ ବଢ଼ିଛି ଶିଶୁ ନିଖୋଜ

**ରାଜ୍ୟରେ ଶିଶୁ ନିଖୋଜ ଘଟଣା ବଢ଼ିବାରେ ଲାଗିଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଗୃହରେ ଦେଇଥିବା ତଥ୍ୟ ଅନୁସାରେ ଗତ ୨ବର୍ଷରେ ରାଜ୍ୟରେ ଟୋଲ୍ ଫ୍ରି ନମ୍ବର '୧୦୯୮' ଜରିଆରେ ୧୧,୩୩୭ ଶିଶୁ ନିଖୋଜ ଘଟଣା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୮,୩୬୨ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏବେ ବି ୨,୯୭୫ ଜଣଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ। ତେବେ ନ୍ୟାଶନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ଅନୁସାରେ ଶିଶୁଙ୍କ ଉଦ୍ଧାରରେ ରାଜ୍ୟର ସ୍ଥିତି ଅତି ନୈରାଶ୍ୟଜନକ ରହିଛି। ଏପରି କି ଓଡ଼ିଶାର ସ୍ଥାନ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସବୁଠାରୁ ତଳେ ରହିଛି। ଶିଶୁମାନଙ୍କ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଏହି ତଥ୍ୟ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି।**

## ୨ବର୍ଷରେ ୧୧,୩୩୭ ପଞ୍ଜୀକୃତ
## ଉଦ୍ଧାର ହୋଇଛନ୍ତି ୮,୩୬୨: ପ୍ରଭାତୀ



ଭୁବନେଶ୍ୱର,୨୯।୧୧
(ସତ୍ୟଜିତ ରାଉତ)

ରାଜ୍ୟରେ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ହେଲେ ଏଥିରେ ସେତେମାତ୍ରାରେ ସଫଳତା ମିଳୁନାହିଁ। ଗୋଟିଏ ପରେ ଗୋଟିଏ ଶିଶୁ ନିଖୋଜ ହୋଇ ମା'ର କୋଳ ଖାଲି ହୋଇଯାଉଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାନସଭାରେ ଶନିବାର ଶିଶୁ ନିଖୋଜ ସଂକ୍ରାନ୍ତରେ ଆଲୋଚନା ହୋଇଯାଇଛି। ପାଟଣାର ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଗତ ୨ ବର୍ଷରେ ୧୧,୩୩୭ ଶିଶୁ ନିଖୋଜ ରିପୋର୍ଟ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୮,୩୬୨ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ୨,୯୭୫ ଜଣ ନିଖୋଜ ଅଛନ୍ତି। ଏସବୁ ରିପୋର୍ଟକୁ ପଞ୍ଜୀକୃତ କରାଯାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)କୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

ପ୍ରଭାତୀଙ୍କ ସୂଚନା ଅନୁଯାୟୀ, ୨୦୨୪ରୁ ଏପର୍ଯ୍ୟନ୍ତ ଶିଶୁ ସହାୟତା ନଂ.୧୦୯୮ରେ ଏହି ଅଭିଯୋଗଗୁଡ଼ିକ ପଞ୍ଜୀକୃତ ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୮୫ ଜଣ ନିଖୋଜ ହୋଇଥିବାବେଳେ ୫୭୬ ଜଣଙ୍କୁ ଉଦ୍ଧାର କରାଯାଇପାରିଛି। ଜିଲାୱାରି ତଥ୍ୟ ଅନୁଯାୟୀ, ଅନୁଗୋଳରେ ୨୬୭ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ବଲାଙ୍ଗୀରରେ ୩୯୪, ବାଲେଶ୍ୱରରେ ୬୮୩, ବରଗଡ଼ରେ ୧୨୨, ଭଦ୍ରକରେ ୪୧୨, ବୌଦ୍ଧରେ ୩୧୯, କଟକରେ ୪୫୦, ଦେବଗଡ଼ରେ ୨୮୫, ଢେଙ୍କାନାଳରେ ୨୬୫, ଗଜପତିରେ ☞ପୃଷ୍ଠା-୨

### ଉଦ୍ଧାରରେ ସବୁଠୁ ପଛରେ ଓଡ଼ିଶା

ଭୁବନେଶ୍ୱର,୨୯।୧୧
(ସତ୍ୟଜିତ ରାଉତ)

ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ସ୍ଥିତି ଅତି ଖରାପ ରହିଛି। ନିକଟରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ-୨୦୨୩ରୁ ଏହା ସ୍ପଷ୍ଟ ହୋଇଛି। ନିଖୋଜ ଶିଶୁମାନଙ୍କୁ ଉଦ୍ଧାର ତୁଳନା ତାଲିକାରେ ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ଥିଲେ ତଳଆଡୁ ପ୍ରଥମରେ ରହିଛି। ଏଯାଏ ନିଖୋଜ ହୋଇଥିବା ଶିଶୁମାନଙ୍କ ମଧ୍ୟରୁ ଓଡ଼ିଶା ୨୦୨୩ରେ ମାତ୍ର ୩୨.୫ ପ୍ରତିଶତ ଉଦ୍ଧାର କରିପାରିଛି। ତଥ୍ୟ ଅନୁଯାୟୀ, ୨୦୨୩ ପୂର୍ବରୁ ଓଡ଼ିଶାରୁ ମୋଟ ୪,୮୩୭ ଜଣ ଶିଶୁ ନିଖୋଜ ଥିଲେ। ସେମାନଙ୍କ ମଧ୍ୟରେ ୫୧୭ ଜଣ ନାବାଳକ ଓ ୪,୩୨୦ ଜଣ ନାବାଳିକା। ୨୦୨୩ରେ ମଧ୍ୟ ୫,୯୩୮ ଜଣ ଶିଶୁ ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୭୦୫ଜଣ ନାବାଳକ ଓ ୫,୨୩୩ ନାବାଳିକା ଥିଲେ। ୨୦୨୩ ବର୍ଷର ନିଖୋଜ ଶିଶୁଙ୍କୁ ମିଶାଇ ଏହି ସଂଖ୍ୟା ୧୦,୭୭୫ରେ ପହଞ୍ଚିଥିଲା। ତେବେ ୨୦୨୩ ବର୍ଷରେ ୩,୫୦୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩,୦୫୬ ଜଣ ନାବାଳିକା ରହିଥିବାବେଳେ ୪୪୭ ଜଣ ନାବାଳକ ରହିଛନ୍ତି। ଅପରପକ୍ଷରେ ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା ତାଲିକାରେ ନାଗାଲାଣ୍ଡ ଓ ସିକିମ୍ ମିଳିତ ଭାବେ ୧୦୦% ହାରରେ ପ୍ରଥମରେ ରହିଥିବା ବେଳେ ଦ୍ୱିତୀୟରେ କେରଳ (୯୫.୯%), ତୃତୀୟରେ ମେଘାଳୟ (୯୩.୬), ଚତୁର୍ଥରେ ତ୍ରିପୁରା (୮୬.୨) ଏବଂ ପଞ୍ଚମ ସ୍ଥାନରେ ଆନ୍ଧ୍ରପ୍ରଦେଶ (୮୫.୭) ରହିଛି।




# ରାଜ୍ୟରେ ଖୋଲିବ ୧୫ ପୋକ୍‌ସୋ କୋର୍ଟ

ଭୁବନେଶ୍ୱର, ୨୯।୧୧
(ସୁନିତ୍ ମିଶ୍ର)

ରାଜ୍ୟ ସରକାର ନାବାଳକ ପିଲାମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା ପାଇଁ ପ୍ରୋଟେକ୍‌ଶନ ଅଫ୍ ଚିଲ୍ଡ୍ରେନ୍ ଫର୍ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ଆକ୍ଟ ଜରିଆରେ ଆଉ ୧୫ଟି ସ୍ୱତନ୍ତ୍ର ଅଦାଲତ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ବିଧାନସଭାରେ ସଦସ୍ୟ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଆସନ୍ତା ଆର୍ଥିକ ବର୍ଷ ଏହି କୋର୍ଟ ଖୋଲିବା ଲାଗି ରାଜ୍ୟ ସରକାର ଉଚ୍ଚସ୍ତରୀୟ କମିଟିକୁ ଏକ ପ୍ରସ୍ତାବ ଦେବେ। ବାଲେଶ୍ୱର, ଭଦ୍ରକ, କଟକ, ବ୍ରହ୍ମପୁର, ଯାଜପୁର, କେନ୍ଦୁଝର, ଭୁବନେଶ୍ୱର, ବାରିପଦା, ଫୁଲବାଣୀ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ମାଲକାନାଗିରି ଓ ସୋନପୁରରେ ଏହି କୋର୍ଟ ଖୋଲିବ। ମନ୍ତ୍ରୀ ହରିଚନ୍ଦନ ଆହୁରି କହିଛନ୍ତି, ଉଚ୍ଚ ନ୍ୟାୟାଳୟଙ୍କ ଅନୁମୋଦନକ୍ରମେ ରାଜ୍ୟର ବିଭିନ୍ନ ☞ପୃଷ୍ଠା-୨




# ଡା. ଶାହିନଙ୍କ ପ୍ରକୋଷ୍ଠରୁ ୧୮ ଲକ୍ଷ ଜବତ

ଫରିଦାବାଦ,୨୯।୧୧

**ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ତଦନ୍ତ ଜୋର୍‌ଦାର**

ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ତଦନ୍ତ ଚଳାଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟିରେ ଗୁରୁବାର ରାତିରେ ଚଢ଼ାଉ କରିଥିଲା। ଆତଙ୍କବାଦୀ ମଡ୍ୟୁଲ ସହ ଜଡ଼ିତ ଡାକ୍ତର ଶାହିନ ଶହିଦଙ୍କ ହଷ୍ଟେଲ୍ ପ୍ରକୋଷ୍ଠରୁ ଏନ୍‌ଆଇଏ ୧୮ ଲକ୍ଷ ଟଙ୍କା ଜବତ କରିଛି। ପ୍ରକୋଷ୍ଠ ନମ୍ବର ୩୨ରେ ଥିବା ଏକ ଆଲମିରାରେ ଏହି ଟଙ୍କା ରଖାଯାଇଥିଲା। ଉକ୍ତ ବିଶ୍ୱବିଦ୍ୟାଳୟରୁ ଚାଲିଥିବା ହ୍ୱାଇଟ୍-କଲାର ଟେରର ମଡ୍ୟୁଲ୍‌କୁ ପାଣ୍ଠି ଯୋଗାଣ ପାଇଁ ଏହି ଟଙ୍କା ରଖାଯାଇଥିବା ସନ୍ଦେହ କରାଯାଉଛି।

ଗତ ୧୦ ତାରଖରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ଅଭିଯୋଗରେ ଶାହିନଙ୍କୁ ଗିରଫ ☞ପୃଷ୍ଠା-୨


ଡା. ଶାହିନ ଶହିଦ

# ବିଏଲ୍‌ଓ, ସୁପରଭାଇଜରଙ୍କ ପାରିଶ୍ରମିକ ବଢ଼ିଲା

ନୂଆଦିଲ୍ଲୀ,୨୯।୧୧

ନିର୍ବାଚନ କମିଶନ ଶନିବାର ବୁଥ୍‌ସ୍ତରୀୟ ଅଫିସର (ବିଏଲ୍‌ଓ)ମାନଙ୍କ ପାରିଶ୍ରମିକକୁ ୬,୦୦୦ ଟଙ୍କାରୁ ୧୨,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ବିଏଲ୍‌ଓ ସୁପରଭାଇଜରମାନଙ୍କ ପାରିଶ୍ରମିକ ୧୨,୦୦୦ ଟଙ୍କାରୁ ୧୮,୦୦୦ ଟଙ୍କାକୁ ବଢ଼ାଇ ଦିଆଯାଇଛି। ପ୍ରତି ନିର୍ବାଚନ ସହ ଜଡ଼ିତ ପୂରା ପ୍ରକ୍ରିୟା କାଳ ପାଇଁ ଏହି ବର୍ଦ୍ଧିତ ପାରିଶ୍ରମିକ ମିଳିବ। ନିର୍ବାଚନ ପଞ୍ଜୀକରଣ ଅଫିସର (ଇଆର୍‌ଓ), ସହକାରୀ ନିର୍ବାଚନ ପଞ୍ଜୀକରଣ ଅଫିସର (ଏଇଆର୍‌ଓ), ବିଏଲ୍‌ଓ ସୁପରଭାଇଜର ଏବଂ ବିଏଲ୍‌ଓମାନଙ୍କୁ ନେଇ ନିର୍ବାଚନ କଳ ଗଠିତ। ନିରପେକ୍ଷ ଏବଂ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏମାନଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ତେଣୁ ବିଏଲ୍‌ଓମାନଙ୍କ ପାରିଶ୍ରମିକ ଦୁଇଗୁଣ କରିବା ସହ ବିଏଲ୍‌ଓ ସୁପରଭାଇଜରଙ୍କ ପାରିଶ୍ରମିକ ବଢ଼ାଇବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ☞ପୃଷ୍ଠା-୨



ଆଜିର ସମ୍ପାଦକୀୟ: ପ୍ରତିଶୋଧାତ୍ମକ ପଦକ୍ଷେପ

# ଓଡ଼ିଶାରେ ବଢ଼ିଛି ଶିଶୁ ନିଖୋଜ

ରାଜ୍ୟରେ ଶିଶୁ ନିଖୋଜ ଘଟଣା ବଢ଼ିବାରେ ଲାଗିଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଗୃହରେ ଦେଇଥିବା ତଥ୍ୟ ଅନୁସାରେ ଗତ ୨ବର୍ଷରେ ରାଜ୍ୟରେ ଟୋଲ୍ ଫ୍ରି ନମ୍ବର '୧୦୯୮' ଜରିଆରେ ୧୧,୩୩୭ ଶିଶୁ ନିଖୋଜ ଘଟଣା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୮,୩୬୨ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏବେ ବି ୨,୯୭୫ ଜଣଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ। ତେବେ ନ୍ୟାଶନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ଅନୁସାରେ ଶିଶୁଙ୍କ ଉଦ୍ଧାରରେ ରାଜ୍ୟର ସ୍ଥିତି ଅତି ନୈରାଶ୍ୟଜନକ ରହିଛି। ଏପରି କି ଓଡ଼ିଶାର ସ୍ଥାନ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସବୁଠାରୁ ତଳେ ରହିଛି। ଶିଶୁମାନଙ୍କ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଏହି ତଥ୍ୟ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି।

## ୨ବର୍ଷରେ ୧୧,୩୩୭ ପଞ୍ଜୀକୃତ
## ଉଦ୍ଧାର ହୋଇଛନ୍ତି ୮,୩୬୨: ପ୍ରଭାତୀ



ଭୁବନେଶ୍ୱର,୨୯।୧୧
(ସତ୍ୟଜିତ ରାଉତ)

ରାଜ୍ୟରେ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ହେଲେ ଏଥିରେ ସେତେମାତ୍ରାରେ ସଫଳତା ମିଳୁନାହିଁ। ଗୋଟିଏ ପରେ ଗୋଟିଏ ଶିଶୁ ନିଖୋଜ ହୋଇ ମା'ର କୋଳ ଖାଲି ହୋଇଯାଉଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାନସଭାରେ ଶନିବାର ଶିଶୁ ନିଖୋଜ ସଂକ୍ରାନ୍ତରେ ଆଲୋଚନା ହୋଇଯାଇଛି। ପାଟଣାର ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଗତ ୨ ବର୍ଷରେ ୧୧,୩୩୭ ଶିଶୁ ନିଖୋଜ ରିପୋର୍ଟ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୮,୩୬୨ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ୨,୯୭୫ ଜଣ ନିଖୋଜ ଅଛନ୍ତି। ଏସବୁ ରିପୋର୍ଟକୁ ପଞ୍ଜୀକୃତ କରାଯାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)କୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

ପ୍ରଭାତୀଙ୍କ ସୂଚନା ଅନୁଯାୟୀ, ୨୦୨୪ରୁ ଏପର୍ଯ୍ୟନ୍ତ ଶିଶୁ ସହାୟତା ନଂ.୧୦୯୮ରେ ଏହି ଅଭିଯୋଗଗୁଡ଼ିକ ପଞ୍ଜୀକୃତ ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୮୫ ଜଣ ନିଖୋଜ ହୋଇଥିବାବେଳେ ୫୭୬ ଜଣଙ୍କୁ ଉଦ୍ଧାର କରାଯାଇପାରିଛି। ଜିଲାୱାରି ତଥ୍ୟ ଅନୁଯାୟୀ, ଅନୁଗୋଳରେ ୨୬୭ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ବଲାଙ୍ଗୀରରେ ୩୯୪, ବାଲେଶ୍ୱରରେ ୬୮୩, ବରଗଡ଼ରେ ୧୨୨, ଭଦ୍ରକରେ ୪୧୨, ବୌଦ୍ଧରେ ୩୧୯, କଟକରେ ୪୫୦, ଦେବଗଡ଼ରେ ୨୮୫, ଢେଙ୍କାନାଳରେ ୨୬୫, ଗଜପତିରେ ☞ପୃଷ୍ଠା-୨

### ଉଦ୍ଧାରରେ ସବୁଠୁ ପଛରେ ଓଡ଼ିଶା

ଭୁବନେଶ୍ୱର,୨୯।୧୧
(ସତ୍ୟଜିତ ରାଉତ)

ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ସ୍ଥିତି ଅତି ଖରାପ ରହିଛି। ନିକଟରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ-୨୦୨୩ରୁ ଏହା ସ୍ପଷ୍ଟ ହୋଇଛି। ନିଖୋଜ ଶିଶୁମାନଙ୍କୁ ଉଦ୍ଧାର ତୁଳନା ତାଲିକାରେ ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ଥିଲେ ତଳଆଡୁ ପ୍ରଥମରେ ରହିଛି। ଏଯାଏ ନିଖୋଜ ହୋଇଥିବା ଶିଶୁମାନଙ୍କ ମଧ୍ୟରୁ ଓଡ଼ିଶା ୨୦୨୩ରେ ମାତ୍ର ୩୨.୫ ପ୍ରତିଶତ ଉଦ୍ଧାର କରିପାରିଛି। ତଥ୍ୟ ଅନୁଯାୟୀ, ୨୦୨୩ ପୂର୍ବରୁ ଓଡ଼ିଶାରୁ ମୋଟ ୪,୮୩୭ ଜଣ ଶିଶୁ ନିଖୋଜ ଥିଲେ। ସେମାନଙ୍କ ମଧ୍ୟରେ ୫୧୭ ଜଣ ନାବାଳକ ଓ ୪,୩୨୦ ଜଣ ନାବାଳିକା। ୨୦୨୩ରେ ମଧ୍ୟ ୫,୯୩୮ ଜଣ ଶିଶୁ ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୭୦୫ଜଣ ନାବାଳକ ଓ ୫,୨୩୩ ନାବାଳିକା ଥିଲେ। ୨୦୨୩ ବର୍ଷର ନିଖୋଜ ଶିଶୁଙ୍କୁ ମିଶାଇ ଏହି ସଂଖ୍ୟା ୧୦,୭୭୫ରେ ପହଞ୍ଚିଥିଲା। ତେବେ ୨୦୨୩ ବର୍ଷରେ ୩,୫୦୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲ। ସେମାନଙ୍କ ମଧ୍ୟରୁ ୩,୦୫୬ ଜଣ ନାବାଳିକା ରହିଥିବାବେଳେ ୪୪୭ ଜଣ ନାବାଳକ ରହିଛନ୍ତି। ଅପରପକ୍ଷରେ ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା ତାଲିକାରେ ନାଗାଲାଣ୍ଡ ଓ ସିକିମ୍ ମିଳିତ ଭାବେ ୧୦୦% ହାରରେ ପ୍ରଥମରେ ରହିଥିବା ବେଳେ ଦ୍ୱିତୀୟରେ କେରଳ (୯୫.୯%), ତୃତୀୟରେ ମେଘାଳୟ (୯୩.୬), ଚତୁର୍ଥରେ ତ୍ରିପୁରା (୮୬.୨) ଏବଂ ପଞ୍ଚମ ସ୍ଥାନରେ ଆନ୍ଧ୍ରପ୍ରଦେଶ (୮୫.୭) ରହିଛି।

# ରାଜ୍ୟରେ ଖୋଲିବ ୧୫ ପୋକ୍‌ସୋ କୋର୍ଟ

ଭୁବନେଶ୍ୱର, ୨୯।୧୧
(ସୁନିତ୍ ମିଶ୍ର)

ରାଜ୍ୟ ସରକାର ନାବାଳକ ପିଲାମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା ପାଇଁ ପ୍ରୋଟେକ୍‌ଶନ ଅଫ୍ ଚିଲ୍‌ଡ୍ରେନ୍ ଫର୍ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ଆକ୍ଟ ଜରିଆରେ ଆଉ ୧୫ଟି ସ୍ୱତନ୍ତ୍ର ଅଦାଲତ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ବିଧାନସଭାରେ ସଦସ୍ୟ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଆସନ୍ତା ଆର୍ଥିକ ବର୍ଷ ଏହି କୋର୍ଟ ଖୋଲିବା ଲାଗି ରାଜ୍ୟ ସରକାର ଉଚ୍ଚସ୍ତରୀୟ କମିଟିକୁ ଏକ ପ୍ରସ୍ତାବ ଦେବେ। ବାଲେଶ୍ୱର, ଭଦ୍ରକ, କଟକ, ବ୍ରହ୍ମପୁର, ଯାଜପୁର, କେନ୍ଦୁଝର, ଭୁବନେଶ୍ୱର, ବାରିପଦା, ଫୁଲବାଣୀ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ମାଲକାନାଗିରି ଓ ସୋନପୁରରେ ଏହି କୋର୍ଟ ଖୋଲିବ। ମନ୍ତ୍ରୀ ହରିଚନ୍ଦନ ଆହୁରି କହିଛନ୍ତି, ଉଚ୍ଚ ନ୍ୟାୟାଳୟଙ୍କ ଅନୁମୋଦନକ୍ରମେ ରାଜ୍ୟର ବିଭିନ୍ନ ☞ପୃଷ୍ଠା-୨




# ଡା. ଶାହିନଙ୍କ ପ୍ରକୋଷ୍ଠରୁ ୧୮ ଲକ୍ଷ ଜବତ

### ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ତଦନ୍ତ ଜୋର୍‌ଦାର

ଫରିଦାବାଦ,୨୯।୧୧

ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ତଦନ୍ତ ଚଳାଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟିରେ ଗୁରୁବାର ରାତିରେ ଚଢ଼ାଉ କରିଥିଲା। ଆତଙ୍କବାଦୀ ମଡ୍ୟୁଲ ସହ ଜଡ଼ିତ ଡାକ୍ତର ଶାହିନ ଶହିଦଙ୍କ ହଷ୍ଟେଲ୍ ପ୍ରକୋଷ୍ଠରୁ ଏନ୍‌ଆଇଏ ୧୮ ଲକ୍ଷ ଟଙ୍କା ଜବତ କରିଛି। ପ୍ରକୋଷ୍ଠ ନମ୍ବର ୩୨ରେ ଥବା ଏକ ଆଲମିରାରେ ଏହି ଟଙ୍କା ରଖାଯାଇଥିଲା। ଉକ୍ତ ବିଶ୍ୱବିଦ୍ୟାଳୟରୁ ଚାଲିଥିବା ହ୍ୱାଇଟ୍-କଲାର ଟେରର ମଡ୍ୟୁଲ୍‌କୁ ପାଣ୍ଠି ଯୋଗାଣ ପାଇଁ ଏହି ଟଙ୍କା ରଖାଯାଇଥିବା ସନ୍ଦେହ କରାଯାଉଛି।

ଗତ ୧୦ ତାରଖରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ଅଭିଯୋଗରେ ଶାହିନଙ୍କୁ ଗିରଫ ☞ପୃଷ୍ଠା-୨


ଡା. ଶାହିନ ଶହିଦ

# ବିଏଲ୍‌ଓ, ସୁପରଭାଇଜରଙ୍କ ପାରିଶ୍ରମିକ ବଢ଼ିଲା

ନୂଆଦିଲ୍ଲୀ,୨୯।୧୧

ନିର୍ବାଚନ କମିଶନ ଶନିବାର ବୁଥ୍‌ସ୍ତରୀୟ ଅଫିସର (ବିଏଲ୍‌ଓ)ମାନଙ୍କ ପାରିଶ୍ରମିକକୁ ୬,୦୦୦ ଟଙ୍କାରୁ ୧୨,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ବିଏଲ୍‌ଓ ସୁପରଭାଇଜରମାନଙ୍କ ପାରିଶ୍ରମିକ ୧୨,୦୦୦ ଟଙ୍କାରୁ ୧୮,୦୦୦ ଟଙ୍କାକୁ ବଢ଼ାଇ ଦିଆଯାଇଛି। ପ୍ରତି ନିର୍ବାଚନ ସହ ଜଡ଼ିତ ପୂରା ପ୍ରକ୍ରିୟା କାଳ ପାଇଁ ଏହି ବର୍ଦ୍ଧିତ ପାରିଶ୍ରମିକ ମିଳିବ। ନିର୍ବାଚନ ପଞ୍ଜୀକରଣ ଅଫିସର (ଇଆର୍‌ଓ), ସହକାରୀ ନିର୍ବାଚନ ପଞ୍ଜୀକରଣ ଅଫିସର (ଏଇଆର୍‌ଓ), ବିଏଲ୍‌ଓ ସୁପରଭାଇଜର ଏବଂ ବିଏଲ୍‌ଓମାନଙ୍କୁ ନେଇ ନିର୍ବାଚନ କଳ ଗଠିତ। ନିରପେକ୍ଷ ଏବଂ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏମାନଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ତେଣୁ ବିଏଲ୍‌ଓମାନଙ୍କ ପାରିଶ୍ରମିକ ଦୁଇଗୁଣ କରିବା ସହ ବିଏଲ୍‌ଓ ସୁପରଭାଇଜରଙ୍କ ପାରିଶ୍ରମିକ ବଢ଼ାଇବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ☞ପୃଷ୍ଠା-୨






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କଳାଞ୍ଜଳି ଲୋକକଳା ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଟିମ୍ ବିଏମ୍‌ସି ପକ୍ଷରୁ ଗୌତମ ନଗର ସଫେଇ ଅଭିଯାନ, ସ୍ଥାନ: ହୋଟେଲ ଗ୍ରାଣ୍ଡ ଗ୍ୟାଲେକ୍ସି ନିକଟ, ସମୟ: ସକାଳ ୭ଟା।
- ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ବନ୍ଦେ ମା ତରମ୍ ପକ୍ଷରୁ ମିଶନ୍ ଜିରୋ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ପ୍ରଗତିଶୀଳ ସାହିତ୍ୟ ସମାଜ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମହାନଗର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଦର୍ଶନରେ ମାନବୀୟ ଚେତନା ଆଲୋଚନାଚକ୍ର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ରକ୍ତଦାନ ଶିବିର, ସ୍ଥାନ: ରାଣୀସତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଉନ୍ମୋଚନ ଓ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ସକାଳ ୯ଟା୩୦।
- ଅଲ୍ ଇଣ୍ଡିଆ ପୋଷ୍ଟାଲ କର୍ମଚାରୀ ସଂଘର ସମ୍ମିଳନୀ, ସ୍ଥାନ: ପୌର ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଅଫ ବ୍ଲିସର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସଙ୍ଗଶ୍ରୀ ଫାଉଣ୍ଡେଶନର 'ଦରକାର ହେଲେ ନିଅ କାର୍ଯ୍ୟକ୍ରମ', ସ୍ଥାନ: ପେଣ୍ଠକଟା ଫାଣ୍ଡି ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ନ୍ୟୁଜ୍‌ର ଦ୍ୱାଦଶ ସ୍ୱନକ୍ଷତ୍ର ସଂଖ୍ୟା ଲୋକାର୍ପଣ ଉତ୍ସବ, ସ୍ଥାନ: ଓଡ଼ିଶା ସଙ୍ଗୀତ ପରିଷଦ, ସମୟ: ପୂର୍ବାହ୍ନ ୧୦ଟା୪୫।
- ରେଣୁକା କଳା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍, ସ୍ଥାନ: କୁମାରବସ୍ତ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଅସ୍ମିତା ଖେଲୋ ଇଣ୍ଡିଆ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବାଲେଶ୍ୱର ପ୍ରତିଭା ସମାରୋହ, ସ୍ଥାନ: ମିଶନ ସ୍କୁଲ କମ୍ପାଉଣ୍ଡ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଷେଣ୍ଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: କାଙ୍କରା ଗ୍ରାମ ଖେଳପଡ଼ିଆ, ଧାମନଗର ଏନ୍‌ଏସି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: କାଙ୍କରା ହାଇସ୍କୁଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଧାମନଗର ତହସିଲ ନିକଟ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍, ଧାମନଗର, ସମୟ: ଅପରାହ୍ନ ୫ଟା।
- ତ୍ୟାଗଭୂମି ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଆଧାତ୍ମିକ ଆଲୋଚନା ଏବଂ ଭଜନ, ସ୍ଥାନ : ବିଷ୍ଣୁପ୍ରିୟା ବାଳାଶ୍ରମ, ହାଟଡ଼ିହୀ, ସମୟ : ସକାଳ ୮ ଟା।
- ବଡ଼ବିଲ ପୋଲିସର ଲୋକ ସମ୍ପର୍କ ମେଳା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: କାଶିଆ, ବଡବିଲ, ସମୟ : ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ

- ମୟୂରଭଞ୍ଜ ମହୋତ୍ସବର କାର୍ନିଭାଲ ଶୋଭାଯାତ୍ରା, ସ୍ଥାନ: ଦେଉଳସାହି ବଡ଼ ଜଗନ୍ନାଥ ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସଂଗ୍ରାମର ବାର୍ତ୍ତା ପତ୍ରିକାର ୪୭ତମ ପୂର୍ତ୍ତି ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ:ମଧ୍ୟାହ୍ନ ୧୨ଟା।

## କନ୍ଧମାଳ

- ସାଇ ପ୍ରଭୁଜୀ ଗ୍ଲୋବାଲ ସ୍କୁଲର ଚତୁର୍ଥ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଅମୃତ ମିଳନ, ସ୍ଥାନ: ଦାରିଙ୍ଗବାଡି ମା' ଦଶଭୁଜା ଦୁର୍ଗମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଜଗତ୍‌ସିଂହପୁର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ 'ସକାଳର ମେଘ', ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- କେନ୍ଦ୍ରାପଡା ଜିଲା ଅସ୍ମିତା କ୍ରୀଡା ଉତ୍ସବ, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ସାହିତ୍ୟ ଅନୁଷ୍ଠାନ ସତୀର୍ଥର ବାର୍ଷିକ ଉତ୍ସବ, ସ୍ଥାନ:ଗଣକବି ଗୋପାଳ ଦାସ ମଞ୍ଚ, ସିଦ୍ଧବଟ, କୋରୋ, କେନ୍ଦ୍ରାପଡା, ସମୟ:ସକାଳ ୯ଟା ।
- ନିଃଶୁଳ୍କ ଚିକିତ୍ସା ଶିବିର, ସ୍ଥାନ:ସ୍ୱାସ୍ଥ୍ୟ କ୍ଲିନିକ ଆଣ୍ଡ ଡାଇଗ୍ନୋଷ୍ଟିକ, ବଉଳ ବିହାର, ଗରାପୁର ରୋଡ, କେନ୍ଦ୍ରାପଡା ସହର, ସମୟ:ସକାଳ ୯ଟା।
- ଜୟରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟର ରାଷ୍ଟ୍ରବାଦୀ କବିତା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ରାମମନ୍ଦିର, ଗୋପ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୪ଟା ।

## ଯାଜପୁର

- ବରୀ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ସନ୍ଥନ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କୋରେଇ ବ୍ଲକର ପାଟରଙ୍ଗା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତଳଗଡ ବାରାନାଥ ପଡ଼ିଆଠାରୁ ପାଟରଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସାଂସଦ ଖେଳ ମହୋତ୍ସବ-୨୦୨୫ ଟ୍ରଫି ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ଧର୍ମଶାଳା ଷ୍ଟାଡିୟମ ପରିସର, ସମୟ : ପୂର୍ବାହ୍ନ ୧୧ଟା।
- କୁରାଳ ପଞ୍ଚମୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ଇଚ୍ଛାପୁର ଗ୍ରାମ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- କଂସାରୀ ସମାଜର ମନ୍‌କି ବାତ୍ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା।
- ସାମନ୍ତ ମହୋତ୍ସବ ଖଣ୍ଡପଡା ଓ ପଲ୍ଲୀଶ୍ରୀ ମେଳା ୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡା ଉମାଦେବୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦.୩୦ଟା।
- ମାନବ ଅଧିକାର ସୁରକ୍ଷା ପାଇଁ ବାରର ରୋଲ ଉପରେ କର୍ମଶାଳା, ସ୍ଥାନ:ଓଡଗାଁ ବାର ଆସୋସିଏଶନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଶୂନ୍ୟ ମୃତ୍ୟୁ ସପ୍ତାହ ଉଦ୍‌ଯାପନ ଦିବସରେ ରାସ୍ତା ସୁରକ୍ଷା ସଚେତନତା ଉପରେ ଏକ ପଥପ୍ରାନ୍ତ ନାଟକ, ସ୍ଥାନ: ନୟାଗଡ ସହର ଗୋଲେଇ ଟ୍ରାଫିକ୍ ଛକ, ସମୟ: ପୂର୍ବାହ୍ନ ୧୧ଟା ।
- ଜଳସମ୍ପଦ ବିଭାଗର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଖଣ୍ଡପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନ, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।
- ମାଘମେଳା ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ:ଅପରାହ୍ନ ୪ଟା ।

## ରାୟଗଡ଼ା

- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମିଳିତ ଆନୁକୂଲ୍ୟରେ ଗଣଦୌଡ଼, ସ୍ଥାନ: କପିଳାସ ଛକଠାରୁ ତେଜସ୍ୱୀ ପଡିଆ, ରାୟଗଡା, ସମୟ: ସକାଳ ୬ଟା ।
- ଧନ ଲକ୍ଷ୍ମୀ ପୂଜା ନିମନ୍ତେ କଳସ ଯାତ୍ରା, ସ୍ଥାନ: ଧନଲକ୍ଷ୍ମୀ ପୂଜା ମଣ୍ଡପ, ଗୁଡାରି, ସମୟ: ସକାଳ ୯ଟା।
- ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ, ସ୍ଥାନ: ଅଦ୍ୱୈତ ବେଦାନ୍ତ ଆଶ୍ରମ, କରାବାଙ୍କ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବଟେଶ୍ୱର ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା, ସ୍ଥାନ: ଉମରକୋଟ ସିଉନି, ସମୟ: ସମୟ ଅପରାହ୍ନ ୩ଟା।

## କୋରାପୁଟ

- ଜିଲାସ୍ତରୀୟ ଟିଚର୍ସ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାଇସ୍କୁଲ ଗ୍ରାଉଣ୍ଡ, ବୈପାରୀଗୁଡ଼ା, ସମୟ: ସକାଳ ୭ଟା ୩୦।
- ବ୍ଲକ୍‌ସ୍ତରୀୟ ପରବ ଶୁଭାରମ୍ଭ, ସ୍ଥାନ: ମା' ଜଗତଜନନୀ ମନ୍ଦିର, ଜୟପୁର, ସମୟ: ସକାଳ ୯ଟା।
- ଓଡ଼ିଶା ଅମଲା ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି

- ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋରୁକୋଣ୍ଡା, ସମୟ: ସକାଳ ୭ ଟା।
- ସାମ୍ବାଦିକ ବନାମ ଡାକ୍ତରଙ୍କ ମଧ୍ୟରେ କୌତୁକ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ଡିଏନ୍‌କେ ଖେଳ ପଡିଆ, ମାଲାକନଗିରି , ସମୟ: ସକାଳ ୮ ଟା।
- ରୋଟାରି କ୍ଲବ ତରଫରୁ ଜାତୀୟ ନିର୍ମାଣକାରୀ ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ମାଲକାନଗିରି , ସମୟ: ପୂର୍ବାହ୍ନ ୧୧ ଟା।
- ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ଆରମ୍ଭ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍, ସ୍ଥାନ: ଖଇରପୁଟ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଜିଲାର ୭ଟି ବ୍ଲକରେ କଳଶ ଯାତ୍ରା, ସ୍ଥାନ: ମାଲକାନଗିରି ଭୈରବ ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ରେଙ୍ଗାଲି ପ୍ରଖଣ୍ଡ ଆୟୋଜନରେ ନିଶାମୁକ୍ତି ଅଭିଯାନରେ ସ୍ୱାସ୍ଥ୍ୟ ପାଇଁ ଗଣ ଦୌଡ କାର୍ଯ୍ୟକ୍ରମ, ସ୍ଥାନ : ରେଙ୍ଗାଲି ବାବା ମନ୍ଦିର, ସମୟ : ସକାଳ ୭ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜନରେ ସମ୍ବଲପୁରୀ ସଙ୍ଗୀତ ସମ୍ରାଟ ଫକିର ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳିକାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ ନିକଟସ୍ଥ ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୯ଟା ।
- ସମ୍ବଲପୁରୀ ବହି ହାଟ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ।
- ସମ୍ବଲପୁରୀ ଧନୁଯାତ୍ରା- ୨୦୨୬ କଳାକାର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ୬୯ ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ, ଫେନ୍‌ସିଂ ଏବଂ ଥାଙ୍ଗ୍‌ଟା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା ।
- ଟାଇଗର ୟୁଥ୍ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିପଡା, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ।

## ରାଉରକେଲା

- ଏନ୍‌ଆଇଟିରେ ଟିସୁ ଇଞ୍ଜିନିୟରିଂ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ବାୟୋଟେକ୍‌ନୋଲୋଜି ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୬, ସମୟ: ପୂର୍ବାହ୍ନ ୧୧ଟା।
- ୟୁଥ୍ ଫେସ୍‌ଟିଭାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ୟୁଥ୍ ଆସୋସିଏଶନ କ୍ଲବ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ପୁରାଣ ପରମ୍ପରାରେ ଲକ୍ଷ୍ମୀ ପୁରାଣର ମହତ୍ୱ ଆଲୋଚନାଚକ୍ର, ସ୍ଥାନ: ଫର୍ଟିଲାଇଜର, ସମୟ: ଅପରାହ୍ନ ୩ଟା।
- ଗୁରୁକୁଳ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡିଏଭି ପଡିଆ, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତୀ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ତଳିପଡ଼ା, ବରଗଡ଼, ସମୟ:ସକାଳ ୮ଟା।

## କଳାହାଣ୍ଡି

- ରାଜ୍ୟସ୍ତରୀୟ ସମ୍ବିଧାନ ଦିବସ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଅଭିଜିତ ସ୍ମୃତି କମିଟି କାର୍ଯ୍ୟାଳୟ ନୂଆବଜାର ବିନିକା, ସମୟ: ସକାଳ ୯ଟା।
- ଦି ଆର୍ଟ ଅଫ ଲିଭିଙ୍ଗ ହେପିନେଶ ସେଣ୍ଟର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବର, ସ୍ଥାନ: ସୋନପୁର ବ୍ଲକ ଛକ ନିକଟସ୍ଥ ହେପିନେଶ ସେଣ୍ଟର, ସମୟ: ସକାଳ ୯ଟା।

## ନୂଆପଡ଼ା

- ୩ୟ ଫୁଟ୍‌ବଲ ମହାକୁମ୍ଭ ତ୍ରୟୋଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଖଡିଆଳ, ସମୟ: ଅପରାହ୍ନ ୩ଟା ।
- ୨୪ କୁଣ୍ଡିୟ ରାଷ୍ଟ୍ରୀୟ ଶୌର୍ଯ୍ୟ ସମୃଦ୍ଧି ଗାୟତ୍ରୀ ମହାଯଜ୍ଞ ଭୂମି ପୂଜନ ଓ ଦେବଦମ୍ପତି ସମ୍ମିଳନୀ, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଲୋଚନା ପରିସରରେ ବନ୍ଧୁଙ୍କ ବିରୋଧାଭାଷ ରହିଲେ ମଧ୍ୟ ଗଠନମୂଳକ ପରାମର୍ଶ ଅବଶ୍ୟ ପାଇବେ। ଗତକାଲିର ବାକି କାମଗୁଡ଼ିକୁ ଆଜି ସମ୍ପୂର୍ଣ୍ଣ କରିବା ନିଷ୍ପତ୍ତି ନେବେ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ହେବାରୁ ଆଶ୍ୱସ୍ତି ଲଭିବେ। କଚେରି ମାମଲାର ସମାଧାନ ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ମିଳିବ।

**ବୃଷ** ପ୍ରତିବନ୍ଧକ କାରଣରୁ ସ୍ଥଗିତ କାମ ସମ୍ପର୍କୀୟଙ୍କ ସହଯୋଗରୁ ସମ୍ପନ୍ନ ହେବ। ବନ୍ଧୁଙ୍କ ନିକଟରୁ ଦୁଃଖଦ ଖବର ଶ୍ରବଣ କରି ମନସ୍ତାପ କରିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବା ସହିତ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବ। ମୃଗଶିରା ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦେଖାଦେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ସହଜ ଓ ସୁବିଧାରେ କାମ ହାସଲ କରିପାରିବେ। ବେଖାତିର ମନୋଭାବ ହେତୁ ଉପର ଅଧିକାରୀମାନେ ରାଗିପାରନ୍ତି। ପୁନର୍ବସୁ ନକ୍ଷତ୍ର ସକାଶେ ପରିବାରର ଆବଶ୍ୟକତା ବୃଦ୍ଧିଜନିତ ଖର୍ଚ୍ଚ ଦିଗୁଣା ହୋଇପାରେ। ବାଣିଜ୍ୟରେ ସଫଳତା, ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀ ଏକଜୁଟ ହୋଇ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା ପୂର୍ବକ ବିଭିନ୍ନ ସମସ୍ୟା ସମାଧାନର ସୂତ୍ର ବାହାର କରିପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ। ପୁଷ୍ୟା ନକ୍ଷତ୍ର ସକାଶେ ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ଆଲୋଚନା ପରିସରରେ ବନ୍ଧୁଙ୍କ ଅଶାଳୀନ ମନ୍ତବ୍ୟ ଓ ଅଶୋଭନୀୟ ଆଚରଣରେ ଦୁଃଖ ପ୍ରକାଶ କରିପାରନ୍ତି। ମଘା ନକ୍ଷତ୍ର ପରୋକ୍ଷ ଶତ୍ରୁତା କରୁଥିବା ଲୋକଙ୍କ କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ବନ୍ଧୁଙ୍କ ଅନୁରୋଧରେ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। ଆଳାପ ଆଲୋଚନା ପରେ ଅଶାନ୍ତ ମନ ଶାନ୍ତ ହୋଇଯାଇପାରେ।

**କନ୍ୟା** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ହସ୍ତା ନକ୍ଷତ୍ର ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବାରୁ ଚିନ୍ତିତ ରହିବେ। ସୁନା ଜିନିଷ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କିଣାବିକାରେ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ, ଯାହାକି ଦୁଶ୍ଚିନ୍ତାକୁ ବୃଦ୍ଧି କରିପାରେ।

**ତୁଳା** କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମ କ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଚିତ୍ରା ନକ୍ଷତ୍ର କାର୍ଯ୍ୟହାନି କାରଣରୁ ମାନସିକ ଉଦ୍‌ବେଗ ବୃଦ୍ଧିଜନିତ ଆଳସ୍ୟ ଅନୁଭବ କରିବେ। ପରିବହନ, ବାଣିଜ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ଅବହେଳାଜନିତ ସମସ୍ୟା ଦେଖାଦେବ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ଅପୂରଣୀୟ ଆଶା ମାନସିକ ସ୍ତରକୁ ନିରୁତ୍ସାହିତ କରିବ। ପାରିବାରିକ ସାହଚର୍ଯ୍ୟ କାମ ସକାଶେ ଅନୁକୂଳ ରହିପାରେ। ସାହିତ୍ୟ ଚର୍ଚ୍ଚା, ରାଜନୀତି ଏବଂ ସଭାସମିତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ସମୟ ଅନୁକୂଳ ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜ ଦୋଷରୁ ସମସ୍ୟା ସୃଷ୍ଟି ହେବ। ବାକ୍‌ସଂଯମ ଅଭାବରୁ ବନ୍ଧୁଙ୍କ ଘରୋଇ ଝାମେଲାକୁ ଟାଣି ହୋଇ ଯାଇପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ରର ସାଧାରଣ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳ ହେବେ।

**ମକର** ସ୍ଥଗିତ କାମ ବାରମ୍ବାର ପ୍ରତିରୋଧ ମଧ୍ୟରେ ଅଟକି ଯାଉଥିବା କାରଣରୁ ମନସ୍ତାପ କରିପାରନ୍ତି। ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଧନିଷ୍ଠା ନକ୍ଷତ୍ରର ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ସହଜରେ କାମ ହାସଲ କରିବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ବହୁବିଧ କର୍ମରେ ଅନୁପ୍ରବେଶ ପାଇଁ ରାସ୍ତା ଉନ୍ମୁକ୍ତ କରିପାରେ। ଗତକାଲିର ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସନ୍ଦେହ ଏବଂ ଭୁଲ୍ ବୁଝାମଣା କାରଣରୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ନାହିଁ।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ରର ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ। କିନ୍ତୁ ଅନେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ ଯୋଗୁଁ କେତେକ କାମ ଅଟକି ଯାଇପାରେ। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଘଟିବାର ସୂଚନା ରହିଛି। ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ।

ଆଜି ନଭେମ୍ବର ୩୦ ତାରିଖ, ମାର୍ଗଶିର ଶୁକ୍ଳ ଦଶମୀ ରବିବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୧ ଗତେ ଘ.୦୯।୦୨ ମଧ୍ୟେ, ଘ.୧୨।୫୭ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୪୦ମି. ଗତେ ଘ.୦୫।୦୨ମି. ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଳି ପାଣି ପଡେ ପିଣ୍ଡା ତଳକୁ, ଝିଅ ଜନମ ପର ଘରକୁ।**

ଅଲିଅଳରେ ବଢ଼ିଆସିଥିବା ଝିଅଟି ଯେତେବେଳେ ଘରଯୋଗ୍ୟା ହୁଏ ସେତେବେଳେ ତା'ର ପିତାମାତା ଭଲ ଘର, ଭଲ ବର ଦେଖି ଝିଅଟିର ବିବାହ କରାଇ ଦେଇଥାନ୍ତି। ବିବାହ ପରେ ଝିଅଟି ପରଗୋତ୍ରୀ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଲେଇ ଦୁଆରକୁ ଭିକାରୀ ଗଲା ଚାଉଳଧୁଆ ପାଣି ଚକୁଳି କଲା।**

ନିପଟ ଓଲା ବା ମୂର୍ଖ ବ୍ୟକ୍ତିଙ୍କଠାରେ ହିତାହିତ ଜ୍ଞାନର ଅଭାବ ରହିଥାଏ। କୌଣସି କାର୍ଯ୍ୟକୁ ଏମାନେ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। ଏଭଳି ବ୍ୟକ୍ତିଙ୍କଠାରୁ ସାହାଯ୍ୟର ଆଶା ରଖିବା ମୂର୍ଖାମି ହୋଇଥିବା ବେଳେ ପରିସ୍ଥିତିରେ ପଡ଼ି ଏମାନଙ୍କ ଦ୍ୱାରସ୍ଥ ହେଉଥିବା ବ୍ୟକ୍ତିଙ୍କୁ ନିରାଶ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ ବଢ଼ିଛି ...

୬୫୯, ଗଞ୍ଜାମରେ ୩୧୩, ଜଗତ୍‌ସିଂହପୁରରେ ୨୫୭, ଯାଜପୁରରେ ୩୩୦, ଝାରସୁଗୁଡ଼ାରେ ୩୮୦, କଳାହାଣ୍ଡିରେ ୧୩୨, କନ୍ଧମାଳରେ ୪୩୭, କେନ୍ଦ୍ରାପଡ଼ାରେ ୧୭୮ ଶିଶୁ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି। ସେହିପରି କେନ୍ଦୁଝରରେ ୩୭୪, କୋରାପୁଟରେ ୫୭୬, ମାଲକାନଗିରିରେ ୩୦୫, ମୟୂରଭଞ୍ଜରେ ୩୪୩, ନବରଙ୍ଗପୁରରେ ୨୯୦, ନୟାଗଡରେ ୪୫୩, ନୂଆପଡାରେ ୩୬୦, ପୁରୀରେ ୫୯୫, ରାୟଗଡ଼ାରେ ୨୩୧, ସମ୍ବଲପୁରରେ ୨୪୧, ସୁବର୍ଣ୍ଣପୁରରେ ୬୨୦ ଓ ସୁନ୍ଦରଗଡ଼ରେ ୨୮୧ଜଣ ଶିଶୁ ନିଖୋଜ ହୋଇଛନ୍ତି।

ଅପରପକ୍ଷରେ ଅନୁଗୋଳରେ ୨୦୬ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ବଲାଙ୍ଗୀରରେ ୨୩୯, ବାଲେଶ୍ୱରରେ ୧୧୪, ବରଗଡରେ ୧୭୮, ଭଦ୍ରକରେ ୩୫୧, ବୌଦ୍ଧରେ ୪୦୭, କଟକରେ ୩୫୦, ଦେବଗଡ଼ରେ ୧୫୫, ଢେଙ୍କାନାଳରେ ୨୦୧, ଗଜପତିରେ ୭୧୫ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗଞ୍ଜାମରେ ୫୧୬, ଜଗତ୍‌ସିଂହପୁରରେ ୧୩୦, ଯାଜପୁରରେ ୧୪୦, ଝାରସୁଗୁଡ଼ାରେ ୨୮୨, କଳାହାଣ୍ଡିରେ ୭୦, କନ୍ଧମାଳରେ ୧୫୦, କେନ୍ଦ୍ରାପଡ଼ାରେ ୧୨୫, କେନ୍ଦୁଝରରେ ୧୭୩, ଖୋର୍ଦ୍ଧାରେ ୫୭୬, କୋରାପୁଟରେ ୧୩୫, ମାଲକାନଗିରିରେ ୨୦୫, ମୟୂରଭଞ୍ଜରେ ୨୭୩, ନବରଙ୍ଗପୁରରେ ୨୨୯, ନୟାଗଡ଼ରେ ୨୨୨, ନୂଆପଡ଼ାରେ ୩୭୨, ପୁରୀରେ ୮୧୯, ରାୟଗଡ଼ାରେ ୮୫, ସମ୍ବଲପୁରରେ ୧୭୫, ସୁବର୍ଣ୍ଣପୁରରେ ୬୧୮ ଏବଂ ସୁନ୍ଦରଗଡ଼ଜିଲାରେ ୧୫୧ ଜଣଙ୍କୁ ଉଦ୍ଧାର କରାଯାଇଥିବା ମନ୍ତ୍ରୀ ପ୍ରଭାତୀ ଗୃହରେ ତଥ୍ୟ ରଖିଛନ୍ତି।

ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋଙ୍କ କହିବା କଥା, ସରକାରଙ୍କ ନିଖୋଜ ପିଲାଙ୍କ ଉଦ୍ଧାର ନେଇ ସ୍ପଷ୍ଟ ଆଭିମୁଖ୍ୟ ସହ ନିର୍ଦ୍ଦେଶନାମା ନ ରହିଲେ ତଳସ୍ତରରେ ଥିବା ଅଫିସର କିମ୍ବା କର୍ମଚାରୀମାନେ ତାହାକୁ ଅନୁପାଳନ କରିବେ ନାହିଁ। ପ୍ରଶାସନିକସ୍ତରରେ ଥିବା ଅଧିକାରୀମାନେ ଶିଶୁ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଆଦିଙ୍କ ବିରୋଧରେ ହେଉଥିବା ଅପରାଧ ଘଟଣା, ସେମାନଙ୍କ ପାଇଁ ଏକ ପ୍ରସଙ୍ଗ ହେଉନାହିଁ। ସେମାନଙ୍କ ମଧ୍ୟରେ ମାନବିକ ସମ୍ବେଦନଶୀଳତାର ଘୋର ଅଭାବ ରହିଛି। ସେହିପରି ଥାନାକୁ ନାବାଳକ ଓ ନାବାଳିକା ନିଖୋଜ ଏତଲା ନେଇ ଯାଉଥିବା ଲୋକମାନଙ୍କୁ ଥାନା ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଏଯାଏ ଥାନାର ପରିବେଶ ବଦଳି ନ ଥିବା ବେଳେ ପୋଲିସ ମଧ୍ୟ ପିପୁଲ୍ସ ଫ୍ରେଣ୍ଡ୍‌ଲି ହୋଇପାରୁ ନାହିଁ ବୋଲି କାନୁନ୍‌ଗୋ କହିଛନ୍ତି।

## ରାଜ୍ୟରେ ଖୋଲିବ ...

ବ୍ଲକ୍‌ରେ ଗୋଟିଏ ଲେଖା ସିଭିଲ ଜଜ୍-କମ୍-ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ବ୍ୟତୀତ ଉଚ୍ଚ ନ୍ୟାୟାଳୟ ନୟାଗଡ଼ ଜିଲାର ଖଣ୍ଡପଡ଼ାଠାରେ ଗୋଟିଏ ଅତିରିକ୍ତ ଜିଲା ଓ ସେସନ୍ ଜଜ୍ କୋର୍ଟ ଖୋଲିବାକୁ ଅନୁମୋଦନ ଦେଇସାରିଛନ୍ତି। ସେହିପରି ବରଗଡ଼ର ଅତାବିରା, ଭଦ୍ରକର ଭଣ୍ଡାରିପୋଖରୀ, ବାଲେଶ୍ୱରର ରେମୁଣା, ବଲାଙ୍ଗୀରର ଦେଓଗାଁ ଏବଂ ପୁଇଁତଳା, ଦେବଗଡ଼ର ନଇକୂଳ, ଢେଙ୍କାନାଳର ଓଡ଼ାପଡ଼ା, ଗଞ୍ଜାମର ରଙ୍ଗେଇଲୁଣ୍ଡା, ଜଗତ୍‌ସିଂହପୁରର ବିରିଡ଼ି, ରଘୁନାଥପୁର, ଯାଜପୁରର ଦଶରଥପୁର, କେନ୍ଦ୍ରାପଡ଼ାର ଡେରାବିଶ, ମାଲକାନଗିରିର କୋରକୁଣ୍ଡା, ମୟୂରଭଞ୍ଜର ସାମାଖୁଣ୍ଟା ଓ କୁଳିଅଣା, ନବରଙ୍ଗପୁରର ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ପାପଡ଼ାହାଣ୍ଡି, ନୟାଗଡ଼ର ନୂଆଗାଁ, ପୁରୀର ବ୍ରହ୍ମଗିରି, ସମ୍ବଲପୁରର ଧନକୋଉଡ଼ା ଓ ମାନେଶ୍ୱର ଏବଂ ସୁନ୍ଦରଗଡ଼ର ସବ୍‌ଡେଗା ଓ ଟାଙ୍ଗରପାଲିଠାରେ ସିଭିଲ ଜଜ୍-କମ୍-ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବ। ସେହିପରି ଖାଲିଥିବା ବିଚାରପତି ପଦବୀଗୁଡିକ ପୂରଣ ଲାଗି ଉଚ୍ଚ ନ୍ୟାୟାଳୟ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ହରିଚନ୍ଦନ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

## ଡା. ଶାହିନଙ୍କ ପ୍ରକୋଷ୍ଠରୁ ...

କରାଯାଇଥିଲା। ତାଙ୍କୁ ଜେରା କରାଯିବା ସହ ଅଧିକ ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ଅଣାଯାଇଥିଲା। ତାଙ୍କୁ ପ୍ରଶାସନିକ ବ୍ଲକ୍‌କୁ ପ୍ରଥମେ ନିଆଯିବା ବେଳେ ସେ ଏକ ଲକର ବ୍ୟବହାର କରୁଥିବା କହିଥିଲେ। ସେଠାରୁ ଏନ୍‌ଆଇଏ ଅଧିକାରୀମାନେ ଅଧିକ ତଦନ୍ତ ପାଇଁ ତାଙ୍କୁ ହଷ୍ଟେଲ ପ୍ରକୋଷ୍ଠକୁ ନେଇଥିଲେ, ଯେଉଁଠୁ ୧୮ ଲକ୍ଷ ଟଙ୍କା ଜବତ ହୋଇଛି। ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, ଏନ୍‌ଆଇଏ ତାହା ଉପରେ ଖୋଳତାଡ଼ ଚଳାଇଛି। ଟେରର ମଡ୍ୟୁଲ ନେଟ୍‌ୱର୍କ ଜରିଆରେ ଉକ୍ତ ଅର୍ଥ ଆସିଥିବା ସନ୍ଦେହ କରାଯାଉଛି। ଏହା ପରେ ଶାହିନଙ୍କୁ ମେଡିକାଲ ୱାର୍ଡ, ଶ୍ରେଣୀକକ୍ଷ ଏବଂ ଡାକ୍ତରଙ୍କ କ୍ୟାବିନ୍‌କୁ ନିଆଯାଇ ତାଙ୍କର ଦୈନନ୍ଦିନ କାର୍ଯ୍ୟର ରିକନ୍‌ଷ୍ଟ୍ରକ୍ସନ କରାଯିବା ସହ ତାଙ୍କ ସହ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଅଲ୍-ଫଲାହରେ ଶିକ୍ଷାଦାନ କରୁଥିବାବେଳେ ଶାହିନ ଟେରର ମଡ୍ୟୁଲରେ ସକ୍ରିୟ ରହିଥିଲେ। ସେ ବିଶ୍ୱବିଦ୍ୟାଳୟ ଭିତରେ ଏବଂ ବାହାରେ ନିଜ ସମ୍ପର୍କ ବଢ଼ାଇବା ଦିଗରେ କାର୍ଯ୍ୟ କରୁଥିଲେ। ଟେରର ମଡ୍ୟୁଲରେ ସମ୍ପୃକ୍ତ ଅନ୍ୟତମ ଡାକ୍ତର ମୁଜାମିଲ ଅହମଦ ଗନାଇଙ୍କୁ ଗିରଫ କରାଯିବା ପରଦିନ ଶାହିନ ଉକ୍ତ ମଡ୍ୟୁଲ ସହ ଜଡ଼ିତ ବୋଲି ଏନ୍‌ଆଇଏ ଜାଣିବାକୁ ପାଇଥିଲା।

## ବିଏଲ୍‌ଓ, ସୁପରଭାଇଜରଙ୍କ ..

(ଏସ୍‌ଆଇଆର୍) ଚାଲିଥିବାବେଳେ ଅତ୍ୟଧିକ କାର୍ଯ୍ୟଚାପରୁ ଇତିମଧ୍ୟରେ କେତେଜଣ ବିଏଲ୍‌ଓ ଆତ୍ମହତ୍ୟା କରିବା ସହ ଅନ୍ୟ କେତେଜଣଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିଲା। ଅତ୍ୟଧିକ କାର୍ଯ୍ୟଚାପ ବିରୋଧରେ ପଶ୍ଚିମବଙ୍ଗର ବିଏଲ୍‌ଓମାନେ କୋଲକାତାସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଅଫିସ୍‌ରେ ପ୍ରବେଶ ଉଦ୍ୟମ କରିବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ବିଏଲ୍‌ଓମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରିବା ପାଇଁ ଭାଜପା ଏହାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁନ ଚୁଗ୍‌ଙ୍କ ଅଧ୍ୟକ୍ଷତାରେ ଏକ ୭ ଜଣିଆ ଜାତୀୟ ସମନ୍ୱୟ ଟିମ୍ ଗଠନ କରିଛି।




# ସବୁ ଅଙ୍ଗନୱାଡି ପାଇଁ ନିଜସ୍ୱ ଗୃହ ହେବ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ରାଜ୍ୟରେ ମୋଟ ୭୪ ହଜାର ୨୨୪ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୫୪ ହଜାର ୭୪ ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଗୃହରେ ଚାଲିଛି। ୨୦ ହଜାର ୧୫୦ ଅଙ୍ଗନୱାଡିର ନିଜସ୍ୱ ଗୃହ ନାହିଁ। ୭ ହଜାର ୩୮୯ ଅଙ୍ଗନୱାଡି ଗୃହ ନିର୍ମାଣ ଚାଲିଛି। ୧୦ ହଜାର ୪୧୬ ମିନି ଅଙ୍ଗନୱାଡି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନୱାଡିକୁ ରୂପାନ୍ତର ହୋଇଛି। ୨୦ ହଜାର ୧୫୦ ଅଙ୍ଗନୱାଡିରେ ନିଜସ୍ୱ ଗୃହ ନ ଥିବାରୁ ୪ ହଜାର ୫୭୪ ଅଙ୍ଗନୱାଡି ସ୍କୁଲ ଘରେ ଚାଲିଛି। ୧୦ ହଜାର ୪୬୯ କମ୍ୟୁନିଟି ଗୃହରେ ଚାଲିଛି। ୩ ହଜାର ୮୯୦ ଭଡ଼ାଘରେ ଚାଲିଛି। ସବୁ ଅଙ୍ଗନୱାଡି ପାଇଁ ନିଜସ୍ୱ ଗୃହ ହେବ। ସକ୍ଷମ ଅଙ୍ଗନୱାଡ଼ି ଜରିଆରେ ଗୃହ ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ ପଞ୍ଚାୟତିରାଜ ବିଭାଗଠାରୁ

## ■ ଯେଉଁଠି ଅସୁବିଧା ଅଛି ବିଭାଗ ନିଜ ପାଣ୍ଠିରୁ ନିର୍ମାଣ କରିବ

ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ ଲକ୍ଷ ଟଙ୍କାରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନୱାଡ଼ି ନିର୍ମାଣ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସେ ଆହୁରି କହିଛନ୍ତି, ବିଧାୟକମାନେ ନିଜ ଅଞ୍ଚଳର ଯେଉଁ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରକୁ ନେଇ ସମସ୍ୟା ଅଛି ସିଡିପିଓଙ୍କ ଜରିଆରେ ତାଲିକା ଦେଲେ ସେହି କାମ କରାଯିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମଧ୍ୟ ନିକଟରେ ବୈଠକ ହୋଇଥିଲା। ଅଙ୍ଗନୱାଡି କେନ୍ଦ୍ର ଲାଗି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ନେଇ ନିଷ୍ପତ୍ତି ହୋଇଥିବା ବିଷୟ ସେ କହିଛନ୍ତି। ମୋଟ୍ ୯୬୨.୧୩ ସ୍କୋୟାର ଫିଟ୍ ଜାଗାରେ ଘର ନିର୍ମାଣ ହେବ। ନିକଟରେ ୨ଟି ଜିଲା ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ାର ୩୧ଟି ଅଙ୍ଗନୱାଡି କେନ୍ଦ୍ର ୧୫ ଲକ୍ଷ ଟଙ୍କା ଲେଖା ଖର୍ଚ୍ଚ ହୋଇ କରାଯାଇଛି। ଯେଉଁଠାରେ ଅସୁବିଧା ରହିବ ସେଠାରେ ବିଭାଗ ପକ୍ଷରୁ ନିଜସ୍ୱ ପାଣ୍ଠିରେ କରାଯିବ। ପ୍ରଶ୍ନକାଳ ଆରମ୍ଭରୁ ଏଥିରେ ଭାଗନେଇ ବିଧାୟକ ଅଶ୍ୱିନୀ ପାତ୍ର, ପ୍ରତାପ ଦେବ, କଂଗ୍ରେସ ସଦସ୍ୟ ସି.ଏସ୍. ରାଜନ ଏକ୍କା, ଦୁଷନ୍ତ କୁମାର ନାଏକ, ରମେଶ ଚନ୍ଦ୍ର ବେହେରା, ପବିତ୍ର ସାଉଁତା ପ୍ରମୁଖ ଭାଗନେଇଥିଲେ।

## ସୁଭଦ୍ରା ଯୋଜନା: ୧୭ ଲକ୍ଷ ୮୩ ହଜାର ୨୫୧ ଯୋଡ଼ି ହେଲେ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାରେ ଅଧିକ ୧୭ ଲକ୍ଷ ୮୩ହଜାର ୨୫୧ ଜଣଙ୍କୁ ଯୋଡ଼ା ଯାଇଛି। ତୃଣମୂଳସ୍ତରରେ ଇନ୍‌କ୍ୱାରି ହେବା ପରେ ଏହି ସଂଖ୍ୟା ବଢ଼ିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ବିଧାନସଭାରେ ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୯ ଲକ୍ଷ ୩୬ ହଜାର ୨୮୩ ଜଣଙ୍କୁ କଟାଯାଇଛି। ଗତ ୨୪ ତାରିଖ ସୁଦ୍ଧା ସୁଭଦ୍ରାରେ ଓଡ଼ିଶାରୁ ସମୁଦାୟ ୧ କୋଟି ୧୨ ଲକ୍ଷ ୨୬ ହଜାର ୭୪୩ ଜଣ ଆବେଦନ କରିଛନ୍ତି। ସେଥିରୁ ୧ କୋଟି ୦୩ ଲକ୍ଷ ୮୯ ହଜାର ୮୦୧ ଜଣ ମହିଳା ସୁଭଦ୍ରା ଅଧୀନରେ ଅର୍ଥ ରାଶି ପ୍ରଥମ ଏବଂ ଦ୍ୱିତୀୟ କିସ୍ତି ପାଇଥିବା ବେଳେ ୯୭,୫୧,୪୭୯ ଜଣ ସମସ୍ତ ୩ଟି ଯାକ କିସ୍ତି ପାଇଛନ୍ତି। ସେହିପରି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ମୋଟ୍ ୯୪,୯୭୩ ଜଣ ଆବେଦନ କରିଥିବା ବେଳେ ୮୨,୧୩୩ ଜଣ ହିତାଧିକାରୀ ସୁଭଦ୍ରା ଅଧୀନରେ ଆର୍ଥିକ ସହାୟତା ପାଇଛନ୍ତି। ୫,୪୮୭ ଜଣ ଆବେଦନକାରୀଙ୍କ ଆବେଦନ ଖାରଜ ହୋଇଛି। ମୋଟ୍ ୧୬,୭୨୩ ଜଣ ଆବେଦନକାରୀଙ୍କ କ୍ଷେତ୍ରୀୟ ତଦନ୍ତ କରାଯାଇ ୧୬,୨୮୩ ଜଣଙ୍କୁ ଯୋଗ୍ୟ ଏବଂ ୪୪୦ ଜଣଙ୍କୁ ଅଯୋଗ୍ୟ ଚିହ୍ନଟ କରାଯାଇଛି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

# ୯.୬ ଡିଗ୍ରୀରେ ସିମିଳିଗୁଡ଼ା, ଆହୁରି ଖସିବ ତାପମାତ୍ରା

ଭୁବନେଶ୍ୱର,୨୯।୧୧(ବନ୍ଦନା ସେଠୀ)

**ଘନ କୁହୁଡ଼ି ନେଇ ୫ ଜିଲାକୁ ୟେଲୋ ୱାର୍ନିଂ**

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରି ଜାରି ରହିଛି। ବିଶେଷକରି ଦକ୍ଷିଣ ଓ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ତଳମୁହାଁ ରହିଛି। ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୮.୩ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଢେଙ୍କାନାଳରେ ସର୍ବାଧିକ ତାପମାତ୍ରା ୩୧.୫ ଡିଗ୍ରୀ ରହିଥିଲା। ସେହିପରି ସିମିଳିଗୁଡାରେ ୯.୬ ଡିଗ୍ରୀ, ଫୁଲବାଣୀ ଓ ଦାରିଙ୍ଗବାଡ଼ିରେ ୧୦ ଡିଗ୍ରୀ, କୋରାପୁଟ ୧୦.୨, ଝାରସୁଗୁଡା ୧୦.୪, ନବରଙ୍ଗପୁର ୧୦.୮, ରାଉରକେଲା ୧୧, ବଲାଙ୍ଗୀର ୧୨.୫ ଏବଂ ଭୁବନେଶ୍ୱରରେ ୧୭.୨ ଡିଗ୍ରୀ ରେକର୍ଡ ହୋଇଛି। ତେବେ ୪ଦିନ ପରେ ରାତି ତାପମାତ୍ରା ଆଉ ୨ରୁ ୩ ଡିଗ୍ରୀ ହ୍ରାସ ପାଇବା ସହିତ ଶୀତ ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ମଧ୍ୟ ଦେଖିବାକୁ ମିଳିଛି। ଗତ ୨୪ ଘଣ୍ଟାରେ ଫୁଲବାଣୀ ଓ ରାଉରକେଲାରେ ଘନ କୁହୁଡ଼ି ଏବଂ ଭବାନୀପାଟଣା ଓ କୋରାପୁଟରେ ମଧ୍ୟମଧରଣର କୁହୁଡ଼ି ଦେଖାଯାଇଥିଲା। ରବିବାର ରାଜ୍ୟର ସୁନ୍ଦରଗଡ଼, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କୋରାପୁଟ ଆଦି ଜିଲାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

ଅପରପକ୍ଷେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରର ଉତ୍ତର ସଂଲଗ୍ନ ଉପରେ ଘୂର୍ଣ୍ଣିଝଡ଼ 'ଡିଟ୍‌ୱା' ଗତ ୬ଘଣ୍ଟା ମଧ୍ୟରେ ୧୦କି.ମି. ବେଗରେ ଉତ୍ତର ଶ୍ରୀଲଙ୍କା ଆଡ଼କୁ ଗତିକରି ଶନିବାର ସେହି କ୍ଷେତ୍ର ଉପରେ କେନ୍ଦ୍ରିତ ହୋଇଥିଲା। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ତାମିଲନାଡୁ, ପୁଡୁଚେରୀ ଏବଂ ସଂଲଗ୍ନ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ନିକଟରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ରବିବାର ଭୋର୍ ସୁଦ୍ଧା ପହଞ୍ଚିବାର ସମ୍ଭାବନା ରହିଛି। ତେବେ ଓଡ଼ିଶା ଉପରେ ଏହାର ପ୍ରଭାବ ନ ଥିବାରୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ୩ ଦିନରେ ହେବ ୫ ବିଭାଗର ଖର୍ଚ୍ଚଦାବି ଆଲୋଚନା

ଭୁବନେଶ୍ୱର,୨୯।୧୧
(ରବିନାରାୟଣ ଜେନା)

ଚଳିତ ଶୀତ ଅଧିବେଶନରେ ରାଜ୍ୟ ପକ୍ଷରୁ ୩ ଦିନରେ ୫ଟି ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବ । ଏନେଇ ଶନିବାର ବିଧାନସଭା ପକ୍ଷରୁ ଗୃହରେ ସମସ୍ତ ସଦସ୍ୟାସଦସ୍ୟଙ୍କୁ ଅବଗତ କରାଯାଇଛି। ବିଧାନସଭାର ବିଜ୍ଞପ୍ତି ଅନୁଯାୟୀ, ଡିସେମ୍ବର ୪ରେ ପ୍ରଥମେ ଗୃହ ଏବଂ ପରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ୫ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଆଲୋଚନା ରହିଥିବାବେଳେ ୬ତାରିଖରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ପଛୁଆବର୍ଗ କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ରହିଛି। ସେହିଦିନ ସନ୍ଧ୍ୟାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ ବୋଲି ବିଧାନସଭା ପକ୍ଷରୁ ବିଧାୟକଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ୪୧ଟି ବିଭାଗ ରହିଥିବା ବେଳେ ସେଥିମଧ୍ୟରୁ କେବଳ ଏହି ୫ଟି ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବିକୁ ସରକାର ନିଷ୍ପତ୍ତି ନେଇଥିବା ଜଣାଯାଇଛି।

# ସ୍ୱତନ୍ତ୍ର ଗୋ-ସୁରକ୍ଷା ଆଇନ ଆଣିବାକୁ ସରକାର ବଦ୍ଧପରିକର: ମନ୍ତ୍ରୀ

ଭୁବନେଶ୍ୱର,୨୯।୧୧
(ରବି ନାରାୟଣ ଜେନା)

ରାଜ୍ୟ ସରକାର ଗୋମାତାର ସୁରକ୍ଷାରେ କୌଣସି ପ୍ରକାର ସାଲିସ୍ କରିପାରିବେ ନାହିଁ । ଏଥିସହିତ ରାଜ୍ୟରେ ବେଆଇନ କଂସେଇ ଖାନା ଓ ଗୋଚାଲାଣକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ। ଏହାକୁ କାର୍ଯ୍ୟକାରି କରିବା ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ଗୋ-ସୁରକ୍ଷା ଆଇନ ଆଣିବାକୁ ଗମ୍ଭୀରତାର ସହ ଚିନ୍ତା କରୁଛନ୍ତି ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର କହିଛନ୍ତି।

ରାଜ୍ୟରେ ଗୋ-ସୁରକ୍ଷା ପାଇଁ ଅନଶନରତ ପ୍ରତିନିଧି ମଣ୍ଡଳୀ ସହିତ ଆଲୋଚନା କରିବା ସହ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଆମ ଦେଶର ପ୍ରତିଟି ନାଗରିକ ମଧ୍ୟରେ ଗୋ-ମାତା ପ୍ରତି ଯେଉଁ ଭାବନା ରହିଛି, ତାହାକୁ କେବେବି କ୍ଷୁଣ୍ଣ ହେବାକୁ ଦିଆଯିବନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱ ଓଡ଼ିଶାରେ ଚାଲିଥିବା ଡବଲ ଇଞ୍ଜିନ ସରକାର ଗୋ-ସୁରକ୍ଷା ନେଇ ଗମ୍ଭୀରତାର ସହ ଚିନ୍ତା କରୁଛନ୍ତି । ଏସମ୍ପର୍କରେ ପୁଣିଥରେ ମୁଖ୍ୟମନ୍ତ୍ରୀ ଓ ଗୋ-ସୁରକ୍ଷା ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା ହେବ ଏବଂ ଗୋ-ସୁରକ୍ଷା ନେଇ ଏକ ସର୍ବଶ୍ରେଷ୍ଠ ଆଇନ ପାଇଁ ସରକାର ବିଚାରବିମର୍ଶ କରୁଛନ୍ତି ବୋଲି ମନ୍ତ୍ରୀ ହରିଚନ୍ଦନ ଗୋ-ସୁରକ୍ଷା ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିବା ପରେ ୫ ଦିନ ଧରି ଚାଲିଥିବା ଅନଶନ ପ୍ରତ୍ୟାହୃତ ହୋଇଥିଲା। ଗୋ-ସୁରକ୍ଷା ନେଇ ଅନୁଷ୍ଠିତ ଆଲୋଚନାରେ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଅନ୍ୟ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

## କଂଗ୍ରେସର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ୩କୁ ଘୁଞ୍ଚିଲା

ଭୁବନେଶ୍ୱର,୨୯।୧୧
(ସୁନିତ୍ ମିଶ୍ର)

ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଆବେଦନ ପାଇଁ ଶେଷ ତାରିଖ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଦଳ ପାଇଁ ଦକ୍ଷ ପ୍ରବକ୍ତା, ଅଧିବକ୍ତା, ଗଣମାଧ୍ୟମ ସଂଯୋଜକ ନିମନ୍ତେ ଆବେଦନର ଶେଷ ତାରିଖ ରବିବାରକୁ ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା। ଏହା ମଧ୍ୟରେ ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷ ଏଥିପାଇଁ ଆବେଦନ କରିସାରିଛନ୍ତି ବୋଲି ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ଏକ ପ୍ରେସ୍ ବିବୃତିରେ ଶନିବାର ଜଣାଇଛନ୍ତି।

DSPL-382

ଓଡିଶା ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

ଶିକ୍ଷାବର୍ଷ ୨୦୨୫-୨୬ ଛାତ୍ରଛାତ୍ରୀମାନଙ୍କର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି

ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ୍ (ODISHA STATE SCHOLARSHIP PORTAL) ମାଧ୍ୟମରେ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି କରାଯାଇଛି। ପରିବର୍ଦ୍ଧିତ ତାରିଖଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ନିଜର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନବୀକରଣ/ ନୂତନ ଆବେଦନ କରିବାକୁ

http://www.scholarship.odisha.gov.in

ୟୁଆରଏଲ୍‌କୁ (URL ) ଯାଇ ଆବେଦନ କରନ୍ତୁ ।

ପରିବର୍ଦ୍ଧିତ ସମୟସୀମା

ଛାତ୍ର ସ୍ତର
ପୋର୍ଟାଲ୍ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ

ଶିକ୍ଷାନୁଷ୍ଠାନ ସ୍ତର
ପୋର୍ଟାଲ୍ ୧୫ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ

ଜିଲ୍ଲା ସ୍ତର
ପୋର୍ଟାଲ୍ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ

OIPR-26001/13/0022/2526






ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ପ୍ରତିଶୋଧାତ୍ମକ ପଦକ୍ଷେପ



ଆକାର ପଟେଲ

ଗତ ମାସରେ ଏସିଆରୁ ପାକିସ୍ତାନ ଓ ଇରାକ ସହିତ ଭାରତ ଜାତିସଂଘ ମାନବାଧିକାର ପରିଷଦ(ୟୁଏନ୍‌ଏଚ୍‌ଆର୍‌ସି)କୁ ନିର୍ବାଚିତ ହୋଇଥିଲା। ୟୁଏନ୍‌ଏଚ୍‌ଆର୍‌ସି କହେ, ସାରା ବିଶ୍ୱରେ ମାନବାଧିକାରର ପ୍ରୋତ୍ସାହନ ଓ ସୁରକ୍ଷାକୁ ସୁଦୃଢ଼ କରିବା ଏହାର ଦାୟିତ୍ୱ। ୟୁଏନ୍‌ଏଚ୍‌ଆର୍‌ସିକୁ ନିର୍ବାଚିତ ହେବା ପାଇଁ ଭାରତ ସରକାର ବହୁ କିଛି କରିଥିଲେ। ଆହୁରି କୁହାଯାଇଛି, ଏହି ନିର୍ବାଚନ ମାନବ ଅଧିକାର ଏବଂ ମୌଳିକ ସ୍ୱାଧୀନତା ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ମୁଁ ଏକ ନିର୍ଦ୍ଦିଷ୍ଟ ଘଟଣା ଉପରେ ଆଲୋକପାତ କରିବାକୁ ଚାହେଁ, ଯାହା ଭାରତରେ ମାନବାଧିକାର ସ୍ଥିତିକୁ ଦର୍ଶାଇବ। ଏହି କ୍ଷେତ୍ରରେ ଯେଉଁମାନଙ୍କ ଅଧିକାରକୁ ଜାଣିଶୁଣି ଉଲ୍ଲଂଘନ କରାଯାଇଛି, ସେମାନଙ୍କ ପ୍ରତି ଭାରତର ଦୃଷ୍ଟିଭଙ୍ଗୀକୁ ବିଚାର କରାଯିବା ଉଚିତ। ୨୨ ନଭେମ୍ବର ୨୦୨୫ରେ ବିନା ବିଚାରରେ ଖୁରାମ ପର୍‌ଭେଜ ୪ ବର୍ଷ ବନ୍ଦୀ ଜୀବନ ପୂରଣ କରିଛନ୍ତି। ସେ ଦିଲ୍ଲୀ ରୋହିଣୀ ଜେଲରେ ବନ୍ଦୀ ଜୀବନ କାଟୁଛନ୍ତି। ତାଙ୍କ ସ୍ତ୍ରୀ ଏବଂ ଦୁଇ ଛୋଟ ପିଲା କଶ୍ମୀରରେ ଏକ ନ୍ୟାୟିକ ବିଚାର ପାଇଁ ଅପେକ୍ଷା କରିଥିଲେ ବି ତାହାକୁ ସ୍ଥାନାନ୍ତର କରାଯିବାକୁ ମନାକରାଯାଇଛି। ଭାରତର ଆତଙ୍କବାଦ ବିରୋଧୀ ଆଇନଭାବେ ଜଣାଶୁଣା ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ବା ୟୁଏପିଏକୁ ମାନବାଧିକାର ସୁରକ୍ଷାକାରୀଙ୍କ ମୁହଁ ବନ୍ଦକରିବା ପାଇଁ ବ୍ୟବହାର କରାଯିବାରେ ତାଙ୍କ ଜେଲଦଣ୍ଡ ଏକ ବଡ଼ ତଥା ପ୍ରତୀକାତ୍ମକ ଉଦାହରଣ। ଏପରିକି ନୂତନ ଭାରତରେ ଜମ୍ମୁ ଏବଂ କଶ୍ମୀର ଅବୈଧ ହତ୍ୟା, ଦଣ୍ଡମୂଳକ ଘର ଭାଙ୍ଗିବା, ମନମୁଖି ଗିରଫଦାରି, ବେଆଇନ ନଜରବନ୍ଦୀ ଏବଂ ଯାତ୍ରା ପ୍ରତିବନ୍ଧକର ପ୍ରତ୍ୟକ୍ଷ ସାକ୍ଷୀ ସାଜିଛି। ଏଠାରେ ଏକ ନିର୍ବାଚିତ ସରକାରଙ୍କୁ କେନ୍ଦ୍ର ସରକାର କ୍ଷମତା ଶୂନ୍ୟ କରିଦେଇଛନ୍ତି, ଯାହା ଚଳିତ ସପ୍ତାହରେ ଜଣେ ସାମ୍ବାଦିକଙ୍କ ଘର ଭାଙ୍ଗିବା ଘଟଣାରୁ ଜାଣିପାରିବା। ଏହିସବୁ କାରଣରୁ ଖୁରାମ ପର୍‌ଭେଜ ସେଠାକାର ନିର୍ଯାତନାକୁ ଲିପିବଦ୍ଧ କରିବା ଆବଶ୍ୟକତା ଥିଲା, ଅପରିହାର୍ଯ୍ୟ ମଧ୍ୟ। ୨ ଦଶନ୍ଧି ଧରି ପର୍‌ଭେଜ କଶ୍ମୀରର ଜଣେ ସମ୍ମାନିତ ଏବଂ ଜଣାଶୁଣା ମାନବାଧିକାର ସ୍ୱର ଥିଲେ ବୋଲି ମୁଁ ଏହା ନିଶ୍ଚିତକରି କହିପାରେ। କାରଣ ମୁଁ ଯେଉଁ ବିଶ୍ୱସ୍ତରୀୟ ପ୍ୟାନେଲରେ ଅଛି ସେଠାରେ ତାଙ୍କ ଜେଲଦଣ୍ଡ ବିଷୟରେ ଗମ୍ଭୀର ଆଲୋଚନା କରାଯାଇଛି।

ଜମ୍ମୁ-କଶ୍ମୀର କୋଆଲିସନ ଅଫ୍ ସିଭିଲ ସୋସାଇଟି (ଜେକେସିସିଏସ୍)ର କାର୍ଯ୍ୟକ୍ରମ ସଂଯୋଜକ ଭାବେ ପରଭେଜ ଏକ ସବୁଠୁ ବିଶ୍ୱସନୀୟ ମାନବାଧିକାର ଗୋଷ୍ଠୀ ଗଠନ କରିବାରେ ସାହାଯ୍ୟ କରିଥିଲେ। ନିର୍ଯାତନା, ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ଏବଂ ନିଖୋଜ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାରେ ଜେକେସିସିଏସ୍ କାର୍ଯ୍ୟ କରିଥିଲା। ଫଳରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଏ ସଂକ୍ରାନ୍ତୀୟ କଶ୍ମୀରର ୨୦୧୮ ଏବଂ ୨୦୧୯ ରିପୋର୍ଟ ଉପରେ ଅଧିକ ନିର୍ଭର କରିଥିଲେ। ଏହା ସ୍ପଷ୍ଟ ଯେ, ଏହି କାର୍ଯ୍ୟ ପାଇଁ ପର୍‌ଭେଜଙ୍କୁ ଟାର୍ଗେଟ କରାଯାଇଥିଲା। ୨୧ ନଭେମ୍ବର ୨୦୨୧ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତାଙ୍କୁ ଆତଙ୍କବାଦୀ ପାଣ୍ଠି ସଂଗ୍ରହ କରିବା, ଷଡ଼ଯନ୍ତ୍ର ଏବଂ ରାଷ୍ଟ୍ର ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ଗିରଫ କରିଥିଲା। ହେଲେ ୪ବର୍ଷ ପରେ ତାଙ୍କ ମାମଲାର ବିଚାର ଆରମ୍ଭ ହୋଇନାହିଁ। ପର୍‌ଭେଜ ଏବେ ଜେଲରେ ଅଛନ୍ତି ଏବଂ କେବେ ଓ କେତେବେଳେ ତାଙ୍କୁ କୋର୍ଟ ରୁମ୍‌ରେ ଦେଖିବାକୁ ମିଳିବ ତାହା କହିହେଉନାହିଁ। ସେ ଏକା ନୁହନ୍ତି, ମାର୍ଚ୍ଚ ୨୦୨୩ରେ ଜେକେସିସିଏସ୍ ସହ ଜଡ଼ିତ ସାମ୍ବାଦିକ ଇର୍‌ଫାନ ମେହରାଜଙ୍କୁ ମଧ୍ୟ ସେହି ମାମଲାରେ ଗିରଫ କରାଯାଇଥିଲା। ସେହି ବର୍ଷ ଅଗଷ୍ଟରେ ଜେକେସିସିଏସ୍ ପ୍ରତିଷ୍ଠାତା ପର୍‌ଭେଜ ଇମ୍‌ରୋଜ୍‌ଙ୍କ ଘରେ ଏନ୍‌ଆଇଏ ଚଢ଼ାଉକରି ପଚରାଉଚରା ପାଇଁ ତାଙ୍କୁ ଦିଲ୍ଲୀ ଡକାଇଥିଲା। ଆଇନର ଆଧାର ନ ଥାଇ ଚଢ଼ାଉ ଏବଂ ସମନ ଜାରି କରିବା ବାସ୍ତବରେ ସଙ୍ଗଠନ ଏବଂ ଅଭିବ୍ୟକ୍ତି ସ୍ୱାଧୀନତାର ବାଧକ।

ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନଗୁଡ଼ିକ ଏ ସମ୍ପର୍କରେ ବାରମ୍ବାର ଚିନ୍ତା ପ୍ରକଟ କରିଛନ୍ତି। ଜୁନ୍ ୨୦୨୩ରେ ମନମୁଖି ଅଟକ ଉପରେ କାର୍ଯ୍ୟକରୁଥିବା ଜାତିସଂଘର ୱାର୍କିଂଗ୍ରୁପ୍ ପର୍‌ଭେଜଙ୍କ ଅଟକକୁ ମନମୁଖି କହିବା ସହ ତାଙ୍କୁ ମୁକ୍ତ କରିବାକୁ ଦାବି କରିଥିଲା। ହେଲେ ଆଜି ପର୍ଯ୍ୟନ୍ତ ଭାରତୀୟ କର୍ତ୍ତୃପକ୍ଷ ୱାର୍କିଂଗ୍ରୁପ୍‌ର ନିର୍ଦ୍ଦେଶ ପାଳନ କରିନାହାନ୍ତି କିମ୍ବା ଏବକାର ସ୍ଥିତି ବିଷୟରେ କିଛି ବି ଜଣାଇନାହାନ୍ତି। ପର୍‌ଭେଜ ଜାତିସଂଘ ସହ ଜଡ଼ିତ ହୋଇ ପ୍ରତିଶୋଧର ସମ୍ମୁଖୀନ ହେବା ପ୍ରଥମ ଘଟଣା ନୁହେଁ। ସେପ୍ଟେମ୍ବର ୨୦୧୬ରେ ମାନବାଧିକାର ପରିଷଦ ଅଧିବେଶନରେ ଯୋଗଦେବା ପାଇଁ ତାଙ୍କ ଜେନେଭା ଗସ୍ତକୁ ରୋକାଯାଇ ୭୬ ଦିନ ଅଟକ ରଖାଯାଇଥିଲା। ବିଭିନ୍ନ ପ୍ରତିଶୋଧାତ୍ମକ ପଦକ୍ଷେପ ସମ୍ପର୍କିତ ଜାତିସଂଘ ମହାସଚିବଙ୍କ ବାର୍ଷିକ ରିପୋର୍ଟରେ ୨୦୧୮ରୁ ପ୍ରତିବର୍ଷ ପର୍‌ଭେଜଙ୍କ ମାମଲା ଅନ୍ତର୍ଭୁକ୍ତ କରାଯାଇଆସିଛି। ୟୁଏପିଏରେ ବିଚାର ପୂର୍ବରୁ ୧୮୦ ଦିନ ଅଟକ ଅବଧି ଏବଂ ଏହାର ବୃଦ୍ଧିକୁ ନେଇ ଅକ୍ଟୋବର ୨୦୨୩ରେ ଜାତିସଂଘର ମାନବାଧିକାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଥିଲେ। ଏହା ଅତ୍ୟଧିକ ବୋଲି ସେମାନେ କହିଥିଲେ ଏବଂ ଭାରତକୁ ଅନ୍ତର୍ଜାତୀୟ ମାନବାଧିକାର ମାନଦଣ୍ଡ ଅନୁଯାୟୀ ଏହି ଆଇନରେ ସଂସ୍କାର ଆଣିବାକୁ ଅନୁରୋଧ କରିଥିଲେ।

ପ୍ରାୟ ୨ ଦଶନ୍ଧି ଧରି ଅନେକ ଲକ୍ଷ କଶ୍ମୀରୀ ସମ୍ମୁଖୀନ ହେଉଥିବା ମାନବାଧିକାର ଉଲ୍ଲଂଘନକୁ ପର୍‌ଭେଜ ଏବଂ ଜେକେସିସିଏସ୍ ସାମ୍ନାକୁ ଆଣିଥିଲେ। ଏବେ ଭାରତରେ ଆତଙ୍କବାଦ ନିରୋଧୀ ଆଇନର ଅପବ୍ୟବହାରରେ ସର୍ବାଧିକ ଶିକାର ହୋଇଛନ୍ତି ପର୍‌ଭେଜ। ତାଙ୍କ ମାମଲା ଦର୍ଶାଏ, ସବୁଠି ମାନବାଧିକାର ସୁରକ୍ଷା କର୍ମୀ ବିପଦର ସମ୍ମୁଖୀନ ହେଉଛନ୍ତି। ସେମାନେ କ୍ଷମତାକୁ ଚ୍ୟାଲେଞ୍ଜ କରି ଦେଶର ଶତ୍ରୁ ପାଲଟିଛନ୍ତି। ଭାରତରେ ଆଇନର ଅପବ୍ୟବହାର ବିଷୟରେ ଯେଉଁମାନେ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରନ୍ତି କିମ୍ବା କୁହନ୍ତି ସେମାନଙ୍କୁ ପ୍ରତିଶୋଧାତ୍ମକ ପଦକ୍ଷେପର ସାମ୍ନା କରିବାକୁ ପଡୁଛି। ଏଣୁ ଭାରତ ନିଜକୁ ଆଇନର ଶାସନ ଦ୍ୱାରା ପରିଚାଳିତ ଏକ ଦେଶ ବୋଲି ଦାବି କରିପାରିବ ନାହିଁ। ଖୁରାମ ପର୍‌ଭେଜଙ୍କୁ ଗିରଫ କରାଯିବା ଉଚିତ ନୁହେଁ। ଜଣେ ମାନବାଧିକାର ସୁରକ୍ଷା କର୍ମୀଙ୍କୁ ଗୋଟିଏ ଦିନ ଅଟକ ରଖିବା ଅନ୍ୟାୟ। ତଥାପି ସେ ୪ବର୍ଷରୁ ଅଧିକ ସମୟ ଜେଲରେ ବିତାଇସାରିଲେଣି। ମାନବ ଅଧିକାର ଉପରେ ଭାରତ ଯେଉଁ ଗଳାଫଟେଇ କହୁଛି ଏହା ତାହାର ବିପରୀତ ସ୍ଥିତିକୁ ଦର୍ଶାଉଛି। ଏହା ସହ ଜାତିସଂଘ ମାନବାଧିକାର ପରିଷଦରେ ନିଜର ସ୍ଥାନ ହାସଲକରି ସାରା ବିଶ୍ୱରେ ମାନବାଧିକାର ପ୍ରଚାର ଏବଂ ସୁରକ୍ଷାକୁ ମଜଭୁତ କରୁଛି ବୋଲି ଯାହା ଦର୍ଶାଉଛି ତାହା କେବଳ ଏକ ଛଳନା।

Email:aakar.patel@gmail.com

# ଗଣତନ୍ତ୍ରର ସଂଜ୍ଞା ଓ ସ୍ୱରୂପ



ହରିଶଙ୍କର ମିଶ୍ର

ଆମର ପ୍ରାଥମିକ ଶିକ୍ଷା ସମୟରେ ଗଣତନ୍ତ୍ରର ସଂଜ୍ଞାରେ କୁହାଯାଇଥାଏ ଯେ ଏହା ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଶାସନ। ଏହା ମଧ୍ୟ କୁହାଯାଏ ଯେ ସୁଶାସନଠାରୁ ସ୍ୱଶାସନ ଭଲ। ସ୍କୁଲଗୁଡ଼ିକରେ ସ୍ୱାଧୀନତା ଓ ଗଣତନ୍ତ୍ର ଦିବସରେ ଯେଉଁମାନଙ୍କ ବଳିଦାନ ଏବଂ ନେତୃତ୍ୱ ଦେଶକୁ ପରାଧୀନ ଶୃଙ୍ଖଳାରୁ ମୁକ୍ତ କରିବାରେ ସହାୟକ ହୋଇଥିଲା ତାଙ୍କର ସ୍ମୃତିଚାରଣ କରାଯାଏ। କିନ୍ତୁ ଉଚ୍ଚ ଶିକ୍ଷା ପରେ ସେଇ ଛାତ୍ରୀଛାତ୍ରମାନେ ଜାଣନ୍ତି ଯେ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାଧୀନୋତ୍ତର ବିଖଣ୍ଡିତ ଭାରତ ସମ୍ପର୍କରେ ଇତିହାସ ସ୍ପଷ୍ଟ ଏବଂ ନିରପେକ୍ଷ ନୁହେଁ। ଏବେ ବି ଦେଶର ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଅନେକ ଘଟଣା ଅନାଲୋଚିତ ଏବଂ ରହସ୍ୟମୟ ତଥା ବିବାଦୀୟ ହୋଇ ରହିଛି। ସାଧୀନୋତ୍ତର ଭାରତ ଓ ସାମ୍ପ୍ରତିକ ସ୍ଥିତିକୁ ଗଭୀର ଭାବେ ଅନୁଶୀଳନ କଲେ ଆମ ଦେଶର ଗଣତାନ୍ତ୍ରିକ ସ୍ଥିତି ଓ ଉପଯୋଗ ସମସ୍ତ ଲୋକ ପରିବର୍ତ୍ତେ କିଛି ଲୋକଙ୍କ ଦ୍ୱାରା କିଛି ଲୋକଙ୍କ ପାଇଁ ଏବଂ କିଛି ଲୋକଙ୍କର ବେଶ୍ ଉପଭୋଗ୍ୟ ହୋଇଥିବା ଜଣାଯାଏ।

ଦେଶ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ବର୍ଷ ପରେ ମଧ୍ୟ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ପାଇଁ କୌଣସି ବ୍ୟକ୍ତି ବା ରାଜନୈତିକ ଦଳର ଆଭିମୁଖ୍ୟ ଏବେ ଅବୋଧ୍ୟ। ସେମାନଙ୍କ ପାଇଁ ଗଣତନ୍ତ୍ରର ସ୍ୱାଦ ଖଟା ବା ମିଠା ତାହା ଜାଣିବାର ଅବକାଶ ବା ଆବଶ୍ୟକତା ନ ଥାଏ। ସେମାନେ ଅନୁଭବ କରନ୍ତି ଯେ କ୍ଷମତା ଧନ ପ୍ରତିପତ୍ତିରେ କିଛି ଲୋକ ନିଶ୍ଚିତ ସ୍ୱତନ୍ତ୍ର। ଦେଶର ଅମୃତ ମହୋତ୍ସବ ପାଳନ ସମ୍ପର୍କରେ ଜାଣିବା ସେମାନଙ୍କ ପାଖରେ ମୂଲ୍ୟହୀନ। କିଛି ଲୋକ ମଧ୍ୟ ପାଉଥିବା ସମସ୍ତ ସରକାରୀ ସୁବିଧାର ଶ୍ରେୟ ସାମୂହିକ ବା ସରକାର ପରିବର୍ତ୍ତେ କୌଣସି ବ୍ୟକ୍ତିଙ୍କୁ ଦେଇଥାନ୍ତି ଏବଂ ମାନସିକ ସ୍ତରରେ ତାଙ୍କୁ ସରକାର ବୋଲି ସ୍ୱୀକାର କରନ୍ତି। ଗଣତନ୍ତ୍ର ଶାସନରେ କୌଣସି ନିର୍ଦ୍ଦିଷ୍ଟ ଶାସକ ନ ଥିବାରୁ ଯିଏ ଲୋକଙ୍କ ପାଖରେ ଗ୍ରହଣୀୟ ସେ ହିଁ ସରକାର କିନ୍ତୁ ତାଙ୍କ ଉପରେ ଉତ୍ତର ଦାୟିତ୍ୱ ନଥାଏ। ସେଥିପାଇଁ ଗଣତନ୍ତ୍ର ଶାସନରେ ସମସ୍ତଙ୍କ ଅଧିକାର ସମାନ ବୋଲି କେବଳ ପାଠ୍ୟପୁସ୍ତକ ଓ ରାଜନୈତିକ ନେତାଙ୍କ ଭାଷଣରେ ସୀମିତ ରହିଥିବା ବେଳେ ଆମ ଦେଶର ନାଗରିକ କେବଳ ଭୋଟ ଦାନ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ସମାନ ଅଧିକାର ପ୍ରାପ୍ତ ନୁହନ୍ତି। ଗଣତନ୍ତ୍ର ଶାସନରେ ଏଇ ଅନୁଭବ ମଧ୍ୟ ଆସେ ଯେ ରାଜନୈତିକ ପୃଷ୍ଠଭୂମି ବା ଆର୍ଥିକ ସ୍ଥିତିରେ ଦୃଢ଼ ଥିବା ନତୁବା ଶାସନକୁ ଯେକୌଣସି ଭାବରେ ପ୍ରଭାବିତ କରିପାରୁଥିବା ବିବିଧ କ୍ଷମତାପ୍ରାପ୍ତ ଗୋଷ୍ଠୀର ଅଧିକାର ସତନ୍ତ୍ର ଏବଂ ଉପଭୋଗ୍ୟ। ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ରାଷ୍ଟ୍ର ସ୍ୱାର୍ଥ ପ୍ରତି ସମର୍ପିତ ହେବା ଜରୁରୀ। କିନ୍ତୁ ଏପର୍ଯ୍ୟନ୍ତ ଦେଶକୁ ଶାସନ କରିଥିବା କୌଣସି ରାଜନୈତିକ ଦଳ ଲୋକଙ୍କ ମନରେ ଏହା ସୃଷ୍ଟି କରି ପାରିନାହାନ୍ତି ବା କରିବା ସେମାନଙ୍କ କର୍ତ୍ତବ୍ୟ ବୋଲି ମନେ କରିନାହାନ୍ତି। ବରଂ ସେମାନେ ଲୋକଙ୍କ ପ୍ରଦତ୍ତ ରାଜସ୍ୱର କିୟଦଂଶ ସେମାନଙ୍କ ପାଇଁ ବିନିମୟରେ ନିରଙ୍କୁଶ କ୍ଷମତା ଭୋଗ ଲକ୍ଷ୍ୟ ରଖନ୍ତି। ସେମାନେ ଜାଣନ୍ତି ଯେ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ସେମାନଙ୍କ ଦାୟିତ୍ୱ ଓ ଅଧିକାର ପ୍ରତି ସଚେତନ ହୋଇଗଲେ ରାଷ୍ଟ୍ର ବା ରାଜ୍ୟର ପ୍ରତ୍ୟେକ ନିର୍ବାଚନ ନିଶ୍ଚିତ ଗୋଟିଏ ଗୋଟିଏ ନୀରବ ସଂଗ୍ରାମରେ ରୂପାନ୍ତର ହୋଇଯିବ। ଦେଶ ସ୍ୱାଧୀନ ହେବା ସମୟରେ କ୍ଷମତାପ୍ରାପ୍ତ ବ୍ୟକ୍ତି ବିଶେଷ ଏହାକୁ ଦୃଷ୍ଟିରେ ରଖି ବୋଧହୁଏ ନିର୍ବାଚନରେ ପ୍ରାର୍ଥୀ, ଦଳର ଆଭିମୁଖ୍ୟ ପରିବର୍ତ୍ତେ ନିର୍ବାଚନରେ ଚିହ୍ନକୁ ଗୁରୁତ୍ୱ ଦେଇଥିଲେ।

ଗଣତନ୍ତ୍ର ଶାସନରେ ସମସ୍ତ ତଥ୍ୟ ଜାଣିବା ବା ନୀତି ନିର୍ଦ୍ଧାରଣରେ ସଂଶ୍ଳିଷ୍ଟ ହେବାର ଅଧିକାର ସଭିଙ୍କର ଥାଏ। କିନ୍ତୁ ଆମ ଦେଶରେ ସ୍ୱାଧୀନତା ଏପରି ବଣ୍ଟନ ହୋଇଛି ଯେ ପ୍ରତିନିଧି ଭାବରେ ନିର୍ବାଚିତ ସାଂସଦ ଓ ବିଧାୟକଙ୍କ ପ୍ରାପ୍ୟ ଏବଂ ସମସ୍ତ ଆଚରଣ ବ୍ୟବସ୍ଥା ବା ମାନ୍ୟକ୍ରମ ଓ ଦାପ୍ତରିକ ସୁଯୋଗ ସହ ପେନସନ ପାଇଁ ନିୟମ ସେଇମାନେ ପ୍ରଣୟନ କରନ୍ତି। ପ୍ରଶାସନର ମୁଖ୍ୟ ଭାଗରେ ଥିବା ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ନିଜର ପ୍ରାପ୍ୟ ସହ ସମସ୍ତ ସରକାରୀ ସୁଯୋଗ ଏବଂ ଦାପ୍ତରିକ ଆଦବ କାଇଦା ନିର୍ଣ୍ଣୟ କରନ୍ତି। ଗଣତନ୍ତ୍ରର ଅନ୍ୟ ସ୍ତମ୍ଭ କୁହାଯାଉଥିବା ବିଚାର ବିଭାଗ ମଧ୍ୟ ସେମାନଙ୍କ ମାସିକ ବେତନ ସହ ଅନ୍ୟାନ୍ୟ ପ୍ରାପ୍ୟ ଏବଂ ନିଜ ପାଇଁ ମାନ୍ୟକ୍ରମ ତଥା ସାମାଜିକ ଓ ଦାପ୍ତରିକ ନିରାପତ୍ତା ନିଜେ ନିର୍ଣ୍ଣୟ କରିପାରନ୍ତି ଏବଂ ଦେଶର ସାଧାରଣ ନାଗରିକ ନ୍ୟାୟ ପାଇଁ ଡହଳବିକଳ ହେଉଥିବା ବେଳେ ମାମଲାର ଗୁରୁତ୍ୱ ପରିବର୍ତ୍ତେ ସେମାନେ ନିଜ ପାଇଁ ଶକ୍ତ ସୁରକ୍ଷା ବଳୟ ସୃଷ୍ଟିକୁ ନିଜର ମର୍ଯ୍ୟାଦା ଭାବରେ ବିବେଚନା କରନ୍ତି। ଏଥିରେ ପ୍ରତିବାଦ ବା ଅସନ୍ତୋଷକୁ ବ୍ୟବସ୍ଥାର



ଅବମାନନା ଭାବରେ ବିଚାର ହୁଏ। ବେଳେ ବେଳେ ଏଇ ତିନି ବର୍ଗ ମଧ୍ୟରେ କ୍ଷମତାର ମାତ୍ରାକୁ ନେଇ ଏଭଳି ପ୍ରତିଯୋଗିତା ଚାଲିଥାଏ ଯେ ସେମାନେ ନିଜ ଉପରେ ନ୍ୟସ୍ତ ସମସ୍ତ ନୈତିକ ଦାୟିତ୍ୱର ହିତାଧିକାରୀ ସ୍ୱୟଂ ଜନସାଧାରଣ ବୋଲି ଭୁଲିଯାଆନ୍ତି। ବରଂ ଉତ୍ତରଦାୟୀ ହୋଇ ନିଜର ମର୍ଯ୍ୟାଦା ହାନି ଭାବରେ ଗ୍ରହଣ କରନ୍ତି। ସେଥିପାଇଁ ଦେଶକୁ ସ୍ୱାଧୀନ କରିବାକୁ ଜୀବନ ବାଜିରେ ଲଗାଇଥିବା ସେଇ ଦିବଂଗତ ବା ବିଦ୍ୟମାନ ବ୍ୟକ୍ତି ବିଶେଷ କେବେ ବି ଦେଶର ଏପରି ଭବିଷ୍ୟତ ଆଶା କରିନଥିବେ।

ଏହା ସତ୍ୟ ଯେ ଏଯାବତ ଆମର ସଂସ୍କୃତି ସମ୍ପନ୍ନ ସାଧୀନ ରାଷ୍ଟ୍ର ଗଠନର ସ୍ୱାଦ ଅନୁଭ ବା ଫଳପ୍ରଦ ହୋଇନାହିଁ। ବରଂ ଶାସନ ତନ୍ତ୍ରଠାରୁ ବିଚାର ବ୍ୟବସ୍ଥାରେ ସାହେବୀ ଢାଞ୍ଚା ଏବେ ବି ପୂର୍ଣ୍ଣ ମାତ୍ରାରେ ପରିସ୍ଫୁଟ ହେଉଛି। ଦେଶ ସ୍ୱାଧୀନ ହେବାପରେ ବହୁ ଦେଶର ଶାସନ ଖସଡ଼ା ଅନୁକରଣରେ ପ୍ରସ୍ତୁତ ସମ୍ବିଧାନ ୭୫ ବର୍ଷରେ ୧୨୪ ଥର ସଂଶୋଧନ ହୋଇସାରିଛି ଏବଂ ଭବିଷ୍ୟତରେ ମଧ୍ୟ ଏକାଧିକବାର ସଂଶୋଧନ ହୋଇପାରେ। ସାଧୀନତା ପରେ ଆମ ଦେଶ ନିଜସ୍ୱ ଜ୍ଞାନ କୌଶଳ ଉଦ୍ଭାବନ ଓ ଉପଯୋଗରେ ଯଥେଷ୍ଟ ଉନ୍ନତି କରିଛି। ଖାଦ୍ୟ ଉତ୍ପାଦନ ସହ ଅନେକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାସହ ପୃଥିବୀରେ ଏକ ଉନ୍ନତ ଦେଶ ଓ ବିକଶିତ ଶକ୍ତି ଭାବରେ ନିଜର ସ୍ଥିତି ଜାହିର କରିପାରିଛି। କିନ୍ତୁ ଯେଉଁମାନେ ଦେଶର ଉନ୍ନତି ଓ ନୂତନ ଜ୍ଞାନ କୌଶଳକୁ ପରିବର୍ଦ୍ଧିତ କରିଛନ୍ତି ସେମାନଙ୍କ ସଫଳତାର ଶ୍ରେୟ ଶାସନ ଖସଡ଼ା ଧରିଥିବା ବ୍ୟକ୍ତିଙ୍କ ଦ୍ୱାରା ଅପହୃତ ହୋଇ ଚାଲିଛି। ଦେଶର ନାଗରିକଙ୍କ କର୍ତ୍ତବ୍ୟ ଓ ଅଧିକାର କେବଳ ନିର୍ବାଚନ ସମୟରେ ଖଣ୍ଡିଏ ଭୋଟରେ ସୀମିତ ରହୁଛି।

ଆମ ଗଣତନ୍ତ୍ରର ପରିଭାଷା ଏପରି ନିର୍ଣ୍ଣିତ ହୋଇଛି ଯେ ମାତ୍ର ୩୦ ଶତାଂଶ ନାଗରିକଙ୍କ ସମର୍ଥନ ପାଇ ୭୦ ଶତାଂଶ ନାଗରିକଙ୍କ ବିରୋଧ ସତ୍ତ୍ୱେ କୌଣସି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ହୋଇ ଶାସନ ତନ୍ତ୍ରକୁ ନିୟନ୍ତ୍ରଣ କରିପାରୁଛି। ଲୋକଙ୍କ ଟିକସ ଦେୟ ଓ ପ୍ରାକୃତିକ ସମ୍ପଦର ସୁପରିଚାଳନା ପରିବର୍ତ୍ତେ ଦୁର୍ନୀତି ଓ ରାଜସ୍ୱ ଲୁଣ୍ଠନ ପାଇଁ ଖସଡ଼ା ପ୍ରସ୍ତୁତ ହେଉଛି। ଅର୍ଥ ଓ କ୍ଷମତାର ବଳ ମାଧ୍ୟାକର୍ଷଣ ଶକ୍ତିଠାରୁ ଅଧିକ ବଳଶାଳୀ ସାବ୍ୟସ୍ତ ହେଉଛି। ବୈଦେଶିକ ଋଣ ଭାରରୁ ରାଜ୍ୟରେ ଜନ୍ମ ନେଉଥିବା ପ୍ରତ୍ୟେକ ଶିଶୁ ମୁଣ୍ଡରେ ତିନି ହଜାର ଟଙ୍କା ବୈଦେଶିକ ଋଣ ରହୁଛି। ଏସବୁ କେବଳ ଗଣତାନ୍ତ୍ରିକ ରାଷ୍ଟ୍ର ଯୋଗୁସମ୍ଭବ ହୋଇ ପାରିଥିବାରୁ ଗଣତନ୍ତ୍ରର ଜୟଗାନ ତଥାକଥିତ ଜନ ସେବକଙ୍କଠାରୁ ପ୍ରଶାସନିକ ବା ଆଇନ ରକ୍ଷକଙ୍କ ପାଇଁ ରକ୍ଷା କବଚ ହୋଇଛି। ଦେଶ ସ୍ୱାଧୀନ ହେବାପରେ ଯେଉଁମାନେ ଗଣତନ୍ତ୍ରର ସ୍ୱାଦ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦାୟିତ୍ୱ ନେଲେ ସେମାନେ ଗଣତନ୍ତ୍ର ରୂପୀ ଡଙ୍ଗାର ମଙ୍ଗକୁ ଏଭଳି ମୋଡ଼ି ଦେଇଛନ୍ତି ଯେ ତାହା ନିର୍ବାଚନକୁ ବ୍ୟୟବହୁଳ କରିବା ସହ ଦାପ୍ତରିକ ବା ନ୍ୟାୟାଳୟ ପରିସର ଜନସାଧାରଣଙ୍କ ପାଇଁ ଦୟାର କ୍ଷେତ୍ର ପରିବେଶକୁ ସୁସ୍ପଷ୍ଟ କରୁଛି। ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ ପରିବର୍ତ୍ତେ ତାକୁ ଜଟିଳତା ମଧ୍ୟକୁ ନେବା ମଧ୍ୟ ଆମ ଗଣତନ୍ତ୍ର ଅନ୍ୟତମ ସଫଳତା ହୋଇସାରିଛି।

୧୧୩-ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ନିଷ୍କ୍ରିୟ ଜମାଖାତାର ଅର୍ଥରାଶି



ଡ. ତପନ କୁମାର ପାଳ

ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବ୍ୟାଙ୍କିଙ୍ଗ ସେବା ଦିନକୁ ଦିନ ଏପରି ବ୍ୟବସ୍ଥିତ ହେଉଛି ଯେ ଯାହାଦ୍ୱାରା ଲୋକମାନେ ହାତପାହାନ୍ତାରେ ନିଜ ମୋବାଇଲ ଦ୍ୱାରା ସମସ୍ତ ଦେଣନେଣ କରିପାରୁଛନ୍ତି। ତେବେ ବ୍ୟାଙ୍କରେ ଅର୍ଥ କାରବାର ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କେବଳ ଗ୍ରାହକମାନଙ୍କ ଭିତରେ ନୁହେଁ ପ୍ରାୟ ସମସ୍ତଙ୍କ ଭିତରେ ସୃଷ୍ଟି ହୋଇଥାଏ, ତାହା ହେଉଛି ଦୀର୍ଘ ଦିନ ଧରି ବ୍ୟାଙ୍କରେ ପଡ଼ିରହିଥିବା ନିଷ୍କ୍ରିୟ ଇନ୍‌ଅପରେଟିଭ ଓ ବେୱାରିସ ଜମାଖାତାଗୁଡ଼ିକର ପଇସା ଯାଏ କୁଆଡ଼େ? ଏହାକୁ କିଏ ହଡ଼ପ କରି ନେଇଯାଏ ନାହିଁ ତ? ବହୁ ବର୍ଷ ପରେ ଯଦି ଉତ୍ତରାଧିକାରୀମାନେ ମୃତକଙ୍କର ବ୍ୟାଙ୍କ ଜମାଖାତାରେ ଥିବା ଟଙ୍କାର ସନ୍ଧାନ ପାଆନ୍ତି ତା'ହେଲେ ତାହାକୁ ଆଦାୟ କରାଯାଇ ପାରିବ ନା ନାହିଁ?



ସାଧାରଣରେ ବ୍ୟବସ୍ଥାଟି ହେଉଛି ଏହା ଯେ ଜଣେ ବ୍ୟାଙ୍କରେ ଖାତା ଖୋଲିଥିବା ବା ଜମାକାରୀ ଜଣଙ୍କର ମୃତ୍ୟୁ ହୋଇଯିବା ପରେ ତାଙ୍କ ନିକଟ ପରିଜନ ବିଶେଷକରି ଉତ୍ତରାଧିକାରୀମାନଙ୍କ ପାଖରେ ସୂଚନା ନ ଥିବା କାରଣ ପାଇଁ ବର୍ଷ ବର୍ଷ ଧରି ବ୍ୟାଙ୍କ ଜମାଖାତାରେ ଟଙ୍କା ଅଯଥାରେ ପଡ଼ିରହେ। ଏହା ବ୍ୟତୀତ କେତେକ କ୍ଷେତ୍ରରେ ପାସ୍‌ବୁକଧାରୀ ବା ଜମାକାରୀ ଜଣକ କୌଣସି ଅବହେଳା ବଶତଃ ଅନେକ ଦିନ ଧରି ବ୍ୟାଙ୍କରେ ରହିଥିବା ଅର୍ଥର କୌଣସି କାରବାର ଅର୍ଥାତ୍ ଡିପୋଜିଟ ବା ଉଠାଣ କରି ନ ଥାନ୍ତି। ଏଭଳି ଖାତା ବର୍ଷ ବର୍ଷ ଧରି ବ୍ୟାଙ୍କରେ ନିଷ୍କ୍ରିୟ ହୋଇପଡ଼ିରହେ। ମାତ୍ର ତାହା ଜମାକାରୀଙ୍କ ସମ୍ପତ୍ତି। ଏଣୁ ବ୍ୟାଙ୍କ ବା ଅନ୍ୟ କେହି ତାହାକୁ ନେଇ ଅନ୍ୟତ୍ର ବିନିଯୋଗ କରିପାରିବେ ନାହିଁ। ତେବେ ସମସ୍ତଙ୍କ ଅଜ୍ଞାତରେ ବ୍ୟାଙ୍କ ଖାତାରେ ଦୀର୍ଘଦିନ ପଡ଼ି ରହିଥିବା ଏଭଳି ଅର୍ଥ ଉପରେ କୌଣସି ହଡ଼ପକାରୀଙ୍କ ନଜର ପଡ଼ିଯିବା ଅସମ୍ଭବ ନୁହେଁ। ତେଣୁ ଏହାକୁ ସୁରକ୍ଷିତ ରଖିବା ପାଇଁ ଅଧିକ ସତର୍କତା ଅବଲମ୍ବନ ଜରୁରୀ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଏ ନେଇ ବିଭିନ୍ନ ନିର୍ଦ୍ଦେଶନାମାକୁ ସମୀକ୍ଷା କରି ଚଳିତ ବର୍ଷ ଜାନୁଆରୀରେ ଏକ ସମନ୍ୱିତ ସର୍କୁଲାର ଘୋଷଣା କରି ଏହାକୁ ବିଜ୍ଞପ୍ତି ଭାବେ ଜଣାଇଛନ୍ତି। ସେଗୁଡ଼ିକ ଭିତରେ ପ୍ରମୁଖ ହେଉଛି ଯେ ସର୍ବନିମ୍ନ ଲଗାତର ଭାବେ ଦୁଇବର୍ଷ ଧରି ବ୍ୟାଙ୍କ ଖାତାଧାରୀ ଯଦି କୌଣସି କାରଣବଶତଃ ଆର୍ଥିକ କାରବାର ବା ଦେଣନେଣ କରି ନ ଥାନ୍ତି ତେବେ ଏହି ବ୍ୟାଙ୍କ ଖାତାକୁ ନିଷ୍କ୍ରିୟ ବ୍ୟାଙ୍କ ଖାତା ଭାବେ ବିଚାର କରାଯିବ। ସେହିପରି କ୍ରମାଗତ ଭାବେ ଦଶ ବର୍ଷ ଧରି ଦେଣନେଣ କାରବାର ବା ଦେଣନେଣ ହେଉ ନ ଥିବା କିମ୍ବା ଜମାରାଶି ଉପରେ କୌଣସି ଦାବିଦାର ନ ଥିଲେ ତାହାକୁ ବେୱାରିସ ଧରିନିଆଯିବ। ବ୍ୟାଙ୍କଗୁଡ଼ିକ ଏହି ଜମାରାଶିକୁ ନିଜ ପାଖରେ ନ ରଖି ୨୦୧୪ ମେ' ୨୪ ତାରିଖ ନିର୍ଦ୍ଦେଶନାମା ମୁତାବକ ତାହାକୁ ରିଜର୍ଭ ବ୍ୟାଙ୍କର ଜମାକାରୀ ଶିକ୍ଷା ଓ ସଚେତନତା ଫଣ୍ଡରେ ଜମା କରିବ। ପରେ କେବେ ଯଦି ଜମାକାରୀ ବା ନ୍ୟାଯ୍ୟ ଦାବିଦାର ଆସନ୍ତି, ତେବେ ବ୍ୟାଙ୍କ ବିଧି ମୁତାବକ କେୱାଇସି ତନଖି କରି ସୁଧ ସମେତ ଏହି ଅର୍ଥରାଶି ଫେରସ୍ତ କରିବେ ଏବଂ ରିଜର୍ଭ ବ୍ୟାଙ୍କରୁ ସେତିକି ଅର୍ଥ ଫେରାଇ ଆଣିପାରିବେ। ସମସ୍ତ ନିଷ୍କ୍ରିୟ ସଞ୍ଚୟ ଜମା ଅର୍ଥର ବ୍ୟାଙ୍କିଙ୍ଗ ନିୟମ ଅନୁଯାୟୀ ଯାହା ସୁଧରାଶି ରହିଛି ଏହାକୁ ବ୍ୟାଙ୍କଗୁଡ଼ିକ ପ୍ରଦାନ କରିବେ ଓ ଏ ନେଇ ଏହାକୁ ସକ୍ରିୟ କରାଇଥିବାରୁ କୌଣସି ଅର୍ଥରାଶି ଫି'ବା ଶୁଳ୍କ ଭାବେ ଗ୍ରହଣ କରିବେ ନାହିଁ। ସେହିପରି ୧ ବର୍ଷରୁ ଊର୍ଦ୍ଧ୍ୱ କାଳ କୌଣସି ବ୍ୟାଙ୍କର ଜମାଖାତାରେ କାରବାର ନ ହୋଇଥିଲେ ବ୍ୟାଙ୍କ ପକ୍ଷରୁ ଉକ୍ତ ଜମାକାରୀଙ୍କୁ ଚିଠି କିମ୍ବା ଇ-ମେଲ୍ କିମ୍ବା ମୋବାଇଲ ବାର୍ତ୍ତା ଦ୍ୱାରା ସୂଚନା ପ୍ରଦାନ କରାଯାଇଥାଏ। ବର୍ତ୍ତମାନ ସମସ୍ତ ସରକାରୀ ସାହାଯ୍ୟପ୍ରାପ୍ତ ଅର୍ଥରାଶିର କାରବାର ପାଇଁ ବ୍ୟାଙ୍କରେ ଖାତା ବ୍ୟବସ୍ଥା ବାଧ୍ୟତାମୂଳକ ରହିବା ସହ ଏହି ଜମାଖାତାର ନିଷ୍କ୍ରିୟ ଘୋଷଣା ପାଇଁ ଦୁଇବର୍ଷ ଉପରୋକ୍ତ ନେଣଦେଣର ନିୟମ ଲାଗୁ ନ ହେବାର ବ୍ୟବସ୍ଥା ରହିଛି। ଏହା ଏକ ସ୍ୱତନ୍ତ୍ର ବ୍ୟବସ୍ଥା।

ଏଠାରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠୁଛି ଆମ୍ଭେମାନେ ଦିନକୁ ଦିନ ସଚେତନ ହେଉଛେ ଏବଂ ଆମ ବ୍ୟବସ୍ଥିତ ସେବାଗୁଡ଼ିକ ମଧ୍ୟ ପ୍ରାୟତଃ ମୋବାଇଲ ଦ୍ୱାରା ହାତପାଆନ୍ତାରେ ଅତ୍ୟନ୍ତ ସୁବିଧାଜନକ ହୋଇପାରୁଛି। ଏପରି ସ୍ଥଳେ କୌଣସି ପରିସ୍ଥିତିରେ ଯେପରି ଆମର ଆକାଉଣ୍ଟ ନିଷ୍କ୍ରିୟ ଘୋଷିତ ନ ହୁଏ ଆମ୍ଭେମାନେ ଏ ଦିଗକୁ ଦେଖିବା କଥା। କାରଣ ପ୍ରଥମତଃ ଏହା ଅବହେଳା ବଶତଃ ହୋଇଥିଲେ ମଧ୍ୟ ବାସ୍ତବ ଦୃଷ୍ଟିକୋଣରୁ ନିଷ୍କ୍ରିୟ ହେବାଦ୍ୱାରା ଅଯଥା ବ୍ୟାଙ୍କ ଉପରେ ଆମ୍ଭେମାନେ ଏକ ପ୍ରକାର ଚାପ ସୃଷ୍ଟି କରିଥାଉ। ଦ୍ୱିତୀୟତଃ ଭାରତର ଅର୍ଥନୀତି ପାଇଁ ଏହା ଏକ ଖରାପ ପ୍ରସଙ୍ଗ। ଆମ୍ଭମାନଙ୍କ ପାଇଁ ଏହି ନିଷ୍କ୍ରିୟଜନିତ କାରଣରୁ ବ୍ୟାଙ୍କରେ ଯେଉଁ ଟଙ୍କା ପଡ଼ିରହେ ଏହା ଦ୍ୱାରା ବ୍ୟାଙ୍କଗୁଡ଼ିକ ଏହାକୁ ପରିଚାଳନାଗତ କ୍ଷେତ୍ର ପାଇଁ ଅଯଥାରେ ସେମାନଙ୍କ ମୂଲ୍ୟବାନ ସମୟ ନଷ୍ଟ କରିଥାନ୍ତି। ସେହିପରି ଆମ୍ଭମାନଙ୍କ ଟଙ୍କା ପଡ଼ିରହିବା ଦ୍ୱାରା କିଛି ଲୋକଙ୍କ ମତରେ କିଛି ସୁଧରାଶି ଆମେ ପାଇଥାଉ ସତ କିନ୍ତୁ ମୂଳତଃ ଏହା ଆମର ଅର୍ଥଗତ କ୍ଷେତ୍ରରେ ସେପରି ଉଦ୍‌ଯୋଗ କାମ ପାଇଁ ଲାଗିପାରି ନ ଥାଏ। ତେବେ ଯାହାହେଉନା କାହିଁକି ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ କିନ୍ତୁ ଉପରୋକ୍ତ ବ୍ୟବସ୍ଥା ରହିଛି ବ୍ୟାଙ୍କରେ ପଡ଼ିରହିଥିବା ନିଷ୍କ୍ରିୟ ଖାତାର ଅର୍ଥରାଶିକୁ ନେଇ।

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟାଫ୍ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୯୩୭୬୫୮୩୬୨

## ଏଇ ଭାରତରେ

ଗାଁରେ ରହି କୌଣସି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଅଣାଯାଇପାରେ, ଯାହା ପ୍ରମାଣ କରି ପାରିଛନ୍ତି ବିହାରର ପ୍ରିନ୍ସ ଶୁକ୍ଲା। ସେ ଶିକ୍ଷା ଶେଷ କରି ବେଙ୍ଗାଲୁରୁରେ କାମ କରୁଥିଲେ। କୋଭିଡ୍ ମହାମାରୀ ଆସିବାରୁ ସେ କାମ ଛାଡ଼ି ତାଙ୍କ ଗାଁକୁ ଫେରି ଆସିଲେ। ଗାଁରେ କୃଷକଙ୍କ ଦୁର୍ଦ୍ଦଶା ଦେଖି ସେମାନଙ୍କୁ ସାହାଯ୍ୟ କରିବା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ତାଙ୍କ ବାପାଙ୍କଠାରୁ ୧ ଲକ୍ଷ ଟଙ୍କା ଧାର ଆଣି 'ଆଗ୍ରେଟ' ସଂସ୍ଥା ଗଠନ କରି ଗାଁର କୃଷକଙ୍କୁ ସହଯୋଗ କଲେ। ସେ ପ୍ରଥମେ କ୍ଷୁଦ୍ର କୃଷକଙ୍କୁ ଭଲ କିସମର ମଞ୍ଜି, ଜଳ ସିଞ୍ଚନର ବ୍ୟବସ୍ଥା ଏବଂ ପରିବେଶ ଉପଯୋଗୀ ସାର ଯୋଗାଇଥିଲେ। ପରେ କୃଷକମାନେ କିଭଳି ଅଧିକ ଲାଭ ପାଇବେ, ସେଥିପାଇଁ ସେ ଆଧୁନିକ କୃଷି ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ସେ ଆଗ୍ରେଟ୍ ମାଧ୍ୟମରେ ୧୦,୦୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ସାମିଲ କରିବା ସହ ଆଇଟିସି, ଗୋଦ୍‌ରେଜ ଏବଂ ପାର୍ଲେ ସହଭାଗୀଦାରି ହେବା ଫଳରେ କୃଷକମାନେ ବ୍ୟାପକ ମାର୍କେଟିଂ ବ୍ୟବସ୍ଥା ସହ ଯୋଡ଼ି ହୋଇପାରିଛନ୍ତି। ଏବେ ତାଙ୍କ କମ୍ପାନୀର କାରବାର ୨.୫ କୋଟିରେ ପହଞ୍ଚିଛି ଓ ତାହା ବୃଦ୍ଧି ପାଇବାରେ ଲାଗିଛି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୭୬

- ଆଫ୍ରିକାର ନାଇରୋବି ଓ ମୋମ୍ବାସା ମଧ୍ୟରେ ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା ଫଳରେ ଶତାଧିକ ଯାତ୍ରୀଙ୍କ ମୃତ୍ୟୁ।
- କାର୍ ଦୁର୍ଘଟଣାରେ ଢାକାସ୍ଥିତ ଲିବ୍ୟା ରାଷ୍ଟ୍ରଦୂତ ଚାର୍ଜ-ଡି-ଆଫାୟାର୍ସ ଅବଦୁଲ ଓହାବ ଏଲ୍-ଆରବୀ ନିହତ।
- ଆନ୍ଧ୍ରପ୍ରଦେଶର ବାତ୍ୟା ବିପନ୍ନମାନଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଦେଇଛନ୍ତି।

## ଚିରନ୍ତନୀ

ଭୁଲି ଗଲି ବିଶ୍ୱମୟ ଲାଗିଲା କି ପ୍ରାସ ଯେ,
ନ ବୁଝିଲି ତୁମେ କିମ୍ବା କର ଉପହାସ ହେ ।
ମୋର ସବୁ ଛନ୍ଦର ଯେ ତୁମେ ପରା ନାୟିକା,
ସବୁ ସ୍ୱର ସାଧନାର ତୁମେ ଚାରୁ ଗାୟିକା ।
ତେବେ କିମ୍ପା ଉପହାସ କର ରହି ରହି ଗୋ,
ନ ପାରଇଁ ବୁଝି କିଛି କହ ପ୍ରିୟସହୀ ଗୋ !
-(ଛନ୍ଦ ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 9 | |
| | 2 | 6 | 9 | 1 | | | 3 | |
| | | | | 2 | | | | |
| | | | | | 5 | | 8 | 3 |
| 7 | | | | 6 | | | | 4 |
| | 3 | 5 | | | 2 | | | |
| | | | 6 | 7 | 4 | | | |
| | | | | | | | 2 | 5 |
| | | 4 | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 4 | 2 | 9 | 6 | 3 | 8 | 7 |
| 9 | 2 | 8 | 1 | 3 | 7 | 4 | 6 | 5 |
| 6 | 7 | 3 | 4 | 5 | 8 | 1 | 2 | 9 |
| 4 | 8 | 6 | 9 | 7 | 1 | 2 | 5 | 3 |
| 5 | 3 | 9 | 8 | 4 | 2 | 7 | 1 | 6 |
| 2 | 1 | 7 | 5 | 6 | 3 | 9 | 4 | 8 |
| 3 | 6 | 1 | 7 | 2 | 5 | 8 | 9 | 4 |
| 7 | 9 | 2 | 6 | 8 | 4 | 5 | 3 | 1 |
| 8 | 4 | 5 | 3 | 1 | 9 | 6 | 7 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଶକ୍ତି ସଂରକ୍ଷଣ କରାଯାଉ

ମହାଶୟ,

ରାଜ୍ୟ ଜନସଂଖ୍ୟାକୁ ଦୃଷ୍ଟିରେ ଦେଖି ଶକ୍ତି ଆବଶ୍ୟକତା ପୂରଣ କରାଯାଇପାରୁନାହିଁ। ଅଥଚ ରାଜ୍ୟରେ ସରକାରୀ ହେଉ କିମ୍ବା ବେସରକାରୀ କ୍ଷେତ୍ରରେ ଶକ୍ତି ଅପଚୟ ହେବାରେ ଲାଗିଛି। ଶକ୍ତି ଅପଚୟ ନ ରୋକିଲେ ଆଗାମୀ ଦିନରେ ବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ। ଜଳବାୟୁ ପ୍ରଭାବରେ ବର୍ଷା ଓ ନଦୀ ଜଳଧାରଣ କ୍ଷମତା କମୁଥିବାରୁ ବିଦ୍ୟୁତ୍ ଉତ୍ପାଦନ ଆଗାମୀ ଦିନରେ ଚାହିଦା ପୂରଣ କରିପାରିବ ନାହିଁ। ଏଣୁ ଶକ୍ତି ସଂରକ୍ଷଣ କରିବା ସମସ୍ତଙ୍କର ଦାୟିତ୍ୱ ରହିଛି। ବିଦ୍ୟୁତ୍ ବ୍ୟବହାର ଆବଶ୍ୟକ ନ ଥିଲେ ସୁଇଚ୍ ଅଫ୍ କରିବାକୁ ଆଦୌ ଭୁଲିବା ଉଚିତ ନୁହେଁ। କିନ୍ତୁ ଦେଖାଯାଉଛି, ସରକାରୀ କର୍ମଚାରୀମାନେ ଫ୍ୟାନ୍ ଲାଇଟ୍ ଅଫ୍ ନ କରି ଚାଲିଯାଇଥାନ୍ତି। କେବଳ ଶକ୍ତି ନୁହେଁ, ଜଳାଭାବ ମଧ୍ୟ ଦେଖାଗଲାଣି। ଏଣୁ ପାଣି ନେବା ପରେ ଟ୍ୟାପକୁ ବନ୍ଦ କରିବା ଉଚିତ। ପାଣିର ଆଦୌ ଅପଚୟ କରା ନ ଯାଉ।

- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନାବାଳିକା ବଳାତ୍କାର ମାମଲା
## ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା,(ନାଳନ୍ଦି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ସେଶନ କୋର୍ଟ ପୋକ୍ସୋ କୋର୍ଟରେ ଶନିବାର ୨୦୨୧ ଫେବ୍ରୁଆରୀ ୧୨ରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଦୋଷୀ ହେଲେ ବେଟିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଶିମିଳିଡାହି ଗ୍ରାମର ରମେଶ୍ୱର ସିଂ(୨୫)।

# ନିଶା କାରବାରର ଚରାଭୂଇଁ ପାଲଟିଛି ଓଡ଼ିଶା

ଭୁବନେଶ୍ୱର,୨୯।୧୧(ତ୍ରିନାଥ ମହାନ୍ତି)

- ■୩ ବର୍ଷରେ ଜବତ ହେଲାଣି ୧୯୭ କୋଟିର ନିଶାଦ୍ରବ୍ୟ
- ■୨୬ ସରକାରୀ ଅଧିକାରୀଙ୍କ ବିରୋଧରେ ହେଲାଣି କାର୍ଯ୍ୟାନୁଷ୍ଠାନ
- ■କର୍ମଚାରୀ ଅଭାବ ଥିବା କହି ଖସିଯାଉଛି ଅବକାରୀ ବିଭାଗ

ନିଶା କାରବାରର ଚରାଭୂଇଁ ପାଲଟିଛି ଓଡ଼ିଶା। ନିଶା ମାଫିଆମାନେ ସରକାରୀ ବାବୁମାନଙ୍କୁ ଧରି ନିଶା କାରବାର କରୁଛନ୍ତି। ଏବେ ନିଶାରେ ପଞ୍ଜାବକୁ ପଛରେ ପକାଇ ଦେଉଛି ଓଡ଼ିଶା। ପ୍ରତିଦିନ ଏଠାରେ ବହୁ କୋଟି ଟଙ୍କାର ନିଶାଦ୍ରବ୍ୟ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ବିଧାନସଭାରେ ମନ୍ତ୍ରୀ ରଖିଥିବା ତଥ୍ୟ ଏବେ ଚିନ୍ତାର କାରଣ ପାଲଟିଛି। ଗତ ୩ ବର୍ଷରେ ରାଜ୍ୟରୁ ପ୍ରାୟ ୧୯୭ କୋଟି ଟଙ୍କାର ନିଶା ଦ୍ରବ୍ୟ ଜବତ ହେଲାଣି। ଏପରି କି ରାଜ୍ୟରେ ଚାଲୁଥିବା ଡ୍ରଗ୍ସ କାରବାରରେ ଖୋଦ ସରକାରୀ ଅଧିକାରୀ ସମ୍ପୃକ୍ତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୬ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥିବା ବିଧାନସଭାରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତଥ୍ୟ ରଖିଛନ୍ତି।

ରାଜ୍ୟରେ ସରକାରୀ ଅଧିକାରୀଙ୍କ ସହ ମିଶି ଚାଲିଛି ଡ୍ରଗ୍ସ କାରବାର। ୨୬ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେଣି ସରକାର। ସେମାନଙ୍କ ମଧ୍ୟରୁ ୫ ଅଧିକାରୀଙ୍କୁ ବହିଷ୍କାର କରାଯିବା ସହ ଅନ୍ୟ ୨୧ ଜଣ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହେଲେ ରାଜ୍ୟରେ ଡ୍ରଗ୍ସ କାରବାର କମୁନାହିଁ। ନିଶା କାରବାର କରୁଥିବା ଲୋକମାନେ ଓଡ଼ିଶାକୁ ଟାର୍ଗେଟ କରି ପଶ୍ଚିମବଙ୍ଗ, ବାଂଲାଦେଶୀ ଏବଂ ନେପାଳରୁ ଡ୍ରଗ୍ସ ଆସୁଛି, ଯାହାକୁ ସେବନ କରି ଯୁବପିଢ଼ି ନିଶା କବଳରେ ଆସି ଅପରାଧ ଘଟାଉଛନ୍ତି। ଗତ ୩ ବର୍ଷର ତଥ୍ୟ ଅନୁସାରେ ୨୦୨୩ରୁ ଅକ୍ଟୋବର ୨୦୨୫ ଭିତରେ ରାଜ୍ୟରେ ୧୯୭ କୋଟି ୫ ଲକ୍ଷ ଟଙ୍କାର ନିଶା ଦ୍ରବ୍ୟ ଜବତ ହେଲାଣି। ସେଥିମଧ୍ୟରେ ସବୁଠୁ ଅଧିକ ୮୯, ୭୨୩ କେଜିର ଗଞ୍ଜେଇ, ୧୭,୮୨୯ ଗ୍ରାମର ବ୍ରାଉନ୍ ସୁଗାର ଓ ୪,୦୩୬ ଲିଟର କଫ୍ ସିରପ୍ ରହିଛି। ଅନ୍ୟପଟେ ଚୋରା ନିଶା କାରବାର ରୋକିବାକୁ ତଡ଼ାଉ ଜୋରଦାର କରାଯାଉଥିଲେ ମଧ୍ୟ କର୍ମଚାରୀ ଅଭାବ ଥିବା ସଫେଇ ଦେଉଛି ଅବକାରୀ ବିଭାଗ। ଏବେ ରାଜ୍ୟରେ ୬ ଡିଏସ୍‌ପି, ୧୫ ଅବକାରୀ ଏସ୍‌ଆଇ ଏବଂ ୬୬୬ କନଷ୍ଟେବଳ ପଦବୀ ଖାଲି ପଡ଼ିଛି। ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ମନ୍ତ୍ରୀ ଲିଖିତ ଉତ୍ତରରେ କହିଛନ୍ତି। ଅପରପକ୍ଷରେ ନିଶାଦ୍ରବ୍ୟ ଚୋରା ଚାଲାଣକୁ ନେଇ ପୋଲିସ ଏବଂ ଅବକାରୀ ବିଭାଗ ଉପରେ ବିରୋଧୀ ଦୋଷ ଲଦିଛନ୍ତି।

## ପ୍ରତାରଣା କରି ମହିଳା ଡାକ୍ତରଙ୍କୁ ବିବାହ
# ଶାଶୁ, ଶ୍ୱଶୁର, ସ୍ୱାମୀଙ୍କୁ ୮ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୯।୧୧(ସତ୍ୟଜିତ ରାଉତ)

ପ୍ରତାରଣା କରି ଜଣେ ମହିଳା ଡାକ୍ତରଙ୍କୁ ବିବାହ କରିବା ମାମଲାରେ ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଶନିବାର ରାୟ ପ୍ରକାଶ କରିଛନ୍ତି। ପିଡ଼ିତାଙ୍କ ସ୍ୱାମୀ ଶୈଳେନ୍ଦ୍ର ବିଶ୍ୱାଳ, ଶ୍ୱଶୁର କୁଳମଣି ବିଶ୍ୱାଳ ଓ ଶାଶୁ ଲେଖାଶ୍ରୀ ମହାପାତ୍ରଙ୍କୁ ୮ ବର୍ଷ ଲେଖାଏଁ ଜେଲଦଣ୍ଡ ହୋଇଛି। ଏଥିସହ ସମସ୍ତଙ୍କୁ ୨୦ ହଜାର ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟରେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ କହିଛନ୍ତି।

ସୂଚନା ଅନୁଯାୟୀ, କୁଳମଣି ବିଶ୍ୱାଳ ହେଉଛନ୍ତି ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ଇଞ୍ଜିନିୟର୍ ଇନ୍ ଚିଫ୍ (ଇଆଇସି)। ୨୦୧୯ ମେ'୭ରେ ଜଣେ ମହିଳା ଡାକ୍ତରଙ୍କୁ ଶୈଳେନ୍ଦ୍ର ମିଛ କହି ବିବାହ କରିଥିଲେ। ଶୈଳେନ୍ଦ୍ର ଜଣେ ଡାକ୍ତର ବୋଲି ପରିଚୟ ଦେଇଥିଲେ। ବିବାହ ସମୟରେ ପରିବାର ଲୋକଙ୍କ ଦାବି ଅନୁଯାୟୀ ପିଡ଼ିତାଙ୍କ ପରିବାର ତରଫରୁ ବହୁ ସମ୍ପତି ଯୌତୁକ ଦିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଶାଶୁଘର ଲୋକେ ପିଡ଼ିତାଙ୍କୁ ନିର୍ଯାତନା ଦେଉଥିଲେ। ଏପରିକି କିଛି ପରେ ଶୈଳେନ୍ଦ୍ର ଡାକ୍ତର ନୁହଁନ୍ତି ବୋଲି ପିଡ଼ିତା ଜାଣିପାରିଥିଲେ। ଏନେଇ ଏୟାରପୋର୍ଟ ମହିଳା ଥାନା ୨୦୨୦ ଜାନୁଆରୀ ୧୧ରେ ମାମଲା (ନଂ.୩/୨୦୨୦)ରୁଜୁକରି ତଦନ୍ତ କରିଥିଲା। ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟ ୮ଜଣଙ୍କ ସାକ୍ଷ୍ୟ ଓ ୧୩ଟି ଦସ୍ତାବିଜକୁ ଆଧାରକରି ରାୟ ଶୁଣାଇଥିଲେ। ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ କୁମାର ମିଶ୍ର ଓ ଶୁଭଶ୍ରୀ ଜେନା ମାମଲା ପରିଚାଳନା କରୁଥିଲେ।

# ବାକି ଟଙ୍କା ନ ଦେଇ କରିଥିଲେ ଡକାୟତି

ଝାରସୁଗୁଡ଼ା,୨୯।୧୧(ଅଶିଷ ରଞ୍ଜନ ଦାଶ)

## ବ୍ୟବସାୟୀଙ୍କ ଘରୁ ଡକାୟତି ଘଟଣା: ୮ ଗିରଫ

ଝାରସୁଗୁଡ଼ା ଜିଲା ଟାଉନ୍ ଥାନା ଅଧୀନ ମନମୋହନ ସ୍କୁଲ ପଡ଼ିଆ ସମ୍ମୁଖ ବିନାୟକପୁରମ୍ କଲୋନିରେ ଗତ ୧୯ ତାରିଖରେ ଘଟିଥିବା ବଡ଼ଧରଣର ଡକାୟତି ଘଟଣାରେ ପୋଲିସ ଜଣେ ମହିଳା, ୨ ନାବାଳକଙ୍କ ସମେତ ୧୦ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବିହାର ଭୋଜପୁରର ସଞ୍ଜୟ ସିଂହ(୪୩), ଝାରସୁଗୁଡ଼ା ସଦର ଥାନା ଅଧୀନ ବଡ଼େ ଛକର ଅଶୋକ ପଣ୍ଡା(୪୮), ଝାରସୁଗୁଡ଼ାର ରଘୁନାଥ ଡିପା ଅଞ୍ଚଳର ଆକାଶ ଓରଫ ରାଧାକାନ୍ତ କର୍ଣ୍ଣ(୩୮), ଜଗତସିଂହପୁର ଜିଲା ପାରାଦୀପ ଅଞ୍ଚଳର କାହ୍ନୁଚରଣ ସ୍ୱାଇଁ(୨୫), କଟକ ଜିଲା ନେମାଳ ଅଞ୍ଚଳର ଜଗବନ୍ଧୁ ବେହେରା(୫୬), ବଲାଙ୍ଗିର ଜିଲା ପାଟଣାଗଡ଼ ଥାନା ଅଧୀନ ବଡ଼ ବାହିଯୋରି ଅଞ୍ଚଳର ଆନନ୍ଦ ରାୟ(୨୪), ଜଗତସିଂହପୁର ଜିଲା ତିର୍ତ୍ତୋଲର ଜିତେନ୍ଦ୍ର ସାହୁ(୩୦), ବଲାଙ୍ଗିର ଜିଲା ବେଲପଡ଼ାର ପିଙ୍କି ଓରଫ ସୁଶୀଳା ମେହେର(୩୦)। ଏଥିସହ ଅନ୍ୟ ୨ ଜଣ ନାବାଳକଙ୍କୁ ରାଉରକେଲାସ୍ଥିତ ଜୁଭେନାଇଲ୍ ଗୃହକୁ ପଠାଯାଇଛି। ଅଭିଯୁକ୍ତମାନଙ୍କଠାରୁ ୩୭ ଲକ୍ଷ ୨୭ ହଜାର ଟଙ୍କା, ୫୨୧ ଗ୍ରାମ୍ ସୁନା ଅଳଙ୍କାର, ୧୪.୩୨ କେଜି ରୁପା ଅଳଙ୍କାର, ୩ଟି ଦେଶୀ ବନ୍ଧୁକ, ୧୨ଟି ଗୁଳି, ୧୨ଟି ମୋବାଇଲ ଫୋନ୍, ୨ଟି କାର, ୨ଟି ସ୍କୁଟି, ଗୋଟିଏ କାର୍, ଦୁଇଟି ଛୁରି, ନକଲି ନମ୍ବର ପ୍ଲେଟ୍, ଟିଭି, ଫ୍ରିଜ୍, ହୋମ୍ ଥିଏଟର ଆଦି ଜବତ କରାଯାଇଛି ବୋଲି ଶନିବାର ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।


ଜବତ ଟଙ୍କା,ସୁନା ଅଳଙ୍କାର, କାର୍ ଏବଂ ସ୍କୁଟି।

## ଜାକେଡ଼ାରେ ଦେଶୀ ବନ୍ଧୁକ କାରଖାନା
### ୨ ଦେଶୀ ବନ୍ଧୁକ ସହ ୨ ଅଟକ

ନୟାଗଡ଼/ ରଣପୁର, ୨୯।୧୧ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ): ନୟାଗଡ଼ ଜିଲା ରଣପୁର ଥାନା ଓ ଦର୍ପନାରାୟଣପୁର ପୋଲିସ ଚୋରା ବନ୍ଧୁକ ଜବତ କରୁ କରୁ ଏକ ଦେଶୀ ବନ୍ଧୁକ କାରଖାନା ଶନିବାର ଠାବ କରିଛି। ଶରଣକୁଳ ଥାନା ଗୋପିପଡ଼ା ଫାଣ୍ଡି ଜାକେଡ଼ାରେ ସମ୍ପୃକ୍ତ କାରଖାନା ଚାଲିଥିବା ଜଣାପଡ଼ିଛି। ଏଭଳି ସ୍ଥଳେ ପୋଲିସ ୨ଟି ବନ୍ଧୁକ, କେତେକ ଉପକରଣ ଓ ଯନ୍ତ୍ରାଂଶ ଜବତ କରିବା ସହ ବାଉଁଶଗଡ଼ ଓ ଜାକେଡାର ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ଦର୍ପନାରାୟଣପୁର ଫାଣ୍ଡି ପୋଲିସ କାକଲମା ଅଞ୍ଚଳରୁ ଜଣେ ଯୁବକଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଥିଲା। ପଚରାଉଚରା ପରେ ସେ ସମ୍ପୃକ୍ତ ବନ୍ଧୁକ ଗୋପିପଡ଼ା ପାଣ୍ଡି ଜାକେଡାର ଜଣେ ବ୍ୟକ୍ତିଙ୍କଠାରୁ ଆଣିଥିବା କହିଥିଲେ। ପୋଲିସ ଜାକେଡାରେ ଚଢ଼ାଉ କରିବା ପରେ ଅନ୍ୟ ଏକ ବନ୍ଧୁକ ଜବତ କରିଥିଲା।

# କ୍ୟାପିଟାଲ ହସ୍ପିଟାଲରେ ସୁଇପରଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର, ୨୯।୧୧(ତ୍ରିନାଥ ମହାନ୍ତି)

> ସ୍ତ୍ରୀଙ୍କ ସହ ଝଗଡ଼ା ହେବାରୁ ୧୨ଦିନ ହେବ ଘରୁ ପଳାଇ ଆସିଥିଲେ

କ୍ୟାପିଟାଲ ହସ୍ପିଟାଲ ସଂଘ କାର୍ଯ୍ୟାଳୟ ଭିତରୁ ଜଣେ ସୁଇପରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳର ପରମାନନ୍ଦ ମୁଦୁଲି(୨୮)। ସେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

ସୂଚନାନୁସାରେ, ପରମାନନ୍ଦଙ୍କ ଘର ନୟାଗଡ଼ ଖଣ୍ଡପଡ଼ା ଅଞ୍ଚଳରେ ହୋଇଥିବାବେଳେ ସେ ଦୀର୍ଘ ୬ ବର୍ଷଧରି କ୍ୟାପିଟାଲ ହସ୍ପିଟାଲରେ ସୁଇପର ଭାବରେ କାର୍ଯ୍ୟରତ ଥିଲେ। ଗତ ୭ ମାସ ହେବ ଜଣେ ଯୁବତୀଙ୍କୁ ଭଲ ପାଇ ପ୍ରେମ ବିବାହ କରିଥିଲେ। ବିବାହ କିଛିଦିନ ସବୁ କିଛି ଠିକ୍‌ଠାକ୍ ଚାଲିଥିଲା। ହେଲେ ୨ମାସ ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ଗତ ୧୨ ଦିନ ହେବ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ପରମାନନ୍ଦ ଘରୁ ବାହାରି ଆସିଥିଲେ। କ୍ୟାପିଟାଲ ହସ୍ପିଟାଲରେ ରହି କାର୍ଯ୍ୟ କରୁଥିଲେ। କିନ୍ତୁ ଶନିବାର ଅପରାହ୍ନରେ ହସ୍ପିଟାଲ ମଧ୍ୟରେ ଥିବା କର୍ମଚାରୀ ସଂଘ କାର୍ଯ୍ୟାଳୟ ଭିତରୁ ତାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଥିଲା। ମାନସିକ ଚାପରେ ଆସି ପରମାନନ୍ଦ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଅପରାହ୍ନରେ ଅନ୍ୟ ସୁଇପର ସଂଘ ଘର ଭିତରକୁ ଯିବା ପରେ ପରମାନନ୍ଦଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ସେମାନେ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

ଏନେଇ ପରମାନନ୍ଦଙ୍କ ମା' କହିଛନ୍ତି, ତାଙ୍କ ବୋହୂ ପାଇଁ ତାଙ୍କ ପୁଅ ଆତ୍ମହତ୍ୟା କରିଛନ୍ତି। ସେ ସବୁବେଳେ ତାକୁ ହଇରାଣ କରୁଥିଲା। ଟଙ୍କା ନ ଦେଲେ ଥାନାରେ ମିଛ କେସ୍ କରିବାକୁ ଧମକ ଦେଉଥିଲା, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ପୁଅ ଘର ଛାଡ଼ି ପଳାଇ ଆସିଥିଲା। ଏବେ ସେ ଆତ୍ମହତ୍ୟା କରିଥିବା ଖବର ପାଇଲୁ ବୋଲି ମା' କହିଛନ୍ତି।

# ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର

## ଅଭିଯୁକ୍ତଙ୍କୁ ନୟାଗଡ଼ରୁ ଗିରଫ କଲା ପୋଲିସ

ଭୁବନେଶ୍ୱର,୨୯।୧୧(ତ୍ରିନାଥ ମହାନ୍ତି)

ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଝିଗିତି ଭୂଷଣ ସେଠୀ। ତାଙ୍କୁ ପୋଲିସ ନୟାଗଡ଼ସ୍ଥିତ ଘରୁ ଗିରଫ କରିଛି।

ସୂଚନା ଅନୁସାରେ, ରାଜଧାନୀର ଏକ କଲେଜରେ ପାଠ ପଢୁଥିବା ଜଣେ ନାବାଳିକାଙ୍କ ସହ ଝିଗିତିଙ୍କ ପରିଚୟ ହୋଇଥିଲା। ଅଭିଯୁକ୍ତ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ଏପରିକି ନାବାଳିକା ଗର୍ଭବତୀ ହେବାପରେ ତାଙ୍କୁ ଔଷଧ ଦେଇ ଗର୍ଭ ନଷ୍ଟ କରିଥିଲେ। କିନ୍ତୁ ନାବାଳିକା ବିବାହ କଥା କହିବାରୁ ଅଭିଯୁକ୍ତ ଏହାକୁ ଏଡ଼ାଇ ଚାଲିଥିଲେ। ଶେଷରେ ନାବାଳିକା ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା
# ରିମାଣ୍ଡ ସରିଲା, ଜେଲ ଗଲେ ୪ ଅଭିଯୁକ୍ତ

ଭୁବନେଶ୍ୱର, ୨୯। ୧୧(ତ୍ରିନାଥ ମହାନ୍ତି): ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ୩ ଦିନିଆ ରିମାଣ୍ଡରେ ଆସିଥିବା ୪ ମଧ୍ୟସ୍ଥଙ୍କ ରିମାଣ୍ଡ ଅବଧି ଶେଷ ହେବାପରେ ଶନିବାର ସନ୍ଧ୍ୟାରେ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ରିମାଣ୍ଡ ସମୟରେ ୪ଅଭିଯୁକ୍ତଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ ସିବିଆଇ ଭଞ୍ଜନଗର ଥାନାକୁ ଯାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛି। ଏହି ରାକେଟର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି, ପୁନା ମହାନ୍ତି, ସୁରେଶ ସମେତ ୪ଜଣଙ୍କ ଲାଏ ଡିଟେକ୍ସନ୍ ପରୀକ୍ଷା ପାଇଁ ସିବିଆଇ ସେଶାଲ ଜିଜିଲାନ୍ସ କୋର୍ଟରେ ଆବେଦନ କରିଥିବା ଜଣାପଡ଼ିଛି। କୋର୍ଟ ଅନୁମତି ଦେବା ପରେ ଜଣଙ୍କୁ ଖୋରଧା ଜେଲରୁ ନେଇ ରାଜ୍ୟ ଫୋରେନ୍‌ସିକ୍ ଲାବରେ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି।

- ■ମିଳିଲା ରାକେଟରେ ସମ୍ପୃକ୍ତ ଥିବା ଏଜାଣ୍ଟ ମଧ୍ୟସ୍ଥଙ୍କ ନାମ
- ■ଭଞ୍ଜନଗର ଥାନାକୁ ଯାଇ ଗିରଫ ପରୀକ୍ଷାର୍ଥୀଙ୍କୁ ସିବିଆଇର ଜେରା
- ■ମିଛ ଧରା ପରୀକ୍ଷା ପାଇଁ ସିବିଆଇର ଆବେଦନ

ରିମାଣ୍ଡରେ ଆସିଥିବା ଲୋକନାଥ ସାହୁ, ତଫିମ ଅହମ୍ମଦ ଖାନ, ବିଶ୍ୱଜିତ ହରିଚନ୍ଦନ ଓ ଏସଏସ୍‌ବି ଯବାନ ବିଶ୍ୱରଞ୍ଜନ ସେନାପତିଙ୍କୁ ଜେରା ବେଳେ ରାକେଟର ଥିବା ବଡ଼ ବଡ଼ ଲୋକଙ୍କ ନାମ ପଦାକୁ ଆସିଛି। ସିବିଆଇ ସେମାନଙ୍କୁ ସମନ କରିବ ବୋଲି ଜଣାପଡ଼ିଛି। ସିବିଆଇ ଅନ୍ୟ ତିନି ଉତରପ୍ରଦେଶ, କୋଲକାତା, ଦିଲ୍ଲୀ ଓ ଝାଡ଼ଖଣ୍ଡକୁ ଯାଇ ସେଠାରେ ଥିବା ମଧ୍ୟସ୍ଥଙ୍କୁ ଖୋଜୁଛି। ରାଜ୍ୟ ବାହାରେ ଥିବା ମଧ୍ୟସ୍ଥମାନେ ଆଶାୟୀମାନଙ୍କୁ ରାଜ୍ୟ ବାହାରକୁ ନେଇ ପ୍ରଶ୍ନପତ୍ର ଅଭ୍ୟାସ କରାଉଥିଲେ। ସେମାନଙ୍କୁ ସିବିଆଇ ଗିରଫ କଲେ ଅନେକ ସତ ପଦାକୁ ଆସିବ ବୋଲି କୁହାଯାଉଛି।

# ମାଂସ ବିକ୍ରି ଟଙ୍କା ନ ଦେବାରୁ ମାରିଦେଲେ ସାଙ୍ଗ

ଉଦଳା/ଗୋପବନ୍ଧୁ ନଗର,୨୯।୧୧(ସନ୍ତୋଷ କୁମାର ବାରିକ/ ଶାନ୍ତନୁ କୁମାର ମଲ୍ଲୁଆଲ)

## ଯୁବକଙ୍କୁ ଇଟାରେ ଛେଚି ହତ୍ୟା ଘଟଣା

କେଇଟା ଟଙ୍କା ପାଇଁ ବନ୍ଧୁତାକୁ ଭୁଲିଗଲେ ସାଙ୍ଗ। ଇଟାରେ ଛେଚି ସାଙ୍ଗକୁ ମାରିଦେଲେ। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ଖୁଣ୍ଟା ରାସ୍ତାରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣାର ତଦନ୍ତ ପରେ ସତ୍ୟ ସାମ୍ନାକୁ ଆସିଛି। ମୃତ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମଙ୍କ ସାଙ୍ଗ ଭୁଦୁରୁକୁଲା ଗାଁର ଅଭିଯୁକ୍ତ ମଙ୍ଗଳ ମୁର୍ମୁଙ୍କୁ ଶନିବାର ଖୁଣ୍ଟା ପୋଲିସ ଗିରଫ କରି କୋର୍ଟଚାଲାଣ କରିବା ସହ ପୂରା ଘଟଣା ଉପରୁ ପରଦା ହଟାଇଛି। ମାଂସ ବିକ୍ରି ଟଙ୍କା ନ ଦେବାରୁ ସାଙ୍ଗକୁ ହତ୍ୟା କରିଥିବା ଅଭିଯୁକ୍ତ ମଙ୍ଗଳ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ସୂଚନା ଅନୁଯାୟୀ, ଗଣେଶ ଓ ମଙ୍ଗଳ ଗୁରୁବାର ଏକ ମୃତ ଛେଳିକୁ କାଟି ମାଂସ ବିକ୍ରି କରିବା ନିମନ୍ତେ ଖୁଣ୍ଟା ସାପ୍ତାହିକ ହାଟକୁ ଯାଇଥିଲେ। ହାଟରେ ଉଭୟ ମିଶି ମାଂସ ବିକ୍ରି କରି ଫେରିବା ସମୟରେ ମଙ୍ଗଳ ଗଣେଶଙ୍କୁ ମାଂସ ବିକ୍ରି ଟଙ୍କା ମାଗିଥିଲେ। ହେଲେ ଗଣେଶ ଟଙ୍କା ନାହିଁ ବୋଲି କହିବାରୁ ବଡ଼ଖୁଣ୍ଟା ନିକଟ ରାସ୍ତାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଝଗଡ଼ା ଉଗ୍ରରୂପ ନେବାରୁ ମଙ୍ଗଳ ଏକ ଇଟା ଆଣି ଗଣେଶଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପରେ ତାଙ୍କ ପକେଟରୁ ମୋବାଇଲ ଏବଂ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଶୁକ୍ରବାର ସକାଳେ ବଡ଼ଖୁଣ୍ଟା ରାସ୍ତାପାର୍ଶ୍ୱରୁ ଗଣେଶଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରେ ପଡ଼ିଥିବା ଏକ ଗାଡ଼ି ଚାବିକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଥାନାରେ ହତ୍ୟା ମାମଲା (ନଂ. ୩୮୦/୨୫) ରୁଜୁ ହୋଇଛି।

# ମଧ୍ୟାହ୍ନଭୋଜନ ଚାଉଳ ସହ ଧରାପଡ଼ିଲେ ପ୍ରଧାନଶିକ୍ଷକ

ବଣ୍ଡା, ୨୯।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଏକ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ନିଜ କାରରେ ପ୍ରଧାନ ଶିକ୍ଷକ ନେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଛନ୍ତି। ଖବରପାଇ ପୋଲିସ ପହଞ୍ଚିବା ପରେ ଗ୍ରାମବାସୀ ଅଟକ ରଖିଥିବା କାର୍, ଚାଉଳ ଓ ପ୍ରଧାନ ଶିକ୍ଷକଙ୍କୁ ପୋଲିସକୁ ହସ୍ତାନ୍ତର କରିଛନ୍ତି।


କାର୍ ଡିକିରେ ଥିବା ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ।

## କାର୍, ୨ ବସ୍ତା ଚାଉଳ ପୋଲିସକୁ ହସ୍ତାନ୍ତର

ସୂଚନା ଅନୁଯାୟୀ, ପୂର୍ବରୁ ଉକ୍ତ ବିଦ୍ୟାଳୟରୁ କିଛି ସାମଗ୍ରୀ ଚୋରି ହୋଇଥିଲା। ଏଥିପରେ ଗ୍ରାମବାସୀ ବିଦ୍ୟାଳୟ ଉପରେ ନଜର ରଖିଥିଲେ। ଶୁକ୍ରବାର ରାତି ପ୍ରାୟ ୮ଟାରେ ପ୍ରଧାନଶିକ୍ଷକ ତାଙ୍କ କାର୍ ଯୋଗେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ (ଏକ କୁଇଣ୍ଟାଲ) ବିଦ୍ୟାଳୟରୁ ନେଉଥିବା ବେଳେ କେତେଜଣ ଯୁବକ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ତୁରନ୍ତ ଗ୍ରାମବାସୀ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ରାତିରେ ଆସିବାର କାରଣ ପଚାରିଥିଲେ। ପ୍ରଧାନଶିକ୍ଷକ କିଛି ଉତ୍ତର ନ ଦେବାରୁ ଗ୍ରାମବାସୀ ତାଙ୍କ କାର୍ ଯାଞ୍ଚ କରିଥିଲେ। ଗାଡ଼ି ଡିକିରେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଥିବା ଦେଖିବା ପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଠାକୁରଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ ଉକ୍ତ କାର୍ ଓ ଚାଉଳକୁ ହସ୍ତାନ୍ତର କରିଥିଲେ। ଏହାପରେ ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ତେବେ ଘଟଣାକୁ ଚପାଇ ଦେବା ପାଇଁ ଶିକ୍ଷା ବିଭାଗର କେତେଜଣ କର୍ମଚାରୀ ପୋଲିସ ଉପରେ ଚାପ ପକାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଠାକୁରଗଡ଼ ଥାନା ଅଧିକାରୀ ଶଶିଭୂଷଣ ବେହେରା କହିଛନ୍ତି, ପୋଲିସ କାର୍, ଚାଉଳ ସହ ପ୍ରଧାନଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅଞ୍ଚଳବାସୀ ଲିଖିତ ଅଭିଯୋଗ କଲେ ମାମଲା ରୁଜୁ କରାଯିବ। ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ଡାଉଡ଼ିଆ କହିଛନ୍ତି, ଉକ୍ତ ଘଟଣାକୁ ନେଇ ଏକ ଷ୍ଟେସନ ଡାଏରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନଶିକ୍ଷକଙ୍କ ନାମରେ ଅଭିଯୋଗ ହେଲେ ମାମଲା ରୁଜୁ କରାଯିବ।




# ୱିଣ୍ଟର ୱାର୍କଆଉଟ୍



ବର୍ଷସାରା ୱାର୍କଆଉଟ୍ କରୁଥିବା ଯୁବପିଢ଼ି ଶୀତଦିନେ ବି ନିଜର ଏହି ରୁଟିନ୍ ମେଣ୍ଟେନ୍ କରିବାକୁ ଚେଷ୍ଟା କରନ୍ତି। ହେଲେ କେବେକେବେ ଅଧିକ ଥଣ୍ଡା ତ ଆଉ କେବେ ଘନ କୁହୁଡି ସେମାନଙ୍କ ଏକ୍ସରସାଇଜ୍‌ରେ ବାଧା ସୃଷ୍ଟି କରିଥାଏ। ଏମିତିରେ କେତେକ ଦିଗ ପ୍ରତି ସଜାଗ ରହିଲେ ଏଦିନେ ବି ଠିକ୍ ଭାବେ ୱାର୍କଆଉଟ୍ କରି ନିଜ ଫିଟ୍‌ନେସ୍‌କୁ ବଜାୟ ରଖାଯାଇପାରିବ...

ବର୍ତ୍ତମାନ ଅଧିକାଂଶ ଯୁବପିଢି ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଜାଗ। ଯେଉଁଥିପାଇଁ ସେମାନେ ପ୍ରତିଦିନ ଘରେ ହେଉ ଅବା ପାର୍କ କିମ୍ବା ଜିମ୍ ଯାଇ ୱାର୍କଆଉଟ୍ କରୁଛନ୍ତି। ହେଲେ ଶୀତଦିନ ଆସିଲେ ଥଣ୍ଡା ଯୋଗୁ ଅନେକଙ୍କ ୱାର୍କଆଉଟ୍ ରୁଟିନ୍ ବାଧାପ୍ରାପ୍ତ ହୋଇଥାଏ। ହେଲେ କେତୋଟି ଦିଗ ପ୍ରତି ବିଶେଷ ଦୃଷ୍ଟିଦେଲେ ଶୀତଦିନେ ବି ସେମାନେ ନିଜ ୱାର୍କଆଉଟ୍ ରୁଟିନ୍ ମେଣ୍ଟେନ୍ ରଖିପାରିବା ସହିତ ନିଜକୁ ଫିଟ୍ ବି ରଖିପାରିବେ। ଜାଣି ରଖନ୍ତୁ ସେ ସମ୍ପର୍କରେ...

**ମର୍ନିଂୱାକ୍ ବେଳେ ରୁହନ୍ତୁ ସତର୍କ:** ପ୍ରତିଦିନ ମର୍ନିଂୱାକ୍ କରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ତେଣୁ ଅଧିକାଂଶ ଯୁବତୀଯୁବକ ମର୍ନିଂୱାକ୍ କିମ୍ବା ଜଗିଂ କରିବାକୁ ପସନ୍ଦ କରନ୍ତି। ହେଲେ ଶୀତଦିନେ ତାପମାତ୍ରା ହ୍ରାସ ହେବା କାରଣରୁ ବାୟୁମଣ୍ଡଳର ଘନତ୍ୱ ବୃଦ୍ଧି ପାଇଥାଏ। ଯେଉଁଥିପାଇଁ ଧୂଳିକଣାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଷାକ୍ତ ଉପାଦାନ ବାୟୁମଣ୍ଡଳରେ ରହିଯାଏ ଏବଂ ପ୍ରଦୂଷଣ ବୃଦ୍ଧି ପାଇଥାଏ। ବିଶେଷକରି ସକାଳ ସମୟରେ କୁହୁଡ଼ି ବା ଫଗ୍ ସହିତ ଧୂଆଁ ମିଶି ସ୍ମଗ୍ ସୃଷ୍ଟି କରିଥାଏ। ତେଣୁ ଏଦିନେ ମର୍ନିଂୱାକ୍ ସମୟରେ ନିଃଶ୍ୱାସରେ ଶରୀର ମଧ୍ୟକୁ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍, ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି ବିଷାକ୍ତ ପଦାର୍ଥ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଏ। ତେଣୁ ଏଦିନେ ସକାଳ ସମୟରେ ବାହାରେ ନ କରି ଇନ୍‌ଡୋର ୱାକିଂ, ବ୍ରିସ୍କ ୱାକିଂ କରିବା ଭଲ। ଯଦି ବାହାରେ କରୁଛନ୍ତି, ତେବେ ସୂର୍ଯ୍ୟୋଦୟର କିଛି ସମୟ ପରେ ଅର୍ଥାତ୍ କୁହୁଡ଼ି କମିବା ପରେ କରନ୍ତୁ। ମନେରଖନ୍ତୁ, ରାସ୍ତା କଡ଼ ଅପେକ୍ଷା ଅଧିକ ଗଛ ଥିବା ସ୍ଥାନ ଯେପରିକି ପାର୍କ ଆଦି ଅପେକ୍ଷାକୃତ କମ୍ ପ୍ରଦୂଷିତ ହୋଇଥିବାରୁ ୱାକିଂ ପାଇଁ ଭଲ।

**ଘରେ କରିପାରିବେ ଏକ୍ସରସାଇଜ୍:**

❖ଶୀତରେ ଯଦି ବାହାରକୁ ଯାଇ ଏକ୍ସରସାଇଜ୍ କରିବାକୁ ଇଚ୍ଛା ନ ହେଉଛି, ତେବେ ଘରେ ରହି କପାଳଭାତି, ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ ଭଳି ବିଭିନ୍ନ ଯୋଗାସନ କରିପାରିବେ। ଏହା ମଧ୍ୟ ଶରୀରକୁ ଫୂର୍ତ୍ତି ରଖିବା ଓ ଉର୍ଜା ଯୋଗାଇବା ପାଇଁ ବେଶ୍ ଉପକାରୀ।

❖ଯଦି ଶୀତରେ ଜିମ୍ ନ ଯାଇ ପାରୁଛନ୍ତି, ତେବେ ସେହି ସମୟକୁ ଶୋଇବା କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର ନ କରି ଘରେ ଏକ୍ସରସାଇଜ୍ ନିହାତି କରନ୍ତୁ। ଘରେ ଜମ୍ପିଂ ଜ୍ୟାକ୍, ପୁସ୍ ଅପ୍ସ, ୱାର୍କଆଉଟ୍, ଲଞ୍ଜେସ୍, ହାଇନିଜ୍, ବର୍ପିଜ୍ ଭଳି ଇଣ୍ଡୋର କାର୍ଡିଓ କଲେ ହେଲ୍ଥ ଏବଂ ଫିଗର ମେଣ୍ଟେନ୍ ରହିବ।

❖ଅଧିକ ଶୀତରେ ବାହାରକୁ ପାର୍କ କିମ୍ବା ଜିମ୍ ନ ଯାଇପାରିଲେ ଘରେ କରିବା ଲାଗି ଏକ ଭଲ ଏକ୍ସରସାଇଜ୍ ହେଉଛି ଏରୋବିକ୍ସ ଏବଂ ଜୁମ୍ବା। ଟିଭି କିମ୍ବା ୟୁଟ୍ୟୁବ୍‌ରେ କୌଣସି ଟ୍ରେନରଙ୍କ ଭିଡିଓ ଦେଖି ମ୍ୟୁଜିକ୍ ତାଳେ ତାଳେ ଏହି ଡ୍ୟାନ୍ସ ଏକ୍ସରସାଇଜ୍ କରିପାରିବେ। ଏହାଦ୍ୱାରା କ୍ୟାଲୋରି ବର୍ନ ହେବା ସହ ଦିନସାରା ଆକ୍ଟିଭ୍ ଫିଲ୍ କରିପାରିବେ।

❖ଯଦି ଶୀତରେ ଅନ୍ୟ ଏକ୍ସରସାଇଜ୍ କରି ନ ପାରୁଛନ୍ତି ତେବେ ସ୍କିପିଂ କରିପାରିବେ। ଏହା ମଧ୍ୟ କ୍ୟାଲୋରୀ ବର୍ନ କରିବା ସହ ବଡିକୁ ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରଖିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ ଏବଂ ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ।







**ଜାଣିରଖନ୍ତୁ:**

❖ଶୀତଦିନେ ପରିବେଶ ତାପମାତ୍ରା ସହିତ ଶରୀରର ତାପମାତ୍ରା ମଧ୍ୟ କମ୍ ଥାଏ। ତେଣୁ ହଠାତ୍ ଏକ୍ସରସାଇଜ୍ ଆରମ୍ଭ କରିବା ମାତ୍ରେ ଶରୀରର ତାପମାତ୍ରା ବଢ଼ିଯାଏ। ଫଳରେ କେତେକ କ୍ଷେତ୍ରରେ ଶରୀର ଥଣ୍ଡାରୁ ଗରମ ହୋଇଯିବା ବା ତାପମାତ୍ରା ଅସନ୍ତୁଳନ ହୋଇଯିବା ଯୋଗୁ ବ୍ଲଡ୍ ସର୍କୁଲେଶନ୍ ବାଧାପ୍ରାପ୍ତ ହୁଏ, ଅକ୍ସିଜେନ୍ ମାତ୍ରା ପ୍ରଭାବିତ ହୁଏ ଏବଂ ହାର୍ଟ ଉପରେ ଚାପ ପଡ଼ିଥାଏ। ଫଳରେ ବିଭିନ୍ନ ଶାରୀରିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏକ୍ସରସାଇଜ୍ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ୱାର୍ମଅପ୍ କରି ଶରୀରର ତାପମାତ୍ରା ନର୍ମାଲ୍ ବା ରୁମ୍ ଟେମ୍ପରେଚରକୁ ଆଣନ୍ତୁ। ଏହାପରେ ଏକ୍ସରସାଇଜ୍ କରିବା ନିରାପଦ।

❖ଏଦିନେ ବାହାରକୁ ୱାକିଂ କିମ୍ବା ଏକ୍ସରସାଇଜ ପାଇଁ ଯାଉଥିଲେ ଫୁଲ୍ ୱିଣ୍ଟର ଡ୍ରେସ୍ ପିନ୍ଧିବା ସହ କାନ ଘୋଡାଇ ରଖିବା ଲାଗି କ୍ୟାପ୍ କିମ୍ବା ଇୟର ମଫ୍ ବ୍ୟବହାର କରନ୍ତୁ।

❖ବର୍ଷସାରା ଯେପରି ୱାର୍କଆଉଟ୍ ବେଳେ ଖାଦ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ, ଶୀତରେ ମଧ୍ୟ ସେହିପରି ଖାଦ୍ୟକୁ ଅଧିକ ଗୁରୁତ୍ୱ ଦେବା ଜରୁରୀ। ତା'ଛଡା ଏଦିନେ ପାଣିପାଗ ପରିବର୍ତ୍ତନ ସାଙ୍ଗକୁ ପ୍ରଦୂଷଣ ହେତୁ ଅଧିକାଂଶଙ୍କଠାରେ ଥଣ୍ଡା, ଜ୍ୱର, କାଶ ଭଳି ସିଜିଓନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡର ସମସ୍ୟା ଦେଖାଦିଏ। ତେଣୁ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ନିଜକୁ ଫିଟ୍ ରଖିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ। ଏଦିନେ ତଟକା ପନିପରିବା, ଫଳ ଅଧିକ ଖାଆନ୍ତୁ।

❖ଯଦି ଶୀତଦିନେ ରେଗୁଲାର୍ ଘରେ ହେଉ ଅବା ଜିମ୍ ଯାଇ ୱାର୍କଆଉଟ୍, ୱେଟ୍ ଟ୍ରେନିଂ ଆଦି କରୁଛନ୍ତି, ତେବେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କାରଣ ଏଦିନେ ଶରୀର ଖୁବ୍ ଶୀଘ୍ର ଡିହାଇଡ୍ରେଟ୍ ହୋଇଯାଏ। ତା'ଛଡା ଏଦିନେ ଶୋଷ କମ୍ ଲାଗିବା ସହ ଅଧିକ ପରିସ୍ରା ଲାଗିଥାଏ। ଏମିତିରେ ଏକ୍ସରସାଇଜ୍ କରିବା ଯୋଗୁ ଝାଳ ବାହାରିଲେ ଶରୀରରୁ ଖୁବ୍‌ଶୀଘ୍ର ଜଳୀୟାଂଶ କମିଯାଏ, ଯଦ୍ଦ୍ୱାରା ଦୁର୍ବଳ ଲାଗିବା ଭଳି ସମସ୍ୟା ଉପୁଜିପାରେ। ତେଣୁ ଅଧିକ ପାଣି ପିଇବା ସହ ଜୁସ୍, ପଇଡ ପାଣି ଆଦି ପିଇବା ବି ଭଲ।

❖ଶୀତଦିନେ ଜିମ୍ ଯାଉଥିଲେ ୱାର୍କଆଉଟ୍ କରିବାର ତୁରନ୍ତ ପରେ ବାହାରକୁ ନ ବାହାରି କିଛି ସମୟ ବସିବା ପରେ ବାହାରନ୍ତୁ। କାରଣ ୱାର୍କଆଉଟ୍ ପରେ ଶରୀରର ତାପମାତ୍ରା ଗରମ ଥାଏ। ଏ ସମୟରେ ବାହାରେ ଥଣ୍ଡା ଥିବାରୁ ହଠାତ୍ ବାହାରିପଡ଼ିଲେ ତାପମାତ୍ରା ସହ ବ୍ଲଡ୍ ସର୍କୁଲେଶନ୍‌ରେ ଅସନ୍ତୁଳନ ଦେଖାଦେବା କାରଣରୁ ଦେହ ଖରାପ ହୋଇପାରେ।





## ଏ ସପ୍ତାହର ପ୍ରଶ୍ନ ?

୧- ଭାରତ-ଶ୍ରୀଲଙ୍କା ସଂସ୍କୃତ ମହୋତ୍ସବ ୨୦୨୫ .......... ଠାରେ ଅନୁଷ୍ଠିତ ହୋଇଯାଇଛି ?
୨- ଆମେରିକା ଏବଂ ............. ଦୁଇ ଦେଶ ମିଳିତ ଭାବେ ଓମେନ୍ ଡ୍ରୋନ୍ ନିର୍ମାଣ କରିଛନ୍ତି ?
୩- ମରମ ଜନଜାତି ମୁଖ୍ୟତଃ .......... ରାଜ୍ୟରେ ବସବାସ କରନ୍ତି ?
୪- ଇ-ଜାଗୃତି ପ୍ଲାଟ୍‌ଫର୍ମ ମିନିଷ୍ଟ୍ରି ଅଫ୍ .............. ପକ୍ଷରୁ ଆରମ୍ଭ କରାଯାଉଛି ?
୫- ସାକୁରାଜିମା ଭଲ୍‌କାନୋ ............ ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ କୋଅପରେଟିଭ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍
୨ ଭାରତ ମହାସାଗର
୩ ଚାଇନା
୪ କ୍ରିକେଟ୍
୫ ନ୍ୟାଶନାଲ୍ ମିସନ୍ ଫର୍ କ୍ଲିନ୍ ଗଙ୍ଗା

## ଉତ୍ତରଦାତା



ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ



ଶେଖ୍ ଅମିନୁଲ୍ ଇରଫାନ୍, ଢେଙ୍କାନାଳ

## ଟପ୍ ଟେନ୍ ୧୦

**ସର୍ବାଧିକ ସବ୍‌ସ୍କ୍ରାଇବର୍ ଥିବା ୟୁଟ୍ୟୁବ ଚ୍ୟାନେଲ୍-୨୦୨୫**

| | |
|---|---|
| ୧ . ମିଷ୍ଟର ବିଷ୍ଟ | ୪୫୨ ମିଲିଅନ୍ |
| ୨. ଟି-ସିରିଜ୍ | ୩୦୭ ମିଲିଅନ୍ |
| ୩. କୋକୋମେଲନ୍- ନର୍ସରୀ ରାଇମ୍ସ | ୧୯୮ ମିଲିଅନ୍ |
| ୪. ସେଟ୍ ଇଣ୍ଡିଆ | ୧୮୭ ମିଲିଅନ୍ |
| ୫. ଭ୍ଲାଡ୍ ଆଣ୍ଡ ନିକି | ୧୪୭ ମିଲିଅନ୍ |
| ୬. କିଡ୍ସ ଡିଆନା ଶୋ | ୧୩୭ ମିଲିଅନ୍ |
| ୮. ଷ୍ଟକ୍ସ ଟ୍ୱିନ୍ସ | ୧୩୨ ମିଲିଅନ୍ |
| ୯. କିମ୍ପ୍ରୋ | ୧୨୩ ମିଲିଅନ୍ |
| ୧୦. ଜୀ ମ୍ୟୁଜିକ୍ କମ୍ପାନୀ | ୧୨୧ ମିଲିଅନ୍ |

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ୟୁଥ୍ ଆଲର୍ଟ

# ଚିନାବାଦାମ ଖାଉଥିଲେ...

ଚିନାବାଦାମରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଭରି ରହିଥିବାରୁ ଏହାକୁ ପାୱାର ଫୁଡ୍ ବୋଲି କୁହାଯାଏ। ହେଲେ ଏହାକୁ ଖାଇବା ବେଳେ କେତୋଟି ଦିଗ ପ୍ରତି ଅଣଦେଖା କଲେ ଏହାର ସମ୍ପୂର୍ଣ୍ଣ ଲାଭ ପାଇବା ପରିବର୍ତ୍ତେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...

➔ଚିନାବାଦାମରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ହେଲ୍‌ଦି ଫ୍ୟାଟ୍, ଭିଟାମିନ୍ ଇ, ଭିଟାମିନ୍ ବି, ମ୍ୟାଗ୍ନେସିୟମ, ଫସ୍‌ଫରସ୍, କ୍ୟାଲ୍‌ସିୟମ, ସୋଡିୟମ ଭରି ରହିଛି, ଯାହାକି ଶରୀରକୁ ସୁସ୍ଥ ରଖିବା ଲାଗି ବେଶ୍ ଉପକାରୀ। ବିଶେଷକରି ଶୀତଦିନେ ଏହାକୁ ଖାଇଲେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ହେଲେ ଏହାକୁ ଖାଇବା ପରେ ତୁରନ୍ତ ପାଣି ପିଇବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ଶ୍ୱାସନଳୀ ଏବଂ ପେଟରେ ବିଭିନ୍ନ ସମସ୍ୟା ଦେଖାଦେଇପାରେ।

➔ଚିନାବାଦାମରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି, ଯାହାକି ମସ୍ତିଷ୍କର କାର୍ଯ୍ୟକ୍ଷମତା ବୃଦ୍ଧି କରିଥାଏ। ହେଲେ ଏହାକୁ ଦିନ,ରାତି ଯେକୌଣସି ସମୟରେ ନ ଖାଇ ଏକ ନିର୍ଦ୍ଦିଷ୍ଟ ସମୟରେ ଖାଇବା ଆବଶ୍ୟକ। କାରଣ ସନ୍ଧ୍ୟା ପରେ କିମ୍ବା ରାତିରେ ଏହାକୁ ଖାଇଲେ ବଦହଜମି, ଗ୍ୟାସ୍, ଏସିଡିଟି ଭଳି ବିଭିନ୍ନ ସମସ୍ୟା ଉପୁଜିଥାଏ। ତେଣୁ ବାଦାମ ଖାଇବା ଲାଗି ସର୍ବଦା ସକାଳ ସମୟ ସବୁଠୁ ଭଲ।

➔ପାଟିକୁ ସ୍ୱାଦିଷ୍ଟ ଲାଗୁଥିବାରୁ ଅନେକେ ବାଦାମ ଛାଣି କିମ୍ବା ପକୋଡ଼ା କରି ଖାଇଥାନ୍ତି। ହେଲେ ଏହାଦ୍ୱାରା ମଧ୍ୟ ଗ୍ୟାସ୍ ଏସିଡିଟି ଭଳି ସମସ୍ୟା ଦେଖାଦିଏ। ଏହା ବଦଳରେ ବାଦାମକୁ ଭାଜି, ସିଝାଇ ଖାଇଲେ ଭଲ। ତେବେ ବାଦାମକୁ ରାତିରେ ଭିଜାଇ ସକାଳୁ ଖାଇଲେ ଏଥିରେ ଥିବା ସମସ୍ତ ପୋଷାକ ତତ୍ତ୍ୱ ଶରୀରକୁ ମିଳିଥାଏ।



➔ପ୍ରତିଦିନ ଅଧିକ ପରିମାଣରେ ବାଦାମ ଖାଇବା ମେଦବହୁଳତାର କାରଣ ସାଜିପାରେ। ତେଣୁ ଅଳ୍ପ ପରିମାଣର ବାଦାମ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ।

## ଜାଣନ୍ତୁ ଦୁନିଆ

# ଭାରତର ହଣ୍ଟେଡ୍ ରେଲୱେ ଷ୍ଟେଶନ୍

ଭାରତରେ ଏଭଳି ଅନେକ ସ୍ଥାନ ରହିଛି, ଯେଉଁଠି ଭୂତ ପ୍ରେତ ଥିବା କଥା ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଭୂତିରୁ ଜଣାପଡ଼େ। ତେବେ ଜାଣନ୍ତୁ ସେହିଭଳି କେତେକ ହଣ୍ଟେଡ୍ ରେଲ୍‌ୱେ ଷ୍ଟେଶନ୍ ସମ୍ପର୍କରେ, ଯେଉଁଠାକୁ ଭୂତ ଭୟରେ ସନ୍ଧ୍ୟା ପରେ ଯାତ୍ରୀମାନେ ଯିବାକୁ ଭୟ କରିଥା'ନ୍ତି ...



**ରବୀନ୍ଦ୍ର ସରୋବର ମେଟ୍ରୋ ଷ୍ଟେଶନ୍, ପଶ୍ଚିମବଙ୍ଗ:** କଲିକତାସ୍ଥିତ ଏହି ଷ୍ଟେଶନ୍‌ରେ ପ୍ରତିଦିନ ବହୁସଂଖ୍ୟାରେ ଯାତ୍ରୀ ଯାତାୟାତ କରିଥାନ୍ତି। ହେଲେ ରାତି ୧୦.୩୦ରେ ଶେଷ ଟ୍ରେନ୍ ଯିବାପରେ ଏଠାକୁ ଯିବା ପାଇଁ ଯାତ୍ରୀଙ୍କୁ ଭୟ ଲାଗିଥାଏ। କାରଣ ଏଠାରେ ଅନ୍ଧାର ରାତିରେ ଭୂତ ବୁଲୁଥିବା, ଟ୍ରେନ୍‌ଲାଇନ୍ ଉପରେ ଠିଆ ହୋଇଥିବାର କେତେଜଣ ଦେଖିଥିବା ଦାବି କରନ୍ତି।

**ଦ୍ୱାରକା ସେକ୍ଟର ୯ ମେଟ୍ରୋ ଷ୍ଟେଶନ, ଦିଲ୍ଲୀ:** ଏଠାରେ ରାତି ସମୟରେ ଟ୍ରେନ୍ ଚାଲିଯିବା ପରେ ଏହା ପଛେ ପଛେ ଏକ ମହିଳା ଚାଲୁଥିବା ଦୃଶ୍ୟ ଅନେକେ ଦେଖିଥିବା ପ୍ରକାଶ କରନ୍ତି। କେତେକ ଯାତ୍ରୀଙ୍କର ସେଠାରେ କିଛି ଅଦୃଶ୍ୟ ଶକ୍ତି ସେମାନଙ୍କୁ ଶବ୍ଦ କରି ଡାକିବା, ଚାପୁଡ଼ା ମାରିବା ଭଳି ଅନୁଭୂତି ମଧ୍ୟ ରହିଛି। ଏମିତିକି ଏଭଳି ଘଟଣା ଯୋଗୁ ଭୟରେ ସେଠାରେ କେତେ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇସାରିଛି। ତେଣୁ ରାତିରେ ଜନଗହଳି କମିବା ପରେ ସେଠାକୁ କେହି ଯିବା ପାଇଁ ଭୟ କରନ୍ତି।

**ନୈନୀ ରେଲ୍‌ୱେ ଷ୍ଟେଶନ୍, ଉତ୍ତରପ୍ରଦେଶ:** ଏହି ରେଲ୍‌ୱେ ଷ୍ଟେଶନ୍ ଉତ୍ତରପ୍ରଦେଶ ରାଜ୍ୟର ପ୍ରୟାଗରାଜ ଜିଲାରେ ଅବସ୍ଥିତ। ଏଠାରେ ରାତିରେ ରେଲ୍‌ୱେ ଟ୍ରାକ୍ ଉପରେ ବିଭିନ୍ନ ପ୍ରକାରର ଅଦ୍ଭୁତ ଜିନିଷ ଏବଂ ଦୃଶ୍ୟ ଦେଖିବାର ନଜିର ରହିଛି। କୁହାଯାଏ, ଷ୍ଟେଶନ୍‌ଠୁ ଅଳ୍ପ ଦୂରରେ ଥିବା ନୈନୀ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବନ୍ଦୀ କରି ରଖାଯାଇଥିଲା ଏବଂ ବହୁ ଅତ୍ୟାଚାର କରାଯାଉଥିଲା। ପରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଆଉ ସେମାନଙ୍କ ଅତୃପ୍ତ ଆତ୍ମା ସେହିଠାରେ ହିଁ ରହିଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସେଠାରେ ସେହି ଆତ୍ମାଗୁଡ଼ିକର ଉପସ୍ଥିତି ଅନୁଭବ କରାଯାଇଥାଏ, ହେଲେ ସେମାନେ କାହାର କ୍ଷତି ପହଞ୍ଚାଇ ନ ଥାନ୍ତି।



**ଏମ୍‌ଜି ରୋଡ଼ ମେଟ୍ରୋ ଷ୍ଟେଶନ୍, ଗୁରୁଗାଓଁ:** ଏହାକୁ ଭାରତର ସବୁଠୁ ପୁରୁଣା ହଣ୍ଟେଡ୍ ରେଲ୍‌ୱେ ଷ୍ଟେଶନ୍ ବୋଲି କୁହାଯାଏ। ଏଠାରେ ରାତି ସମୟରେ ଯାତ୍ରୀମାନେ ବିଭିନ୍ନ ପ୍ରକାରର ଅସାଧାରଣ ଗତିବିଧି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେଠାରେ ଜଣେ ୪୦ ବର୍ଷୀୟା ମହିଳାଯାତ୍ରୀଙ୍କ ଛୁଆ ହଜିଯାଇଥିଲା ଏବଂ ସେ ତାକୁ ଖୋଜୁ ଖୋଜୁ ରେଲ୍ ଟ୍ରାକ୍‌ରେ ପଡ଼ିଯାଇଥିଲେ। ଟ୍ରେନ୍ ଚଢ଼ିଯିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଉ ସେବେଠୁ ତାଙ୍କର ଅତୃପ୍ତ ଆତ୍ମା ସେଠାରେ ଘୂରି ବୁଲୁଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏ ପର୍ଯ୍ୟନ୍ତ ଅନେକ ଯାତ୍ରୀ ସେହି ସ୍ତ୍ରୀ ଲୋକ ମୁକୁଳା କେଶରେ ବୁଲୁଥିବାର ଭୂତ ସେଠାରେ ଦେଖିଛନ୍ତି, ଯାହାକି କେବଳ ମେଟ୍ରୋ ଟ୍ରେନ୍‌ର ଦର୍ପଣ କିମ୍ବା ଗ୍ଲାସ୍‌ରେ ଦେଖାଯାଇଥାଏ।

**୪,୧୪୫ ମନ୍ଦିରକୁ ଅଢେଇ କୋଟି ବଢ଼ିଲା ଅନୁଦାନ**

ଭୁବନେଶ୍ୱର, (ସୁନାତ୍ ମିଶ୍ର): ବିଧାନସଭାରେ ଶୀତ ଅଧିବେଶନର ତୃତୀୟ ଦିବସରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ସରକାର ୪,୧୪୫ ମନ୍ଦିରକୁ ଆର୍ଥିକ ଅନୁଦାନ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହା ୫ କୋଟି ଟଙ୍କା ଥିବାବେଳେ ଏବେ ଏହାକୁ ସାଢ଼େ ୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ପୂର୍ବାପେକ୍ଷା ଅଢ଼େଇ କୋଟି ଟଙ୍କା ଆର୍ଥିକ ଅନୁଦାନ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏବେ ଦେବୋତ୍ତର ବିଭାଗ ଅଧୀନରେ ରାଜ୍ୟରେ ୧୮ ହଜାରରୁ ଅଧିକ ମନ୍ଦିର ରହିଥିବା ମନ୍ତ୍ରୀ କହିଛନ୍ତି।



# ଦିଲ୍ଲୀ ବିସ୍ଫୋରଣ: ଉତ୍ତରାଖଣ୍ଡରୁ ଇମାମ ଗିରଫ

ହଲଦ୍ୱାନି,୨୯।୧୧

ଦିଲ୍ଲୀ ବିସ୍ଫୋରଣ ତଦନ୍ତ ନୂଆ ମୋଡ଼ ନେଇଛି। ଦିଲ୍ଲୀ ପୋଲିସ ଉତ୍ତରାଖଣ୍ଡର ହଲଦ୍ୱାନିରୁ ଜଣେ ସ୍ଥାନୀୟ ଧର୍ମଗୁରୁ ମୌଲାନା ମହମ୍ମଦ ଅସିମ୍ କାସ୍ମିଙ୍କୁ ଶନିବାର ଗିରଫ କରିଛି। ବିସ୍ଫୋରଣ ପଛରେ ତାଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ସନ୍ଦିଗ୍ଧ ଆତଙ୍କବାଦୀ ଉମରଙ୍କ ମୋବାଇଲ୍ ଫୋନ୍ କଲ୍ ରେକର୍ଡ ଏବଂ ଗୁରୁତ୍ୱପୂର୍ଣ୍ଣ ଡେଟାକୁ ଯାଞ୍ଚ କରିବା ପରେ ମୌଲାନା ସନ୍ଦେହ ଘେରକୁ ଆସିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ମୁସଲମାନ ବହୁଳ ବନଭୁଲପୁରାରେ ଚଡ଼ାଉ କରି ବିଲାଲି ମସ୍ଜିଦର ଇମାମ କାସ୍ମିଙ୍କୁ ଗିରଫ କରିବା ପରେ ଅଧିକ ଜେରା ପାଇଁ ଦିଲ୍ଲୀ ଆଣିଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖ ସନ୍ଧ୍ୟାରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଆତ୍ମଘାତୀ ବିସ୍ଫୋରଣରେ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ।

# ମଣିପୁର ହିଂସା ବିସ୍ଥାପିତଙ୍କ ସହ ସୁରକ୍ଷା ବଳର ସଂଘର୍ଷ

ଇମ୍ଫାଲ,୨୯।୧୧

ମଣିପୁର ହିଂସାବେଳେ ବିସ୍ଥାପିତ ହୋଇଥିବା ଅନେକ ଲୋକ ସେମାନଙ୍କ ଘରକୁ ଫେରିବାକୁ ଚାହୁଁଥିବାବେଳେ ଶନିବାର ଇମ୍ଫାଲ ଇଷ୍ଟ ଜିଲାରେ ସୁରକ୍ଷାବଳ ସହ ସେମାନଙ୍କର ସଂଘର୍ଷ ହୋଇଛି। ୨୦୨୩ ମେ'ରେ ମଣିପୁରରେ ଜାତିଆଣ ହିଂସାକାଣ୍ଡ ଆରମ୍ଭ ହେବାରୁ ଅନେକ ହଜାର ଲୋକ ଘରଦ୍ୱାର ଛାଡ଼ି ବିଭିନ୍ନ ରିଲିଫ୍ କ୍ୟାମ୍ପରେ ରହିଥିଲେ। ସେମାନେ ଶନିବାର ଗ୍ୱାଲ୍ତାବିରେ ଥିବା ସେମାନଙ୍କ ଘରକୁ ଫେରୁଥିବାବେଳେ ୟାଇଙ୍ଗାଙ୍ଗ୍‌ପୋକ୍‌ପିଠାରେ ସୁରକ୍ଷାବଳ ସେମାନଙ୍କୁ ଅଟକାଇଥିଲା। ଉତ୍ତେଜନା ସୃଷ୍ଟି ହେବାରୁ ଲୋକଙ୍କୁ ଘଉଡ଼ାଇବା ପାଇଁ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରିଥିବା ସରକାର କହୁଛନ୍ତି। ତେବେ ଆମକୁ ଘରକୁ ଫେରିବା ପାଇଁ ଅନୁମତି ମିଳୁନାହିଁ କାହିଁକି ବୋଲି ଏସ୍. ଇବେମ୍ଚା ଦେବୀ ପ୍ରଶ୍ନ କରିଛନ୍ତି। ଗତ ୨୧ ତାରିଖ ସଙ୍ଗାଇ ଉତ୍ସବ ସମୟରୁ ବିସ୍ଥାପିତ ଲୋକଙ୍କ ସହ ସୁରକ୍ଷା ବଳର ଏକାଧିକ ଥର ସଂଘର୍ଷ ଘଟିଲାଣି।

# ଦିଲୀପଙ୍କୁ ମିଳିଲା ଜାତୀୟ ଗୋପାଳରତ୍ନ ପୁରସ୍କାର

ଛେଣ୍ଡିପଦା,୨୯।୧୧(ଅଜିତ ଧଳ)

କେନ୍ଦ୍ର ସରକାରଙ୍କ ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଗୋପାଳରତ୍ନ ପୁରସ୍କାର ଗତ ୨୬ ତାରିଖରେ ପ୍ରଦାନ କରାଯାଇଛି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରି ଗ୍ରାମର ଦିଲୀପ ପ୍ରଧାନ ଏକମାତ୍ର ଓଡ଼ିଆ ଭାବେ ଏହି ଜାତୀୟ ପୁରସ୍କାର ପାଇଛନ୍ତି। ପୁରସ୍କାର ସହ ଦିଲୀପ ଛେଣ୍ଡିପଦାରେ ପହଞ୍ଚିବା ପରେ ଶନିବାର ଅଞ୍ଚଳବାସୀ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଦିଲୀପ ଗତ ୧୪ ବର୍ଷ ଧରି ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଏନ୍‌ଜିଓ ବାଏଫ୍‌ରେ ଗାଈଙ୍କ କୃତ୍ରିମ ପ୍ରଜନନ ଟେକ୍ନିସିଆନ ଭାବେ କାମ କରୁଛନ୍ତି। ଏଥିସହ ପାତ୍ରପଡ଼ା ଗୋ ବିକାଶ କେନ୍ଦ୍ରର କାର୍ଯ୍ୟରତ ଅଛନ୍ତି। ସେ ସ୍ଥାନୀୟ ୧୮ଟି ଗାଁରେ ଗାଈଙ୍କ କୃତ୍ରିମ ପ୍ରଜନନ, ଗର୍ଭ ପରୀକ୍ଷା, ବାଛୁରି ପାଳନ, ଛେଳି କୃତ୍ରିମ ପ୍ରଜନନ କାର୍ଯ୍ୟ କରୁଛନ୍ତି। ଗତ ୩ ବର୍ଷ ମଧ୍ୟରେ ଦିଲୀପଙ୍କ ଆକ୍ଲାନ୍ତ ପରିଶ୍ରମ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଗୋ ସଂଖ୍ୟା ବୃଦ୍ଧି ହୋଇପାରିଛି। ଏହି ପୁରସ୍କାର ପାଇଁ ଦିଲୀପ ଟାଙ୍ଗିରି ଗ୍ରାମବାସୀ, ଅନୁଗୋଳ ପ୍ରାଣୀଧନ ଚିକିତ୍ସା ଅଧିକାରୀ, ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଏବଂ ବାଏଫ୍‌ର ଜିଲା ଯୋଜନା ଅଧିକାରୀଙ୍କ ସହଯୋଗକୁ ଶ୍ରେୟ ଦେଇଛନ୍ତି। ପୁରସ୍କାର ପାଇବା ପରେ ଦିଲୀପଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସରପଞ୍ଚ ଅମରେଶ ନାଥ ଶୁଭେଚ୍ଛା ଜଣାଇଛନ୍ତି। ଟାଙ୍ଗିରି ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଦିଲୀପଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ସମିତି ସଭ୍ୟ ମହେଶ୍ୱର ପ୍ରଧାନ, ଦୟାନିଧି ବେହେରା, ରାକେଶ କୁମାର ନାଥ, ପପୁନ ସାହୁ, ବିପିନ ନାଥଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।



ଜାତୀୟ ପୁରସ୍କାର ପାଇଥିବା ଦିଲୀପଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ନକଲି କମ୍ପାନୀ କରି ୯୦ କୋଟି ଟ୍ୟାକ୍ସ ଠକେଇ

## ଛତିଶଗଡ଼ରୁ ୨ ଗିରଫ, ଜଣେ ଫେରାର

ରାଉରକେଲା, ୨୯।୧୧(ସଙ୍ଗୀତା ଜେନା)

ନକଲି କମ୍ପାନୀ କରି ୯୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟ୍ୟାକ୍ସ ଠକେଇ ଅଭିଯୋଗରେ ରାଉରକେଲା ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ଜିଏସ୍‌ଟି ଇଣ୍ଟେଲିଜେନ୍ସ (ଡିଜିଜିଆଇ)ର ଏକ ଟିମ୍ ଛତିଶଗଡ଼ ରାଜ୍ୟ ରାୟପୁରରୁ ୨ ଯୁବକଙ୍କୁ ଶୁକ୍ରବାର ଗିରଫ କରି ରାଉରକେଲା ଆଣିଛି। ଗିରଫ ଅଭିଯୁକ୍ତ ହେଲେ ଆବେଶ ଅଗ୍ରୱାଲ ଏବଂ ଅମନ ସିଂଘାନିଆ। ଉଭୟଙ୍କଠାରୁ ଡିଜିଟାଲ ରେକର୍ଡ, ବୋଗସ୍ ଇନ୍‌ଭଏସ୍ ଆଦି ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟରେ ହାଜର କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ରାଉରକେଲା ଡିଜିଆଇ ପକ୍ଷରୁ ଶନିବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଓଡ଼ିଶା ଏବଂ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଆଧାର ଓ ପ୍ୟାନ୍‌କାର୍ଡରେ ବହୁ ନକଲି କମ୍ପାନୀ କରିଥିଲେ। ବିନା କାରବାରରେ ଏହି କମ୍ପାନୀ ନାଁରେ କୋଟି କୋଟି ଟଙ୍କା ଦେଣନେଣ କରାଯାଇଥିଲା। ବିନା କୌଣସି ସାମଗ୍ରୀ ଯୋଗାଣରେ ବିଲ୍ ପ୍ରସ୍ତୁତ କରାଯାଇଥିଲା। ଏହି କମ୍ପାନୀରେ ପୂର୍ବରୁ ଡିଜିଜିଆଇ ପକ୍ଷରୁ ବାରମ୍ବାର ଚଡ଼ାଉ କରାଯାଇଥିଲେ ମଧ୍ୟ କୌଣସି ସୁରାକ୍ ମିଳି ନ ଥିଲା। ଗୁରୁବାର ଡିଜିଆଇ ଟିମ୍ ଉଭୟଙ୍କୁ ଛତିଶଗଡ଼ରୁ ଗିରଫ କରି ପଚରାଉଚରା କରିବା ପରେ ସତ ପଦାକୁ ଆସିଥିଲା। ସେହିପରି ବରମକେଲାର ଜଣେ ବ୍ୟବସାୟୀ ଏହି ୨ଜଣଙ୍କ ସହ ମିଶି କର୍ମଚାରୀମାନଙ୍କ ନାଁରେ ବହୁ ନକଲି କମ୍ପାନୀ ତିଆରି କରିଥିଲେ। ଉକ୍ତ କର୍ମଚାରୀମାନେ ଓଡ଼ିଶାର ବୋଲି ଜଣାପଡ଼ିଛି। ତେବେ ଉକ୍ତ ବ୍ୟବସାୟୀ ଜଣକ ଫେରାର ଅଛନ୍ତି।


**DHARANIDHAR UNIVERSITY KEONJHAR-758001**

No.3576/Date: 29.11.2025

**Corrigendum to the Advertisement No.3117 Dt.18/10/2025**

No. CAD-2535:- The last date of submission of application for Guest faculty recruitment is hereby extended 07th December, 2025 by 05 P.M. For further detail and other information visit our University website http://dduniversity.ac.in.

Sd./- Registrar
Dharanidhar University, Keonjhar

OIPR-11126/11/0025/2526

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER
LIFT IRRIGATION DIVISION, BALASORE
E-mail: eelidvnbls@yahoo.com

No. CAD-2481

**e-Procurement Notice**
Bid Identification No. 04/2025-26 / Dt.20.11.2025

| | | |
|---|---|---|
| 1. | Name of the Tender inviting Officer-Executive Engineer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar. | |
| 2. | Name of the Work | Installation, Energisation of 155 Nos. (New BKVY - 155 Nos.) CLIP in Sadar, Remuna, Nilagiri, Oupada, Bahanaga, Soro, Khaira & Simulia Block of Balasore District. |
| 3. | No. of Package | 155 Nos. (BKVY - 2025-26) |
| 4. | Cost of Tender Amount | Varies from Rs.27,36,173/- to Rs.33,50,122/- |
| 5. | Date and time of availability of bid document in portal for online bidding | From 01.12.2025 at 11.00 hrs. to dated 11.12.2025 at 17.00 hrs. |
| 6. | Last date and time of receipt of bid in the portal | Dated 11.12.2025 upto 17.00 hrs. |
| 7. | Last date & time to seek clarification | Dated 10.12.2025 upto 17.00 hrs. |
| 8. | Date of opening of Technical bid (Cover-1) | Dated 12.12.2025 at 11.00 hrs. |
| 9. | Date of opening of Financial bid will be informed after evaluation of Technical bid | |
| 10. | Further details can be seen from the e-procurement portal of Govt. of Odisha i.e. www.tenderodisha.gov.in | |
| 11. | Subsequent Corrigendum/Addendum/Cancellation if required shall be available in above portal. | |

Sd/- Er. S.C. Munda
Executive Engineer, L.I. Division, Balasore

OIPR-32150/11/0005/2526

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION, BALLIGUDA**

No. 4432//RWDBLG Date: 28.11.2025

**1st Corrigendum to the Bid Identification No. Online tender/14/EERWD BLG/2025-26**

No. O-1631: The tender invited vide Bid Identification No. Online tender/14/EERWD BLG/2025-26 vide T.O. Office Letter No. 4281 Dt.20.11.2025. Due to unavoidable circumstances, the availability of tender online for bidding is from 01.12.2025 at 10.00 A.M. to 08.12.2025 upto 5.00 P.M. instead of 25.11.2025 at 10.00 A.M. to 02.12.2025 upto 5.00 P.M. Opening Dt.09.12.2025.
The other terms and conditions are remained unchanged.
Further details, corrigendum(s) etc. can be seen from the e-procurement portal "https://www.tendersorissa.gov.in".

Sd.- Executive Engineer, R.W. Division, Balliguda

OIPR-25164/11/0019/2526

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
INVITATIONS FOR BIDS (IFB)

Letter No.2877 Date : 27.11.2024

**NOTICE INVITATION FOR BIDS (NIFB)**

No.CAD-2499 E-Procurement Notice No. BP-I/22/2025-26 Dt.27.11.2025

1. Nature of Work : Civil Construction Works, 2. Total No. of Works : 4 Nos., 3. Bid Security : As per NIT, 4. Class of Contractor : As per NIT, 5. Period of Completion : 6 months to 15 months, 6. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer, O.T.D.C., Ltd., Bhubaneswar | BP-II/01/2024-25 Dt.10.07.2025 | From 08.12.2025 | To 17.12.2025 | 11.30 Hours of dt.18.12.2025 in the office of the Superintending Engineer, OTDC Ltd, Bhubaneswar |

Further details can be seen from the Govt. Website www.tenderodisha.gov.in

Sd/- Superintending Engineer
O.T.D.C. Ltd., BBSR

OIPR-37002/11/0125/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MARKONA CANAL DIVISION, MARKONA**
(E-Mail Id: eemcd@gmail.com)

No. A-1002 E-Procurement Notice No. SE-MCD-08 of 2025-26

REQUEST FOR PROPOSAL

| E-Procurement Officer | Name of the Work | Bid Id No. | Tender Cost in Lakh (Appx.) | EMD (Online) | Cost of Bid Document (Online) | Period of Completion | Availability of tender online for bidding From | To | Date of Opening |
|---|---|---|---|---|---|---|---|---|---|
| Superintending Engineer, Markona Canal Division, Markona | Procurement of Computers and Accessories for official use in the office of the Superintending Engineer, Markona Canal Division, Markona and three no. of Sub-division office of the year 2025-26 | SE-MCD-08/1 of 2025-26 | 2.95 | 3000/- | 2000/- | 1 (One) Calendar Month | 01.12.2025 11.30 A.M. | 09.12.2025 5.00 P.M. | 10.12.2025 11.30 A.M. |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/Corrigendum/Cancellation if any requirement arises, it will be published in Govt. website only.

Sd/- Superintending Engineer
Markona Canal Division, Markona

OIPR-32397/11/0013/2526

**Government of Odisha**
**"e" Procurement Notice**

No.O-1582

Bid Identification No. : 09 of 2025-26

| | | |
|---|---|---|
| 1. Number of Works | 2 No. of Buildings Work | |
| 2. Estimated Cost (Aprox.) | ₹ 61.58 lakh & ₹ 70.49 lakh | |
| 3. Period of Completion | 6 (Six) Calendar months | |
| 4. Date & Time of availability of Bid documents in the Portal | 27/11/2025 at 11:00 hrs. | |
| 5. Last date & time for receipt of Bids in the Portal | 06/12/2025 at 17:00 hrs. | |
| 6. Date of Opening of Tender | 08/12/2025 at 11:00 hrs. | |
| 7. Name and address of the Officer Inviting Bid | O/o the Superintending Engineer, Rural Works Division, Jagatsinghpur | |

Further details can be seen from the Government website www.tendersorissa.gov.in

Sd/- Executive Engineer
Rural Works Division, Jagatsinghpur

OIPR-25056/11/0026/2526

No.O-1581

**GOVT. OF ODISHA**
**Government of Odisha "e" Tender Notice**
Bid Identification No. 15 RWS&S/KJR 2025-26
No.2975 Dt.24.11.2025
e-mail : eerwss22keonjhar@gmail.com

| | | |
|---|---|---|
| 1. | No. of the work | 01 No. of Pipe Line Work |
| 2. | Estimated Cost | Rs.15.28 Lakh |
| 3. | Period of completion | 03 (Three) Calendar Months |
| 4. | date and Time of availability of Bid document in the portal | From 10.00 Hr 01.12.2025 to 17.00 HR of 10.12.2025 |
| 5. | Last date / Time for receipt of bids in the portal | 17.00 Hr of 10.12.2025 |
| 6 | Date of opening of Bid from Portal | 10.30 Hr of 11.12.2025 |
| 7 | Name & Address of the officer inviting Bid | Executive Engineer RWS&S Division, Keonjhar |

Further details can be seen from the e-procurement portal "http://tendersodisha.gov.in"

Sd/- Executive Engineer
RWS&S Division, Keonjhar

OIPR-25023/11/0001/2526

**GOVERNMENT OF ODISHA** No.B-780
**SUPERINTENDING ENGINEER, BOUDH (R&B) DIVISION, BOUDH**
E-mail : eeboudhrb@gmail.com
INVITATIONS FOR BIDS (IFB)

No.5599 Date.21.11.2025

1st corrigendum to Tender Call Notice No.SE BDH-13/2025-26 dated 15.11.2025

The following changes are made in respect of the bid identification No.BDH.13/2025-26

1. Date & time of availability of Bid documents in the portal: From 01.12.2025, 10.00 A.M. to 10.12.2025, 5.00 P.M.
2. Last date/time for seeking of Tender Clarification: 10.12.2025 up to 1.00 P.M.
3. Last date/time for receipt of bids in the portal: up to 5.00 P.M. of dated 10.12.2025
4. Date & time of opening of tender / Bid: 11.12.2025 at 11.30 A.M.
5. Tender Call Notice No. may be read as 14/2025-26 in place of 13/2025-26
6. Approx. Value of works (Rs.) for Sl. No. 01, 02 & 03 in Column No. 03 may be read as 85,07,140.00, 55,81,564.00 & 43,85,107.00 respectively.

Sd/- Superintending Engineer,
Boudh (R&B) Division, Boudh

OIPR-34134/11/0028/2526

**OFFICE OF THE SUPERINTENDING ENGINEER P.H. DIVISION, KORAPUT**
GOVERNMENT OF ODISHA
"e" procurement Notice

No.C-1564

**e-procurement Notice for 2025-26**
Bid Identification No.SE, P.H.KPT-8 of 2025-26 Dt.17.11.2025

| | | |
|---|---|---|
| 1. | No. of the work | 10 nos. |
| 2. | Estimated Cost | From Rs.16.00 lakh to Rs.43.00 lakh (Approx.) |
| 3. | Period of completion | 3 months |
| 4. | Date & time of availability of bid document in the portal | From 11.00 A.M. of 28.11.2025 to 05.00 P.M. of 10.12.2025 |
| 5. | Last date / time of receipt of bids in the portal | 05.00 P.M. of 10.12.2025 |
| 6. | Date & time of opening of bids | 11.00 A.M. of 11.12.2025 |
| 7. | Name and address of the Officer Inviting Bid | Superintending Engineer, P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in"

Sd/- (Er. Chiranjibi Mahali)
Superintending Engineer,
P.H. Division, Koraput

OIPR-13008/11/0022/2526

**OFFICE OF THE NOTIFIED AREA COUNCIL, PIPLI, DIST.: PURI**
Ph.: 06758-241442, E-mail ID: piplinac@gmail.com

No. C-1571

**INVITATION FOR BID**
**e-PROCUREMENT NOTICE**

No. 2026 Dt.24.11.2025

Bid Reference No.: PIPILI-NAC-5(71)/2025-26
Bid Identification No.: 2025_ORULB_121427

| | | |
|---|---|---|
| 1. | Type of Works | Civil works as mentioned in DTCN |
| 2. | Total No. of Work | 71 |
| 3. | Bid Value | As per DTCN |
| 4. | Period of Completion | As per DTCN |
| 5. | Date and time Schedule Submission Start | From 12 hours of 27.11.2025 |
| | Submission End | 17 Hrs. of 08.12.2025 |
| 6. | Opening of Bid in Online | From 11.00 A.M. of 09.12.2025 onwards |

Further details and necessary documents can be seen from the procurement portal i.e. www.tendersorissa.gov.in & www.piplinac.in.

Sd/- Executive Officer, Pipli NAC

OIPR-13107/11/0009/2526

**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL), BHEP
AT/POST: BALIMELA, DIST.: MALKANGIRI (ODISHA), PIN - 764051
Phones: 06861-232581(O)/232641(R), Fax: 06861-232541
E-Mail: unit.head_balimela@yahoo.com/bhep.balimela@gmail.com

**TENDER CALL NOTICE**

NOTICE INVITING TENDER No.: BHEP/45/2025-26, DATED: 26.11.2025

No. CAD-2486: The sealed tenders are invited in Single part bid basis (i.e. Techno-commercial bid) from the Reputed Suppliers Agencies for "Supply of Electrical Consumable Materials for maintenance of internal wiring of residential and non-residential buildings of BHEP, Balimela" fulfilling the eligibility criteria as per the tender specification as mentioned below.

| Sl. No. | Name of the Supply | E.M.D. (Refunded) | Cost of bid Documents in Rs. |
|---|---|---|---|
| 1 | "Supply of Electrical Consumable Materials for maintenance of internal wiring of residential and non-residential buildings of BHEP, Balimela" | 1% of the Quoted Value Exclusive of GST | Rs.4,000.00 + (GST @ 18%) Rs.720.00 = Rs.4,720.00 |

Availability of bid Document: From 10.00 Hrs. of 01.12.2025 to 12.00 Hrs. of 15.12.2025
Last date & time of submission of bid: Upto 12.00 Hrs. of 15.12.2025
The date & time of opening of the bid: 12.30 Hrs. onwards of 15.12.2025
For details of the tender documents, Terms and Conditions, please visit our website www.ohpcltd.com.

Sd/- C&P Head, BHEP, Balimela

OIPR-04019/11/0117/2526

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com Ph: (0663) 2460661,
Email-hpschiplima@yahoo.in, Fax No. (0663) 2460505

No. CAD-2498 No.-CHEP/TW-156 (Vol.-VIII)/4638 Date: 27.11.2025

**TENDER CALL NOTICE NO.-CHEP-45/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for supply of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of Filter Elements & other Spares for TRCM of CHEP, Chiplima | Rs.708/- (Rs.600/- + GST @18%) | 1,050/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.01.12.2025 up to 12:30 PM of dtd.10.12.2025.

OIPR: 04006/11/0111/2526 Sd/- C & P Head, CHEP, Chiplima

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୯୦୩୫୨୪
ଇପିଏବିଏକ୍ସ: (୦୬୭୪) ୨୯୦୧୫୧୨, ୨୯୦୦୦୪୧
ଫାକ୍ସ: (୦୬୭୪) ୨୩୯୦୧୫୨, ୱେବସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୬୧ ତା:୨୧।୧୧।୨୫

**ବିଜ୍ଞାପନ**

No. CAD-2516: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗୃହ ନଂ.- ଏମ୍.ଆଇ.ଜି.-୦୧ (MIG-01) ବରମୁଣ୍ଡା, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ସାହାନାଜ ସୁଲତାନା ପାରଭିନ, ସ୍ୱାମୀ- ଶେଖ ଯୋରାବୁ ତରଫଦାର, ଗ୍ରା/ପୋ- କଟକ, ଥାନା- ବେବ୍ରୁହିଆ, ଜିଲ୍ଲା- ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟ ଗୃହୀତା ଶ୍ରୀମତୀ ସୁଲତାନା ପରଭିନ୍ ଉକ୍ତ ଗୃହଟିକୁ ହସ୍ତାନ୍ତର ପତ୍ରର ଆଧାରରେ ଶ୍ରୀଯୁକ୍ତ ଅମର ମହାନ୍ତି, ପିତା- ଅନିଲ କୁମାର ମହାନ୍ତି, ସା- ପ୍ଲଟ୍ ନଂ- ୧୨୮୦/୬୯୭୭, ଲେନ୍-୧୧, ମଳିକ କଲୋନୀ, ଜାଗମରା, ପୋ/ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କାର୍ଯ୍ୟାଳୟକୁ ଅନୁରୋଧ କରିଅଛନ୍ତି। ଉକ୍ତ ଗୃହକୁ ଉକ୍ତ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତେବେ ଏ ସମ୍ବନ୍ଧରେ କୌଣସି ଆପତ୍ତି, ଏଥିମଧ୍ୟରେ ଗ୍ରହଣ କରାଯାଇ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0922/2526

**GOVERNMENT OF ODISHA, DEPARTMENT OF WATER RESOURCES**
Office of the Engineer-In-Chief,
Water Resources, Secha Sadan, Bhubaneswar
Email Address : cemech.eicwr.od@gmail.com

No.A-1009

**e-Procurement Notice-**
**Bid Identification No. - CEM/MDC-21/2025-26**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 01 (One) |
| 3. | Category of executors | SSI Units registered under DIC/NSIC/MSME for Irrigation Shutters / Hydro mechanical gates. |
| 4. | Bid Identification No. | CEM / MDC - 21/2025-26 |
| 5. | Estimated Cost | Rs.40,48,251.00 |
| 6. | Period of Completion | 02 (Two) calendar months |
| 7. | Date & time of availability of bid documents in the Portal | From dt.02.12.2025 (10.00 A.M.) to dt. 12.12.2025 (5.30 P.M.) |
| 8. | Last date / time for receipt of bid in the portal | Dt. 12.12.2025 (up to 5.30 P.M.) |
| 9. | Date and Place of opening of Technical Bid | Dt.15.12.2025 (12.00 Noon onwards in the O/o the undersigned) |
| 10. | Date and Place of opening of Financial Bid | To be intimated to the qualified Bidders after evaluation of Technical Bid |
| 11. | Name of the Officer inviting bid | Chief Engineer, Mechanical, O/o the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd/- Chief Engineer, Mechanical
O/o - Engineer-In-Chief, Secha Sadan, Bhubaneswar

OIPR-32520/11/0089/2526

**DIRECTORATE OF MEDICAL EDUCATION AND TRAINING, ODISHA**
Heads of Department Building, Bhubaneswar, 751001,
Tel No.0674-2393847, 2394255

E-Mail : dmetbbsr4@gmail.com www.dmetodisha.gov.in
MET-I-AMS-001-2024-25198 Dt.29.11.2025

**NOTIFICATION**

No.E-552 : Online applications are invited from the existing Government approved institutions for the Academic Session 2026-27 with reference to the Government Notification No.26601/H dated 22.10.2019 for the followings.

| Sl. No. | Courses | Application invited for |
|---|---|---|
| 1 | Nursing | Renewal of NOC / Final Recognition / Renewal of Recognition / Increase of Intake / Change of Address |
| 2 | Pharmacy | Renewal of NOC / Final Recognition / Renewal of Recognition / Increase of Intake / Change of Address |
| 3 | Physiotherapy & Occupational Therapy | Renewal of NOC / Final Recognition / Renewal of Recognition / Change of Address |
| 4 | DMLT/DMRT | Renewal of NOC / Final Recognition / Renewal of Recognition / Change of Address |
| 5 | Allied Medical Sciences | Renewal of NOC / Final Recognition / Renewal of Recognition / Change of Address |

The online application link, detail guidelines and instruction manual are available in the website of DMET, Odisha i.e. www.dmetodisha.gov.in under the section of different councils of respective courses.
The online applications portal remains open from Dt.01.12.2025 and closes on 15.01.2026. No manual application after the last date of submission will be entertained.

Sd/- Director, Medical Education & Training, Odisha

OIPR-10016/11/0034/2526

**GOVERNMENT OF ODISHA** No. A-1008
**DEPARTMENT OF WATER RESOURCES**
OFFICE OF THE ENGINEER-IN-CHIEF, WATER RESOURCES
SECHA SADAN, BHUBANESWAR
Email Address: cemech.eicwr.od@gmail.com

**e-Procurement Notice - Bid Identification No. - CEM/MDC-23/2025-26**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 01 (One) |
| 3. | Category of Executors | SSI Units registered under DIC/NSIC/MSME for Irrigation Shutters/Hydro Mechanical Gates |
| 4. | Bid Identification No. | CEM/MDC - 23/2025-26 |
| 5. | Estimated Cost | Rs.1,12,82,924.00 |
| 6. | Period of Completion | 02 (Two) Calendar Months |
| 7. | Date & time of availability of bid documents in the portal | From Dt.02.12.2025 (10.00 A.M.) to Dt.12.12.2025 (5.30 P.M.) |
| 8. | Last date/time for receipt of bid in the portal | Dt.12.12.2025 (upto 5.30 P.M.) |
| 9. | Date and place of opening of Technical Bid | Dt.15.12.2025 (12.00 Noon onwards in the O/o. the undersigned) |
| 10. | Date and place of opening of Financial Bid | To be intimated to the qualified bidders after evaluation of Technical Bid |
| 11. | Name of the Officer Inviting Bid | Chief Engineer, Mechanical, O/o. the E.I.C. Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief, Secha Sadan, Bhubaneswar

OIPR-32520/11/0085/2526

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-III-Sports-07/2025 Lr. No. 43646 Bhubaneswar, the 20th Nov., 2025

No. B-741 **INVITATION FOR BIDS**

**Bid Identification No. C.E. (B) - 32/2025-26**

| | | |
|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, "Development of Vyasanagar Stadium, Jajpur", as detailed below. | |
| 2. | Nature of Work | Building Work |
| 3. | No. of Work | 01 No. |
| 4. | Bid Cost | Rs.10,000/- |
| 5. | Class of Contractor | 'A'/Special |
| 6. | Availability of Bid Documents in the website | From Dt.04.12.2025 to 17.00 hours of Dt.19.12.2025 |
| 7. | Date of Opening of Bid | Dt.20.12.2025 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

Sd./- Chief Engineer (Buildings-I), Odisha

OIPR-34117/11/0144/2526

See Career Appointment on every Wednesday & Saturday

## ଭଦ୍ରକରେ ବିଜେଡିକୁ ଝଟକା

# ଦଳ ଛାଡ଼ିଲେ ୩ ବ୍ଲକ୍ ଅଧ୍ୟକ୍ଷ

ଭଦ୍ରକ,୨୯।୧୧
(ସନାତନ ରାଉତ)

ଭଦ୍ରକ ଜିଲାରେ ଦିନକରେ ୩ ବ୍ଲକ୍ ଅଧ୍ୟକ୍ଷ ବିଜେଡି ଛାଡ଼ିଛନ୍ତି। ଏହି ଘଟଣା ଜିଲାରେ ବିଜେଡିକୁ ଶକ୍ତ ଝଟ୍‌କା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। କିଛିଦିନ ତଳେ ଭଦ୍ରକ, ବନ୍ତ, ଭଣ୍ଡାରିପୋଖରୀ ଓ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ଭାଜପାରେ ସାମିଲ ଲାଗି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଦରଖାସ୍ତ ଦେଇଥିବା ଚର୍ଚ୍ଚା ହେଉଥିଲା। ଶନିବାର ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଜଣକ ପରେ


ମନୋରଞ୍ଜନ ଘଡ଼େଇ (ବନ୍ତ)


ଉର୍ମିଳା ନାୟକ (ଭଦ୍ରକ)


ସୁମତୀ ସେଠୀ (ଭଣ୍ଡାରିପୋଖରୀ)

ଜଣେ ବିଜେଡି ଛାଡ଼ିବା ଏହି ଚର୍ଚ୍ଚାକୁ ଦୃଢୀଭୂତ କରୁଥିବା ନେଇ ଏଠାରେ ଆଲୋଚନା ହେଉଛି।

ବନ୍ତ ବିଜେଡି ପକ୍ଷରୁ ଶନିବାର ଅପରାହ୍ନରେ ଖବରଦାତା ସମ୍ମିଳନୀ କରାଯାଇ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଭେଣ୍ଡର କୋଡ୍ ଖୋଲି ଟଙ୍କା ଆତ୍ମସାତ୍ କରୁଥିବା ଅଭିଯୋଗ ଆଣିବା ସହ ଦଳ ଓ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏହାର କିଛି ସମୟ ପରେ ବ୍ଲକ ଅଧ୍ୟକ୍ଷ ଘଡ଼େଇ ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ଇସ୍ତଫା ପତ୍ର ବିଜେଡି ଜିଲା ସଭାପତିଙ୍କୁ ପଠାଇଥିଲେ। ଏହାର କିଛି ସମୟ ପରେ ରାଜ୍ୟ ବିଜେଡି ଉପସଭାପତି ପ୍ରତାପ ଜେନା ବନ୍ତ ବ୍ଲକ ଅଧ୍ୟକ୍ଷ ଘଡ଼େଇଙ୍କୁ ଦଳରୁ ନିଲମ୍ବନ କରିଥିବା ନେଇ ଶଙ୍ଖ ଭବନରୁ ପ୍ରକାଶ ପାଇଥିବା ଚିଠି ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ବନ୍ତ ବ୍ଲକ୍ ଅଧ୍ୟକ୍ଷଙ୍କ ପରେ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେମାନେ ତାଙ୍କ ଇସ୍ତଫାପତ୍ର ଜିଲା ବିଜେଡି ସଭାପତିଙ୍କୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ସେମାନେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ କିଛିଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିବା ପ୍ରୟାସକାନ୍ତି ସାମଲଙ୍କ ସହ ବନ୍ତ, ଭଣ୍ଡାରିପୋଖରୀ, ଭଦ୍ରକ ଓ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ବୈଠକ କରିଥିବା ବେଳେ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏଥିସହ ସେମାନେ ଭାଜପାରେ ସାମିଲ ହେବା ଲାଗି ରାଜ୍ୟ ସଭାପତି ମନମୋହନଙ୍କୁ ଦରଖାସ୍ତ ଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା।

# ଦୁର୍ନୀତି ଅଭିଯୋଗ ଆଣିଲା ବିଜେଡି

ଭଦ୍ରକ,୨୯।୧୧(ସନାତନ ରାଉତ)

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ନେଇ ନିଜ ଦଳ ସମର୍ଥିତ ବନ୍ତ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ବ୍ଲକ ବିଜେଡି ଅଭିଯୋଗ ଆଣିଛି। କିଛିଦିନ ପୂର୍ବରୁ ଭାଜପାରେ ମିଶିବା ପାଇଁ ୪ ବ୍ଲକ ଅଧ୍ୟକ୍ଷ ଭାଜପା ରାଜ୍ୟ ସଭାପତିଙ୍କୁ ଦରଖାସ୍ତ ଦେଇଥିଲେ। ଏହାକୁ ନେଇ ବିଜେଡି ମଧ୍ୟରେ କମ୍ପନ ସୃଷ୍ଟି ହୋଇଥିବା ବେଳେ ଏବେ ତାହା ବିସ୍ଫୋରଣର ରୂପ ନେଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନିଜ ନାମରେ ଭେଣ୍ଡର କୋଡ୍ ଖୋଲି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଏହି ଟଙ୍କା ଆତ୍ମସାତ୍ କରିଥିବା ଭଣ୍ଡାରିପୋଖରୀ ବିଧାୟକଙ୍କ ଭଦ୍ରକ ଅପର୍ତ୍ତିବିନ୍ଧାସ୍ଥିତ ବାସଭବନରେ ଶନିବାର ଅପରାହ୍ନ ୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଜଣେ ନିର୍ବାଚିତ ପ୍ରତିନିଧି ଓ ବ୍ଲକ ଅଧ୍ୟକ୍ଷ ଭାବେ ନିଜ ନାମରେ ଭେଣ୍ଡର କୋଡ୍ ଖୋଲିବା ୧୯୮୭ ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟର ଉଲ୍ଲଂଘନ ବୋଲି ରାଜ୍ୟ ଯୁବ ବିଜେଡି ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ ଅଭିଯୋଗ କରିଛନ୍ତି। ବ୍ଲକ ଅଧ୍ୟକ୍ଷଙ୍କ ଏହି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯିବା ପାଇଁ ସ୍ମୃତିରଞ୍ଜନ ଦାବି କରିଛନ୍ତି। ଏହି ଦୁର୍ନୀତି ସମ୍ପର୍କରେ ବିଜେଡି ସୁପ୍ରିମୋଙ୍କ ସହ ବିଧାୟକ ଓ ବ୍ଲକ ବିଜେଡି ସଭାପତିଙ୍କୁ ଅବଗତ କରାଯାଇଛି। ଏହି ଦୁର୍ନୀତି ଦଳକୁ ବଦ୍‌ନାମ କରିବା ସହ ବିଧାୟକଙ୍କ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଛି। ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଥିଲେ। ସେହିପରି ଏହି ଦୁର୍ନୀତିର ତଦନ୍ତ କରି ତାଙ୍କ ଅଧ୍ୟକ୍ଷ ପଦ ରଦ୍ଦ କରାଯିବାକୁ ଦଳୀୟ ନେତୃବୃନ୍ଦ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ବିଜେଡି ଜିଲା ଉପସଭାପତି ପ୍ରଶାନ୍ତ ଦାସ, ବନ୍ତ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ସରପଞ୍ଚ ଗଜେନ୍ଦ୍ର ସେଠୀ, ଧୀରେନ୍ଦ୍ର ଖିଲାର, ଚିତ୍ତରଞ୍ଜନ ଦାସ, ଭବେନ୍ଦ୍ର ସାହୁ, ଅକ୍ଷୟ ଦାସ, ରାଜୀବ ଲୋଚନ ଜେନା, ଦୀପକ ମହାନ୍ତି, ବନମାଳୀ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଅପରପକ୍ଷେ ଅଧ୍ୟକ୍ଷ ଘଡ଼େଇ କହିଛନ୍ତି, ସେ ବ୍ଲକ ଅଧ୍ୟକ୍ଷ ହେବା ପୂର୍ବରୁ ତାଙ୍କ ବ୍ୟବସାୟ ପାଇଁ ସେ ୨୦୦୯ରେ ଭେଣ୍ଡର କୋଡ୍ ଖୋଲିଥିଲେ। ଏବେ ତାଙ୍କ ସହ ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଜେଇଙ୍କ ମିଳିତ ଆକାଉଣ୍ଟରେ ଭେଣ୍ଡର କୋଡ୍ ଖୋଲାଯାଇଛି। ଏଥିରେ କୌଣସି ଦୁର୍ନୀତି ହୋଇନାହିଁ। ରାଜନୈତିକ ଆକ୍ରୋଶରୁ ଏପରି ଅଭିଯୋଗ କରାଯାଇଛି। ଏହାର ତଦନ୍ତ କରାଗଲେ ସତ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

## ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା: ୨ ଯୁବକ ମୃତ

ରଘୁନାଥପୁର,୨୯।୧୧
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ରଘୁନାଥପୁର ବଜାରରେ ନୂତନ ଭାବେ ନିର୍ମିତ ହୋଇଥିବା ହମ୍ପସ ଉପରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ ବାଇକ୍ ଓ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଉଭୟ ହେଲେ ସ୍ଥାନୀୟ କନ୍ଦରାପଟି ଗ୍ରାମର କୃଷ୍ଣଚନ୍ଦ୍ର ସେଠୀଙ୍କ ପୁଅ ସଞ୍ଜୟ(୨୫) ଓ ଏହି ଥାନା ଅନ୍ତର୍ଗତ ରେଢୁଆ ବଣୁଆସାହିର ବନମାଳୀ ସେଠୀଙ୍କ ପୁଅ ଶୁଭ୍ରକାନ୍ତ(୨୮)। ନବନିର୍ମିତ ହମ୍ପସ ପୂର୍ବରୁ କୌଣସି ସାଙ୍କେତିକ ଚିହ୍ନ,ରେଡିଅମ ଲାଇଟ କିମ୍ବା ସୂଚନା ଫଳକ ନ ଥିବା ଯୋଗୁ ଏହି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍ ଚାଳକ ତଥା ବଡମ୍ବା ଥାନା ଅନ୍ତର୍ଗତ ଖରିଆପଙ୍ଗା ଗ୍ରାମର ରଞ୍ଜିତ କୁମାର ବରାଡକୁ ଗିରଫ କରିଛି। ଏଥିସହ ଟ୍ରକ୍‌କୁ ଜବତ କରି ଥାନାରେ ମାମଲା (ନଂ. ୨୫୫ /୨୫) ରୁଜୁ କରିଛି। ସଞ୍ଜୟ ଓ ଶୁଭ୍ରକାନ୍ତ ଭୁବନେଶ୍ୱରର ଏକ କୁକୁଡ଼ା ଫାର୍ମରେ କାର୍ଯ୍ୟ କରନ୍ତି। ଉଭୟ ଏକ ମୋଟରସାଇକେଲ ଯୋଗେ ଘରକୁ ଫେରୁଥିଲେ। ରଘୁନାଥପୁର ବଜାରରେ ନବନିର୍ମିତ ହମ୍ପସ ବାବଦରେ ସେମାନେ ଅଜ୍ଞ ଥିବାବେଳେ ସେଠାରେ କୌଣସି ସାଙ୍କେତିକ ଫଳକ ଲାଗି ନ ଥିଲା। ଫଳରେ ହମ୍ପସ ଉପରେ ମୋଟରସାଇକେଲ୍‌ଟି ଭାରସାମ୍ୟ ହରାଇ ବିପରିତ ଦିଗରୁ ଆସୁଥିବା ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଶୁଭ୍ରକାନ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ସଞ୍ଜୟଙ୍କ ଭିଣୋଇ ଚନ୍ଦନ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବିଧାନସଭା ଖବର

### ସୁଭଦ୍ରା ମେଣ୍ଟେନାନ୍ସ ପାଇଁ ଖର୍ଚ୍ଚ ହୋଇଛି ୧୩ କୋଟି ୮ ଲକ୍ଷ

**୧୩ ଜିଲାରେ ୩୩୮ରୁ ସମ୍ପୂର୍ଣ୍ଣ ହୋଇଛି ୩୩୨ ସୁଭଦ୍ରା ଶକ୍ତି କେନ୍ଦ୍ର**

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର)

ସୁଭଦ୍ରା ମେଣ୍ଟେନାନ୍ସ ପାଇଁ ୧୩ କୋଟି ୮ ଲକ୍ଷ ଟଙ୍କା ସରକାର ଖର୍ଚ୍ଚ କରିଛନ୍ତି। ସୁଭଦ୍ରା ପୋର୍ଟାଲର ମେଣ୍ଟେନାନ୍ସ, ହଷ୍ଟିଙ୍ଗ୍ ଏବଂ ଡାଟା ସୁରକ୍ଷା ପାଇଁ ଏହି ଅର୍ଥ ଖର୍ଚ୍ଚ ହୋଇଛି। ସୁଭଦ୍ରା ପୋର୍ଟାଲ, ଡେଭଲପମେଣ୍ଟ ଓ ସୁରକ୍ଷା ପାଇଁ ୧ କୋଟି ୫୪ ଲକ୍ଷ ୭୮ ହଜାର ଟଙ୍କା ବିଭାଗ ଖର୍ଚ୍ଚ କରିଛି। ବିଭାଗ ପକ୍ଷରୁ କ୍ଲାଉଡ୍ ହୋଷ୍ଟିଂ ପାଇଁ ୧୨ କୋଟି ୨୮ ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା ଲିଖିତ ଭାବେ ଦେଇଛନ୍ତି। ସେହିପରି ସେ ଆଉ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ରାଜ୍ୟର ୧୩ଟି ଜିଲାରେ ୩୩୮ଟି ସୁଭଦ୍ରା ଶକ୍ତି କେନ୍ଦ୍ର ମଞ୍ଜୁର ହୋଇଥିବା ବେଳେ ୩୨୨ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମୟୂରଭଞ୍ଜରେ ସର୍ବାଧିକ ୨୫ଟି, ଗଞ୍ଜାମରେ ୨୪ଟି, ସୁନ୍ଦରଗଡ଼ରେ ୨୧ଟି ନିର୍ମାଣ ହୋଇଛି।

### ଉପଭୋକ୍ତାଙ୍କୁ ଠକୁଛି ଟାଟା ପାୱାର: ସାରଦା

ବିଧାନସଭା ଶୂନ୍ୟକାଳ ଆଲୋଚନା ସମୟରେ ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ଓଇଆର୍‌ସି ସମୀକ୍ଷା ରିପୋର୍ଟ ଅନୁସାରେ ଟାଟା ପାୱାର ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଠକୁଛନ୍ତି। ଚାରୋଟି ବିଦ୍ୟୁତ୍ ସଂସ୍ଥା ମିଳିତ ଭାବେ ଟାଟା ପାୱାର ଦ୍ୱାରା ୧ ହଜାର ୬୫ କୋଟି ଟଙ୍କା ଠକିଛନ୍ତି। ଓଇଆର୍‌ସି ଯେଉଁ ଦର ଧାର୍ଯ୍ୟ କରିଛି ୟୁନିଟ୍ ପିଛା ଟାଟା ପାୱାର ତା'ଠାରୁ ଅଧିକ ୩୬ ପଇସା ଲେଖା ଆଦାୟ କରୁଛି। ଲୋକଙ୍କ ମିଟର ଲଗାଇବାଠାରୁ ଟ୍ରାନ୍ସଫର୍ମର ବସାଇବା ଆଦି ବିଭିନ୍ନ କଥାରେ ଟାଟା ପାୱାର ଠକିବାରେ ଲାଗିଛି। ୨ ଲକ୍ଷରୁ ଅଧିକ ଟ୍ରାନ୍ସଫର୍ମର ୬୫ କେଭିରୁ କମ୍ ଅଛି। ଉପକୂଳ ଓଡ଼ିଶାରେ ମାସକୁ ୨୩ ଘଣ୍ଟା, ଉତ୍ତର ଓଡ଼ିଶାରେ ମାସକୁ ୨୭ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଓଏଚ୍‌ପିସି, ଓପିଜିସି ସେମାନଙ୍କ ବାର୍ଷିକ ରିପୋର୍ଟ ମଧ୍ୟ ଦେଉନାହାନ୍ତି। ସେହି ସଂସ୍ଥା ବିରୋଧରେ ତଦନ୍ତକରି ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହା ସହ ହିତାଧିକାରୀଙ୍କୁ ସୁଧ ସହ ଅର୍ଥ ଫେରାଇବାକୁ ସେ ନିବେଦନ କରିଛନ୍ତି।

### ବିଧବାଭତ୍ତା ୩୫୦୦ ଟଙ୍କା ହେଉ: ବଦ୍ରି

ରାଜ୍ୟରେ ଥିବା ବିଧବା ମହିଳାଙ୍କ ଭତ୍ତା ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ନିକଟରେ ବିଜେଡି ବିଧାୟକ ବଦ୍ରିନାରାୟଣ ପାତ୍ର ନିବେଦନ କରିଛନ୍ତି। ବିଧାନସଭାର ଶୂନ୍ୟକାଳରେ ବିଧାୟକ ପାତ୍ର କହିଛନ୍ତି, ବିଧବାମାନଙ୍କୁ ୩୫୦୦ ଟଙ୍କା ଭତ୍ତା ଯୋଗାଇ ଦିଆଯାଉ। ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ୩୫୦୦ ଟଙ୍କା ଭତ୍ତା ଦେଉଛନ୍ତି। ହେଲେ ପରିତାପର ବିଷୟ, ବିଧବାମାନଙ୍କୁ ଯେଉଁ ଭତ୍ତା ମିଳୁଛି ତାହା ସେମାନଙ୍କୁ ଅଣ୍ଟୁନାହିଁ। ଫଳରେ ବାରଦୁଆର ବୁଲିବାକୁ ପଡୁଛି। ତେଣୁ ସରକାର ୩,୫୦୦ ଟଙ୍କା ଭତ୍ତା କାହାକୁ ଦିଅନ୍ତୁ ବା ନ ଦିଅନ୍ତୁ କିନ୍ତୁ ପ୍ରାଥମିକତା ଦେଇ ବିଧବାମାନଙ୍କୁ ପ୍ରଦାନ କରନ୍ତୁ ବୋଲି ବଦ୍ରି କହିଛନ୍ତି।

ଏହି ଶୂନ୍ୟକାଳ ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପ୍ରସନ୍ନ ନାୟକ, ଭାଦବ ହାଁସଦା, ଅଭିମନ୍ୟୁ ସେଠୀ, ପବିତ୍ର ସାଉଁନ୍ତା, ରଘୁନାଥ ଜଗଦଲା, ଆକାଶ ଦାସନାୟକ, ପ୍ରଦୀପ କୁମାର ଦିଶାରୀ, କହ୍ନେଇ ଚରଣ ଡାଙ୍ଗ,ରୂପୁ ଭାତ୍ରା, ରମେଶ ବେହେରା, ନରସିଂହ ମାଡକାମୀ, ସି.ଏସ୍. ରାଜନ ଏକ୍କା,ଫକୀର ମୋହନ ନାଏକ, ବିଭୂତି ଭୂଷଣ ପ୍ରଧାନ, ଗଣେଶ୍ୱର ବେହେରା, ସନାତନ ବିଜୁଳି, ପ୍ରଦୀପ ସାହୁ ଏବଂ ସୋଫିଆ ଫିର୍ଦୋସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆନ୍ତଃଜିଲାସ୍ତରୀୟ ବଦଳି ପ୍ରକ୍ରିୟା ଶେଷ କରିବାକୁ ଡିଇଓଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ)

ଆନ୍ତଃ ଜିଲାସ୍ତରୀୟ ବଦଳି ପ୍ରକ୍ରିୟା ତୁରନ୍ତ ଶେଷ କରିବା ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ତୁରନ୍ତ ସାରିବାକୁ କୁହାଯାଇଛି। ଏଥିପାଇଁ ବଦଳି ପୋର୍ଟାଲ୍‌କୁ ଖୋଲାଯାଇଛି। ଡିସେମ୍ବର ୨୫ ପର୍ଯ୍ୟନ୍ତ ପୋର୍ଟାଲ୍ ଖୋଲା ରହିବ। ଏହି ସମୟରେ ବଦଳି ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ୭ରେ ମୁଖ୍ୟମନ୍ତ୍ରୀଙ୍କ ଘଟଗାଁ ଗସ୍ତ

**କ୍ଷେତ୍ର ପରିଦର୍ଶନକଲେ ଜିଲାପାଳ, ଏସ୍‌ପି**


ଜିଲାପାଳ ବିଶାଳ ସିଂହ, ଏସ୍‌ପି ନୀତିନ କୁଶଲକର ମନ୍ଦିର ପରିସରରେ ତଦାରଖ କରୁଛନ୍ତି।

ଘଟଗାଁ,୨୯।୧୧
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିସେମ୍ବର ୭ ତାରିଖ ରବିବାର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତ କାଳରେ ସେ ବହୁ ପ୍ରତୀକ୍ଷିତ ମା' ତାରିଣୀଙ୍କ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ନବକୁଣ୍ଡୀୟ ଗାୟତ୍ରୀ ଯଜ୍ଞରେ ସାମିଲ ହେବେ। ପରେ ଘଟଗାଁ ମିନି ଷ୍ଟାଡିୟମଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ମଧ୍ୟ କାର୍ଯ୍ୟକ୍ରମ ରହିଛି।

ଏହି ପରିପ୍ରେକ୍ଷୀରେ ଶନିବାର କେନ୍ଦୁଝର ଜିଲାପାଳ ବିଶାଳ ସିଂହ, ଏସ୍‌ପି ନୀତିନ କୁଶଲକର, କେନ୍ଦୁଝର ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଓବିସିସି ଅଧୀକ୍ଷଣ ଯନ୍ତ୍ରୀ ନୀଳମଣି ପ୍ରୟାଗ ଚାନ୍ଦ ବେହେରା, ନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଶିବ କୁମାର ଆଚାର୍ଯ୍ୟ, ସାଇ ସ୍ୱରୂପ ପ୍ରଧାନ, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା, ପୂର୍ତ୍ତ ବିଭାଗ ଅଧିକାରୀ ସୋମନାଥ ପ୍ରଧାନ ପ୍ରମୁଖ ଘଟଗାଁ ଆସି ସମ୍ଭାବ୍ୟ ହେଲିପ୍ୟାଡ୍ ଅଞ୍ଚଳ, ସଭାସ୍ଥଳ, ମନ୍ଦିର ପରିସର ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ପାର୍କିଂ ସୁବିଧା, ଯାନବାହନ ସୁନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ସ୍ୱଚ୍ଛନ୍ଦ ଦର୍ଶନ, ସଭାସ୍ଥଳ ସୁପରିଚାଳନା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମନ୍ଦିର ପରିସରରେ ଯଜ୍ଞ ଓ ଶିଳାନ୍ୟାସ ସ୍ଥାନ ଜିଲାପାଳ ନିଜେ ପରିଦର୍ଶନ କରିଥିଲେ। ଘଟଗାଁ ବିଡିଓ ଖଗେଶ୍ୱର ବରାଳ, ବ୍ଲକ୍ ସହକାରୀ ଯନ୍ତ୍ରୀ ଭୋଳାନାଥ ମହାନ୍ତି, ମା' ତାରିଣୀ ମନ୍ଦିର ପରିଚାଳନା ବୋର୍ଡ ପୂର୍ବତନ ସଭାପତି, ବୋର୍ଡର ପୂର୍ବତନ ସଦସ୍ୟ ଦୟାନିଧି ମହାନ୍ତ, ଶରତ ବେଜ ପ୍ରମୁଖ ଉପସ୍ଥିତ ରହି ଅଧିକାରୀଙ୍କୁ ଆନୁଷଙ୍ଗିକ ସହଯୋଗ କରିଥିଲେ।

# ୨୭ବର୍ଷର ପୁରୁଣା ଫାଇଲ୍, ରେକର୍ଡପତ୍ର ଗାଏବ

## ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର ରୁମ୍‌ରୁ ଚୋରି

ବାଲେଶ୍ୱର, ୨୯।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଅସୁରକ୍ଷିତ ହୋଇପଡ଼ିଛି। ସିକ୍ୟୁରିଟି ଗାର୍ଡ ଓ ସିସିଟିଭି ଲାଗିଥିବା ବେଳେ ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ୨୭ବର୍ଷର ପୁରୁଣା ଫାଇଲ୍ ଓ ରେକର୍ଡପତ୍ର ଗାଏବ ସହ ବିଭିନ୍ନ ସାମଗ୍ରୀ ଚୋରି ହେବା ପ୍ରଶାସନ ଓ ପୋଲିସର ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଏହା ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଗାଏବ କରାଯାଇଛି ନା ପ୍ରକୃତରେ ଚୋରି ହୋଇ ତାହା ତଦନ୍ତସାପେକ୍ଷ।

ବାଲେଶ୍ୱର ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଡେପୁଟି କଲେକ୍ଟର (ନିର୍ବାଚନ) ସହଦେବଖୁଣ୍ଟା ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୪୪୬/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଦୀର୍ଘବର୍ଷ ଧରି ଏହି ଷ୍ଟୋର୍ ରୁମ୍‌ରେ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ରେକର୍ଡ ପତ୍ର ଓ ସାମଗ୍ରୀ ରହିଥିଲା। ୧୯୯୫ରୁ ୨୦୨୧ ମସିହା ପର୍ଯ୍ୟନ୍ତ ପୁରୁଣା ଫାଇଲ୍ ଓ ରେକର୍ଡପତ୍ର ସହ ଇ-ରୋଲ୍ ସିଡି, କମ୍ପ୍ୟୁଟର, ପ୍ରିଣ୍ଟର, ଲ୍ୟାଣ୍ଡ ଫୋନ୍, ଟାଇପ୍ ରାଇଟର, ଲଣ୍ଠନ ଆଦି ସାମଗ୍ରୀ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ଷ୍ଟୋର ରୁମ୍‌ରୁ କିଭଳି ଚୋରି ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ନିର୍ବାଚନ ସମ୍ବନ୍ଧୀୟ ରେକର୍ଡପତ୍ର ଏଠାରେ ରହୁଥିବା ବେଳେ ଅକସ୍ମାତ୍ ଏସବୁ କିଏ ଗାଏବ କଲା ତାହା ତଦନ୍ତସାପେକ୍ଷ। ଅଭିଯୋଗ କ୍ରମେ ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
52 Years
ପୃଷ୍ଠା-୧୦+୮
ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ (୧୦+୮=୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 30/2025 Page 18 ₹ 7.00
୫୨ଶ ଭାଗ ୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 7 ମୂଲ୍ୟ ₹୭/-

# ରାଶନ କାର୍ଡରୁ ନାଁ ବାଦ୍: ବିରୋଧୀଙ୍କ ହଙ୍ଗାମା

**ରାଜ୍ୟରେ ଯେଉଁ କେତେକ ପ୍ରସଙ୍ଗ ଉପରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି ସେଥିମଧ୍ୟରେ ରାଶନ କାର୍ଡ ଅନ୍ୟତମ। ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଅନେକ ସରକାରୀ ସୁବିଧା ସୁଯୋଗ ରହିଥିବାରୁ ଏହାକୁ ନେଇ ରାଜନୀତି ଚାଲିଆସିଛି। ଏହାସହ ଏଥିରେ ମୃତ ହିତାଧିକାରୀଙ୍କ ନାଁରେ ସାମଗ୍ରୀ ଓ ଅର୍ଥ ହଡ଼ପ ଭଳି ଅନେକ ଅନିୟମିତତା ହୋଇଆସୁଥିବାବେଳେ ଯୋଗ୍ୟଙ୍କୁ ବାଦ୍ ଦେଇ ଅଯୋଗ୍ୟଙ୍କୁ ରାଶନ କାର୍ଡ ମିଳିଥିବା ଅଭିଯୋଗ ମଧ୍ୟ ବେଶ୍ ପୁରୁଣା। ଏଭଳିସ୍ଥଳେ ଶାସକ ଦଳକୁ ସୁହାଇଲା ଭଳି ହିତାଧିକାରୀ ଚୟନ ହେଉଥିବା ବିରୋଧୀ ଦଳ ଅର୍ଥାତ୍ ୨୦୨୪ ପୂର୍ବରୁ ଭାଜପା, କଂଗ୍ରେସ ଏବଂ ଏବେ ବିଜେଡି, କଂଗ୍ରେସ ଅଭିଯୋଗ କରୁଛନ୍ତି। ସମ୍ପ୍ରତି ସରକାର ରାଶନ କାର୍ଡ ହିତାଧିକାରୀ ତାଲିକାରୁ ଅଯୋଗ୍ୟଙ୍କ ନାଁ କାଟିବା ଏବଂ ନୂଆ ଯୋଗ୍ୟ ହିତାଧିକାରୀଙ୍କ ନାଁ ଯୋଡ଼ିବାକୁ ଉଦ୍ୟମ ଚଳାଇଥିବାବେଳେ ପୁଣି ଜୋର ଧରିଛି ରାଜନୀତି। ଏହାକୁ ନେଇ ଶନିବାର ବିଧାନସଭାରେ ବିରୋଧୀଙ୍କ ପକ୍ଷରୁ ମୁଲତବୀ ଆଲୋଚନା ହୋଇଥିବାବେଳେ ବିରୋଧୀ ଏବଂ ଶାସକ ଦଳ ସଦସ୍ୟମାନେ ପରସ୍ପରର ଦୋଷଦୁର୍ବଳତା ବଖାଣିଛନ୍ତି।**

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ବିଧାନସଭାରେ ଶନିବାର ରାଶନକାର୍ଡ ତାଲିକାରୁ ନାମ ବାଦ୍ ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଇ-କେୱାଇସି ନେଇ ଯେଉଁ ତଥ୍ୟ ମନ୍ତ୍ରୀ ଦେଉଛନ୍ତି ତାହା ସି-ଗ୍ରେଡ୍‌ରେ ଯିବ, ଯାହା ଗ୍ରହଣଯୋଗ୍ୟ ନୁହେଁ। ମହଙ୍ଗା ଦର ଆକାଶଛୁଆଁ ହେଲାଣି ତଥାପି ରାଜ୍ୟର ସରକାର 'ଚାଙ୍ଗାସୀ'(ସବୁ ଠିକ୍)। ଯିଏ ଏବେ ସରକାରଙ୍କୁ ପ୍ରଶ୍ନ କରିବ ସେ ଦେଶଦ୍ରୋହୀ ହୋଇଯିବ। ଏବେ ରାଜ୍ୟରୁ ରାଶନକାର୍ଡ ହିତାଧିକାରୀଙ୍କ ସଂଖ୍ୟା କମ୍ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ପାଲଟିଛି। ସାରା ଦେଶରେ ବିଭିନ୍ନ ଯୋଜନାରୁ ୨ କୋଟି ହିତାଧିକାରୀଙ୍କୁ ନାନା ପ୍ରକାର କାରଣ ଦର୍ଶାଇ ବାଦ୍ ଦିଆସରିଲାଣି। ରାଜ୍ୟରୁ ବହୁ ଯୋଗ୍ୟ ରାଶନକାର୍ଡ ହିତାଧିକାରୀ କଟିସାରନ୍ତେଣି। ହେଲେ ନୂଆପଡା ଉପନିର୍ବାଚନ ଲାଗି ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ସମୟ ଗଡ଼ାଯାଇଛି। ବିଭିନ୍ନ ଜିଲାରୁ ଏବେ ରାଶନକାର୍ଡ ରଖିଥିବା ହିତାଧିକାରୀଙ୍କ ସଂଖ୍ୟା କମାଇବା ପାଇଁ ଏହା ଭିତରେ ରାଜ୍ୟ ସରକାର ସବୁ ଜିଲାପାଳଙ୍କୁ ୨ ଥର ଚିଠି ଦେଲେଣି। ଜିଲାପାଳମାନେ ପଞ୍ଚାୟତ ଅଧିକାରୀଙ୍କୁ ଚିଠି ଲେଖି ଯେତେ ଅଧିକ ହିତାଧିକାରୀଙ୍କୁ କଟାଯାଇପାରିବ ସେଦିଗରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବିରୋଧୀ ଦଳ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।



## ମୁଲତବୀ ଆଲୋଚନା

### ଯେତେ ଅଧିକ ହିତାଧିକାରୀଙ୍କୁ କାଟିପାରିବ ବୋଲି ଜିଲାପାଳଙ୍କୁ ନିର୍ଦ୍ଦେଶ: ରଣେନ୍ଦ୍ର

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଅନ୍ୟ ସଦସ୍ୟମାନେ ଶନିବାର ଗୃହରେ 'ଇ-କେୱାଇସି ପରେ ଏବେ ସର୍ଭେ ଆଳରେ ଲୋକଙ୍କ ରାଶନ କାର୍ଡ ସରକାର କାଟୁଛନ୍ତି, ଲୋକେ ହନ୍ତସନ୍ତ' ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ଆଲୋଚନାରେ ପ୍ରଥମେ ଭାଗନେଇ ରଣେନ୍ଦ୍ର କହିଛନ୍ତି, ଜିଲାପାଳ ପଞ୍ଚାୟତ ଅଧିକାରୀମାନଙ୍କୁ ଯେଉଁ କେତୋଟି ପଏଣ୍ଟରେ ହିତାଧିକାରୀ ☞ପୃଷ୍ଠା-୩

# ଅଯୋଗ୍ୟ କଟିବାରୁ ୨୧୦ କୋଟି ବଞ୍ଚିଛି: ମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

- **୮ ଲକ୍ଷ ୧୬ ହଜାର ୦୫୬ ଅଯୋଗ୍ୟ କଟିଛନ୍ତି**
- **୬ ଲକ୍ଷ ୩୯ ହଜାର ୮୨୭ ନୂଆ କାର୍ଡ ଦିଆଯାଇଛି**
- **ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବରରେ ମାଗଣା ୫ କେଜି ଚାଉଳ ଦିଆଯାଇଛି**
- **ରାଜ୍ୟରେ ୧୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଯୋଡ଼ିବାକୁ ନିର୍ଦ୍ଦେଶ**

ମୁଲତବୀ ପ୍ରସ୍ତାବରେ ବିରୋଧୀ ଆଣିଥିବା ଅଭିଯୋଗକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖଣ୍ଡନ କରିଛନ୍ତି। ସେ ଏହାର ଜବାବରେ କହିଛନ୍ତି, ଇ-କେୱାଇସି ସର୍ଭେ ଆଳରେ ଗତ ଜୁନ୍‌ଠାରୁ ଜଣେ ହେଲେ ଯୋଗ୍ୟ ବ୍ୟକ୍ତିଙ୍କ ରାଶନକାର୍ଡ କଟାଯାଇନାହିଁ। ଗତ ଜୁନ୍‌ରୁ ଅଦ୍ୟାବଧି ଏନ୍‌ଏଫ୍‌ଏସ୍(ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା) ୨୦୧୩ ଆଇନ ଅନୁଯାୟୀ ୯୯ ଲକ୍ଷ ୫୨ ହଜାର ୧୫୩ ପରିବାରର ୩ କୋଟି ୨୭ ଲକ୍ଷ ୮୭ ହଜାର ୨୬୩ ଜଣଙ୍କୁ ଚାଉଳ ବଣ୍ଟନ କରାଯାଉଛି। ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କିଛି ନୂଆ କଥା ନୁହେଁ। ୨୦୧୫ରୁ ୨୦୨୪ ମଧ୍ୟରେ ଏହି ପ୍ରକ୍ରିୟା ଗତ ସରକାର କରିଥିଲେ। ସେଥିରେ ୧୦ ଲକ୍ଷରୁ ଅଧିକ ପରିବାରର ୩୦ ଲକ୍ଷ ହିତାଧିକାରୀଙ୍କ କାର୍ଡ କଟାଯାଇଥିଲା। କେବଳ ସେତିକି ନୁହେଁ, ଲୋକଙ୍କୁ ଅକଥନୀୟ ଅତ୍ୟାଚାର କରାଯିବା ସହ ମହିଳାଙ୍କୁ ମଧ୍ୟ ଛଡ଼ାଯାଇ ନ ଥିଲା, ଜେଲରେ ପୂରାଯାଇଥିଲା। ଏହାସହ ଲୋକଙ୍କୁ ଅର୍ଥଦଣ୍ଡ ମଧ୍ୟ ଦେଇ ଭୟର ବାତାବରଣ ସୃଷ୍ଟି କରାଯାଇଥିଲା। ୬ ଲକ୍ଷ ୯୫ ହଜାର ୫୩୦ ମୃତ ହିତାଧିକାରୀ ଚିହ୍ନଟ କରାଯାଇ ସେମାନଙ୍କ କାର୍ଡ କଟାଯାଇଛି, ଯେଉଁମାନଙ୍କୁ ଭୂତ ହିତାଧିକାରୀ କୁହାଯାଉଛି। ୭୫,୦୩୦ ସରକାରୀ ଚାକିରିଆ କାର୍ଡ ହାତେଇଥିଲେ, ସେମାନଙ୍କ କାର୍ଡ କଟାଯାଇଛି। ଇନ୍‌କମ୍ ଟ୍ୟାକ୍ସ ଦେଉଥିବା ୪୫ ହଜାର ୪୯୬ ଜଣଙ୍କ କାର୍ଡ କଟାଯାଇଛି। ଏହିପରି ମୋଟ୍ ୮ ଲକ୍ଷ ୧୬ ହଜାର ୦୫୬ ଜଣଙ୍କ ରାଶନ କାର୍ଡ କଟାଯାଇଛି। ଏହାଦ୍ୱାରା ☞ପୃଷ୍ଠା-୩










# ଆତ୍ମସମର୍ପଣ ନ କଲେ ଏନ୍‌କାଉଣ୍ଟର

## ମାଓବାଦୀଙ୍କୁ ବିଏସ୍‌ଏଫ୍ ଆଇଜିଙ୍କ ଚେତାବନୀ

ଭୁବନେଶ୍ୱର,୨୯।୧୧(ସତ୍ୟଜିତ ରାଉତ)



ଖବରଦାତା ସମ୍ମିଳନୀରେ ବିଏସ୍‌ଏଫ୍ ଓଡ଼ିଶା ଆଇଜି ଶିବ ଆଧର ଶ୍ରୀବାସ୍ତବ ସୂଚନା ଦେଉଛନ୍ତି।

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଡିସେମ୍ବର ୧ ତାରିଖରେ ୬୧ତମ ପ୍ରତିଷ୍ଠା ଦିବସ। ଏହି ଅବସରରେ ଶନିବାର ଭୁବନେଶ୍ୱର ଗଜପତିନଗରସ୍ଥିତ ରାଜ୍ୟ ମୁଖ୍ୟାଳୟରେ ବିଏସ୍‌ଏଫ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଏସ୍‌ଏଫ୍ ଓଡ଼ିଶା ଆଇଜି ଶିବ ଆଧର ଶ୍ରୀବାସ୍ତବ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ ନ କଲେ ଏନକାଣ୍ଟର କରାଯିବ ବୋଲି ଆଇଜି ଚେତାବନୀ ଦେଇଛନ୍ତି।

ଆଇଜିଙ୍କ ସୂଚନା ଅନୁଯାୟୀ, ୨୦୨୬ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ମାଓବାଦୀ ମୁକ୍ତ ହେବ। ୨୦୨୫ରେ ୧୯ଜଣ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଇଥିବାବେଳେ ୬ଜଣ ଆତ୍ମସମର୍ପଣ କରିଛନ୍ତି। ଏଥିସହ ୮ଜଣଙ୍କୁ ଗିରଫ କରାଯାଇଛି ବୋଲି ବିଏସ୍‌ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ୧୦ଆଇଇଡି, ୮ ବନ୍ଧୁକ, ୬୪୦ ଡେଟୋନେଟର, ୨ ଗ୍ରେନେଡ୍, ୧୪୮ ଜୀବନ୍ତ ଗୁଳି ଓ ୨୬୦ ଗ୍ରାମ ବିସ୍ଫୋରକ ଜବତ କରାଯାଇଛି। ଗତ ୧୫ ବର୍ଷରେ ୧୪ଜଣ ବିଏସ୍‌ଏଫ୍ ଯବାନ ଶହୀଦ ହୋଇଛନ୍ତି। ଏହାସହ ସ୍ଥାନୀୟ ଲୋକଙ୍କ ପାଖରେ ପହଞ୍ଚିବାକୁ ବିଏସ୍‌ଏଫ୍ ଅନେକ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି। କନ୍ଧମାଳ, କଳାହାଣ୍ଡି ଏବଂ ବୌଦ୍ଧ ଜିଲାର ଜଙ୍ଗଲରେ ଏବେ ମାଓବାଦୀ ରହିଛନ୍ତି। କେନ୍ଦ୍ର ସରକାରଙ୍କ ମାଓବାଦୀ ମୁକ୍ତ ଧାର୍ଯ୍ୟ ତାରିଖ ମାର୍ଚ୍ଚ ୨୦୨୬କୁ ସ୍ଥିର କରାଯାଇଛି। ଏଥିପାଇଁ ପୋଲିସ ଏବଂ ଗୋଇନ୍ଦା ସମନ୍ୱୟକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ଡ୍ରୋନ୍ ଏବଂ ସାଟେଲାଇଟ୍ ସର୍ଭିଲାନ୍ସ ବୃଦ୍ଧି କରାଯିବ। ଏହି ଅଞ୍ଚଳରେ ଲୋକଙ୍କ ବିକାଶ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବାକୁ ଯୋଜନା ରଖାଯାଇଛି। ୨୦୧୦ ବେଳକୁ ରାଜ୍ୟରେ ମାଓବାଦୀ ଉପଦ୍ରବ ସବୁଠାରୁ ଅଧିକ ଥିଲା। ତେଣୁ ଓଡ଼ିଶାରେ ବିଏସ୍‌ଏଫ୍‌କୁ ମୁତୟନ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୫ଟି ବାଟାଲିୟନ୍ ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଥିଲା। ପରେ ବିଏସ୍‌ଏଫ୍ ମାଓବାଦୀ ଦମନକୁ ଅଧିକ କଡ଼ାକଡ଼ି କରାଯିବା ସହ ବହୁ ସଂଖ୍ୟାରେ କୁଖ୍ୟାତ ମାଓବାଦୀଙ୍କୁ ଗିରଫ କରାଯାଇପାରିଛି। ଏଥିସହ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହେଲା। ଫଳରେ ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ଆଇଜି ସୂଚନା ଦେଇଛନ୍ତି।

# ସଙ୍ଗୀତରେ ହ୍ୟୁମାନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି


ଗୀତର ଅଡିଓ ରିଲିଜ ଓ ହ୍ୟୁମାନଙ୍କ ସ୍ମୃତିଚାରଣ ସଭାରେ କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୯।୧୧(ସୌମ୍ୟରଞ୍ଜନ ରାଉତ)

## 'କୁଆଡ଼େ ଗଲୁ କୁଆଡ଼େ ଗଲୁ'ର ଅଡିଓ ରିଲିଜ୍

କଥା ଦେଇଥିଲେ ହ୍ୟୁମାନ 'ନିଶ୍ଚୟ ଗାଇବି। ଏହି ଗୀତ ଆଉ କାହାକୁ ଦେବେନି' ବୋଲି ମଧ୍ୟ କହିଥିଲେ। ୩ଦିନ ପରେ ଗୀତ ଗାଇବାକୁ କଥା ଦେଇଥିବା କଣ୍ଠଶିଳ୍ପୀ ଚିକିତ୍ସା ପାଇଁ ମେଡିକାଲ ଚାଲି ଯାଇଥିଲେ। ତା'ପରେ ସେ ଏ ଦୁନିଆ ଛାଡି ଚାଲିଗଲେ। ସୁର୍ ଭାଇବ୍ରେଶନ୍ ଷ୍ଟୁଡିଓରେ ଶନିବାର ଦିବଂଗତ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କୁ ସେଇ ସଙ୍ଗୀତ ସମର୍ପିତ କରିବା ଅବସରରେ ଏଭଳି କଥାକୁ ବଖାଣିଥିଲେ କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳ। ଗୀତର ନାମ ରହିଛି 'କୁଆଡେ ଗଲୁ କୁଆଡେ ଗଲୁ'। ଏହାର ଅଡିଓ ରିଲିଜ୍ ହେବା ସହ ହ୍ୟୁମାନଙ୍କ ପାଇଁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୀତ ଗାଇଥିବା କଣ୍ଠଶିଳ୍ପୀ ଡ. ଧଳଙ୍କ ସହ ଯୁବ ପ୍ରଯୋଜକ ବିବେକାନନ୍ଦ ବାରିକ, ନିର୍ଦ୍ଦେଶକ ଚନ୍ଦ୍ରଭାନୁ କର, ଗୀତିକାର ସଂଗ୍ରାମଜିତ୍, ସମାଜସେବୀ ମହାସଂଘ ସଭାପତି ବାପୁ ଓଝା ପ୍ରମୁଖ ଉପସ୍ଥିତ ରହି ହ୍ୟୁମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ପିଣ୍ଟୁ ଓ ବାପି ପରିଚାଳନା କରିଥିଲେ।

# ୧୯ତମ ୟୁଏମ୍‌ଆଇ ସମ୍ମିଳନୀ ଆୟୋଜନ କରିବ ଓଡ଼ିଶା

ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)

## ଆଉ ୬ ସହରରେ ଗଡ଼ିବ ଇ-ବସ୍

ଓଡ଼ିଶାରେ ଆମ ବସ୍ ସେବା ପରିଚାଳନା କରୁଥିବା କ୍ୟାପିଟାଲ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍) ପୁଣି ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ନିକଟରେ ଅନୁଷ୍ଠିତ ୧୮ତମ ଅର୍ବାନ ମୋବିଲିଟି ଇଣ୍ଡିଆ (ୟୁଏମ୍‌ଆଇ) ସମ୍ମିଳନୀରେ ଆଧୁନିକ ତଥା ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନ କ୍ଷେତ୍ରରେ କ୍ରୁଟ୍ ଏହି ପୁରସ୍କାର ପାଇବା ସହ ରାଜ୍ୟ ପାଇଁ ଗୌରବ ଆଣିଛି। ତେବେ ୨୦୨୬ ଅକ୍ଟୋବର ଶେଷ ସପ୍ତାହରେ ଓଡ଼ିଶା ୧୯ତମ ୟୁଏମ୍‌ଆଇ ସମ୍ମିଳନୀ ଆୟୋଜନ କରିବ ବୋଲି ଶନିବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏବେ ୬୭୦ଟି ଆମ ବସ୍ ୧୩୯୯ କି.ମି. ପରିବ୍ୟାପ୍ତ ୧୧୩ଟି ରୁଟ୍‌ରେ ଚାଲୁଛି। ଏଥିରେ ୨୨୦ଟି ଇ-ବସ୍ ରହିଛି। ଖୁବ୍‌ଶୀଘ୍ର ସହରାଞ୍ଚଳ ସଂଯୋଗୀକରଣକୁ ଆହୁରି ଉନ୍ନତ କରିବା ପାଇଁ ୬ଟି ନୂତନ ସହରକୁ ଇ-ବସ୍ ବିସ୍ତାର କରାଯିବ। ବର୍ଦ୍ଧିତ ଚାହିଦା ଥିବା ସହରଗୁଡ଼ିକ ଉପରେ ଧ୍ୟାନ ଦେଇ ପର୍ଯ୍ୟାୟକ୍ରମେ ବସ୍ ରୁଟ୍ ସମ୍ପ୍ରସାରଣ ଜାରି ରହିବ। ଯାତ୍ରୀମାନଙ୍କୁ ଉତ୍ସାହିତ କରିବା ଏବଂ ଡିଜିଟାଲ ଟିକେଟିଂକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅନ୍‌ଲାଇନ ଟିକେଟ ବୁକିଂରେ ୧୦% ରିହାତି ପ୍ରଦାନ କରିଛନ୍ତି। ସେହିପରି ମହିଳା ଯାତ୍ରୀମାନେ ୧୫% ରିହାତି ପାଉଛନ୍ତି। ଫଳସ୍ୱରୂପ ଟିକେଟିଂ ରାଜସ୍ୱରେ ଉଲ୍ଲେଖନୀୟ ୩୫% ବୃଦ୍ଧି ଘଟିଛି। ଇ-ବସ୍‌ର ବର୍ଦ୍ଧିତ ଗ୍ରହଣ, ଯାତ୍ରୀ-ଅନୁକୂଳ ସେବା ଏବଂ ଏକ ବିସ୍ତାରିତ ରୁଟ୍ ନେଟ୍‌ୱର୍କ ସହିତ ରାଜ୍ୟ ଏକ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଅନ୍ତର୍ଭୁକ୍ତ ଗତିଶୀଳତା ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛି ବୋଲି ମନ୍ତ୍ରୀ ଡ. ମହାପାତ୍ର ସୂଚନା ଦେଇଛନ୍ତି।

# ଖାନନଗର ରିଂ ରୋଡ୍‌ରେ କାର୍ ମାଡ଼ିଯାଇ ବୃଦ୍ଧ ମୃତ

କଟକ,୨୯।୧୧(କାର୍ତ୍ତିକ ସାହୁ)


ଦୁର୍ଘଟଣା ପରେ କାର୍‌ଟି ଭାରସାମ୍ୟ ହରାଇ ଓଲଟିପଡିଛି। (ଫଟୋ- ରାଜକିଶୋର ମହାନ୍ତି)

ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗର ରିଂ ରୋଡ୍‌ରେ ଶନିବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଯାଉଥିବା ଏକ କାର୍ ରାସ୍ତାପାର୍ଶ୍ୱକୁ ମାଡ଼ି ଯିବା ଫଳରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମାତ୍ର ସୌଭାଗ୍ୟବଶତଃ ବୃଦ୍ଧଙ୍କ ସ୍ତ୍ରୀ ବଞ୍ଚିଯାଇଛନ୍ତି। ବୃଦ୍ଧ ଦମ୍ପତିଙ୍କ ପରିଚୟ ମିଳିପାରିନାହିଁ। ଅନ୍ୟପକ୍ଷରେ କାର୍ ଦୁର୍ଘଟଣା ଘଟାଇବା ପରେ ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିଛି। ଏ ନେଇ ଖବର ପାଇ ବାଦାମବାଡ଼ି ଥାନା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ଘଟଣା ପରେ ଡ୍ରାଇଭର ଫେରାର ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ହୋଇ ସ୍ଥିତି ଉପରେ ନଜର ରଖିଛି। ସୂଚନାନୁସାରେ, କାର୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବୃଦ୍ଧ ଜଣକ ତାଙ୍କ ବୃଦ୍ଧା ସ୍ତ୍ରୀଙ୍କ ସହ ଖାନନଗର ଅଞ୍ଚଳରେ ଭଡ଼ାଘରେ ରହୁଥିଲେ। ସେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ପ୍ରତିଦିନ ସନ୍ଧ୍ୟାରୁ ରାତି ଯାଏ ମଞ୍ଜୁଲତା ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ରିଂ ରୋଡ୍ ପାର୍ଶ୍ୱରେ ଛୋଟ ବ୍ୟବସାୟ କରନ୍ତି। ମଟର, ବାଦାମ ଭଳି ଖାଦ୍ୟ ପଦାର୍ଥ ବିକ୍ରି କରି ସେ ଚଳନ୍ତି। ମାତ୍ର ରାସ୍ତାପାର୍ଶ୍ୱରେ ବସି ବ୍ୟବସାୟ କରିବା ତାଙ୍କ ପାଇଁ କାଳ ହେଲା। ଦୁର୍ଘଟଣାରେ ତାଙ୍କ ଶରୀର ଅତ୍ୟନ୍ତ କଦାକାର ହୋଇଯାଇଛି। ସ୍ଥାନୀୟ ଲୋକେ ଖବର ପାଇ ରୁଣ୍ଡ ହୋଇଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ପରିମଳ ଅଧିକାରୀ

ନିମାପଡ଼ା,୨୯।୧୧(ବିଚିତ୍ରାନନ୍ଦ ସାହୁ)


ବିଜୟ କୁମାର ଗ୍ରହାଚାର୍ଯ୍ୟ

ନିମାପଡ଼ା ଏନ୍‌ଏସିର ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ ୧୭ ହଜାର ଟଙ୍କା ଲାଞ୍ଚ ନେଲାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ନିମାପଡ଼ା ଅନ୍ତର୍ଗତ ପୂର୍ଣ୍ଣେଶ୍ୱରୀ ସାହିର ବାସିନ୍ଦା ରଘୁନାଥ ଦାଶଙ୍କଠାରୁ ଲାଞ୍ଚ ନେଲାବେଳେ ଭିଜିଲାନ୍ସ ଅଧିକାରୀ ପରିମଳ ଅଧିକାରୀ ଗ୍ରହାଚାର୍ଯ୍ୟଙ୍କୁ ଧରିଥିଲେ। ରଘୁନାଥ ଏନ୍‌ଏସି ଅଞ୍ଚଳରେ ଏକ ନୂତନ ଗୃହର ପ୍ଲାନ୍ ଓ ଡିଜାଇନ୍ ଆପ୍ରୁଭ୍ କରିଦେବା ପାଇଁ ପରିମଳ ଅଧିକାରୀଙ୍କ ସହ ଆଗରୁ କଥା ହୋଇଥିଲେ। ଏହା ଆପ୍ରୁଭ୍ ପାଇଁ ପରିମଳ ଅଧିକାରୀ ଆବେଦନକାରୀଙ୍କ ଠାରୁ ୩୦ ହଜାର ଦାବି କରିଥିଲେ। ରଘୁନାଥ ଦୁଇଟି ପର୍ଯ୍ୟାୟରେ ୧୩ ହଜାର ଟଙ୍କା ଦେଇଥିବାବେଳେ ଶନିବାର ଆଉ ୧୭ ହଜାର ଟଙ୍କା ଦେଲାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଭୁବନେଶ୍ୱର ଭିଜିଲାନ୍ସ ୟୁନିଟ୍‌ର ଡିଏସ୍‌ପି ସୁଶାନ୍ତ କୁମାର ମିଶ୍ର, ଅଶୋକ କୁମାର ବିରୁଆ, ଇନ୍ସପେକ୍ଟର ଜଗନ୍ନାଥ ପ୍ରସାଦ ସାହୁ, ବୈଭବୀମାଳା ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ଏହି ଚଢ଼ାଉ କରିଥିଲା। ପରେ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ପରିମଳ ଅଧିକାରୀ ଗ୍ରହାଚାର୍ଯ୍ୟଙ୍କ ନିମାପଡ଼ା ଥାନା ନିକଟ ବାସଭବନରେ ଚଢ଼ାଉ କରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ ଚଢ଼ାଉ ଜାରି ରହିଥିଲା। ପରେ ଭିଜିଲାନ୍ସ ଅଧିକାରୀମାନେ ପରିମଳ ଅଧିକାରୀଙ୍କୁ ଭୁବନେଶ୍ୱର ନେଇଯାଇଥିବା ଜଣାପଡ଼ିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ତ୍ରିଲୋଚନ


@ ଗୋବର୍ଦ୍ଧନ


@ ଜଗଦୀଶ


@ ସୁମନ


@ ସାଦିକ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଆ ପ୍ରେନ୍ୟୁର ସ୍ମାର୍ଟ ଓଡ଼ିଶା ହାକାଥନରେ ନବସୃଜନତା ଦେଖାଇବେ ଛାତ୍ରୀଛାତ୍ର

## ଆବେଦନ ପାଇଁ ୱେବ୍‌ସାଇଟ୍ ଶୁଭାରମ୍ଭ

ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ)



ୱେବ୍‌ସାଇଟ୍ ଉଦ୍‌ଘାଟନ ଅବସରରେ ଶିକ୍ଷା ନିର୍ଦ୍ଦେଶିକା ନିୟତୀ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଆଇଆଇଟି ଭୁବନେଶ୍ୱରର ଗବେଷଣା ଓ ଉଦ୍ୟୋଗୀତା ବିଭାଗ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ଉଚ୍ଚ ମାଧ୍ୟମିକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ହାକାଥନର ଆୟୋଜନ କରାଯିବ। ଏଥିରେ ଯୁବପିଢ଼ିମାନେ ନବସୃଜନତା ଏବଂ ଉଦ୍ୟୋଗୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିପାରିବେ। ଡିସେମ୍ବର ଶେଷ କିମ୍ବା ଜାନୁଆରୀରେ 'ଓଡ଼ିଆ ପ୍ରେନ୍ୟୁର ସ୍ମାର୍ଟ ଓଡ଼ିଶା ହାକାଥନ ୩.୦' ଆୟୋଜନ କରାଯିବାକୁ ଥିବାବେଳେ ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ଏକ ୱେବ୍‌ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ୱେବ୍‌ପୋର୍ଟାଲ ଜରିଆରେ ଛାତ୍ରୀଛାତ୍ର ନିଜର ସୃଜନଶୀଳତାକୁ ପ୍ରଦର୍ଶନ କରିବା ସହିତ ମେଣ୍ଟରଙ୍କ ସହାୟତାରେ ପ୍ରକଳ୍ପଭିତ୍ତିକ ଅଭିନବ ସୃଜନଶୀଳତା ରେଜିଷ୍ଟର କରିପାରିବେ ବୋଲି ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ନିୟତୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

ନିୟତୀ କହିଛନ୍ତି, ଓଡ଼ିଆ ପ୍ରେନ୍ୟୁର ସ୍ମାର୍ଟ ଓଡ଼ିଶା ହାକାଥନ ଛାତ୍ରୀଛାତ୍ରଙ୍କ ସର୍ବୋତ୍ତମ ନବସୃଜନ ଚିନ୍ତାଧାରାକୁ ସଂଗ୍ରହ କରିବ। ଉଦ୍ୟୋଗୀମାନଙ୍କ ସହ ମିଶିବାକୁ ସୁଯୋଗ ସୃଷ୍ଟି କରିବା ସହିତ ସେମାନଙ୍କ ଅଭିଜ୍ଞତାରୁ ଶିଖିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। ଆଇଆଇଟି ଭୁବନେଶ୍ୱରର ଆସିଷ୍ଟାଣ୍ଟ ପ୍ରଫେସର ଡ. ନରେଶ ଚନ୍ଦ୍ର ସାହୁ ଓ ୟୁନିସେଫ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଉପସ୍ଥିତ ରହି ହାକାଥନ ସମ୍ପର୍କରେ କହିଥିଲେ। ଏହି ହାକାଥନରେ ରାଜ୍ୟର ପ୍ରାୟ ୩ ହଜାରରୁ ଅଧିକ ଛାତ୍ରୀଛାତ୍ର ୯ଶହରୁ ଅଧିକ ପ୍ରକଳ୍ପଭିତ୍ତିକ ସୃଜନଶୀଳତା ସହ ଅଂଶଗ୍ରହଣ କରିବେ। ଏଥିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀଛାତ୍ର ଭାଗ ନେଇପାରିବେ। ମୁଖ୍ୟତଃ କୃଷି, ସ୍ୱାସ୍ଥ୍ୟସେବା, ନବୀକରଣୀୟ ଶକ୍ତି ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଭଳି ବିଷୟବସ୍ତୁ ଉପରେ ଧ୍ୟାନ ଦିଆଯିବ। ଆସନ୍ତା ଦୁଇମାସ ମଧ୍ୟରେ ଏହି କାର୍ଯ୍ୟକ୍ରମ ପ୍ରଥମେ ବିଦ୍ୟାଳୟସ୍ତରରେ, ପରେ ଜିଲାସ୍ତରରେ ଓ ଶେଷରେ ରାଜ୍ୟସ୍ତରରେ ଆୟୋଜନ କରାଯିବ। ସମ୍ମିଳନୀରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ, ଉପନିର୍ଦ୍ଦେଶିକା ସି.ଏଚ୍. ବିଜୟଲକ୍ଷ୍ମୀ, ସାମ୍ସ ଓଆଇସିର ଡ. ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ(ବିସିଆଇ) ପକ୍ଷରୁ ଶନିବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍‌ର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ, ଉପାଧ୍ୟକ୍ଷ, ବିସିଆଇ ପ୍ରତିନିଧି ଏବଂ ଅନ୍ୟ ସଦସ୍ୟମାନେ ଯୋଗଦେଇ ପ୍ରଧାନ ବିଚାରପତିଙ୍କୁ ଏକ ମେମେଣ୍ଟୋ ପ୍ରଦାନ କରୁଛନ୍ତି।

# ଜିଆର୍‌ସିର ଉଦ୍‌ଘାଟନକଲେ ୨ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଶନିବାର କୃଷି ଭବନଠାରେ ମିଳିତ ଭାବେ ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷ (ଜିଆର୍‌ସି)ର ଉଦ୍‌ଘାଟନ କରିଛନ୍ତି। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (ଆଇଏଫ୍‌ପିଆର୍‌ଆଇ) ସହ ମିଳିତ ଭାବେ ଉଦ୍‌ଘାଟନ ହୋଇଥିବା ଏହି କକ୍ଷ ରାଜ୍ୟର କୃଷି ଶାସନ ବ୍ୟବସ୍ଥାରେ ଲିଙ୍ଗଗତ ସମାନତାକୁ ବ୍ୟବସ୍ଥିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଗୁରୁତ୍ୱାରୋପ କରି କହିଛନ୍ତି, ଜିଆର୍‌ସିର ଶୁଭାରମ୍ଭ ଅନ୍ତର୍ଭୁକ୍ତିମୂଳକ କୃଷି ବିକାଶ ପ୍ରତି ଓଡ଼ିଶାର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଓଡ଼ିଶା ସର୍ବଦା ପ୍ରଗତିଶୀଳ କୃଷି ସଂସ୍କାରକୁ ସମର୍ଥନ କରିଆସିଛି ଏବଂ ଏହି ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷର ଶୁଭାରମ୍ଭ କୃଷି ଶାସନକୁ ଅଧିକ ଅନ୍ତର୍ଭୁକ୍ତ, ପ୍ରମାଣ-କେନ୍ଦ୍ରିତ ଏବଂ ମହିଳା ଚାଷୀଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳ କରିବା ପାଇଁ ଆମର ସଂକଳ୍ପକୁ ପ୍ରତିଫଳିତ କରେ। ଯେହେତୁ ମହିଳାମାନେ ଆମର କୃଷି କର୍ମଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଆମେ ନିଶ୍ଚିତ କରିବା ଉଚିତ ଯେପରି ସେମାନେ ଯୋଜନା, ବଜାର ଏବଂ ସୁଯୋଗରେ ସମାନ ପ୍ରବେଶ ପାଇବେ ବୋଲି ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ବିଶେଷକରି ବିଶ୍ୱ ଜାତିସଂଘ ମହିଳା କୃଷକଙ୍କ ଅନ୍ତର୍ଜାତୀୟ ବର୍ଷ (୨୦୨୬) ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ଆମେ ଏହି ସ୍ୱତନ୍ତ୍ର ଜିଆର୍‌ସିର ଏହି ଶୁଭାରମ୍ଭକରି ଆମ ରାଜ୍ୟର ମହିଳାମାନଙ୍କ ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛୁ। ଜିଆର୍‌ସି ଏପରି ଏକ ମୁହୂର୍ତ୍ତରେ ଆରମ୍ଭ ହେଉଛି ଯେତେବେଳେ ସମଗ୍ର ବିଶ୍ୱର ଧ୍ୟାନ ମହିଳା କୃଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଅଧିକ ଅନ୍ତର୍ଭୁକ୍ତିମୂଳକ ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରୁଛି ବୋଲି ସେ କହିଛନ୍ତି।

# ପାଣ୍ଡିଆନ୍‌ଙ୍କୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

- କେମିତି ଏତେ ସୁରକ୍ଷା କର୍ମୀ ପାଇଥିଲେ ତଦନ୍ତ ହେବ: ଭାଜପା
- ସରକାର ତ ସେମାନଙ୍କର, କାର୍ଯ୍ୟାନୁଷ୍ଠାନ କାହିଁ: ବିଜେଡି
- କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ସରକାର: କଂଗ୍ରେସ

ରାଜ୍ୟରେ ବିଜେଡି ସରକାର ଥିବାବେଳେ ପାଣ୍ଡିଆନ୍‌ଙ୍କ ସୁରକ୍ଷାରେ ୭୨ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିଲେ, ଏବେ ଏହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଉକ୍ତ ଘଟଣାରେ ବିଜେଡି ଓ ଭାଜପା ଭିତରେ କାଦୁଅ ଫିଙ୍ଗା ଚାଲିଛି। ଖୁବଶୀଘ୍ର ପାଣ୍ଡିଆନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାଜପା ନେତାମାନେ କହିଥିବାବେଳେ ବିଜେଡି କହୁଛି ସରକାର ତ ତାଙ୍କର, ଭାଷଣ କାହିଁକି।

ଭାଜପା ବିଧାୟକ ସରୋଜ ପାଢ଼ୀ କହିଛନ୍ତି, ଜଣେ ସାଧାରଣ ଲୋକ ହେଉଛନ୍ତି ପାଣ୍ଡିଆନ୍। ତଥାପି ଗତ ସରକାର ସମୟରେ ତାଙ୍କୁ ପୋଲିସ ବହୁଳ ମାତ୍ରାରେ ସୁରକ୍ଷା ଦେଉଥିଲେ। ସେ ଲୋକଙ୍କ ପାଇଁ କ'ଣ କରୁଥିଲେ ଯେ ଏତେ ସୁରକ୍ଷା ତାଙ୍କୁ ମିଳୁଥିଲା। ପାଣ୍ଡିଆନ୍‌ଙ୍କୁ କାହିଁକି ଏତେ ସୁରକ୍ଷା ଦିଆଯାଇଥିଲା ତା'ର ତଦନ୍ତ ହେବ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି, ପାଣ୍ଡିଆନ୍‌ଙ୍କୁ ଭାଜପା ସୁରକ୍ଷା ଦେଉଛି। ସେ ଏବେ କେଉଁଠି ଅଛନ୍ତି, କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପାଣ୍ଡିଆନ୍‌ଙ୍କ ପାଇଁ ଯଦି ଆବଶ୍ୟକତାଠାରୁ ଅଧିକ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିଲେ ତେବେ କାହିଁକି ଭାଜପା ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସେ କହିଛନ୍ତି।

ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି, ସରକାର ତ ସେମାନଙ୍କର। ସିବିଆଇ, ଇଡି, ଭିଜିଲାନ୍ସ ସବୁ ତ ତାଙ୍କ ହାତରେ ରହିଛି। ଯଦି କିଛି ଭୁଲ୍ ହୋଇଛି ତଦନ୍ତ ନ କରି ଏତେ ଭାଷଣ କାହିଁକି ଦେଉଛନ୍ତି। ୧୮ ମାସ ହେଲା ସେମାନଙ୍କୁ ପାଣ୍ଡିଆନ୍ ଭୂତ ଘାରିଛି। ସେଇ ଭୂତ ସେମାନଙ୍କୁ ଖାଇବ। ୧୮ ମାସ ହେଲା ଯେଉଁ କଥା କହୁଥିଲେ ଏବେ ବି ସେଇ କଥା। କିଛି ନୂଆ କଥା କହୁନାହାନ୍ତି ବୋଲି ସାରଦା କହିଛନ୍ତି।

# ସାହିତ୍ୟ ଏକ ପରିବର୍ତ୍ତନକାରୀ ଶକ୍ତି: ରାଜ୍ୟପାଳ



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପଦ୍ମଭୂଷଣ ଜାଭେଦ୍ ଅଖତର୍‌ଙ୍କୁ 'ସୋଆ ସାହିତ୍ୟ ସମ୍ମାନ ୨୦୨୫' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୯।୧୧(ସୌମ୍ୟରଞ୍ଜନ ରାଉତ)

## ପଦ୍ମଭୂଷଣ ଜାଭେଦ୍ ଅଖତର୍‌ଙ୍କୁ 'ସୋଆ ସାହିତ୍ୟ ସମ୍ମାନ'

ସାହିତ୍ୟ ଏକ ପରିବର୍ତ୍ତନକାରୀ ଶକ୍ତି। ଏହା କେବଳ ଏକ କଳାତ୍ମକ ରୂପ ନୁହେଁ, ବରଂ ଏକ ଶକ୍ତି, ଯାହା ଜୀବନ ଓ ମୂଲ୍ୟବୋଧକୁ ଆକାର ଦିଏ। ସହାନୁଭୂତିକୁ ପୋଷଣ କରେ ଏବଂ ନୈତିକ ଭାବନାକୁ ବିସ୍ତାର କରେ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ସୋଆ ସାହିତ୍ୟ ମହୋତ୍ସବର ତୃତୀୟ ସଂସ୍କରଣକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ବିକଶିତ ହେବା ପୂର୍ବରୁ ସମାଜ କାହାଣୀ, କବିତା ଏବଂ ମହାକାବ୍ୟ ମାଧ୍ୟମରେ ସତ୍ୟ, ନ୍ୟାୟ, ସାହସ ଓ କରୁଣା ଭଳି ମୂଲ୍ୟବୋଧ ଶିଖୁଥିଲା। ସାହିତ୍ୟ ଆମକୁ ଆମ ନିଜସ୍ୱ ଦୃଷ୍ଟିକୋଣ ବ୍ୟତୀତ ଅନ୍ୟର ଦୃଷ୍ଟିକୋଣ ମାଧ୍ୟମରେ ବିଶ୍ୱକୁ ଦେଖିବା ପାଇଁ ଦିଗ୍‌ଦର୍ଶନ ଦିଏ। ପରିବର୍ତ୍ତିତ ପ୍ରଯୁକ୍ତିବିଦ୍ୟା ଦୃଶ୍ୟପଟକୁ ଉଲ୍ଲେଖ କରି ରାଜ୍ୟପାଳ ମହୋତ୍ସବର ପ୍ରସଙ୍ଗ 'ସଂସ୍କୃତି, ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତ୍ତା' ଉପରେ ଆଲୋକପାତ କରିଥିଲେ। ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ଯୋଗାଯୋଗ ଓ ସୃଜନଶୀଳତାକୁ ପରିବର୍ତ୍ତନ କରୁଛି। ଏହା ସମାଜକୁ ସାଂସ୍କୃତିକ ପରିଚୟ ଏବଂ ମାନବିକ ମୂଲ୍ୟବୋଧର ମୂଳରେ ରଖିବାରେ ଗୁରୁତ୍ୱ ରଖିଥାଏ ବୋଲି ରାଜ୍ୟପାଳ ମତପ୍ରକାଶ କରିଥିଲେ। ଏହି ଅବସରରେ କବି, ଗୀତିକାର ଏବଂ ସ୍କ୍ରିପ୍ଟ ଲେଖକ ପଦ୍ମଭୂଷଣ ଜାଭେଦ୍ ଅଖତର୍‌ଙ୍କୁ ରାଜ୍ୟପାଳ 'ସୋଆ ସାହିତ୍ୟ ସମ୍ମାନ ୨୦୨୫' ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଥିଲେ। ସମ୍ମାନ ସ୍ୱରୂପ ତାଙ୍କୁ ୭ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରିବା ଅବସରରେ ପଦ୍ମଭୂଷଣ ଜାଭେଦ ଯୁବପିଢ଼ିଙ୍କୁ ସାହିତ୍ୟ, ଭାଷା, ସଂସ୍କୃତି ଏବଂ ପରମ୍ପରା ସହିତ ଅଧିକ ଗଭୀର ଭାବରେ ଜଡ଼ିତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଡ. କେ. ଶ୍ରୀନିବାସ ରାଓ, ସୋଆ ଉପକୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଭାଇସ ପ୍ରେସିଡେଣ୍ଟ ଶାଶ୍ୱତୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟ ମହୋତ୍ସବର ନିର୍ଦ୍ଦେଶକ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହୋତ୍ସବର ମୁଖ୍ୟ ସଂଯୋଜକ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ଭାଙ୍ଗିଲେ ଭାଜପା ବିରୋଧୀ ଭୋଟ ଭାଗ ହୋଇଯିବ: ଜୟନାରାୟଣ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

## ଭାଜପା ହୁଇସିଲ ମାରି ବିଜେଡିକୁ ଭାଙ୍ଗୁ: ଗଣେଶ୍ୱର

ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଶନିବାର କହିଛନ୍ତି, ହୁଇସିଲ ମାରିଲେ ବିଜେଡି ଭାଙ୍ଗିଯିବ। ବିଜେଡି ଭାଙ୍ଗିଲେ ଭାଜପା ବିରୋଧୀ ଭୋଟ୍ ଭାଗଭାଗ ହୋଇଯିବ। ସେଥିଲାଗି କେନ୍ଦ୍ର ଭାଜପା ନେତାମାନେ ବିଜେଡିକୁ ଭାଙ୍ଗିବାକୁ ଚାହୁଁନାହାନ୍ତି। ସମସ୍ତ ଅଣକଂଗ୍ରେସ ଭୋଟ୍ ଭାଜପା ନାଁରେ ଏକତ୍ରିତ କରିବାକୁ ଚାହୁଁଛୁ। ସେଥିଲାଗି ବିଜେଡିକୁ ଭାଙ୍ଗିବାକୁ ପାର୍ଟି ଚାହୁଁନାହିଁ ବୋଲି ସେ କହିଛନ୍ତି। ଜୟନାରାୟଣଙ୍କ ପ୍ରତିକ୍ରିୟା ଉପରେ ପାଲଟା ଜବାବ ରଖି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଆମେ ଆହ୍ୱାନ କରୁଛୁ ସେମାନେ ହୁଇସିଲ୍ ମାରନ୍ତୁ। ହୁଇସିଲ୍ ମାରି ଥରେ ଦେଖନ୍ତୁ, ଅବାସ୍ତବ କଥା ସେ କହୁଛନ୍ତି। ଆଗକୁ ବିଜେଡି ସଙ୍ଗଠିତ ହୋଇ ଫେରିବ ବୋଲି ଗଣେଶ୍ୱର କହିଛନ୍ତି। ପୁଣି ଥରେ ଗଣେଶ୍ୱରଙ୍କ ପ୍ରତିକ୍ରିୟା ଉପରେ ଜବାବ ରଖି ଜୟନାରାୟଣ କହିଛନ୍ତି, ସେ କଂଗ୍ରେସ ଛାଡ଼ି ବିଜେଡିକୁ ଆସିଛନ୍ତି, ସେଥିଲାଗି ଅଧିକ ଶବ୍ଦ କରୁଛନ୍ତି। ବିଜେଡି ଆଉ ନାହିଁ, ହୁଇସିଲ୍ ମାରିଲେ ଭାଙ୍ଗିଯିବ। କିନ୍ତୁ ଏବେ ଚାହୁଁନାହୁଁ ବୋଲି ଜୟନାରାୟଣ କହିଛନ୍ତି।

# 'ପାଣ୍ଡିଆନ୍ ବେଳେ କାଗଜବାଘ ଥିଲେ, ଏବେ ଚିତ୍କାର କରୁଛନ୍ତି'

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

## ବିରୋଧୀ ସଦସ୍ୟଙ୍କୁ ଶାସକ ଦଳ ସଦସ୍ୟଙ୍କ ଟାର୍ଗେଟ

ବିରୋଧୀ ଆଣିଥିବା 'ଇ-କେୱାଇସି ପରେ ସର୍ଭେ ଆଳରେ ଲୋକଙ୍କ ରାଶନ କାର୍ଡ କାଟୁଛନ୍ତି ସରକାର, ଲୋକେ ହନ୍ତସନ୍ତ' ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବର୍ଷିଛନ୍ତି ଶାସକ ଦଳର ସଦସ୍ୟ। ପୂର୍ବ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ରାଶନକାର୍ଡ କାଟିବାରେ ମାହିର ଥିଲା ବୋଲି କହିଛନ୍ତି। ଭାଜପା ସଦସ୍ୟମାନେ ବିଜେଡି ସରକାର ସମୟ କଥା କହି ବିରୋଧୀଙ୍କୁ ଟାର୍ଗେଟ କରିଥିବା ବେଳେ ପାଣ୍ଡିଆନ୍ ସମୟରେ କାଗଜ ବାଘ ଥିଲେ, ପାଟି ଫିଟୁ ନ ଥିଲା। ଏବେ ବାଘ ଭଳି ଚିତ୍କାର କରୁଛନ୍ତି କହି ଶାସକ ଦଳ ସଦସ୍ୟ ତାଚ୍ଛଲ୍ୟ କରିଛନ୍ତି।

ଭାଜପା ସଦସ୍ୟ ପ୍ରତାପ ଚନ୍ଦ୍ର ନାଏକ କହିଛନ୍ତି, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯେଉଁ ଗପ କହିଲେ ତାହା ସେ ଶୁଣିଲେ। ନବୀନବାବୁ ଗୋଟିଏ ଗପ ଲେଖନ୍ତୁ ଏବଂ ତା'ର ମୁଖ୍ୟ ଚରିତ୍ରରେ ପାଣ୍ଡିଆନ୍‌ଙ୍କ ରଖନ୍ତୁ। ଗତ ସରକାର ୧୦ ଲକ୍ଷ ୩୦ ହଜାର ୬୯ ଜଣଙ୍କ ରାଶନକାର୍ଡ କାଟିଥିଲେ। ଏବେ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ କାଟିବା କାର୍ଯ୍ୟ କରୁଛନ୍ତି। ସେଥିରେ ବିରୋଧୀ ସଦସ୍ୟମାନେ ସରକାରରେ ଥିବାବେଳେ ଯେଉଁ ମାମୁଁପୁଅ, ମାଉସୀ ପୁଅମାନଙ୍କୁ ପୂରାଇଛନ୍ତି ସେମାନଙ୍କର ନାଁ କାଳେ କଟିଯିବ ବୋଲି ଡରୁଛନ୍ତି। ସେଥିଲାଗି ମିଛଟାରେ ଚିତ୍କାର କରୁଛନ୍ତି। ଯେଉଁ ବିରୋଧୀ ସଦସ୍ୟ ଏବେ ଚିତ୍କାର କରୁଛନ୍ତି ପାଣ୍ଡିଆନ୍ ଶାସନ ବେଳେ ସେମାନଙ୍କ ପାଟି ଫିଟୁନଥିଲା, ଖାଲି କାଗଜବାଘ ଥିଲେ। କିନ୍ତୁ ଏବେ ସତସତିକା ବାଘ ହୋଇଗଲା ଭଳି ଚିତ୍କାର କରୁଛନ୍ତି ବୋଲି ପ୍ରତାପ କହିଛନ୍ତି। ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା କହିଛନ୍ତି, ବିଜେଡି ସଦସ୍ୟମାନେ ନୂଆପଡ଼ା ଉପନିର୍ବାଚନ ପରେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଗତ ବିଧାନସଭା ପର୍ଯ୍ୟନ୍ତ ସେମାନଙ୍କ ଯେଉଁ ସ୍ୱର ଥିଲା ସେଥିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଆକାଶ ପାତାଳ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗତ ୧୭ ମାସ ଭିତରେ ସେମାନଙ୍କର ଯେଉଁ ଉତ୍ପାତ ଥିଲା ସେକଥା ଆଉ ଏବେ ନାହିଁ। ଆଉ ନୂଆପଡ଼ା ଉପନିର୍ବାଚନବେଳେ ନବୀନବାବୁଙ୍କୁ ଯେଉଁ ଅବସ୍ଥାରେ ୨ ଥର ନେଇ ପ୍ରଚାର କରାଇଲେ ତାହା ଦେଖି ଦୁଃଖ ଲାଗୁଥିଲା ବୋଲି ପଦ୍ମଲୋଚନ କହିଛନ୍ତି।

ଭାଜପା ସଦସ୍ୟ ଆଶ୍ରିତ ପଟ୍ଟନାୟକ କହିଛନ୍ତି, ପୂର୍ବ ସରକାର କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ରାଶନ କାର୍ଡ କାଟୁଥିଲେ। ୨୦୧୫ରୁ ୨୦୨୪ ମଧ୍ୟରେ ରାଜ୍ୟର ପ୍ରାୟ ୩୦ ଲକ୍ଷ ହିତାଧିକାରୀଙ୍କ ରାଶନକାର୍ଡ କଟାଯାଇଛି। ଭାଜପା ସରକାର ଆସିବା ପରେ ୧୫ ଲକ୍ଷରୁ ଅଧିକ ଆବେଦନକାରୀଙ୍କ ମଧ୍ୟରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତକରି କାର୍ଡ ପ୍ରଦାନ କରିଛି। ଭାଜପା ସଦସ୍ୟ ଅମର ନାୟକ କହିଛନ୍ତି, ୧୫ ଲକ୍ଷ ହିତାଧିକାରୀଙ୍କୁ ଇ-କେୱାଇସି ଦେବାକୁ ଅବଧି ଦେଇଛୁ। ବାକି ୩ କୋଟିରୁ ଅଧିକ ହିତାଧିକାରୀଙ୍କ ଇ-କେୱାଇସି ସରିଲାଣି। ହେଲେ ବିରୋଧୀ ସେହି ୧୫ ଲକ୍ଷ ହିତାଧିକାରୀଙ୍କ କଥା କହି ରାଜନୀତି କରିବାକୁ ଚାହୁଁଛନ୍ତି। ଗତ ସରକାର ବହୁ ଯୋଗ୍ୟ ଲୋକଙ୍କୁ ମାଗଣା ଚାଉଳ ପାଇବାରୁ ବଞ୍ଚିତ ରଖିଥିଲେ। କେବଳ ସେତିକି ନୁହେଁ, ଅନେକଙ୍କୁ ଅଯୋଗ୍ୟ ବିବେଚିତ କରିବା ସହ ଜରିମାନା ବାବଦରେ ୪୨ କୋଟି ଟଙ୍କା ଆଦାୟକରି ଜେଲ ପଠାଇଥିବା ସେ କହିଛନ୍ତି।

## ରାଶନ କାର୍ଡରୁ ନାଁ...

ପ୍ରଥମ ପୃଷ୍ଠାରୁ...

ସଂଖ୍ୟା କମାଇବାକୁ ଲେଖିଛନ୍ତି, ସେଗୁଡ଼ିକ ମଧ୍ୟରେ ୬ ମାସ ଯଦି ଜଣେ ଚାଉଳ ଉଠାଇ ନ ଥିବେ, ୨.୪୭ ଏକର ଜମି ଯାହାର ଥିବ ଏବଂ ବାର୍ଷିକ ଯେଉଁମାନେ ୧ ଲକ୍ଷ ୨୦ ହଜାର ଟଙ୍କା ରୋଜଗାର କରୁଥିବେ ଆଦି ଅନ୍ତର୍ଭୁକ୍ତ। ରାଜ୍ୟରୁ ପ୍ରାୟ ୩୯.୪୭ ଲକ୍ଷ ଲୋକଙ୍କୁ ଅଯୋଗ୍ୟ ବର୍ଗରେ ରଖି ସେମାନଙ୍କ ନାଁ କାଟିବାକୁ ଜିଲାପାଳଙ୍କୁ ବାଧ କରାଯାଇଛି। ୪ ଲକ୍ଷ ୭୫ ହଜାର ଲୋକଙ୍କ ରାଶନ କାର୍ଡ କାଟିସାରିଛନ୍ତି। ସରକାର ଗୋଟେ କଥା ସ୍ପଷ୍ଟ କରନ୍ତୁ, ପିଏମ୍ କିଷାନ, ସିଏମ୍ କିଷାନ, ସୁଭଦ୍ରା ଯୋଜନାରେ ଯେଉଁମାନେ ଅର୍ଥ ପାଉଛନ୍ତି ସେମାନେ ରାଶନକାର୍ଡ ପାଇବା ଲାଗି ଯୋଗ୍ୟ ହେବେ ନା କଟିବେ। ସରକାର ଲୋକଙ୍କୁ କୃତ୍ରିମ ଭାବେ ଧନୀକରି ରାଶନକାର୍ଡରୁ ବଞ୍ଚିତ କରାଇବାକୁ ଲକ୍ଷ୍ୟ ରଖିଛନ୍ତି। ଯେଉଁମାନେ ଦାଦନ ଯାଇଛନ୍ତି ସେମାନେ ତ ୬ ମାସ ଚାଉଳ ଉଠାଇପାରିବେନାହିଁ। ତା'ମାନେ ସେମାନେ କ'ଣ ଅଯୋଗ୍ୟ ହେବେ? ଇଏ ଆଦାନୀ ଏବଂ ଆମ୍ବାନୀଙ୍କ ସରକାର ବୋଲି ରଣେନ୍ଦ୍ର କହିଛନ୍ତି। ବିଜେଡି ସଦସ୍ୟ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ସସ୍‌ପେକ୍ଟଫୁଲ୍ ହିତାଧିକାରୀମାନେ କ'ଣ କ୍ରିମିନାଲ।

ଏ ସରକାର ନିୟମ କରିଛନ୍ତି ଯେଉଁମାନଙ୍କ ୩ ଚକିଆ ଅଟୋ ଥିବ ସେ ମଧ୍ୟ ଚାଉଳ ପାଇବାରୁ ବଞ୍ଚିତ ହେବେ। ୧୦ ହଜାର ଟଙ୍କା ରୋଜଗାର କରୁଥିବା ଲୋକ ଏଥିରୁ ବଞ୍ଚିତ ହେବେ, ସରକାର କ'ଣ ଜାଣିଶୁଣି ସାଧାରଣ ଲୋକଙ୍କୁ ଏଥିରୁ ବଞ୍ଚିତ କରୁଛନ୍ତି। ସରକାର ଆଉ ଗୋଟେ ନିୟମ କରିଛନ୍ତି, ଯେଉଁମାନେ ଟ୍ୟାକ୍ସପେୟର ସେମାନେ ମଧ୍ୟ ଅଯୋଗ୍ୟ ହେବେ। ଏବେ ସାଧାରଣ ଲୋକଟିଏ ଋଣ ନେବାକୁ ଚାହିଁଲେ ସେମାନଙ୍କର ପ୍ୟାନ୍ କାର୍ଡ ଦରକାର। ଏହାସହ ସେ ଜିରୋ ରିଟର୍ନ ଫାଇଲ କରୁଥିବା ଦରକାର। ସେମାନଙ୍କୁ ବି କାଟିଦିଆଯିବ କି ବୋଲି ଦେବୀରଞ୍ଜନ ପ୍ରଶ୍ନ କରିଛନ୍ତି। ବିଧାୟକ ସାରଦା ପ୍ରସାଦ ଜେନା କହିଛନ୍ତି, ଇ-କେୱାଇସି ନାମରେ ରାଶନ କାର୍ଡ କାଟିବାକୁ ଯେଉଁ ଆତଙ୍କୀ କାର୍ଯ୍ୟକ୍ରମ କରାଯାଉଛି ତାହା ଦୁର୍ଭାଗ୍ୟଜନକ। ଏହା ଏସ୍‌ଆଇଆର୍‌ଠାରୁ ମଧ୍ୟ ଭୟଙ୍କର। ନୂଆପଡ଼ା ଉପନିର୍ବାଚନ ସମୟରେ ଶାସକ ଦଳ ନେତାମାନେ ସେଠାର ଭୋଟରଙ୍କୁ କହିଲେ, ଯଦି ଭୋଟ ନ ଦେବ ତେବେ ରାଶନକାର୍ଡ କାଟିଦିଆଯିବ। ଏଭଳି ଭୟ ସାଧାରଣ ଲୋକଙ୍କୁ ଦେଖାଯାଇଛି। ସରକାର ଆସିବାର ୧୭ ମାସ ପୂରଣ ହେଲାଣି, ଜଣେ ହେଲେ ନୂଆ ହିତାଧିକାରୀ ରାଶନକାର୍ଡ ରାଜ୍ୟରେ ପାଇନାହାନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଛନ୍ତି, ରାଶନ କାର୍ଡ କାଟିବାର ଯେଉଁ ପ୍ରୟାସ ଆରମ୍ଭ ହୋଇଛି ତାହା ଦୁର୍ଭାଗ୍ୟଜନକ। ୨୦୧୩ରେ ଯେତେବେଳେ ଉପା ସରକାର ଥିଲା ସେତେବେଳେ ଯୋଜନା କରିଥିଲା, ଭାରତର ଯେପରି ଜଣେ କେହି ଭୋକିଲା ରହିବେ ନାହିଁ। ଏବେ ଏହି ଯୋଜନାକୁ ବିଭିନ୍ନ ନାମରେ ପରିବର୍ତ୍ତନ କରି ଏହାକୁ ନେଇ ବିଭିନ୍ନ ଦଳ ରାଜନୀତି କରୁଛନ୍ତି। ଇ-କେୱାଇସି ନାଁରେ ସାଧାରଣ ଲୋକଙ୍କୁ ଉକ୍ତ ଯୋଜନାରୁ ବାଦ୍ ପଡ଼ିବାକୁ ପଡୁଛି ବୋଲି ସେ କହିଛନ୍ତି। ସି.ଏସ୍. ରାଜନ ଏକ୍କା ମଧ୍ୟ ଇ-କେୱାଇସି ଯୋଗୁ ତାଙ୍କ ଅଞ୍ଚଳରେ ଉପୁଜୁଥିବା ସମସ୍ୟା କଥା କହିଛନ୍ତି।

## ଅଯୋଗ୍ୟ କଟିବାରୁ...

ବର୍ଷରେ ସରକାରଙ୍କ ରାଜକୋଷରେ ୨୧୦ କୋଟି ଟଙ୍କା ବଞ୍ଚିଛି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଇ-କେୱାଇସି ଦ୍ୱାରା ବାହାର ରାଜ୍ୟରେ ମଧ୍ୟ ଲୋକଙ୍କୁ ଚାଉଳ ମିଳିପାରୁଛି। ବିରୋଧୀ ଅଭିଯୋଗ କରୁଥିଲେ ଅନ୍ୟ ରାଜ୍ୟରେ ଏ ବ୍ୟବସ୍ଥା ନାହିଁ। ହେଲେ ତାମିଲନାଡୁ, କର୍ଣ୍ଣାଟକ ଏବଂ କେରଳରେ ଇ-କେୱାଇସି ହେଉଛି। ପୂର୍ବ ସରକାର ସମୟରେ ପୋର୍ଟାଲ ବନ୍ଦ କରିଦିଆଯାଇଥିଲା। ଫଳରେ ହିତାଧିକାରୀ ଆବେଦନ କରିପାରୁ ନ ଥିଲେ। ହେଲେ ଭାଜପା ସରକାର ଆସିବା ପରେ ପୋର୍ଟାଲ ଖୋଲିଲା ଏବଂ ବର୍ତ୍ତମାନ ସୁଦ୍ଧା ୧୫ ଲକ୍ଷ ଲୋକ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଲକ୍ଷ ୩୯ ହଜାର ୮୨୭ ଜଣଙ୍କୁ ଇନ୍‌କ୍ୱାରି କରି କାର୍ଡ ଦିଆଯାଇସାରିଛି। ସହରାଞ୍ଚଳରେ ଦେଢ଼ ଲକ୍ଷ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ଲାଗି କୁହାଯାଇଛି। ସେହିପରି ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀଙ୍କୁ ଯୋଡ଼ିବାକୁ କୁହାଯାଇଛି। ପୂର୍ବ ସରକାର ସମୟରେ ରାଜନୈତିକ ଉଦ୍ଦେଶ୍ୟ ରଖି ଯେଉଁମାନଙ୍କୁ ଭାଜପାର କହି କାଟିଦିଆଯାଉଥିଲା ସେମାନେ ଆଉ ଆବେଦନ କରିପାରୁ ନ ଥିଲେ। ହେଲେ ଏ ସରକାର ସେ ବ୍ୟବସ୍ଥା ବନ୍ଦ କରିଛନ୍ତି। ବିରୋଧୀ ଅଭିଯୋଗ କରୁଥିଲେ ଯିଏ ଲୋନ୍ ପାଇଁ ଆବେଦନ କରୁଛନ୍ତି ସେମାନଙ୍କ କାର୍ଡ କଟାଯାଉଛି, ଏହା ସମ୍ପୂର୍ଣ୍ଣ ଭୁଲ୍ କଥା। ଗତ ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବରରେ ହିତାଧିକାରୀଙ୍କୁ ମାଗଣାରେ ୫ କେଜି ଲେଖା ଚାଉଳ ଦିଆଯାଇଛି। ୧୭ ମାସ ଭିତରେ ଜଣେ ହେଲେ ଚାଷୀ ଆତ୍ମହତ୍ୟା କରିନାହାନ୍ତି, ବରଂ ସେମାନେ ସୁନାଦୋକାନ ଯାଇ ଏବେ ଆର୍ଥିକ ସ୍ୱଚ୍ଛଳ ହୋଇପାରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।




# ଓଡ଼ିଶା ପୂର୍ବ ସୈନିକ ନିଗମ ଗଠନ ହେଉ




ସମ୍ମିଳନୀରେ ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର୍ସ ଆସୋସିଏଶନ କର୍ମକର୍ତ୍ତାମାନେ।

## ରାଜ୍ୟସ୍ତରୀୟ ପୂର୍ବ ସୈନିକ ସମ୍ମିଳନୀ

ଭୁବନେଶ୍ୱର,୨୯।୧୧(ସୌମ୍ୟରଞ୍ଜନ ରାଉତ)

ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର୍ସ ଆସୋସିଏଶନ ପକ୍ଷରୁ ଶନିବାର ସୂଚନା ଭବନରେ ରାଜ୍ୟସ୍ତରୀୟ ପୂର୍ବ ସୈନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ଭେଟେରାନ୍ ପରମେଶ୍ୱର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ମଧୁସୂଦନ ଦାସ, ସମ୍ପାଦକ ଉମେଶ କୁମାର ଚଇନି, ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର ମିଶ୍ର, ସହ ସମ୍ପାଦକ ଦେବରାଜ ବଳିଆରସିଂ, ଜିଲା ସଙ୍ଗଠନ ସଭାପତି ଓ ସମ୍ପାଦକ ରବୀନ୍ଦ୍ରନାଥ ସାହୁ, ବୀରବର ପାତ୍ର, ଅଭୟ ଲେଙ୍କା, ରମେଶ ଚନ୍ଦ୍ର ନାୟକ, କଂଗ୍ରେସ ପ୍ରଧାନ, ଶରତ ଚନ୍ଦ୍ର ସାହୁ, ଜୀବନ ଶତପଥୀ, ସୁରଜିତ ହୋତା, ଚକ୍ରାନ୍ତ ଜେନା, ନିର୍ମଳ ଦାସ, ନିବେଦିତା ମଲ୍ଲିକ, ସନ୍ତୋଷ ପ୍ରଧାନ, ସଲିମ ଖାନ୍, ରତ୍ନାକର ଗୁମାନସିଂ ପ୍ରମୁଖ ଯୋଗଦେଇ ଓଡିଶା ପୂର୍ବ ସୈନିକ ନିଗମ ଗଠନ ପାଇଁ ପ୍ରସ୍ତାବ ରଖିଥିଲେ। ହିମାଚଳ ପ୍ରଦେଶ, ହରିୟାଣା ଭଳି ଅନ୍ୟ ରାଜ୍ୟରେ ପୂର୍ବ ସୈନିକ ନିଗମ ଥିବା ବେଳେ ଓଡିଶାରେ ଏହା ନ ଥିବାରୁ ସୈନିକମାନେ ଅଳ୍ପ ବୟସରେ ଚାକିରିରୁ ଅବସର ପରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନେ ବାଧ୍ୟ ହୋଇ ଓଡ଼ିଶାରେ ବେସରକାରୀ ସଂସ୍ଥାରେ ସ୍ୱଳ୍ପ ବେତନରେ କାମକରୁଛନ୍ତି। ଏହି ନିଗମ ଦ୍ୱାରା ସମସ୍ତ ପୂର୍ବ ସୈନିକ ଆତ୍ମନିର୍ଭର ହୋଇପାରିବେ। ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ନିଗମର ମାନବସମ୍ବଳ ଲାଗିପାରିବ। ଯବାନ ଲିଜ ଜମିର ଉପଯୋଗ କଲେ କୃଷିର ବିକାଶ ହେବ। ସୈନ୍ୟ ଶିକ୍ଷା ଅଭିଯାନ ଦ୍ୱାରା ଛାତ୍ର ସମାଜ ଓ ଯୁବ ସମାଜ ଭିତରେ ଦେଶପ୍ରେମର ଭାବନା ଜାଗ୍ରତ ହେବ। ଶହୀଦ ଯବାନଙ୍କ ପରିବାର କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ନିଗମ ମାଧ୍ୟମରେ ଓଡ଼ିଶାର ପୂର୍ବ ସୈନିକମାନେ ଥଇଥାନ ହେବା ସହିତ ସରକାର ବିଭିନ୍ନ ଭାବେ ରାଜସ୍ୱ ପାଇପାରିବେ ବୋଲି ଆଲୋଚନା ହୋଇଥିଲା। ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଜ୍ଞାପନ ପତ୍ର ପ୍ରଦାନ କରାଯାଇଥିଲା।

# ହ୍ୟୁମାନ୍ ସାଗରଙ୍କ ମ୍ୟାନେଜରଙ୍କ ନାମରେ ମହିଳା ଥାନାରେ ଏତଲା

କଟକ,୨୯।୧୧(କାର୍ତ୍ତିକ ସାହୁ)

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ୧୦ ଦିନରୁ ଅଧିକ ବିତିଲାଣି। ହ୍ୟୁମାନଙ୍କ ଅସୁସ୍ଥତା ଓ ମୃତ୍ୟୁର କାରଣ ଭାବେ ଦାୟୀ କରାଯାଇ ତାଙ୍କ ମ୍ୟାନେଜର ଦିନେଶ ବେହେରାଙ୍କ ବିବାଦ ବଢ଼ିବାରେ ଲାଗିଛି। ରାଜ୍ୟର ବିଭିନ୍ନ ଥାନାରେ ତାଙ୍କ ନାମରେ ଏତଲା ଦିଆଯାଉଛି। ଦିନେଶଙ୍କ ନାଁରେ ପୁଣି ଏକ ଏତଲା କଟକ ମହିଳା ଥାନାରେ ଶନିବାର ଦିଆଯାଇଛି। ହ୍ୟୁମାନଙ୍କ ମା'ଙ୍କୁ ଗାଳିଗୁଲଜ କରିଥିବା ଘଟଣାରେ ଦିନେଶଙ୍କ ବିରୋଧରେ କଟକ ସାମାଜିକ ସଙ୍ଗଠନ ପକ୍ଷରୁ ଏତଲା ଦାଏର କରାଯାଇଛି। ତାଙ୍କ ବିରୋଧରେ ଅଭିଯୋଗ ଆଣିବା ସହ ସଙ୍ଗଠନ ପକ୍ଷରୁ ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ତଦନ୍ତ ମଧ୍ୟ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଦିନେଶଙ୍କ ବିରୋଧରେ ବଲାଙ୍ଗୀର ଟାଉନ, ଟିଟିଲାଗଡ଼ ଓ ଯାଜପୁର ଥାନାରେ ଏତଲା ଦାଏର କରାଯାଇଛି।

# ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର




ସାରସ୍ୱତ ଆସରରେ ଓଡ଼ିଶା ସଚିବାଳୟ ଲେଖକ ପରିଷଦ କର୍ମକର୍ତ୍ତାମାନେ।

ଭୁବନେଶ୍ୱର,୨୯।୧୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସଚିବାଳୟ ଲେଖକ ପରିଷଦର ଚଳିତ ମାସର ସାରସ୍ୱତ ଆସର ଲୋକସେବା ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିକଟରେ ଇହଲୀଳା ସମ୍ବରଣ କରିଥିବା ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ପରିଷଦର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ସଭାପତି ସୁକାନ୍ତ ସୁବୁଦ୍ଧିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଗାଳ୍ପିକା ବିଜନବାଳା ପାଟଯୋଷୀ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କଲାପରେ ତାଙ୍କ ସଂଯୋଜନାରେ ସ୍ୱର୍ଗତ ପଣ୍ଡାଙ୍କ ରଚିତ କବିତା ଶ୍ରଦ୍ଧାଞ୍ଜଳି ସ୍ୱରୂପ ପଠନ କରାଯାଇଥିଲା। ସାଧାରଣ ସମ୍ପାଦକ ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ପରିଷଦର ପୂର୍ବତନ ସଭାପତି ସ୍ୱର୍ଗତ ସୁବୁଦ୍ଧିଙ୍କ ସ୍ମୃତିଚାରଣ କରିବା ସହିତ ଲେଖକ ପରିଷଦ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସ୍ୱର୍ଗତ ସୁବୁଦ୍ଧିଙ୍କ ଲିଖିତ କବିତା ପାଠ କରାଯାଇଥିଲା। ପୂର୍ବତନ ଯୁଗ୍ମ ଶାସନ ସଚିବ ବନ୍ଦିତା ଦାଶ, ପୁଷ୍ପାଞ୍ଜଳି ବିଶୋୟୀ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ବିଜନବାଳା ପାଟଯୋଷୀ, ସୁଶାନ୍ତ ଧର, ମୌସୁମୀ ଦାଶ, ରଶ୍ମିତା ମହାନ୍ତି ଓ ନିବେଦିତା ବେହେରା କବିତା ପାଠ କରିଥିଲେ। ସଚିବାଳୟ ସେବା ସଂଘର ଉପସଭାପତି ବିଜୟ ସ୍ୱରୂପ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗବେଷଣା,ଯୋଜନା ଓ ସମନ୍ୱୟ କମିଟି ଗଠନକଲା କଂଗ୍ରେସ

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର)

ଦେଶବିଦେଶ ତଥା ରାଜ୍ୟର ବିଭିନ୍ନ ସାମାଜିକ-ରାଜନୈତିକ-ଅର୍ଥନୈତିକ ଘଟଣାବଳୀ ତଥା ଐତିହାସିକ ପୃଷ୍ଠଭୂମିର ପ୍ରକୃତ ତଥ୍ୟଭିତ୍ତିକ ଉପସ୍ଥାପନ ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ଗବେଷଣା, ଯୋଜନା ଓ ସମନ୍ୱୟ କମିଟି ଗଠନ କରାଯାଇଛି। ଖବରଦାତା ନଳିନୀ ରଞ୍ଜନ ମହାନ୍ତିଙ୍କୁ ପିସିସି ସଭାପତି ଭକ୍ତଚରଣ ଦାସ ଏହି କମିଟିର ଅଧ୍ୟକ୍ଷ ଭାବେ ମନୋନୀତ କରିଛନ୍ତି। କମିଟିର ଅନ୍ୟ ସଦସ୍ୟ ଭାବେ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ରଜନୀ କୁମାର ମହାନ୍ତି, ପ୍ରଶାନ୍ତ ଶତପଥୀ, ଜଗଦାନନ୍ଦ ପ୍ରଧାନ ଓ ଲଲାଟେନ୍ଦୁ ଦାସ ପ୍ରମୁଖ ମନୋନୀତ ହୋଇଥିବା ପିସିସି ଗଣମାଧ୍ୟମ ବିଭାଗ ପକ୍ଷରୁ ଜଣାଯାଇଛି।

# ଓଏଭି ଛାତ୍ରୀଛାତ୍ରଙ୍କୁ ପୁନଃ କେନ୍ଦ୍ରୀୟ ଛାତ୍ରବୃତ୍ତି ଦିଆଯାଉ




ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଏଆଇଏସ୍‌ଏଫ୍ ପକ୍ଷରୁ ଧାରଣା ଦିଆଯାଇଛି।

## ଏଆଇଏସ୍‌ଏଫ୍‌ର ଧାରଣା

ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ)

ଚଳିତବର୍ଷ ଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରୀୟ ଛାତ୍ରବୃତ୍ତି ଆବେଦନରୁ ବାଦ୍ ଦିଆଯାଇଛି। ଏହାକୁ ଅଖିଳ ଭାରତ ଛାତ୍ରସଂଘ (ଏଆଇଏସ୍‌ଏଫ୍) ତୀବ୍ର ବିରୋଧ କରିଛି। ଏଥିସହ ଏହି ଛାତ୍ରବୃତ୍ତି ପୁନଃ ପ୍ରଦାନ ଦାବିରେ ସଂଘର ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ଶନିବାର ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଥିଲା। ସଂଘ ଅଭିଯୋଗ କରିଛି ଯେ, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ବହୁ ସାହାଯ୍ୟ କରୁଥିଲା। ଡବଲ ଇଞ୍ଜିନ ସରକାର ଏହି ବୃତ୍ତିରାଶି ଡବଲ କରିବା ପରିବର୍ତ୍ତେ ଶୂନ କରିଦେଇଛନ୍ତି। ଅନ୍ୟ ସିବିଏସ୍‌ଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଆବେଦନ ଗ୍ରହଣ ହେଉଥିବା ବେଳେ କେବଳ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଛି। ରାଜ୍ୟ ସରକାର ତୁରନ୍ତ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଆବେଦନ ଗ୍ରହଣ କରିବା ସହ ଖାରଜର କାରଣ ସ୍ପଷ୍ଟ କରିବାକୁ ସଂଘ ଦାବି କରିଛି। ଏହି ଅବସରରେ ଧାରଣାସ୍ଥଳରୁ ପାଞ୍ଚ ଜଣିଆ ପ୍ରତିନିଧି ମଣ୍ଡଳୀ ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ବିଭାଗ ଏ ବିଷୟରେ ଅବଗତ ରହିଛି ଓ ସମସ୍ୟା ନେଇ ତୁରନ୍ତ ଏ ସମ୍ବନ୍ଧରେ ନିଷ୍ପତ୍ତି ନିଆଯିବ ବୋଲି ସଚିବ କହିଥିଲେ। ଏହି ଧାରଣାରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଛାତ୍ର ନେତା ପପୁ ରାଉତ, ଏକତା ଚୌଧୁରୀ, ଲିଲି ସାମଲ, ସାଗର ପ୍ରଧାନ ଓ ଅମିତ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ଡିସେମ୍ବର ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ୧୦୬ ଓଏଭି ହଷ୍ଟେଲ

ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ନିର୍ମାଣାଧୀନ ହଷ୍ଟେଲଗୁଡିକ ଶୀଘ୍ର କାର୍ଯ୍ୟକ୍ଷମ ହେବ। ହଷ୍ଟେଲ ମିଳୁ ନ ଥିବାରୁ ବହୁ ପିଲା ଘରୋଇ ହଷ୍ଟେଲରେ ରହି ଅର୍ଥାଭାବ ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ହଷ୍ଟେଲ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ୧୦୬ଟି ହଷ୍ଟେଲ କାର୍ଯ୍ୟକ୍ଷମ କରାଯିବ। ଏଥିସହ ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ଅବଶିଷ୍ଟ ହଷ୍ଟେଲ କାର୍ଯ୍ୟକ୍ଷମ ହେବ। କିଛି ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ କୋଠାକୁ ଓଏଭିକୁ ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବାବେଳେ ହଷ୍ଟେଲ ପରିଚାଳନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସବାବପତ୍ର ଏବଂ ପରିଚାଳନା ପାଇଁ ଆବଶ୍ୟକ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଟେଣ୍ଡର ସରିଛି ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ କହିଛନ୍ତି। ସୂଚନା ଅନୁସାରେ, ରାଜ୍ୟର ସମସ୍ତ ବ୍ଲକ୍ ସମେତ ଗୋଟିଏ ଆଇକନିକ୍ ଓଏଭିକୁ ମିଶାଇ ମୋଟ ୩୧୫ଟି ଆଦର୍ଶ ବିଦ୍ୟାଳୟ ରହିଛି। ସେହିପରି ଆଉ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍‌ଏଭି) ରହିଛି। ଏସବୁ ବିଦ୍ୟାଳୟରେ ମୋଟ ପ୍ରାୟ ୧ ଲକ୍ଷ ୧୦ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।

# ଓଡ଼ିଆମାନେ ହିଁ ମହାଭାରତୀୟ ଜାତୀୟ ଚେତନାର ଜନ୍ମଦାତା




କାର୍ଯ୍ୟକ୍ରମରେ ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର, ସଂସ୍କୃତି ବିଭାଗର ଉପଶାସନ ସଚିବ ସଂଘମିତ୍ରା ବେହେରାଙ୍କ ସମେତ ଅନ୍ୟମାନେ।

## ରାଜ୍ୟ ଅଭିଲେଖାଗାରରେ ୮୯ତମ ସଂସ୍କୃତି ଚର୍ଚ୍ଚା

ଭୁବନେଶ୍ୱର,୨୯।୧୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୯ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର କହିଲେ, ଓଡ଼ିଆମାନେ ମହାଭାରତୀୟ ଜାତୀୟ ଚେତନାର ଜନ୍ମଦାତା ଓ ମୁକ୍ତିକାମୀ ଚେତନାର ଅଗ୍ରଦୂତ। ସେମାନେ ହିଁ ସମନ୍ୱୟ-ସଦ୍ଭାବନା-ସଂପ୍ରୀତି ଓ ଶାନ୍ତିର ବାର୍ତ୍ତା ଦେଇଆସିଛନ୍ତି ଏବଂ ମହାମାନବୀୟ ଚିନ୍ତା-ଚେତନାରେ ଜଗତକୁ ଉଦ୍‌ବୁଦ୍ଧ କରିଆସିଛନ୍ତି। ଶିକ୍ଷା ଓ ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ଭାରତକୁ ଓ ବିଶ୍ୱକୁ ଶୁଣାଇଛନ୍ତି ଅମୃତର ବାର୍ତ୍ତା। ବହିର୍ବାଣିଜ୍ୟ ମାଧ୍ୟମରେ ଆପଣାକୁ ସମୃଦ୍ଧ କରିବା ସହ ମାନବ ସମାଜକୁ ଶିଖାଇଥିଲେ 'ସହଯୋଗ ହିଁ ସମୃଦ୍ଧି'। ପୃଥିବୀର ପ୍ରଥମ ବୌଦ୍ଧ ଥିଲେ ଓଡ଼ିଆ। ମହାବୀରଙ୍କ ବିଜୟଚକ୍ର ପ୍ରବର୍ତ୍ତନର ସ୍ଥାନ ଥିଲା ଓଡ଼ିଶା। କରକଣ୍ଡୁ ଓ ଖାରବେଳଙ୍କ ପରି ସମ୍ରାଟମାନେ ଓଡ଼ିଆ ଜାତିର ପ୍ରତିନିଧିତ୍ୱ କରି ଜଗତକୁ କହିଯାଇଛନ୍ତି, ଯୁଦ୍ଧ, କଳା, ସାହିତ୍ୟ, ଧର୍ମ ଓ ଶାନ୍ତି - ସବୁକ୍ଷେତ୍ରରେ ଓଡ଼ିଆମାନେ ଅଗ୍ରଦୂତ। ପ୍ରକୃତରେ ପ୍ରାଚୀନ ଓଡ଼ିଶା ଥିଲା ଏକ ଅତୁଳନୀୟ ଭୂଖଣ୍ଡ ଓ ପ୍ରାଚୀନ ଓଡ଼ିଆମାନେ ଥିଲେ ବସୁଧୈବ କୁଟୁମ୍ବକମ୍ ମନ୍ତ୍ରର ବାହକ ବୋଲି ସେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଶାସନ ସଚିବ ସଂଘମିତ୍ରା ବେହେରାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିଲେ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା: ୧୩ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ବାରଙ୍ଗ,୨୯।୧୧(ଲିଙ୍ଗରାଜ ରାଉତ)

ବାରଙ୍ଗ ଅଧୀନ ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍‌ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାରେ ଦାଢାପାଟଣା ସରପଞ୍ଚ ଦିଲୀପ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ରଥ, ଯମୁନାମଣି ହେମ୍ବ୍ରମ, ଶ୍ରୀନିବାସ ସେଠୀ ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀ ବୁଲି ଦେଖିବା ସହ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ଉଦ୍‌ଯାପନ ଅବସରରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଧୀରେନ୍ଦ୍ର କୁମାର ବାରିକ, ସମ୍ମାନିତ ଅତିଥି ଭାବେ ଭୂପତି ଭୂଷଣ ପାଣି, ଶ୍ରୀମନ୍ତ କୁମାର ମହାପାତ୍ର, ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସମୁଦାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ୧୩ଟି ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଛି। ଏହାସହ ୩ଜଣ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ରାଉତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବିନୋଦ ନାୟକ ସ୍ୱାଗତ ଭାଷଣ, ବାବୁଲି ଚନ୍ଦ୍ର ଜେନା ଅତିଥି ପରିଚୟ ଦେଇଥିବା ବେଳେ ନିବେଦିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ କଳା ମହୋତ୍ସବ




ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିଙ୍କ ସହ କୁନି ପ୍ରତିଯୋଗୀମାନେ।

ଭୁବନେଶ୍ୱର,୨୯।୧୧ (ସୌମ୍ୟରଞ୍ଜନ ରାଉତ)

ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ୨୨ତମ ଉତ୍କଳ କଳା ମହୋତ୍ସବ ଶନିବାର ଏକାମ୍ର ହାଟ ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ଡ.ଅରବିନ୍ଦ ଢ଼ାଲି ଯୋଗଦେଇ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଟ୍ରଷ୍ଟର ପ୍ରଚେଷ୍ଟା ପ୍ରଶଂସା କରି କହିଲେ, ଏହି ପ୍ରତିଯୋଗିତାରେ ଯୋଗଦେଇଥିବା ଅନେକ ଛାତ୍ରୀଛାତ୍ର ଆଜି ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ପିଲାମାନେ ନିଜ ପ୍ରତିଭାର ବିକାଶ କରିବା ପାଇଁ ସେ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ କେଦାରଗୌରୀ ବିହାରର ଚେୟାରମ୍ୟାନ କୈଳାଶ ଚନ୍ଦ୍ର ମିଶ୍ର, ନିର୍ଦ୍ଦେଶିକା ଦେବସ୍ମିତା ମିଶ୍ର, ଅଧ୍ୟକ୍ଷା ମିନାକ୍ଷୀ ପଟ୍ଟନାୟକ, ଉପାଧ୍ୟକ୍ଷା ରଶ୍ମିରାଣୀ ବିଶ୍ୱାଳ ଏବଂ ଉପାଧ୍ୟକ୍ଷ ମନୋଜ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବିତା ଆବୃତ୍ତି, ଗଳ୍ପ କଥନ, କୌତୁକ ବେଶ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ପ୍ରବନ୍ଧ, ବକ୍ତୃତା ଲିଖନ, ଲିଟିଲ ମିସ୍ ଓ ମାଷ୍ଟର, ଓଡ଼ିଶୀ ଓ ଆଧୁନିକ ନୃତ୍ୟ, ଫ୍ୟାଶନ ଶୋ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୩୦ ତାରିଖ ଓ ଡିସେମ୍ବର ୭ରେ ଏକାମ୍ର ହାଟଠାରେ ମଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଜୟୀ ପ୍ରତିଯୋଗୀଙ୍କୁ ପ୍ରତିଦିନ କାର୍ଯ୍ୟକ୍ରମ ଶେଷରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ଭେଟେରିନାରି କଲେଜର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ସ୍ଥିତ ଭେଟେରିନାରି କଲେଜର ବାର୍ଷିକ ଉତ୍ସବ 'ଭେଟ କାର୍ନିଭାଲ-୨୦୨୫' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ବିଭାଗୀୟ ସଚିବ ସୁରେଶ କୁମାର ବଶିଷ୍ଠ ଯୋଗଦେଇ ଓଡ଼ିଶାରେ ପ୍ରାଣୀସମ୍ପଦ ବିକାଶ ହେବା ସହିତ ଭେଟେରିନାରିଆନ୍‌ମାନେ ବୈଜ୍ଞାନିକ ତଥ୍ୟ ଚାଷୀଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଡିନ୍ ପ୍ରଫେସର ଡ. ସୁସେନ ପଣ୍ଡା ଓ ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ଡ. ବିଜୟ କୁମାର ପାତ୍ର କଲେଜ ବିଷୟରେ କହିଥିଲେ। ଛାତ୍ର ସଂସଦ ଚେୟାରମ୍ୟାନ ଡ. ପ୍ରଯୁକ୍ତ ଲେଙ୍କା ଓ ଅର୍ଗାନାଇଜିଙ୍ଗ ଚେୟାରମ୍ୟାନ ଡ. ବଳରାମ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ।

# ୮ଦଫା ଦାବି ନେଇ ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂଘର ବିକ୍ଷୋଭ



ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରି, ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହିତ ଡ୍ରେସ କୋଡ୍ ଲାଗୁ କରାଯାଉ। ସେହିପରି ଚିକିତ୍ସା ଭତ୍ତା ସହିତ ଜୀବନ ବୀମାର ସୁବିଧା କରିବା ଆଦି ୮ଦଫା ଦାବି ନେଇ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ସଦସ୍ୟମାନେ ଶନିବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହାସଂଘର ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନ ଓ ରାଜ୍ୟ ସାଧାରଣ ସମ୍ପାଦିକା ନିରୁପମା ମହାନ୍ତ, ଦିଗମ୍ବର ଜେନା ଓ ରଜନୀ କୋଷାନ କହିଛନ୍ତି, ଦୀର୍ଘ ୨୦ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ ସୁଦ୍ଧା ରାଜ୍ୟ ସରକାର ଆମକୁ ଅବହେଳା କରୁଛନ୍ତି। ୨୦୧୮ରୁ ବକେୟା ପଡ଼ିଥିବା ଟଙ୍କା ଏଯାବତ ମିଳିନାହିଁ। ଆମକୁ କାର୍ଯ୍ୟରେ ନିଯୁକ୍ତି ଦେବା ଏବଂ ବହିଷ୍କାର କରିବା ବ୍ୟବସ୍ଥା ସରକାରଙ୍କର ଗଣଶିକ୍ଷା ବିଭାଗ ମାଧ୍ୟମରେ କରାଯାଉ। ୮ଘଣ୍ଟାରୁ ଅଧିକ ସମୟ ପରିଶ୍ରମ କରୁଥିବାରୁ ଆମକୁ ଦୈନିକ ମଜୁରି ସ୍ୱୀକୃତି ଦେଇ ଭବିଷ୍ୟନିଧି ଯୋଜନାରେ ସାମିଲ କରାଯାଉ। ସେହିପରି ଅବସର ସୀମା ୬୦ବର୍ଷରୁ ୬୨ବର୍ଷ କରାଯାଇ କାର୍ଯ୍ୟରୁ ଅବ୍ୟାହତ ପରେ ପେନସନ ଲାଗୁ କରାଯାଉ। ଏଥିସହ କାର୍ଯ୍ୟରତ ସମୟରେ ଆକସ୍ମିକ ବିୟୋଗରେ କ୍ଷତିପୂରଣ ଦିଆଯିବା ବ୍ୟବସ୍ଥାକୁ ବୃଦ୍ଧି କରିବାକୁ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି।

# ଦାବି ପୂରଣ ନ ହେଲେ ଦଶମ ପରୀକ୍ଷା ବର୍ଜନ ଚେତାବନୀ

## ଆନ୍ଦୋଳନକୁ ଓହ୍ଲାଇଲେ ଟିଜିଟି ଦମ୍ପତି ଶିକ୍ଷକ ସଂଘ




ଧାରଣାରେ ବସିଥିବା ସଂଘ କର୍ମକର୍ତ୍ତାଙ୍କ ସହ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ।

ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ)

ହାଇସ୍କୁଲ (ଟିଜିଟି) ଶିକ୍ଷକ ଦମ୍ପତିଙ୍କ ବଦଳିରେ ବିଳମ୍ବ ହେଉଛି। ପ୍ରାୟ ୬ମାସରୁ ଅଧିକ ସମୟ ଧରି ବଦଳି ପାଇଁ ଆବେଦନ କରିଥିଲେ ସୁଦ୍ଧା ଏଯାବତ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବାରୁ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି ସରକାରୀ ଅବହେଳା ପ୍ରତିବାଦ କରିବା ସହ ତୁରନ୍ତ ବଦଳି ଆବେଦନକୁ କାର୍ଯ୍ୟକାରୀ କରିବା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି ଟିଜିଟି ଦମ୍ପତି ଶିକ୍ଷକ ସଂଘ। ଶନିବାର ସଂଘର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଶୋଭାଯାତ୍ରାରେ ଆସି ବିଧାନସଭା ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି। ଚଳିତବର୍ଷ ବଦଳି କ୍ୟାଲେଣ୍ଡର ଅନୁଯାୟୀ ଡିଇଓ ଅନୁମୋଦନ କରିଥିବାବେଳେ ହାଇସ୍କୁଲ (ଟିଜିଟି)ଶିକ୍ଷକ ଦମ୍ପତିଙ୍କ ବଦଳି କାହିଁକି ବିଳମ୍ବ ହେଉଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ବଦଳି ନିୟମ ଅନୁଯାୟୀ ଦମ୍ପତି ଶିକ୍ଷକ ବଦଳିକୁ ପ୍ରାଥମିକତାରେ ରଖାଯାଇଥିବା ବେଳେ ଏହାକୁ ଉଲଂଘନ କରାଯାଉଛି। ସରକାରଙ୍କଠାରୁ ବଦଳି ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ପରିବାର ଓ ପିଲାଛୁଆ ସହ ରାଜ ରାସ୍ତାରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏଥିଓହ ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦଶମ ଶ୍ରେଣୀ ପରୀକ୍ଷା ବର୍ଜନ କରିବାକୁ ହାଇସ୍କୁଲ ଟିଚର(ଟିଜିଟି) ୱାର୍କିଂ ସ୍ୱାଉସ୍ ଆସୋସିଏଶନର ଆବାହକ ରାମକୃଷ୍ଣ ସେଠୀ, ମାନସ ରଞ୍ଜନ ରଣା, ଆକାଶ ବେହେରା, ପ୍ରଶାନ୍ତ ମେୟର ଏବଂ ଅନ୍ୟ ଆବାହକମାନେ ନିଷ୍ପତ୍ତି ନେଇଛନ୍ତି।

# ୨୬ବର୍ଷ ଧରି ପରିଚୟ ଖୋଜୁଛନ୍ତି ଗ୍ରାମବାସୀ

**କାଟରାକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରସଙ୍ଗ**

- ଓଡ଼ିଶା ଗେଜେଟରେ ବିଜ୍ଞପ୍ତି ପାଇଁ ପ୍ରସ୍ତାବ
- ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନର ଅବହେଳା

**ଖୋର୍ଦ୍ଧା,୨୯।୧୧(ପ୍ରଭାତ ପାଣିଗ୍ରାହୀ)**

ବେଗୁନିଆ ତହସିଲ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ କାଟରା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଗ୍ରାମବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିବା ବେଳେ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଇବ୍ରିଡ୍ ମୋଡରେ ଏ ସଂକ୍ରାନ୍ତୀୟ ମାମଲାର ବିଚାର କରି ହାଇକୋର୍ଟ ଜଣକିଆ ଖଣ୍ଡପୀଠ ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଖୋର୍ଦ୍ଧା ଜିଲାପାଳଙ୍କୁ ୧୫ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବା ସହ ଅଭିଯୋଗକାରୀଙ୍କୁ ଏହା ଫଳାଫଳ ସମ୍ପର୍କରେ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ତିନି ମାସ ବିତିଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ଅଭିଯୋଗ ଅନୁଯାୟୀ, କାଟରା ଗ୍ରାମକୁ ସରକାରୀ ସ୍ତରରେ ରାଜସ୍ୱ ଗ୍ରାମ ଘୋଷଣା କରାଯାଇଛି। ୧୯୯୯ ମସିହା ବନ୍ଦୋବସ୍ତରେ ଏହି ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବା ସତ୍ତ୍ୱେ ଗ୍ରାମବାସୀ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ପୂର୍ବରୁ କାଟରା କଣ୍ଟାବାଡ଼ ପଞ୍ଚାୟତର ଏକ ପଡ଼ା ଗ୍ରାମ ରହିଥିବା ବେଳେ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାରେ ଇତି ମଧ୍ୟରେ ୨୬ବର୍ଷ ବିତିଲାଣି। ହେଲେ ସରକାରୀ ସ୍ତରରେ ଏହାକୁ ପୂର୍ଣ୍ଣ ଭାବେ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯାଇନାହିଁ। ଏବେ ବି ବିଭିନ୍ନ ସରକାରୀ ଯୋଜନାରେ ରାଶନକାର୍ଡ, ଭୋଟର କାର୍ଡ, ଆଧାର, ଆୟୁଷ୍ମାନ କାର୍ଡ, ଚାଷୀ ପଞ୍ଜିକୃତ ନମ୍ବର, କୃଷକ କଲ୍ୟାଣ କାର୍ଡ, ଶ୍ରମ କାର୍ଡରେ କାଟରା ଗ୍ରାମ ପରିବର୍ତ୍ତେ କଣ୍ଟାବାଡ଼ ବୋଲି ଉଲ୍ଲେଖ ରହୁଛି। ଫଳରେ ଏହି ଗ୍ରାମର ଗ୍ରାମବାସୀ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ଗ୍ରାମର ନବକିଶୋର ସାହୁ ଏବଂ ଗ୍ରାମବାସୀ ବାରମ୍ବାର ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀ ନିକଟରେ ଅଭିଯୋଗ କରିଛନ୍ତି। ନୂତନ ସରକାର ଆସିବା ପରେ ଗ୍ରାମବାସୀ ଆଶା କରିଥିଲେ, ଏହି ସମସ୍ୟାର ସମାଧାନ ହେବ, ତେବେ ଏବେ ବି ଗ୍ରାମବାସୀଙ୍କ ଆଶା ଆଶାରେ ରହିଯାଇଛି। ସ୍ୱାଧୀନତାର ୭୯ବର୍ଷ ପରେ ବି ଗ୍ରାମବାସୀ ନିଜ ପରିଚୟ ଖୋଜୁଛନ୍ତି। ପ୍ରଶାସନିକ ସ୍ତରରେ କୌଣସି ସହଯୋଗ କରାଯିବା ପରିବର୍ତ୍ତେ ଜଣେ ଅନ୍ୟ ଜଣଙ୍କ ଉପରେ ଦୋଷ ଲଦି ନିଜ ଉପରୁ ଦାୟିତ୍ୱ ଖସାଇବାରେ ବ୍ୟସ୍ତ ରହିଛନ୍ତି ବୋଲି ଗ୍ରାମବାସୀ ଗଣମାଧ୍ୟମରେ କହିଛନ୍ତି।

ଏ ସମ୍ପର୍କରେ ନବ କିଶୋର କହିଛନ୍ତି ଯେ, ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନିରାଶ ହେବା ପରେ ସେ ଗତ ଅଗଷ୍ଟରେ ହାଇକୋର୍ଟରେ ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଶାସନ ସଚିବ, ଅତିରିକ୍ତ ନିର୍ଦ୍ଦେଶକ ବୋର୍ଡ ଅଫ ରେଭିନ୍ୟୁ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି), ଜିଲାପାଳ ଖୋର୍ଦ୍ଧା ଏବଂ ବେଗୁନିଆ ତହସିଲଦାରଙ୍କୁ ପକ୍ଷ କରି ପିଟିସନ ଦାଖଲ କରିଥିଲେ। ଖଣ୍ଡପୀଠ ହାଇବ୍ରିଡ୍ ମୋଡରେ ଏହି ମାମଲାର ବିଚାର କରି ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ନବକିଶୋର ପୁଣି ଥରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କପି ସହ ଜିଲାପାଳଙ୍କ ନିକଟରେ ଗତ ସେପ୍ଟେମ୍ବର ପହିଲାରେ କାଟରା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ସମ୍ପର୍କରେ ଓଡ଼ିଶା ସରକାରଙ୍କ ଗେଜେଟରେ ବିଜ୍ଞପ୍ତି ପାଇଁ ଅନୁରୋଧ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଚିଠି ସଂଖ୍ୟା ୧୭୮୧୬/୦୩.୧୦.୨୫ ପ୍ରକାରେ ବେଗୁନିଆ ତହସିଲଦାରଙ୍କୁ ଏହାର ସବିଶେଷ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ବେଗୁନିଆ ତହସିଲଦାର ଚିଠିସଂଖ୍ୟା ୪୩୬୪/୧୨.୧୧.୨୫ ପ୍ରକାରେ ଏଡିଏମ୍ ପ୍ରଧାନଙ୍କ ନିକଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ଏହି ତହସିଲ ଅଧିନ କଣ୍ଟାବାଡ଼ ପଞ୍ଚାୟତ ଅଧୀନ କାଟରା ରାଜସ୍ୱ ଗ୍ରାମ ଘୋଷଣା ସମ୍ପର୍କରେ ଠିକ୍ ଭାବେ ତଦନ୍ତ କରାଯାଇଛି। ୧୯୯୯ ମସିହାରେ ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରଓଆର ରେ ଚୁଡ଼ାନ୍ତ ପ୍ରକାଶନ ଅନୁଯାୟୀ କାଟରାକୁ ରାଜସ୍ୱ ଗ୍ରାମ ଘୋଷଣା କରାଯାଇଛି। କାଟରା ଗ୍ରାମ ସହିତ ଜଡ଼ିତ ସମସ୍ତ ଜମି ରେକର୍ଡ ଏବଂ କାଡାଷ୍ଟ୍ରାଲ ମାନଚିତ୍ର ମୂଳ ଗ୍ରାମ କଣ୍ଟାବାଡରୁ ବିଭାଜିତ କରାଯାଇଥିଲା। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, କାଟରାକୁ ରାଜସ୍ୱ ଗ୍ରାମ ଘୋଷଣା କରିବା ସମୟରେ ବନ୍ଦୋବସ୍ତ କର୍ତ୍ତୃପକ୍ଷ ଦ୍ୱାରା ସମସ୍ତ ପ୍ରକ୍ରିୟା ଏବଂ ବୈଧାନିକ ବ୍ୟବସ୍ଥା ଗ୍ରହଣ କରାଯାଇସାରିଛି। ଓଡ଼ିଶା ଗେଜେଟରେ ଏହା ପ୍ରକାଶିତ ନ ହେବା ବିଭିନ୍ନ ବିଭାଗକୁ ଯୋଗାଯୋଗ ନ କରିବାରୁ ବିଭିନ୍ନ ଯୋଜନା, ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ କାଟରା ଗ୍ରାମକୁ ଏ ପର୍ଯ୍ୟନ୍ତ ପଞ୍ଚାୟତିରାଜ ବିଭାଗ ଅଧୀନରେ ଗ୍ରାମ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଲୋକାଲ ଗଭରମେଣ୍ଟ ଡିରୋକ୍ଟେରୀ(ଏଲ୍‌ଜିଡି) କୋର୍ଡ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ତେଣୁ କାଟରା ଗ୍ରାମକୁ ଓଡ଼ିଶା ଗେଜେଟରେ ବର୍ତ୍ତମାନ ରାଜସ୍ୱ ଗ୍ରାମ ଭାବେ ପ୍ରକାଶନ ପାଇଁ ପ୍ରସ୍ତାବ ଦିଆଯାଇଛି। ଯାହା ଦ୍ୱାରା ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ସହ ଯୋଗାଯୋଗ କରାଯାଇ ସେମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ ଏବଂ ନୂତନ ରାଜସ୍ୱ ଗ୍ରାମ କାଟରକୁ ପଞ୍ଚାୟତିରାଜ ଏବଂ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ବିଭାଗ ଅନ୍ତର୍ଗତ ଗ୍ରାମ ତାଲିକାରେ ତାଲିକାଭୁକ୍ତ କରାଯାଇ ପାରିବ ବୋଲି ଉଲ୍ଲେଖ କରିଛନ୍ତି।

# 'ବିଦ୍ୟାର୍ଥୀ ଏକାଗ୍ରତା, ସକାରାତ୍ମକ ମନୋବୃତ୍ତି ରଖିଲେ ଆଗକୁ ବଢ଼ିପାରିବେ'



ମଣ୍ଡଳସ୍ତରୀୟ ଯୁବ ମହୋତ୍ସବରେ ମଞ୍ଚାସୀନ ଅତିଥି।

**ଜଟଣୀ,୨୯।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ମଣ୍ଡଳସ୍ତରୀୟ ଯୁବ ମହୋତ୍ସବ-୨୦୨୫ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ କୁମାର ସାମନ୍ତସିଂହାର ଯୋଗଦେଇ ମତବ୍ୟକ୍ତ କରିଥିଲେ। ଓଡ଼ିଶା ଇଞ୍ଜିନିୟରିଂ କଲେଜର ଅବସରପ୍ରାପ୍ତ ପ୍ରାଧାପକ ଇଂ.ରାଜେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ ବିଦ୍ୟାର୍ଥୀମାନେ ଏକାଗ୍ରତା, ସକାରାତ୍ମକ ମନୋବୃତ୍ତି ରଖିଲେ ଆଗକୁ ବଢ଼ିପାରିବେ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ସ୍ୱପ୍ନା ମଲ୍ଲିକ ଯୁବ ମହୋତ୍ସବର ତାତ୍ପର୍ଯ୍ୟକୁ ପ୍ରତିପାଦିତ କରିଥିଲେ। ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ବେହେରା ଏବଂ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ.ସୁଶାନ୍ତ ବାରିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ଜଟଣୀ ବ୍ଲକରେ ଥିବା ସମସ୍ତ ମହାବିଦ୍ୟାଳୟର ୧୦୦ ଜଣ ଛାତ୍ରୀଛାତ୍ର ମୋ ଭାରତ (ମାଇଁ ଭାରତ) ପୋର୍ଟାଲରେ ପଞ୍ଜିକରଣ କରି ୭ଟି ବିଭାଗରେ ଭାଗ ନେଇଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ତପସ୍ୟା ସାହୁ, କବିତା ଲିଖନରେ ସିଦ୍ଧାର୍ଥ ଦାସ, ଗଳ୍ପ ଲିଖନରେ ଇତିଶ୍ରୀ ଦାସ ପ୍ରଥମ ହୋଇଥିବା ବେଳେ ଦଳଗତ ପ୍ରତିଯୋଗିତା ଲୋକନୃତ୍ୟ, ଲୋକ ଗୀତ, ବିଜ୍ଞାନ ମେଳାରେ ମଧ୍ୟ ଜଟଣୀ ମହାବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମଦନପୁର ମହାବିଦ୍ୟାଳୟର ସନାତନ ହରିଚନ୍ଦନ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡ.ରଶ୍ମିତା ନାୟକ ଏବଂ ଟୁଲୁ ଦେଇ ମଞ୍ଚ ପରିଚାଳନା କରିଥିଲେ। ଡ.ଅନୁପ କୁମାର ମହାନ୍ତି, ଡ.ତପନ ମିଶ୍ର, ଡ.ପି.କେ ପାଣିଗ୍ରାହୀ, ଡ.ପୁଷ୍ପାଞ୍ଜଳି ସାମଲ, ଡ.ଅନ୍ତର୍ଯ୍ୟାମୀ ପ୍ରଧାନ, ଅଜୟ କୁମାର ବରାଡ଼, ଉଗ୍ରସେନ ସୁନ୍ଦରାୟ, ଜିତ୍ ରଞ୍ଜନ ମହାପାତ୍ର ଏବଂ ଜଟଣୀ ବ୍ଲକର ସମସ୍ତ ସିଆର୍‌ସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡ. ସୁଶାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

**ଜଟଣୀ,୨୯।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ ଜିଆର୍‌ପି ୧୧କେଜି ୩୫୦ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସାଜନ ମାହାତୋ(୩୨) ଏବଂ କାଞ୍ଚନ ଦେବୀ(୨୯)। ଏମାନଙ୍କ ଘର ବିହାର ବେଗୁସରାଇ ଜିଲା ସିମିରିଆ ଘାଟ ବିନ୍ଦିଲି ବାରୁଣୀ ଥାନା ଅଞ୍ଚଳର ବୋଲି ଜଣାପଡିଛି। ଖୋର୍ଦ୍ଧାରୋଡ ଜିଆରପିରେ ଏନ୍‌ଡିପିଏସ ଆକ୍ଟରେ ଏକ ମାମଲା (ନଂ.୧୫୧/୨୫)ରୁଜୁ ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଶନିବାର କୋର୍ଟ ଚାଲଣ କରାଯାଇଛି।

# ଜିଲାସ୍ତରୀୟ ଶିଶୁମେଳା ପାଇଁ ୨୦ ମନୋନୀତ


ବ୍ଲକ୍‌ସ୍ତରୀୟ ଶିଶୁ ମେଳାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ବାଣପୁର,୨୯।୧୧(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୨ ଠାରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର ବ୍ଲକ୍‌ସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବାଣପୁର ବ୍ଲକ ସଭାପତି କୈଳାସ ଚନ୍ଦ୍ର ଲାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ମୁଖ୍ୟ ବକ୍ତା ବାଣପୁର ବରିଷ୍ଠ ନାଗରିକ ସଂଘ ସଭାପତି ଡ.ଚିନ୍ତାମଣି ମିଶ୍ର, ସମ୍ମାନିତ ଅତିଥି ଓଷ୍ଟା କାର୍ଯ୍ୟକାରୀ ସଦସ୍ୟ ଶିଶିର ଦାସ, ଓଷ୍ଟାର ବାଣପୁର ବ୍ଲକ ଉପସଭାପତି ମମତା ହୋତା, ସମ୍ପାଦକ ଗତିକୃଷ୍ଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶିଶୁମେଳାରେ ଶିଶୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର ଶିଶୁ କାଲିର ଭବିଷ୍ୟତ। ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଶିଶୁମେଳା ମାଧ୍ୟମରେ ହିଁ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଉକ୍ତ ଶିଶୁମେଳାରେ ୧୦ଟି ବିଦ୍ୟାଳୟର ୧୮୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ, କଣ୍ଠସଙ୍ଗୀତ, ନୃତ୍ୟ, ଆବୃତ୍ତି, କବିତା ଓ ଗଳ୍ପ ଲିଖନ, ଏକକ ଅଭିନୟ, ଚିତ୍ରାଙ୍କନ ଆଦି ୧୦ଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ବିଚାରପତି ଭାବେ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ପୁରୁଷୋତ୍ତମ ମହାପାତ୍ର, ଦିଗମ୍ବର ବିଶ୍ୱାଳ ଯୋଗଦେଇ ପ୍ରତିଭାର ମୂଲ୍ୟାୟନ କରିଥିଲେ। ଚନ୍ଦନ ମୁଦୁଲି, ବିଶ୍ୱଜିତ୍ ବେହେରା, ସଙ୍ଗୀତା ବେହେରା, ଜ୍ୟୋତିପ୍ରଭା ବଳିୟାରସିଂ, ରାଜଶ୍ରୀ ପାତ୍ର, ସ୍ୱୟଂଶ୍ରୀ ସମ୍ପୂର୍ଣ୍ଣା ସ୍ୱାଇଁଙ୍କ ସମେତ ମୋଟ୍ ୨୦ଜଣ ଜିଲାସ୍ତରୀୟ ଶିଶୁମେଳା ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅଙ୍କିତା ମିଶ୍ର, ଜ୍ଞାନରଞ୍ଜନ ବେହେରା, ପ୍ରିୟଦର୍ଶିନୀ ମହାରଣା, ଡି.ବାସୁପତି ପ୍ରମୁଖ ସହଯୋଗ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଜଟଣୀ,୨୯।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅନ୍ତର୍ଗତ ନିରଞ୍ଜନପୁର ଗ୍ରାମସ୍ଥିତ ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଜାମୁକୋଳି ପୂର୍ବତନ ସରପଞ୍ଚ ଜ୍ୟୋତିର୍ମୟୀ ଛୋଟରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାଗୀରଥି ବେହେରା, ମୋ ସ୍କୁଲ କମିଟି ସଭାପତି ନାରାୟଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଉଲ୍ଲାସ ଚନ୍ଦ୍ର ପ୍ରଧାନ, କବିରାଜ ସୁନ୍ଦରାୟ, କୃଷ୍ଣଚନ୍ଦ୍ର ମତଗଜସିଂ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଉତ୍ସବ ଆରମ୍ଭରେ ସ୍ଥାନୀୟ ଗ୍ରାମର ଆରାଧ୍ୟା ମା' ଦକ୍ଷିଣକାଳୀଙ୍କ ମନ୍ଦିରରୁ ଛାତ୍ରୀଛାତ୍ର ମଶାଲ ଶୋଭାଯାତ୍ରାରେ ବାହାରି ଖେଳପଡ଼ିଆ ପରିସରରେ ସ୍ଥାପନ କରିଥିଲେ। ପରେ କ୍ରୀଡ଼ା ପତାକା ମୁଖ୍ୟ ଅତିଥି ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ୧୦୦ମିଟର ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ ଥ୍ରୋ, ଡିସ୍କସ ଥ୍ରୋ, ଗଣିତ ଦୌଡ଼, ଝୋଟି ଆଦି ବିଭିନ୍ନ ଖେଳ ହୋଇଥିଲା। ଗଣେଶ ବେହେରା, କିଶୋର ସୁବୁଦ୍ଧି, ବିପିନ ଦାସ, ଚିତ୍ତରଞ୍ଜନ ସାହୁ, ସାବିତ୍ରୀ ମିଶ୍ର, ନରେନ୍ଦ୍ର ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।


କ୍ରୀଡ଼ା ପତାକା ଉତ୍ତୋଳନ ଅବସରରେ ଉପସ୍ଥିତ ଅତିଥିମାନେ।

# ମଣ୍ଡଳସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

**କୃଷ୍ଣପ୍ରସାଦ,୨୯।୧୧(କୈଳାସ ଚନ୍ଦ୍ର ପଟନାୟକ)**

ସମଗ୍ର ଶିକ୍ଷା ପୁରୀ ଜିଲା ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ଅନ୍ୱେଷଣ-୨୦୨୫ କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରାଇବା ଲକ୍ଷ୍ୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ୫୫ଜଣ ଅଭିଭାବକ ଏବଂ ୫୫ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ମୁଖ୍ୟ ବକ୍ତା ବିଆର୍‌ସିସି ସିଦ୍ଧେଶ୍ୱର କରଣ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ବେହେରା ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ। ବିଚାରକ ମଣ୍ଡଳୀ ଭାବେ ଚିଲିକା ନୂଆପଡା ସିଆର୍‌ସିସି ସୁନୀଲ କୁମାର ଜେନା, କମଳାସିଂହ ଓ ବିରିପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ପାହାଣ, ବିରିପଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଅସିତ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଦୀନବନ୍ଧୁ ପ୍ରଧାନ, ହରପ୍ରିୟା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଦ୍ୟୁମ୍ନ କୁମାର ପ୍ରଧାନଙ୍କ ସମେତ ସମସ୍ତ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୦୪ ଜଣଙ୍କୁ ୬,୧୨,୫୦୦ ଟଙ୍କା ଜରିମାନା

**ବାଣପୁର,୨୯।୧୧(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ପୋଲିସ ଏବଂ ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗ ଶୁକ୍ରବାର ରାତିରେ ମିଳିତ ଭାବେ ସ୍ଥାନୀୟ ଅଞ୍ଚଳରେ ବେଆଇନ ଭାବେ ଚଳାଚଳ କରୁଥିବା ଯାନବାହନ ଯାଞ୍ଚ କରିଥିଲେ। ଏଥିରେ ମୋଟରଯାନ ଆଇନ ତଥା ବିନା ହେଲମେଟ, ବିନା ଡ୍ରାଇଭିଂ ଲାଇସେନ୍ସ, ବୀମା ଭୁକ୍ତ ନ ଥିବା, ସିଟ ବେଲ୍ଟ ନ ବାନ୍ଧିବା, ଦୁଇ ଚକିଆ ଯାନରେ ୩ଜଣ ବସିବା, ମଦ୍ୟପାନ କରି ଗାଡ଼ି ଚଲାଇବା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାଗଜାତ ଆଦି ଯାଞ୍ଚ ପରେ ମୋଟ୍ ୧୦୪ଜଣଙ୍କ ନାମରେ ଚାଲାଣ କଟାଯିବା ସହ ୬ ଲକ୍ଷ ୧୨ ହଜାର ୫ ଶହ ଟଙ୍କାର ଜରିମାନା ରସିଦ ପ୍ରଦାନ କରାଯାଇଛି। ଏଥିସହ ୧୧ଜଣ ମଦ୍ୟପ ଚାଳକଙ୍କ ନାମରେ ମାମଲା ରୁଜୁ ହେବା ସହ ୪୬ ଜଣ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ୬ ମାସ ପର୍ଯ୍ୟନ୍ତ ରଦ୍ଦ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସୁପାରିଶ କରାଯାଇଛି। ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ଏବଂ ଖୋର୍ଦ୍ଧା ଟ୍ରାଫିକ ଉପ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ବାଣପୁର ବାଇପାସ୍ ଓଭରବ୍ରିଜ, ଜାତୀୟ ରାଜପଥ ଅଞ୍ଚଳରେ ପୃଥକ ଭାବେ ଯାଞ୍ଚ କରାଯାଇଥିଲା।

# ରାମେଶ୍ୱର ଚ୍ୟାଲେଞ୍ଜ କପ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

**ନିରାକାରପୁର,୨୯।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତର ରାମେଶ୍ୱର ଖେଳପଡ଼ିଆରେ ନେତାଜୀ କ୍ଲବ ଆନୁକୂଲ୍ୟରେ ରାମେଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ପ୍ରଥମ ବାର୍ଷିକ ରାମେଶ୍ୱର ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥିଭାବେ ଟାଙ୍ଗୀ ବ୍ଲକ ଖବରଦାତା ସଂଘର ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ ଏବଂ ଖବରଦାତା ଉମେଶ ପଟ୍ଟନାୟକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ରାତିତମାମ ମ୍ୟାଚ୍ ହେବ ବୋଲି ଆୟୋଜକ କମିଟି ସଭାପତି ଚକ୍ରଧର ବାରିକ କହିଛନ୍ତି। ଆଲୋକ ରଞ୍ଜନ ସାହୁ, ଏବଂ ଦେବାଶିଷ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଆଲୋକ ରଞ୍ଜନ ସାହୁ, ରଘୁନାଥ ପ୍ରଧାନ, ରାଜେଶ ତ୍ରିପାଠୀ, ହିମାଂଶୁ ମହାନ୍ତି, ଅଜୟ କୁମାର ସାହୁ, ତନ୍ମୟ ମହାପାତ୍ର, ଅନୀଲ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।


ରାମେଶ୍ୱର ଚ୍ୟାଲେଞ୍ଜ କପ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

## ଲୋକନାଥଦେବ କ୍ରିକେଟ ଟୁର୍ନାମେଣ୍ଟ

# ଆଇଆର୍‌ବି, ଯାଁଳା ଚାମ୍ପିୟନ

**ଖୋର୍ଦ୍ଧା,୨୯।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳ ପଡ଼ିଆରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥଦେବ କ୍ରିକେଟ ଟୁର୍ନାମେଣ୍ଟର ଦୁଇଟି ପୃଥକ୍ ଫାଇନାଲ ମ୍ୟାଚରେ ଆଇଆର୍‌ବି ଏବଂ ଯାଁଳା ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମ ଫାଇନାଲ ମ୍ୟାଚ୍ ଆଇଆର୍‌ବି ଏବଂ ପଳାଶପୁର ଟିମ୍ ମଧ୍ୟରେ ହୋଇଥିଲା। ପଳାଶପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୩୭ରନ ସଂଗ୍ରହ କରିଥିଲା। ଜବାବରେ ଆଇଆର୍‌ବି ଟିମ୍ ୧୪ ଓଭରରେ ୧୩୮ରନ ସଂଗ୍ରହ କରି ବିଜୟୀ ହୋ ସହ ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ହେମନ୍ତ ପ୍ରଧାନ ୩୧ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ମୁକୁନ୍ଦପ୍ରସାଦଏବଂ ଯାଁଳା ଟିମ୍ ମଧ୍ୟରେ ହୋଇଥିଲା। ଯାଁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୮ଉଇକେଟ ବିନିମୟରେ ୧୬୨ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟ ସୁନ୍ଦର ପଟ୍ଟନାୟକ ୩୯ରନ ସଂଗ୍ରହ କରିଥିଲେ। ଜବାବରେ ମୁକୁନ୍ଦପ୍ରସାଦ ଟିମ୍ ସମସ୍ତ ଉଇକେଟ ବିନିମୟରେ ୧୧୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଯାଁଳା ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଆଧାର ମ୍ୟାଚରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ସୁଶୀଲ ପ୍ରଧାନ, ଶ୍ରେଷ୍ଠ ବୋଲର ବସନ୍ତ ସାହୁ ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ସୁଶୀଲ ପ୍ରଧାନ ପୁରସ୍କୃତ ହୋଇଥିଲେ। ସେହିପରି ମିନି ନନ୍ ଆଧାରରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ସୌମ୍ୟ ରଞ୍ଜନ ଜେନା, ଶ୍ରେଷ୍ଠ ବୋଲର ପଙ୍କଜ ନାୟକ ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସନ୍ତୋଷ ସ୍ୱାଇଁ ପୁରସ୍କୃତ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତୀଥିଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭାଜପା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଟାଙ୍ଗିଆପଡ଼ା ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ, ରାଇଜିଂଷ୍ଟାର କ୍ଲବ ସଭାପତି ସଞ୍ଜୟ ପାଇକରାୟ, ଉତ୍ତର ଖୋର୍ଦ୍ଧା ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ସାମନ୍ତସିଂହାର, ସାମାଜିକ କର୍ମୀ ରାମଚନ୍ଦ୍ର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ସାନୁଜ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ଓ ସୋଭକର ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ସାହୁ, ଅଭିଜିତ ସାମନ୍ତରାୟ, ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଏବଂ ତାରାପ୍ରସାଦ ରାଉତରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ, ପାର୍ଥ ସାରଥୀ ରାଉତରାୟ ଓ ଅମୀୟ ପ୍ରଧାନ ଭାଷ୍ୟକାର ଏବଂ କାଜଲ ବଳିୟାରସିଂ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ। ରବିବାର ଫାଇନାଲ ମ୍ୟାଚ୍ (ନନ ଆଧାର) ମଞ୍ଚେଶ୍ୱର ଏବଂ ମେଣ୍ଢାଶାଳ ଟିମ୍ ମଧ୍ୟରେ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

**୧୦ମ ଶ୍ରେଣୀ ଛାତ୍ର ନିଖୋଜ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକ ସାହୁପଡ଼ା ପଞ୍ଚାୟତର ସାହୁପଡ଼ା ଗ୍ରାମର ଗୌତମ ମହାରଣାଙ୍କ ପୁଅ ବୃନ୍ଦାବନ ମହାରଣା (୧୬) ଗତ ୨୬ ତାରିଖ ଦିନ କେଉଁଆଡ଼େ ଚାଲିଯାଇଥିବା ଗୌତମ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପାଇବା ପରେ ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ଗଡ଼ିଶାଗୋଦା ଥାନା କେସ୍ ନଂ. ୧୯୧/୨୫ରେ ଏକ ମିସ୍ କେସ୍ ରୁଜୁ କରି ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ, ବୃନ୍ଦାବନ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିବା ପାଇଁ ଘରେ ଟଙ୍କା ମାଗିଥିଲେ। ପରିବାର ଲୋକେ ସାର୍ଙ୍କଠାରୁ ବୁଝିଲେ ଟଙ୍କା ଦେବୁ ବୋଲି କହିବାରୁ ବୃନ୍ଦାବନ ରାଗରେ କେଉଁଆଡ଼େ ପଳାଇଯାଇଥିବା ପିତା ଗୌତମ ମହାରଣାଙ୍କ ଠାରୁ ପ୍ରକାଶ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୧୧।୨୦୨୫

| | |
|---|---|
| ୭,୦୭,୯୮୧ ଟଙ୍କା | |
| ସୁନା | ୧୭.୮୦୦ ଗ୍ରାମ୍ |
| ରୁପା | ୨୨.୬୦୦ ଗ୍ରାମ୍ |

## ସଂକ୍ଷେପରେ

### ଦୋକାନ ଭିତରେ ଯୁବକଙ୍କ ଆତ୍ମହତ୍ୟା, ପୋଲିସର ତଦନ୍ତ ଜାରି

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

ବାସେଳୀ ସାହି ଥାନା ସମ୍ମୁଖରେ ଏକ ଅଭାବନୀୟ ଘଟଣା ଘଟିଛି। ମୋବାଇଲ ଦୋକାନ ଭିତରୁ ପୋଲିସ ମାଲିକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ମଙ୍ଗଳାଘାଟ ଅଞ୍ଚଳର ଉମାକାନ୍ତ ନାୟକ। ଖବରପାଇ ଘଟଣାସ୍ଥଳରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅତି ଅମାନୁଷିକ ଭାବେ ଉମାକାନ୍ତ ମୁଣ୍ଡରେ ଜରି ଗୁଡ଼ାଇ ଅକ୍ସିଜେନ୍ ପାଇପ ଲଗାଇ ଆତ୍ମହତ୍ୟା କରିଥିବା ଦେଖାଯାଇଛି। ଦୋକାନ ଭିତରୁ ଏକ ସୁଇସାଇଡ୍ ନୋଟ୍ ପୋଲିସ ଜବତ କରିଛି। ପାରିବାରିକ କଳହକୁ କେନ୍ଦ୍ରକରି ଉମାକାନ୍ତ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ୧୦୦୦ ଲିଟର ପୋଚ ଜବତ କଲା ପୋଲିସ

ବ୍ରହ୍ମଗିରି,୨୯। ୧୧(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଖିଲକଣ୍ଟିଆ ଜଙ୍ଗଲରେ ଥିବା ଦେଶୀ ମଦ ଭାଟି ଉପରେ ବ୍ରହ୍ମଗିରି ପୋଲିସ ଚଢ଼ାଉ କରି ୧୦୦୦ ଲିଟର ପୋଚ ଜବତ କରିଛି। ସୂଚନାଯୋଗ୍ୟ, ବ୍ରହ୍ମଗିରି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଦେଶୀ ମଦ ରନ୍ଧା ଚାଲିଛି। ପ୍ରତିଦିନ ଏହି ରନ୍ଧା ମଦ ବ୍ରହ୍ମଗିରି ବ୍ୟତୀତ ଅନ୍ୟ ଜିଲାଗୁଡ଼ିକୁ ପଠାଯାଉଛି। ଏନେଇ ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ୍ ରନ୍ଧା ମଦ ଭାଟି ଉପରେ ଚଢ଼ାଉ କରିଥିଲେ। ଖିଲକଣ୍ଟିଆ ଜଙ୍ଗଲରେ ପ୍ରସ୍ତୁତ ଭାଟିରେ ଚଢ଼ାଉ କରିବା ସମୟରେ ମଦ ତିଆରି ପାଇଁ ଥିବା କଞ୍ଚାମାଲ ସମେତ ପୋଚ ଏବଂ ସରଞ୍ଜାମ ଜବତ କରିଛି। କିନ୍ତୁ ପୋଲିସ ଆସିବା ଜାଣି ଘଟଣାସ୍ଥଳରୁ ମଦ ପ୍ରସ୍ତୁତକାରୀମାନେ ଫେରାର ହୋଇଥିଲେ।

### ଗାଁ ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଗୋପ,୨୯।୧୧
(ଭାରତୀ ଭୂଷଣ ଉପାଧ୍ୟାୟ)

ଶନିବାର ସକାଳେ ଗାଁ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପ ଥାନା ଅନ୍ତର୍ଗତ ଶାରଡ଼ା ଗ୍ରାମର ରଞ୍ଜନ କୁମାର କାଣ୍ଡି(୫୭) ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି। ପ୍ରକାଶ ଯେ, ଶନିବାର ସକାଳେ ଏହି ବୃଦ୍ଧ ଜଣଙ୍କ ଗାଁ ପୋଖରୀକୁ ସବୁଦିନ ପରି ଗାଧୋଇ ଯାଇଥିଲେ। ଗାଧୋଇବା ବେଳେ କୌଣସି କାରଣରୁ ବୃଦ୍ଧଙ୍କ ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ବୃଦ୍ଧ ନିଖୋଜ ହେବା ଖବର ଜଣାପଡ଼ିବା ପରେ ଗ୍ରାମର କେତେଜଣ ଯୁବକ ଖୋଜାଖୋଜି କରିବା ସହିତ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ସଙ୍ଗେ ସଙ୍ଗେ ପହଞ୍ଚି ପୋଖରୀରୁ ଶବ ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ବୃଦ୍ଧଙ୍କୁ ଚିକିତ୍ସା କରିବା ପରେ ମୃତ ଘୋଷଣା କରିଥିଲେ। ବୃଦ୍ଧଙ୍କ ମୃତ୍ୟୁ ଖବର ସମ୍ପର୍କରେ ଗୋପ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ଗୋପ ଥାନାରେ ୨୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି।

# କୋଣାର୍କ ନୃତ୍ୟ ଉତ୍ସବ ଶୃଙ୍ଖଳାର ସହ ଶେଷ କରିବାକୁ ଆହ୍ୱାନ

### ବାଲୁକା କଳା ଉତ୍ସବ, ସୁଭଦ୍ରା ଶକ୍ତି ମେଳା ସମୀକ୍ଷା ବୈଠକ

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)



ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଅନ୍ୟ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

କୋଣାର୍କଠାରେ ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ୩୬ତମ କୋଣାର୍କ ନୃତ୍ୟ ଉତ୍ସବ ଓ ଚନ୍ଦ୍ରଭାଗାଠାରେ ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆୟୋଜିତ ହେବ। ସେହିପରି ଡିସେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଭାଗାଠାରେ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେବ। ଏହି ଉତ୍ସବ ଓ ମେଳାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ଏକ ସମୀକ୍ଷା ବୈଠକ ଶନିବାର ପୂର୍ବାହ୍ନରେ ସର୍କିଟ ହାଉସ୍ଠାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏନେଇ ଜିଲାପାଳ ପରିଡ଼ା କହିଛନ୍ତି, କୋଣାର୍କ ନୃତ୍ୟ ମହୋତ୍ସବ, ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଆୟୋଜନ ହେଉଛି। ଏକ ସମୟରେ ଏହି ଉତ୍ସବ ଆୟୋଜିତ ହେଉଥିବାରୁ ବିପୁଳ ଜନଗହଳିର ଆଶା କରାଯାଉଛି। ଏହାକୁ ସମସ୍ତ ବିଭାଗ ଗୁରୁତ୍ୱର ସହ ନେଇ କାର୍ଯ୍ୟ ପରିଚାଳନା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ପୂର୍ବ ପ୍ରସ୍ତୁତି ବୈଠକରେ ଗମନାଗମନ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୁବିଧା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦିକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଆଉ କିଛି କିଛି କାମ ଯାହା ଅବଶିଷ୍ଟ ରହିଛି ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅଧିକ ପାର୍କିଂସ୍ଥଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଅଧିକ ଶୌଚାଳୟ ଇତ୍ୟାଦି ସହ ବ୍ୟବହାର ଉପଯୋଗୀ, ଆବଶ୍ୟକ ସୁବିଧା ବ୍ୟବସ୍ଥା କରିବା, ଅଧିକ ସିସିଟିଭି ବ୍ୟବସ୍ଥା, ନିରବଚ୍ଛିନ୍ନ ଆଲୋକ ବ୍ୟବସ୍ଥା, ସ୍ୱଚ୍ଛତା ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ପାଚେରି ରଙ୍ଗ ବ୍ୟବସ୍ଥା, କଳାକାର ଓ ଷ୍ଟଲ୍ ପାଇଁ ଆସିଥିବା ବ୍ୟକ୍ତିମାନଙ୍କ ରହଣି ବ୍ୟବସ୍ଥା, ଆଇନ ଶୃଙ୍ଖଳା, ଟ୍ରାଫିକ୍ ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରାଯାଇ ବିଭାଗୀୟ ଅଧିକାରୀଙ୍କୁ ସମସ୍ତ ବ୍ୟବସ୍ଥାକୁ ଚୂଡ଼ାନ୍ତ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, କଳାକାରଙ୍କୁ ସମସ୍ତ ସହଯୋଗ ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍ଓ ମଗର ଧନଜ ରାଓସୋ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଓଟିଡିସିର ଜିଏମ୍ ଧର୍ମେନ୍ଦ୍ର ମଲ୍ଲିକ, ଏସ୍ଇ ସୁନୀଲ ବେହେରା, ସିଡିଏମ୍ଓ ଡା. ଅକ୍ଷୟ କୁମାର ଶତପଥୀ, ଡିଆଇବିର ଅତିରିକ୍ତ ଏସ୍ପି ଦେବୀ ଶଙ୍କର ପ୍ରତାପ, ଗୋପ ବିଡିଓ ଛବିରାଣୀ ସାହୁ, ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ, କୋଣାର୍କ ଏନ୍ଏସିର ପୌର ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ଓରମାସ୍ର ଡେପୁଟି ସିଇଓ ନିଗମ ଚରଣ ଦାସ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ମିଶନ ଶକ୍ତିର ଡିପିସି ସ୍ୱାଗତିକା ପରିଡ଼ା ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

# ୧୩ ଲକ୍ଷ ଟଙ୍କାର ବ୍ରାଉନ୍ସୁଗାର ଜବତ, ବ୍ୟବସାୟୀ ଗିରଫ

ନିମାପଡ଼ା/ବଳଙ୍ଗା,୨୯।୧୧
(ବିଚିତ୍ରାନନ୍ଦ ସାହୁ/କେଦାରେଶ୍ୱର ନନ୍ଦ)

ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ବେଳେ ନିମାପଡ଼ା-ପିପିଲି ରାସ୍ତାର ହରିପୁର ଛକ ନିକଟରେ ଚଢ଼ାଉ କରାଯାଇ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ବ୍ୟବସାୟୀ ଜଣକ ହେଲେ ଶ୍ୟାମସୁନ୍ଦରପୁର ଗ୍ରାମର ବାଘ ଓରଫ ବଳରାମ ସାହୁ। ଏହି ଚଢ଼ାଉ ବେଳେ ବ୍ୟବସାୟୀଙ୍କଠାରୁ ୧୨୫ଗ୍ରାମ ବ୍ରାଉନସୁଗାର, ଗୋଟିଏ କାର, ମୋବାଇଲ, ନଗଦ ୨୨ ଶହ ଟଙ୍କା ଜବତ କରାଯାଇଛି। ଜବତ ଚୋରା ବ୍ରାଉନ୍ସୁଗାରର ଆନୁମାନିକ ମୂଲ୍ୟ ୧୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ରେଞ୍ଜ ଇନସ୍ପେକଟର ପ୍ରଭାକର ସେଠୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ କେସ୍ ନଂ ୭୪/୨୫-୨୬ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ରସାମଲଙ୍କ କଡ଼ା ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ଇନସ୍ପେକଟର ପ୍ରଭାକର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ନିମାପଡ଼ା ଅବକାରୀ ଥାନା ଇନସ୍ପେକଟର ନିରାକାର ଦେହୁରୀ, କୋଣାର୍କ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ମନୋଜ ସେଠ, ଏଏସ୍ଆଇ ସନ୍ତୋଷ କୁମାର ମହାରଣା, ତପନ ପ୍ରଧାନ, ଏସ୍ କେ ୱାରିଶ, ଫିରୋଜ ମହାନ୍ତିୟା ପ୍ରମୁଖ ଏହି ଚଢ଼ାଉରେ ସାମିଲ୍ ହୋଇଥିଲେ। ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ଏଭଳି ବାରମ୍ବାର ଚଢ଼ାଉ ଯୋଗୁ ଚୋରା ବ୍ରାଉନ୍ସୁଗାର ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଦେଖାଯାଉଛି। ନିମାପଡ଼ା ଅଞ୍ଚଳରୁ ଖୁବ୍ଶୀଘ୍ର ଚୋରା ବ୍ରାଉନସୁଗାର କାରବାରକୁ ମୂଳପୋଛ କରାଯିବା ପାଇଁ ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ରେଞ୍ଜ ଇନସ୍ପେକଟର ପ୍ରଭାକର ସେଠୀ କହିଛନ୍ତି।

# ୧୭୩ଟି ପ୍ରକଳ୍ପ ପ୍ରଦର୍ଶିତ

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍ଯାପିତ

କଣାସ,୨୯।୧୧(ବିଭୂତି ଭୂଷଣ ତ୍ରିପାଠୀ)



କଣାସ ବ୍ଲକ ବିଦ୍ୟାଳୟସ୍ତରୀୟ ୩୧ତମ ବିଜ୍ଞାନ ମେଳା ବିନ୍ଧଣ ପଞ୍ଚାୟତର ନୂଆ ପୋଖରୀଠାରେ ପ୍ରତିଷ୍ଠିତ ଆଞ୍ଚଳିକ ଗୌରୀଚନ୍ଦ୍ର ସଂଯୁକ୍ତ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ଶିକ୍ଷକଙ୍କୁ କଡ଼ା ନିର୍ଦ୍ଦେଶ ଯୋଗୁ ୧୭୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ନାୟକ, ସମିତି ସଭ୍ୟ ସଂଗ୍ରାମ କେଶରୀ ଭୁଜବଳ, ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ କଣାସ ତହସିଲଦାର ହିମାଂଶୁ ଶେଖର ଗିରି, ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ଯାପନୀ ଉତ୍ସବରେ ସମାଜ ଯେତିକି ଆଧୁନିକ ଆଡ଼କୁ ଗତି କରୁଛି କୋମଳମତି ବୈଜ୍ଞାନିକମାନେ ସେହି ଲକ୍ଷ୍ୟ କରି ପ୍ରକଳ୍ପ ନିର୍ମାଣ କରିଥିବାରୁ ଅତିଥିମାନେ ଉଚ୍ଚପ୍ରଶଂସା କରିଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରୁଥିବା ପ୍ରକଳ୍ପଗୁଡ଼ିକ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେବା ପାଇଁ ମନୋନୀତ ହୋଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ଓ ଶିକ୍ଷୟିତ୍ରୀଶିକ୍ଷକ ସମୂହ ବିଜ୍ଞାନ ମେଳା ପରିଚାଳନା କରିଥିଲେ।

# ଶିକ୍ଷାକୁ କ୍ରିୟାଶୀଳ କରିବାରେ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଗୋପ,୨୯।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷା ସହିତ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ରହିଥିବାବେଳେ ଶିକ୍ଷାକୁ କ୍ରିୟାଶୀଳ କରିବାରେ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗୋପ ବାଲିପଡ଼ିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲ ପରିଚାଳନା କମିଟି ସଭାପତି ତଥା ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ବସନ୍ତ କୁମାର ସେନାପତି, ସ୍କୁଲ୍ ଉପସଭାପତି ବାଳକୃଷ୍ଣ ସେନାପତି, ସମ୍ପାଦକ ସନତ୍ କୁମାର ସେନାପତି, ଶାଶ୍ୱତ ରଞ୍ଜନ ପ୍ରଧାନ, ପୂର୍ବତନ ସମ୍ପାଦକ ସତ୍ୟନାରାୟଣ ସେନାପତି, ପ୍ରମୋଦିନୀ ସାହୁ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ର କିପରି ଭବିଷ୍ୟତ ଗଠନ କରିଥାନ୍ତି, ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ୨ଦିନିଆ ୨୦ତମ ବାର୍ଷିକ କ୍ରୀଡ଼ାରେ ବିଦ୍ୟାଳୟର ୩୭୫ ଜଣ ଛାତ୍ରୀଛାତ୍ର ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଚାମଚ ବାଟିକା ସହିତ ଅନ୍ୟାନ୍ୟ କ୍ରୀଡ଼ାରେ ଭାଗ ନେଇଥିଲେ। ସେହି ସବୁ କ୍ରୀଡ଼ାରୁ ବିଦ୍ୟାଳୟର ୧୫୬ ଛାତ୍ରୀଛାତ୍ରଙ୍କୁ ବିଶିଷ୍ଟ ଅତିଥିମାନେ ସାର୍ଟିଫିକେଟ ସହିତ ସିଲ୍ଡ କପ୍ ଦେଇ ସମ୍ମାନିତ କରିଥିଲେ। ବିଶେଷ କରି ବିଭିନ୍ନ କ୍ରୀଡ଼ାରେ ଚାମ୍ପିୟନ ହୋଇଥିବା ସେକ୍ ପରୱାଜ, ପ୍ରତ୍ୟାଶା ପାଢ଼ୀ, ଅଜୟ କୁମାର ଦାସ, ପ୍ରଜ୍ଞାଶ୍ରୀ ନାୟକ, ଅଞ୍ଜଳି ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ବବିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ୨୦ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ତୃପ୍ତିମୟୀ ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ପାତ୍ର, ଦିଲୀପ କୁମାର ଭୋଇ, ଦେବାଶିଷ ଦୀକ୍ଷିତ, ସୁଜାତା ମହାନ୍ତି, ଏସ୍ ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ଯୁବ ରେଡ୍‌କ୍ରସର ପ୍ରବେଶ ଉତ୍ସବ

କଣାସ,୨୯।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ ବିଭାଗ ପକ୍ଷରୁ ନୂତନ ସ୍ୱୟଂ ସେବକଙ୍କର ପ୍ରବେଶ ଉତ୍ସବ ଅଧ୍ୟକ୍ଷ ସଞ୍ଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ରେଡ୍‌କ୍ରସ ପୁରୀ ଜିଲା ସଂଯୋଜକ ରବୀନ୍ଦ୍ର କୁମାର ସାହୁ, କଲେଜର ଇଂଲିଶ ଅଧ୍ୟାପକ ତଥା ଯୁବ ରେଡ୍‌କ୍ରସର ଉପଦେଷ୍ଟା ନିରଞ୍ଜନ ସ୍ୱାଇଁ, ଇଂଲିଶ ଅଧ୍ୟାପକ ବୃନ୍ଦାବନ ପାତ୍ରଙ୍କ ସମେତ ଅଧ୍ୟାପକ ପ୍ରମୋଦ ହୋତା, ଗଦାଧର ଶତପଥୀ, ସନ୍ମିତା ହାତୀ, ଶୁଭସ୍ମିତା ଭାରିମଲ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ବହୁମୂଲ୍ୟ ଭାଷଣ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଜିଲା ସଂଯୋଜକ ସାହୁ ଉପାଦେୟ ତଥ୍ୟମାନ ରଖି ରେଡକ୍ରସର ଆବିଷ୍କାର ତଥା ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପକ ପ୍ରଭାସ କୁମାର ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

# ପ୍ରଦର୍ଶିତ ହେଲା ୧୩୫ ପ୍ରକଳ୍ପ

ପିପିଲି,୨୯।୧୧(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)



ପିପିଲି ବଜାରସ୍ଥିତ ବୈଦିକ ଟେକ୍ନୋ ସ୍କୁଲରେ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ଅଧ୍ୟକ୍ଷା ଶୁଭଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାୟ ୮୫ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ବିଭାଗ ଯୋଜନା ସଂଯୋଜକ ପବନୀ କୁମାର ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ତଥା ସାମାଜିକ କର୍ମୀ ପ୍ରଭାତ ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ନାୟକ, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ଅଳକା ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ଓ ପ୍ରତିଭାର ବିକାଶ ବିଜ୍ଞାନ ଦ୍ୱାରା ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଚାରପତି ଭାବେ ବରିଷ୍ଠ ଶିକ୍ଷକ ତଥା ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା, ଲେଖିକା ପ୍ରତିଭା ପ୍ରିୟଦର୍ଶିନୀ, ଶିକ୍ଷକ ବିକାଶ କୁମାର ଅଗ୍ରୱାଲା, ଦ୍ୱିତୀକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପକୁ ନିରୀକ୍ଷଣ କରି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ କାର୍ଯ୍ୟନିର୍ବାହୀ ସଂଯୋଜକ ମୁନୁ ଅଗ୍ରୱାଲ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପିପିଲି ଜଇସପାଟଣାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ମଧ୍ୟ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ସମ୍ପାଦକ ସଞ୍ଜିତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ଶିକ୍ଷକ ଚିନ୍ତାମଣି ଓଝା, ରବିନାରାୟଣ ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପକୁ ନିରୀକ୍ଷଣ କରିଥିବା ବେଳେ ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ପାଣ୍ଡେ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିଥିଲେ। ଏହି ଅବସରରେ ବିଜ୍ଞାନ ମେଳାରେ ସାମିଲ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତାପ କୁମାର ଡାଙ୍ଗୁଆ, ଟିକନ ଭଞ୍ଜ, ମୋନାଲିସା ବିଶ୍ୱାଳଙ୍କ ସହ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ସୁସ୍ଥ ଶରୀର, ମନ ପାଇଁ ଯୋଗର ଭୂମିକା ଅତୁଳନୀୟ

### ପଞ୍ଚାୟତସ୍ତରୀୟ ମହିଳା ଯୋଗ ପ୍ରଶିକ୍ଷଣ ସମ୍ମାନ ସମାରୋହ

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ ସାଇ ସ୍ମାର୍ଟ ସ୍କୁଲ ପରିସରରେ ଯୋଗ ଭାରତ ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ମହିଳା ଯୋଗ ପ୍ରଶିକ୍ଷଣ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀର ବିଭାଗୀୟ ବନ ଅଧିକାରୀ ଧନଜୀ ରାଓସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ସୁସ୍ଥ ଶରୀର ଓ ମନ ପାଇଁ ଯୋଗର ଭୂମିକା ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ପୁରୀ ଫର୍ମାସୀ ମହାବିଦ୍ୟାଳୟର ଚେୟାରମ୍ୟାନ ଅନିମା ଦାଶ ଓ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର, ସାଇ ସ୍ମାର୍ଟ ସ୍କୁଲର ଅଧ୍ୟକ୍ଷ ଇଂ. ଆଶିଷ କୁମାର ଦାଶ, ପୁରୀ ସଦର ସାମାଜିକ ସଦ୍‌ଭାବନାର ସହ ସଂଯୋଜକ ସର୍ବେଶ୍ୱର ସ୍ୱାଇଁ, ଯୋଗ ଗୁରୁ ଡ. ଆଲୋକ କୁମାର ସ୍ୱାଇଁ, ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟ ଯୋଗ ବିଭାଗର ସହଯୋଗୀ ଅଧ୍ୟାପକ ପ୍ରେମ ପ୍ରକାଶ ପାଣ୍ଡେ ଯୋଗଦେଇ ଯୋଗର ପରିଭାଷା, ପ୍ରଣାଳୀ ଓ ଏହାର ବିସ୍ତାରି ପ୍ରଭାବ ସମ୍ପର୍କରେ ଉପସ୍ଥିତ ଯୋଗ ଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ଯୋଗ ଭାରତର ସଂଯୋଜିକା ତଥା ଯୋଗ ପ୍ରଶିକ୍ଷିକା ପ୍ରିୟଦର୍ଶିନୀ ପାଣି ତାଙ୍କର ପ୍ରିୟ ଶିକ୍ଷାର୍ଥୀଙ୍କୁ ନିରନ୍ତର ଯୋଗାଭ୍ୟାସ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା। ସୁସ୍ଥ ନାରୀ ସଶକ୍ତ ପରିବାର ଗଠନକରି ଏକ ସୁସ୍ଥ ସମାଜ ଗଢ଼ିବାପାଇଁ ସମସ୍ତ ଶିକ୍ଷାର୍ଥୀମାନେ ସଂକଳ୍ପ ନେଇଥିଲେ। ମା' ପାଇଁ ଗଛଟିଏ ନାରାରେ ସମସ୍ତ ଅତିଥି ଯୋଗ ଶିକ୍ଷାର୍ଥୀଙ୍କୁ ଗୋଟିଏ ଗୋଟିଏ ଗଛ ସହିତ ସମ୍ମାନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀ ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀପଦା ମିଶ୍ର, ଲୋପାମୁଦ୍ରା ମହାପାତ୍ର ସମାରୋହ ସଞ୍ଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନମ୍ରତା ରଥ, ସ୍ୱପ୍ନା ଦାଶ, ଅନିନ୍ଦିତା ଦାଶ, ସୁଲିପ୍ତା ମହାପାତ୍ର, ମଧୁସ୍ମିତା ଓଝା, ନୀଳାମ୍ବରୀ ପଣ୍ଡା ଓ ସୁଲେଖା ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଭଏସ୍ ଅଫ୍ କମନ୍ ମ୍ୟାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

### ଗୁଣ୍ଡିଚା ମନ୍ଦିରରେ ଶୁଳ୍କ ଆଦାୟ ନିଷ୍ପତ୍ତିକୁ ବିରୋଧ

ପୁରୀ,୨୯।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରବେଶ ପାଇଁ ଭକ୍ତଙ୍କ ଠାରୁ ପ୍ରଶାସନ ଶୁଳ୍କ ଆଦାୟ କରିବା ନିଷ୍ପତ୍ତିକୁ ବିରୋଧ କରି ଭଏସ୍ ଅଫ୍ କମନ୍ ମ୍ୟାନର ହେକ୍ଟର ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମିଶ୍ର ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ପ୍ରବେଶରେ ଶୁଳ୍କ ଲାଗୁ କରାଯାଇଥିବା ଆଦେଶ ଅତି ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ। ପୁରୀବାସୀ ନୁହେଁ, ସମଗ୍ର ଜଗନ୍ନାଥଙ୍କପ୍ରେମୀଙ୍କୁ ବ୍ୟଥିତ କରିଛି। ଓଡ଼ିଶାର ଐତିହ୍ୟରେ କେବେ, କୌଣସି ଦେବାଳୟରେ 'ଦର୍ଶନ ଶୁଳ୍କ' ନେବାର ପ୍ରଥା ନାହିଁ। ମନ୍ଦିର ଦିବ୍ୟ ଧାମ ଅଟେ, ବାଣିଜ୍ୟିକ କେନ୍ଦ୍ର ନୁହେଁ। ଏହାକୁ ଗୁଣ୍ଡିଚା ମନ୍ଦିରରେ ଲାଗୁ କରିବା ମନ୍ଦିର ସଂସ୍କୃତିକୁ ବ୍ୟାପାରୀକରଣ କରିବାର ଉଦ୍ଦେଶ୍ୟ ମନେ ହେଉଛି। ଏପରି ନୀତିକୁ ଭବିଷ୍ୟତରେ ଶ୍ରୀମନ୍ଦିରରେ ମଧ୍ୟ ଅନୁରୂପ ମଡେଲ୍ ଲାଗୁ କରାଯିବ ବୋଲି ଭୟ ସୃଷ୍ଟି କରୁଛି, ଏହାକୁ ଆମ୍ଭେ କୌଣସି ପରିସ୍ଥିତିରେ ଗ୍ରହଣ କରିବୁ ନାହିଁ। ଦର୍ଶନ ହେଉଛି ଭକ୍ତଙ୍କ ଅଧିକାର, ଏହାକୁ ବିକ୍ରୟ ଯୋଗ୍ୟ କରାଯିବା ଅସାମାଜିକ, ଅନୁଚିତ ଅସ୍ୱୀକାର୍ଯ୍ୟ। ତେଣୁ ଏହି ଶୁଳ୍କ ନୀତିକୁ ପ୍ରତ୍ୟାହାର କରାଯାଉ, ନଚେତ, ଆସନ୍ତା ୧୫ ଦିନ ମଧ୍ୟରେ ଗୁଣ୍ଡିଚା ମନ୍ଦିରରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରିବାକୁ ବାଧ ହେବୁ।

# ନିମାପଡ଼ାରେ ଖୁବ୍‌ଶୀଘ୍ର ଟେଲରିଂ ୟୁନିଟ, ପ୍ରଡକ୍ସନ ସେଣ୍ଟର, ତାଲିମ କେନ୍ଦ୍ର

ନିମାପଡ଼ା,୨୯।୧୧(ବିଚିତ୍ରାନନ୍ଦ ସାହୁ)

### ୬୭ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ମଞ୍ଜୁର

ଡବଲ ଇଞ୍ଜିନ ସରକାରରେ ନିମାପଡ଼ା ନିର୍ବାଚନମଣ୍ଡଳୀର ରୂପରେଖ, ଚିତ୍ର, ଦୃଶ୍ୟପଟ୍ଟ କ୍ରମଶଃ ବଦଳିବାରେ ଲାଗିଛି। ନିମାପଡ଼ାର ଭାଗ୍ୟାକାଶରେ ନୂତନ ସୂର୍ଯ୍ୟ ଉଇଁଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଆନ୍ତରିକ ଉଦ୍ୟମ, ନିଷ୍ଠା, ପ୍ରଚେଷ୍ଟା ଯୋଗୁ କେବଳ ବିକାଶ ହିଁ ବିକାଶ ଓ ଦ୍ରୁତ ପ୍ରଗତି ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ୬୭ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିମାପଡ଼ାରେ ଖୁବ୍‌ଶୀଘ୍ର ଏକ ଟେଲରିଙ୍ଗ ୟୁନିଟ୍, ପ୍ରଡକ୍ସନ ସେଣ୍ଟର ଓ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା ହେବ। ଏହି ନୂତନ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇତିମଧ୍ୟରେ ସରକାରୀ ଅନୁଦାନ ମଞ୍ଜୁର କରିଦେଇଥିବା ଜଣାପଡ଼ିଛି। ଏହି ନୂତନ ଟେଲରିଙ୍ଗ ୟୁନିଟ୍, ପ୍ରଡକ୍ସନ ସେଣ୍ଟର, ତାଲିମ କେନ୍ଦ୍ର ନିର୍ମାଣ ହେଲେ ଏଥିରେ ୫୦ଟି ସିଲେଇ ମେସିନ ରହିବା ସହ ୧୦୦ ମହିଳା ନିଯୁକ୍ତ ହେବାର ବ୍ୟବସ୍ଥା ରହିଥିବା ନିମାପଡ଼ା ବ୍ଲକ ମିଶନ ଶକ୍ତି ବିଭାଗର ବ୍ଲକ ପ୍ରୋଜେକ୍ଟ ସଂଯୋଜକ (ବି. ପି.ସି.) ନୟନ କୁମାର ଜେନାଙ୍କଠାରୁ ଜଣାପଡ଼ିଛି। ଏହି ପ୍ରକଳ୍ପ ନିର୍ମାଣ ହେଲେ ନିମାପଡ଼ା ଅଞ୍ଚଳର ମିଶନ ଶକ୍ତି ମହିଳାଙ୍କ ସମେତ ଶହ ଶହ ସାଧାରଣ ମହିଳା ବହୁଳ ଭାବେ ଉପକୃତ ହୋଇପାରିବା ସହ ମହିଳାମାନେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହି ଯୋଜନା ଓ ନୂତନ ପ୍ରକଳ୍ପ ପ୍ରତିଷ୍ଠା ହେଲେ ମହିଳାଙ୍କର ଆର୍ଥିକ ବିକାଶ ହୋଇପାରିବ। ମହିଳାଙ୍କର ସାମଗ୍ରିକ ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କର ଏହି ସ୍ୱପ୍ନ, ପ୍ରୟାସ, ପ୍ରଚେଷ୍ଟା ବାସ୍ତବିକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଘଟଣା ଜଣାପଡ଼ିବା ପରେ ନିମାପଡ଼ା ମିଶନ ଶକ୍ତି ମହିଳାଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଏଥିପାଇଁ ନିମାପଡ଼ା ବ୍ଲକ ସୁରକ୍ଷା ପ୍ରକଳ୍ପସ୍ତରୀୟ ମହିଳା ମହାସଂଘର ସଭାପତି ସୌଦାମିନୀ ବେହେରା, ସମ୍ପାଦିକା ମମତାରାଣୀ ପାଇକରାୟଙ୍କ ସମେତ ମହାସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଗଭୀର କୃତଜ୍ଞତା, ସାଧୁବାଦ, ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଛନ୍ତି। ମହିଳାଙ୍କର ବିକାଶ କ୍ଷେତ୍ରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଏହି ଯୋଜନା ଏକ ଅଭିନବ ପ୍ରୟାସ ଓ ନିମାପଡ଼ାର ବିକାଶ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସଦୃଶ ବୋଲି ବିଭିନ୍ନ ମହଲରେ କୁହାଯାଇଛି।

## ସଂକ୍ଷେପରେ

### ହ୍ୟୁମାନ୍‌ଙ୍କ ମ୍ୟାନେଜରଙ୍କ ନାମରେ ମହିଳା ଥାନାରେ ଏତଲା

**କଟକ,୨୯।୧୧(କାର୍ତ୍ତିକ ସାହୁ)**

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ୧୦ ଦିନରୁ ଅଧିକ ବିତିଲାଣି। ହ୍ୟୁମାନଙ୍କ ଅସୁସ୍ଥତା ଓ ମୃତ୍ୟୁର କାରଣ ଭାବେ ଦାୟୀ କରାଯାଇ ତାଙ୍କ ମ୍ୟାନେଜର ଦିନେଶ ବେହେରାଙ୍କ ବିବାଦ ବଢ଼ିବାରେ ଲାଗିଛି। ରାଜ୍ୟର ବିଭିନ୍ନ ଥାନାରେ ତାଙ୍କ ନାମରେ ଏତଲା ଦିଆଯାଉଛି। ଦିନେଶଙ୍କ ନାଁରେ ପୁଣି ଏକ ଏତଲା କଟକ ମହିଳା ଥାନାରେ ଶନିବାର ଦିଆଯାଇଛି। ହ୍ୟୁମାନଙ୍କ ମା'ଙ୍କୁ ଗାଳିଗୁଲଜ କରିଥିବା ଘଟଣାରେ ଦିନେଶଙ୍କ ବିରୋଧରେ କଟକ ସାମାଜିକ ସଙ୍ଗଠନ ପକ୍ଷରୁ ଏତଲା ଦାଏର କରାଯାଇଛି। ତାଙ୍କ ବିରୋଧରେ ଅଭିଯୋଗ ଆଣିବା ସହ ସଙ୍ଗଠନ ପକ୍ଷରୁ ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ତଦନ୍ତ ମଧ୍ୟ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଦିନେଶଙ୍କ ବିରୋଧରେ ବଲାଙ୍ଗୀର ଟାଉନ, ଟିଟିଲାଗଡ଼ ଓ ଯାଜପୁର ଥାନାରେ ଏତଲା ଦାଏର କରାଯାଇଛି।

### ଶତାଧିକ ଲୋକଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

**କଟକ,୨୯।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ମୋକିମ ଫାଉଣ୍ଡେଶନ ଆନୁକୂଲ୍ୟରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ବକ୍ସି ବଜାରସ୍ଥିତ ମସ୍ତାନ ଦରଘାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡା. ନୟିମା ତାଜିମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଶତାଧିକ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ଅତିଥି ଭାବେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଲିଜାରାଣୀ ରାଉତ, ସଦାବ ସଲାମ, ନସିମ୍ ପରଭେଜ, କଲିମ ଅଖତର, ସେକ୍ ସମିମ, ଫୟାଜ ରିଜଭି, ସନ୍ତୋଷ କୁମାର ପାତ୍ର, କରନେଲ ସତର ଯୋଗଦେଇଥିଲେ। ଶିବିରରେ ମେଡିସିନ ବିଶେଷଜ୍ଞ ଡା. କାମାକ୍ଷା ପ୍ରସାଦ ଭୂୟାଁ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ରଜତ କୁମାର ବେହେରା, ହୃଦ୍‌ରୋଗ ବିଶେଷଜ୍ଞ ଡା. ଶୁଚିସ୍ମିତା ଭୂୟାଁ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା.ନୟିମା ତାଜେନ ଓ ଡା.ଦେବହୂତି ପଟ୍ଟନାୟକ ଯୋଗଦେଇ ସିଡିଏ ଅଞ୍ଚଳର ଶତାଧିକ ରୋଗୀଙ୍କୁ ଚିକିତ୍ସା କରିବା ସହ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଇସିଜି, ଶ୍ୱାସ ପରୀକ୍ଷା (ପିମସି), ଆଖି ସହ ବିଭିନ୍ନ ରକ୍ତ ପରୀକ୍ଷା ଏବଂ ଔଷଧ ବଣ୍ଟନ କରାଯାଇଥିଲା। ଶିବିରକୁ ସତ୍ୟରଞ୍ଜନ କର ସଂଯୋଜନା କରିଥିବାବେଳେ ମହମ୍ମଦ ହସିଉଲା, ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ, ରୌପ୍ୟ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ। ଶିବିରରେ ଆପୋଲୋ ହସ୍ପିଟାଲର କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ ପରୀକ୍ଷା କରିଥିଲେ।

### ଗଣମାଧ୍ୟମ ଓ ସାହିତ୍ୟ ଶୀର୍ଷକ ପାଠଚକ୍ର

**କଟକ,୨୯।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ଖ୍ରୀଷ୍ଟ କଲେଜ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ଖବରଦାତା ଓ ସଂସ୍କୃତି ବିଶାରଦ ବିଜୟ ମଲ୍ଲ ଯୋଗଦେଇ ଗଣମାଧ୍ୟମ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ ସାମ୍ପ୍ରତିକ ସମୟରେ ଗଣମାଧ୍ୟମର ଭାଷା ଓ ସାହିତ୍ୟର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ପାଠଚକ୍ରରେ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର ଯୋଗଦେଇ ବିଦ୍ୟାର୍ଥୀଙ୍କୁ ସାହିତ୍ୟ ରଚନା କ୍ଷେତ୍ରରେ ଆଗ୍ରହୀ ହେବା ପାଇଁ ପ୍ରେରଣା ଦେଇଥିଲେ। ଓଡ଼ିଆ ବିଭାଗର ସୁସାହିତ୍ୟିକା ଛାତ୍ରୀ ତେଜସ୍ୱିନୀ ପଣ୍ଡାଙ୍କ ସୃଜନଶୀଳ ପ୍ରତିଭା, ଅତ୍ୟାଶା ପ୍ରତିହାରୀଙ୍କ ଅଭିନୟର ପାରଦର୍ଶିତା ଓ ନୀତିଶ କୁମାର ଦାଶଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗ ମୁଖ୍ୟ ଡ. କୃତ୍ତିବା ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପ୍ରାଧ୍ୟାପକ ଡ. ଦୈତ୍ୟାରି ଶୁକ୍ଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ଡ. ରୂପାଲି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପାଠଚକ୍ରର କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ସ୍ମିତା ନାୟକ ଓ ଅଧ୍ୟାପକ ପୀତବାସ ଷଡଙ୍ଗୀ ପରିଚାଳନା କରିଥିଲେ। ପରିଚାଳନା ସମିତି ସଭ୍ୟ, ଉପାଧ୍ୟକ୍ଷା, ବରିଷ୍ଠ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ପାଠଚକ୍ରରେ ଉପସ୍ଥିତ ଥିଲେ।



କଟକ ବକ୍ସିବଜାର ରିଜର୍ଭ ପୋଲିସ ଗ୍ରାଉଣ୍ଡରେ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଶନିବାର ଅନୁଷ୍ଠିତ ବାର୍ଷିକ ଆଥଲେଟିକ୍ ମିଟ୍-ଲଙ୍ଗ୍‌ଜମ୍ପରେ ବାଳିକା ବିଭାଗରେ ଭାଗ ନେଇଥିବା ଜଣେ ଛାତ୍ରୀ ଲମ୍ଫ ପ୍ରଦାନ କରୁଛନ୍ତି।



ଅନ୍ନପୂର୍ଣ୍ଣା ଥିଏଟରରେ ମୟୂର ଆର୍ଟିଷ୍ଟ ଆସୋସିଏଶନ ନାଟ୍ୟ ସଂସ୍ଥା ନୂତନ ବାରିପଦାର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ହେ ମଣି ମା' ଶୁଣିବା ହେଉ'। (ଫଟୋ: ରାଜକିଶୋର ମହାନ୍ତି)

# ନୂତନତା ଆଣିବ ସହଯୋଗାତ୍ମକ ଗବେଷଣା

**କଟକ,୨୯।୧୧(କାର୍ତ୍ତିକ ସାହୁ)**

ଗବେଷଣା ଆନ୍ତଃ ବିଷୟକ ହୋଇପାରିଲେ ମାନବ ଜୀବନର ଅନେକ ସମସ୍ୟା ସମାଧାନ ହୋଇପାରିବ। ଏଆଇ ଏବଂ ଡିଜିଟାଲ ଆଇସିଟି ଗବେଷଣା ପାଇଁ ସହାୟକ ହେବ। ସହଯୋଗାତ୍ମକ ଗବେଷଣା ନୂତନତା ଆଣିବ ବୋଲି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଗବେଷଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ଦୁଇ ସପ୍ତାହ ଧରି ଚାଲିଥିବା ଗବେଷଣା ପ୍ରଶିକ୍ଷଣର ଶନିବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ନାୟକ କହିଲେ, ଗବେଷକମାନେ ଶୋଧନୀତି, ନିଷ୍ପକ୍ଷତା, ଗୋପନୀୟତା ଆଦି ନୈତିକ ସିଦ୍ଧାନ୍ତ ପାଳନ କଲେ ଗବେଷଣାରେ ଗୁଣବତ୍ତା ଆସିପାରିବ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଲୁନା ସାମନ୍ତ ଯୋଗଦେଇ ଗବେଷଣାର ନୂତନ ଦିଗନ୍ତ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ରାଉତ ପ୍ରଶିକ୍ଷଣ ବିବରଣୀ ପାଠ, ବିଭାଗ ମୁଖ୍ୟ ପ୍ରଫେସର ସୁଦର୍ଶନ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ବି.ସି. ଦାସ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଗାୟତ୍ରୀ ବିହାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୂଆଦିଲ୍ଲୀସ୍ଥିତ ଭାରତୀୟ ସାମାଜିକ ବିଜ୍ଞାନ ଶୋଧ ପରିଷଦ (ଆଇସିଏସ୍ଏସ୍ଆର୍) ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଶଟି ରାଜ୍ୟରୁ ପ୍ରତିଭାଗୀମାନେ ଯୋଗଦେଇଥିଲେ।



ରେଭେନ୍‌ଶାରେ ଗବେଷଣା ପ୍ରଶିକ୍ଷଣରେ ଯୋଗଦେଇଥିବା ଅତିଥି ଏବଂ ପ୍ରତିଯୋଗୀ।

**ରେଭେନ୍‌ଶାରେ ଗବେଷଣା ପ୍ରଶିକ୍ଷଣ**

# ସାରସ୍ୱତ, ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ





ଚୌଦ୍ୱାର ମହାବିଦ୍ୟାଳୟରେ ଚାଲିଥିବା ସାରସ୍ୱତ ଓ ସଂସ୍କୃତି ମହୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଚୌଦ୍ୱାର,୨୯।୧୧(ଆଶୁତୋଷ ଦାସ)**

ଚୌଦ୍ୱାର ମହାବିଦ୍ୟାଳୟରେ ଗତ ଏକ ସପ୍ତାହ ଧରି ଚାଲିଥିବା ସାରସ୍ୱତ ଓ ସାଂସ୍କୃତିକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ମାର୍ଗ ଦର୍ଶନରେ ସପ୍ତାହବ୍ୟାପୀ ଆୟୋଜିତ ତଥା ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ବ୍ରାହ୍ମଣୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ମନୋରଞ୍ଜନ ସାହୁ ଓ ସ୍ତମ୍ଭକାର ତଥା ସାହିତ୍ୟିକ ଦିବ୍ୟଜ୍ୟୋତି ପାଣି ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ଇତିହାସ, ଭବିଷ୍ୟତ ଓ ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଡ. ମମତା ସାହୁ ସ୍ୱାଗତ ଭାଷଣ ପ୍ରଦାନ ଏବଂ ଅଧ୍ୟାପିକା ବନୀତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରଜନୀକାନ୍ତ ସାହୁ, ରଚିତା ବେହେରା, ଶୁଭସ୍ମିତା ଭୂୟାଁ, ଏସ୍.କେ. କାସିମ୍, ଭରତ ଚନ୍ଦ୍ର ବାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜ୍ଞାନବିଜ୍ଞାନ ମେଳାରେ ୨୯୫ ପ୍ରକଳ୍ପ ପ୍ରଦର୍ଶିତ

**ଫୁଲନଖରା,୨୯।୧୧(ସତ୍ୟରଞ୍ଜନ ଦାସମହାପାତ୍ର)**

ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତସ୍ଥିତ ବ୍ରାହ୍ମଣଝରିଲୋଠାରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ୨ଦିନ ଧରି ଚାଲିଥିବା ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନ ଦିବସରେ ମୁଖ୍ୟଅତିଥି ଭାବେ ହିମାଂଶୁ ଭୂଷଣ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସତ୍ୟ ନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ସେଖ ମୁସ୍ତାକ ଅଲ୍ଲୀ ଯୋଗଦେଇଥିଲେ। ଏଥିରେ ୨୯୫ଟି ବିଜ୍ଞାନ ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ରାଜ୍ୟ ଶକ୍ତି ପ୍ରସାଦ ମହାନ୍ତି, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ, ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସମ୍ପାଦିକା ଜସ୍ମିନ ବେଗମ ପ୍ରମୁଖ ଯୋଗଦେଇ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଉପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚକୋଟୀର ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ଶତାଧିକ ପ୍ରକଳ୍ପ ବୁଲି ଦେଖିବା ସହିତ ପିଲାମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଦ୍ୱିତୀୟ ଦିବସରେ ୨୧୦ଟି ଗଣିତ ପ୍ରକଳ୍ପ ଓ ୮୫ ଟି ସାମାଜିକ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖି ପ୍ରଶଂସା କରିଥିଲେ ଏବଂ ଅତିଥିମାନେ ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିବା ସହିତ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ଦୁଇଦିନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସୟଦ ସେହାରିୟର ଅଲ୍ଲୀ, ସବିହା ବେଗମ ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା ମହାନ୍ତି ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



ଜ୍ଞାନବିଜ୍ଞାନ ମେଳାରେ ପ୍ରତିଯୋଗୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

### ପାଲାଗାୟକ ପରିଷଦ ପକ୍ଷରୁ ଶ୍ରୀସନ୍ନ୍ୟାସୀ ଜୀଙ୍କୁ ଶ୍ରୀଜୟଦେବ ସମ୍ମାନ

**ଫୁଲନଖରା,୨୯।୧୧ (ସତ୍ୟରଞ୍ଜନ ଦାସ ମହାପାତ୍ର)**

ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ପ୍ରବକ୍ତା ଇଞ୍ଜିନିୟର ଶ୍ରୀସନ୍ନ୍ୟାସୀ ଜୀଙ୍କୁ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ଓଡ଼ିଶାର ଅବିଭକ୍ତ କଟକ ଜିଲା ଜୟଦେବ ମଣ୍ଡଳର ବାର୍ଷିକ ଉତ୍ସବ ପାଳନ ଅବସରରେ ଚଳିତବର୍ଷ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଶ୍ରୀଜୟଦେବ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଛି। ରାଜ୍ୟ ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବିଶିଷ୍ଟ ପାଲା ଗବେଷକ ପ୍ରଫେସର ନିରୋଦ କୁମାର ଦାସ, ଅବସରପ୍ରାପ୍ତ ପ୍ରଶାସକ ସନାତନ ଆଚାର୍ଯ୍ୟ, ମଣ୍ଡଳ ସଭାପତି ଗାୟକ ସ୍ୱରଭାରତୀ ସୁବାସ ଚନ୍ଦ୍ର ପରିଜା, ଗାୟକ ଯୁବ ଭାସ୍କର ଡ. ଜ୍ଞାନପ୍ରିୟ କାନୁନଗୋ, ଗାୟକ କୁଳକମଳ ଗୌତମ ଦାଶ, ଗାୟକ ପ୍ରଦ୍ୟୁମ୍ନ ପାତ୍ର, ପଣ୍ଡିତ କପିଳ ଚରଣ ସେନାପତି, ବରିଷ୍ଠ ପାଲା ଗାୟକ ଉଗ୍ରସେନ ପାଢ଼ୀ ପ୍ରମୁଖ ସନ୍ନ୍ୟାସୀଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଆଦି ପ୍ରଦାନ କରି ସମ୍ମାନିତ କରିଥିଲେ। ବିଭିନ୍ନ ପ୍ରତିଷ୍ଠିତ ଦୈନିକରେ ସନ୍ନ୍ୟାସୀଙ୍କ ବହୁ ଆଧ୍ୟାତ୍ମିକ ସ୍ତମ୍ଭ ପ୍ରକାଶିତ। ଜଣେ ବାଗ୍ମୀ ପ୍ରବକ୍ତା ଭାବେ ସେ ବହୁଳ ପରିଚିତ। ଉଲ୍ଲେଖଯୋଗ୍ୟ ଯେ, ଦୈନିକ 'ଧରିତ୍ରୀ'ରେ ଶ୍ରୀସନ୍ନ୍ୟାସୀ ଦୀର୍ଘ ୨୪ବର୍ଷ ହେଲା ମାସିକ ଆଧ୍ୟାତ୍ମିକ ସ୍ତମ୍ଭ 'ଚିନ୍ମୟ ଚିନ୍ତନ' ଲେଖି ଆସୁଛନ୍ତି। ଉତ୍ସବରେ ଓଡ଼ିଶାର ଶତାଧିକ ଗାୟକ ଉପସ୍ଥିତ ଥିଲେ।

### ଭାରତ ସରକାରଙ୍କ ତ୍ରିଭାଷୀ ଗଣମାଧ୍ୟମ ପଦକୋଷ

**କଟକ,୨୯।୧୧(କାର୍ତ୍ତିକ ସାହୁ)**

ଭାରତ ସରକାରଙ୍କ ବୈଜ୍ଞାନିକ ଓ ବୈଷୟିକ ପଦାବଳୀ ଆୟୋଗ (କମିଶନ ଫର୍ ସାଇଣ୍ଟିଫିକ ଆଣ୍ଡ ଟେକ୍ନିକାଲ ଟର୍ମିନୋଲୋଜି) ପକ୍ଷରୁ ଗଣମାଧ୍ୟମରେ ବ୍ୟବହାର ନିମନ୍ତେ ତ୍ରିଭାଷୀ ମୌଳିକ ପଦକୋଷ (ଇଂଲିଶ-ହିନ୍ଦୀ-ଓଡ଼ିଆ) ପ୍ରସ୍ତୁତି ନିମନ୍ତେ ଏକ ଅଭିନବ ଉଦ୍ୟମ ହାତକୁ ନିଆଯାଇଛି। ଛାପା, ବୈଦ୍ୟୁତିକ ଓ ଡିଜିଟାଲ ଗଣମାଧ୍ୟମରେ ବ୍ୟବହାର ନିମନ୍ତେ ନିର୍ଦ୍ଦିଷ୍ଟ ଶବ୍ଦାବଳୀ ପ୍ରସ୍ତୁତ କରାଯାଉଛି। ଗଣମାଧ୍ୟମରେ ବହୁଳ ମାତ୍ରାରେ ବ୍ୟବହାର କରାଯାଉଥିବା ଶବ୍ଦଗୁଡ଼ିକ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ ଏହା କରାଯାଉଛି। ୨୦୨୩ ମସିହାରେ ଏଥିପାଇଁ ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଏବଂ ପ୍ରକାଶନ ବ୍ୟୁରୋ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୧ରୁ ୫ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ସେଥିପାଇଁ ଏକ ଦଶଜଣିଆ ବିଶେଷଜ୍ଞ କମିଟି ଚୟନ କରାଯାଇଛି। ଉକ୍ତ କମିଟିରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବେ ଗଣମାଧ୍ୟମ ଯୋଗାଯୋଗ ପ୍ରବନ୍ଧକ ହିତାଂଶୁ ଶେଖର ମହାନ୍ତ ସ୍ଥାନ ପାଇଛନ୍ତି। ବିଶ୍ୱବିଦ୍ୟାଳୟରୁ କୁଳାଧ୍ୟକ୍ଷା ପ୍ରାଧ୍ୟାପିକା ରଜିତା କୁଲକର୍ନୀ, କୁଳପତି ପ୍ରାଧ୍ୟାପକ ଡ. ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରାଧ୍ୟାପକ ଡ. ଅନିଲ କୁମାର ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ବିଶେଷଜ୍ଞ କମିଟିରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିନିଧି ହିତାଂଶୁ**



# କିସମ ପରିବର୍ତ୍ତନ କରି ଜମିପଟ୍ଟା ଯୋଗାଇଦିଅ



**କଟକ ସଦର,୨୯।୧୧(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏହି ଅଞ୍ଚଳର ସର୍ବ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ବିକାଶ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅର୍ଥ ମଞ୍ଜୁର କରି ନୂଆ କୋଠା ସହ ୱାର୍ଡ ନିର୍ମାଣ କରିଛନ୍ତି। ଏଠାରେ ଅଦ୍ୟାବଧି ରୋଗୀମାନେ ରାତ୍ରି ଯାପନ କରନ୍ତି ନାହିଁ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ପ୍ରଶାନ୍ତ କୁମାର ସାମଲ ଜଣାଇଛନ୍ତି। ରାତ୍ରିରେ ରୋଗୀ ରହୁ ନ ଥିବାରୁ ଖାଦ୍ୟ ବାବଦକୁ ଆସୁଥିବା ଅର୍ଥ ଖର୍ଚ୍ଚ କରାଯାଏ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ନିଜସ୍ୱ ସ୍ଥିତିବାନ ଜାଗା ନାହିଁ। କାରଣ କେନ୍ଦ୍ର ଗ୍ରାମ୍ୟ ଜଙ୍ଗଲ ଓ ଗୋଚର କିସମ ହୋଇଥିବାରୁ ପଟ୍ଟା ମିଳିନାହିଁ ବୋଲି ଅଧୀକ୍ଷକ ସାମଲ ପତ୍ର ସଂଖ୍ୟା ୧୧୮୦/ ୧୬।୮। ୨୦୨୫ରେ ଜଣାଇଛନ୍ତି। ତେଣୁ ରାଜସ୍ୱ ବିଭାଗ କିସମ ପରିବର୍ତ୍ତନ କରି ଜମି ପଟ୍ଟା ଯୋଗାଇଦେବା ପାଇଁ ଦାବି ହେଉଛି।

**ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**



# ସମନ୍ୱୟ, ସ୍ୱଚ୍ଛତା ଉପରେ ଜିଲାପାଳଙ୍କ ଗୁରୁତ୍ୱ



## ଜିଲା ବ୍ୟବସାୟ ସଂସ୍ଥାର କାର୍ଯ୍ୟ ଯୋଜନା ବୈଠକ

**ଖୋର୍ଦ୍ଧା,୨୯।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲା ବ୍ୟବସାୟ ସଂସ୍ଥାର କାର୍ଯ୍ୟ ଯୋଜନା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମୃତ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀ ବାଲା ଜେନା, ଉପଜିଲାପାଳ(ଭୁବନେଶ୍ୱର) ଡ.ମନୋରଞ୍ଜନ ସାହୁ, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳିକା ସମୃତିତା ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଇପିକଲ ବୃହତ୍ ବ୍ୟକ୍ତିଗତ ସେବା ସଂସ୍ଥା ସହଯୋଗୀ ସମୀର ଦାସ, ଏସ୍. କେ ବେହେରା, ପରିଚାଳକ ତେଜସ କୁଲକର୍ଣ୍ଣୀ, ପରିଚାଳିକା ସିକିଲ ମିଶ୍ର, ଟିମ୍ ଲିଡର ଜିଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା (ଦିପା) ଜୟ ପ୍ରକାଶ ସ୍ୱାଇଁ, ଆଇପିଇ (ଦିପା)ଓମ୍ ପ୍ରକାଶ ଶତପଥୀ, ଏପିଇ (ଦିପା) ଲୋକନାଥ ବିଶ୍ୱାଳ ଯୋଗ ଦେଇଥିଲେ । ବିଶେଷଜ୍ଞ ତେଜସ କୁଲକର୍ଣ୍ଣୀ ଏବଂ ସିକିଲ ମିଶ୍ର ସରକାରଙ୍କ ୪୬ଟି ବିଭାଗର ବିଭିନ୍ନ ଯୋଜନାରେ ଏକକ କୌଶଳ ସିଙ୍ଗିଲ ୱିଣ୍ଡୋ ଗୋ ସିଫ୍ଟ ଅନ୍‌ଲାଇନ୍ ମାଧ୍ୟମରେ ହିତାଧିକାରୀମାନେ କିପରି ଉପକୃତ ହେବେ ସେ ସମ୍ବନ୍ଧରେ ପାୱାର ପଏଣ୍ଟ ଉପକରଣରେ ବୈଠକରେ ଯୋଗଦେଇଥିବା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ ଯେ, ଜିଲାସ୍ତରରେ ଯେଉଁମାନେ ବ୍ୟବସାୟ କରିବା ନିମନ୍ତେ ପୁଞ୍ଜି ବିନିଯୋଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଇପିକଲ, ପିଡ଼ବ୍ଲୁଡି ପକ୍ଷରୁ ସମସ୍ତ ସୁବିଧା, ସରଳ ଡିପିଆର ପ୍ରସ୍ତୁତ କରିବା ଏବଂ ସଚେତନତା କାର୍ଯ୍ୟକ୍ରମ, ବାଣିଜ୍ୟିକ ପ୍ରଶିକ୍ଷଣ ନିମନ୍ତେ ବ୍ୟାଙ୍କରୁ ଋଣ ପ୍ରଦାନ ନିମନ୍ତେ ସାଧନ ସୁବିଧା ଆଦି ସମସ୍ତ ତଥ୍ୟ ବିଭାଗ ଅନୁଯାୟୀ ଗୋସିଫ୍ଟରେ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ସମନ୍ୱୟତା, ସ୍ୱଚ୍ଛତା ରହିଲେ ହିତାଧିକାରୀ ଯୋଜନାର ସୁଫଳ ପାଇପାରିବେ ବୋଲି ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସ, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଅବକାରୀ ଅଧୀକ୍ଷକ (ଭୁବନେଶ୍ୱର) ଦେବାଶିଷ ପଟେଲ, ଜିଲା ପଞ୍ଚାୟତ ଅଧିକାରୀ ଶୁଭେନ୍ଦୁ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ, ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଅଶୋକ କୁମାର ବେହେରା, ଜିଲା ମଙ୍ଗଳ ଅଧିକାରୀ ଡ.ଗୀତାଂଶୁ ଦାଶ, ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶିଶୁକନ୍ୟାଙ୍କ ସୁରକ୍ଷା ନେଇ ସଚେତନତା

**ବାଣପୁର,୨୯।୧୧(ଦିଲୀପ କୁମାର ସ୍ୱାଇଁ)**

ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ମହିଳା ହିଂସା ବିରୋଧୀ ଅଭିଯାନର ପଞ୍ଚମ ଦିବସରେ ଶନିବାର ଶାଳିଆ ଆଶ୍ରମ ସ୍କୁଲରେ ଶିଶୁକନ୍ୟାଙ୍କ ସୁରକ୍ଷାକୁ ନେଇ ସଚେତନ କରାଯାଇଥିଲା। ଡିଜିଟାଲ ହିଂସା, ମହିଳା ସୁରକ୍ଷା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସନ୍ଧ୍ୟା ଦେବୀ ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟ ସଂଯୋଜକ ପ୍ରମୋଦ ଜେନା ପରିବେଶ ସୁରକ୍ଷାକୁ ନେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଟ୍ରଷ୍ଟର କ୍ଷେତ୍ର ସଂଯୋଜକ ବୀରେନ୍ଦ୍ର କୁମାର ବେହେରା ବିଦ୍ୟାର୍ଥୀ ହେବାର ପ୍ରକ୍ରିୟା ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜନ ପ୍ରଧାନ, ରିଙ୍କି ବେହେରା, ଟୁନି ଦାସ, ସୁରେନ୍ଦ୍ର ଶବର, ସୁଶାନ୍ତ ଶବର ସହଯୋଗ କରିଥିଲେ। ଶେଷରେ ସୁଶ୍ରୀ ଟୁନିଦାସ ଧନ୍ୟବାଦ ଦେଇଥିଲେ। ସେହିପରି ଶାଳିଆ ନଦୀ ସୁରକ୍ଷା ଓ ଜଳ ସଂରକ୍ଷଣକୁ ନେଇ ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଏକ ଜାଗରଣ ଆଲୋଚନାଚକ୍ର ବାଣପୁରସ୍ଥିତ କୃତୀବାସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବାଣପୁର ଐତିହାସିକ ଓ ସାଂସ୍କୃତିକ ସମ୍ପଦ ସୁରକ୍ଷାରେ ଭାଗିଦାରୀତା ଓ ବାଣପୁରର ଏକତା ଓ ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରିବା ପାଇଁ ଶାଳିଆ ବିସ୍ଥାପିତ ପରିବାର ସହ ବରିଷ୍ଠ ନାଗରିକ ସଂଘର ସଭାପତି ନିତ୍ୟାନନ୍ଦ ମିଶ୍ର, ସାହିତ୍ୟ ସିନ୍ଧୁରର ପ୍ରମୁଖ ଗୋଲକ ବିହାରୀ ପରିଡ଼ା, କଲ୍ୟାଣ ସ୍ୱାସ୍ଥ୍ୟ ସଙ୍ଗଠନର ମୁଖ୍ୟ ଲକ୍ଷ୍ମୀନାଥ ସେଠୀ, ବୁଦ୍ଧିଜୀବୀ ରବୀନ୍ଦ୍ର ମାନସିଂ, ଶଶିଭୂଷଣ ବରାଳ, ସେଣ୍ଟ ଜନ ଆମ୍ବୁଲାନ୍ସର ସଦସ୍ୟ ଅନନ୍ତ ଖଟେଇ, ନୃସିଂହ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅଭିଯାନକୁ ସମର୍ଥନ କରି ଉପସ୍ଥିତ ସଦସ୍ୟଙ୍କ ପାର୍ଥଗୋତମ ବନ୍ଦୋପାଧ୍ୟାୟ, ନରେନ୍ଦ୍ର ଭାଇ, ସୁବର୍ଣ୍ଣ ଭାଇ ଯୋଗଦେଇଥିଲେ। ଶାଳିଆ ନଦୀର ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତଙ୍କ ସହାଭାଗିତାରେ ଏକ କ୍ରିୟାନ୍ୱୟନ କମିଟି ଗଠନ ହୋଇଛି । ଏହି ବୈଠକ ନୃସିଂହ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ପରିଚାଳନା ହୋଇଥିବା ବେଳେ ଏକତା ପରିଷଦ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସୁଶ୍ରୀ ସନ୍ଧ୍ୟା ଦେବୀ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟରେ ଖାଦ୍ୟମେଳା



**ବେଗୁନିଆ,୨୯।୧୧(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ପିଏମ୍‌ଶ୍ରୀ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏନଏରର୍ଜି କ୍ଲବ ଆନୁକୂଲ୍ୟରେ ଏକ ଖାଦ୍ୟମେଳା ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମହାପାତ୍ର ମେଳାକୁ ଉଦ୍‌ଘାଟନ କରି ଖାଦ୍ୟ ପୋଷଣ ତତ୍ତ୍ୱ, ନିରାପତ୍ତା ଖାଦ୍ୟ ପ୍ରସ୍ତୁତି, ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ, ସ୍ୱାସ୍ଥ୍ୟ ଅନୁପଯୋଗୀ ଖାଦ୍ୟ ଉପରେ ଆଲୋଚନା କରିଥିଲେ। ମେଳାରେ ୫୦ଟି ଖାଦ୍ୟ ଷ୍ଟଲ୍ ଖୋଲାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ପଞ୍ଚଶଖା ଶିକ୍ଷା ସେତୁ କମିଟିର ସଦସ୍ୟ ଏବଂ ସାମାଜିକକର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ଏହି ମେଳାରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜାଲରେ ପଡ଼ିଲା ଅଜଗର

**ଟାଙ୍ଗୀ,୨୯।୧୧(ରଘୁନାଥ ସାହୁ):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଜରିପଡା ପାଣିଦୁଆର ଗ୍ରାମର ମତ୍ସ୍ୟଜୀବୀ ଗୋପବନ୍ଧୁ ବେହେରା ଚିଲିକାରେ ମାଛ ଧରିବା ପାଇଁ ଜାଲ ବସାଇଥିଲେ। ଜାଲ ଖୋଲିଲା ବେଳକୁ ମାଛ ସହିତ ଏକ ଅଜଗର ସାପ ଥିବା ଦେଖିବାକୁ ମିଳିଥିଲା। ଖବରପାଇ ଟାଙ୍ଗୀ ବନ ବିଭାଗ କର୍ମଚାରୀ ପହଞ୍ଚି ଅଜଗରକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିଲେ। ଏହି ଅଜଗରର ଲମ୍ବ ପ୍ରାୟ ୮ଫୁଟ ହେବ ବୋଲି ବନ ବିଭାଗ କର୍ମଚାରୀ ସୂଚନା ଦେଇଛନ୍ତି।

# ଡିସେମ୍ବର ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ୧୦୬ ଓଏଭି ହଷ୍ଟେଲ

**ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ନିର୍ମାଣାଧୀନ ହଷ୍ଟେଲଗୁଡିକ ଶୀଘ୍ର କାର୍ଯ୍ୟକ୍ଷମ ହେବ। ହଷ୍ଟେଲ ମିଳୁ ନ ଥିବାରୁ ବହୁ ପିଲା ଘରୋଇ ହଷ୍ଟେଲରେ ରହି ଅର୍ଥାଭାବ ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେଣୁ ହଷ୍ଟେଲ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ୧୦୬ଟି ହଷ୍ଟେଲ କାର୍ଯ୍ୟକ୍ଷମ କରାଯିବ। ଏଥିସହ ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ଅବଶିଷ୍ଟ ହଷ୍ଟେଲ କାର୍ଯ୍ୟକ୍ଷମ ହେବ। କିଛି ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ କୋଠାକୁ ଓଏଭିକୁ ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବାବେଳେ ହଷ୍ଟେଲ ପରିଚାଳନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖୋର୍ଦ୍ଧା,୨୯।୧୧(ପ୍ରଭାତ ପାଣିଗ୍ରାହୀ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଳିପଡ଼ାର ପ୍ରଧାନ ଶିକ୍ଷୟିତ୍ରୀ ରଜନୀ କୁମାରୀ ନାୟକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଶିକ୍ଷକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସରପଞ୍ଚ ସୋନାଲି ଶ୍ରୀଚନ୍ଦନ, ସମିତି ସଭ୍ୟା ସଞ୍ଜୁକ୍ତା ସାହୁ, ସାମାଜିକ କର୍ମୀ କାଳୁ ଖଣ୍ଡେଇତରାୟ, ପିଷ୍ଟା ଖୋର୍ଦ୍ଧା ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ରାଜ୍ୟ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ, ବିଆର୍‌ସିସି ସନ୍ଧ୍ୟାବତୀ ଲେଙ୍କା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ ଗୁଣଗାନ କରିଥିଲେ। ତ୍ରିଲୋଚନ ନିଶଙ୍କ, ପ୍ରମୋଦ ପ୍ରତାପ ସିଂହ, ପୂର୍ବତନ ଶିକ୍ଷକ ପ୍ରତାପ ଚମ୍ପତିରାୟ, ଶିକ୍ଷକ ଶଙ୍କର ବଳିୟାରସିଂହ ଓ ଗୋପୀନାଥ ବଳିୟାରସିଂହ, ପ୍ରହ୍ଲାଦ ବାରିକ, ଜଗନ୍ନାଥ ସିଂ, ସିଆର୍‌ସିସି ସଞ୍ଜୁକ୍ତା ପ୍ରଧାନ, ସରୋଜିନୀ ସାହୁ, ପ୍ରମୋଦ ଭୁଜବଳ ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ମହରଥା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଶିକ୍ଷକ ସଂଘ, ଛାତ୍ରୀଛାତ୍ର, ଗ୍ରାମବାସୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ମଧ୍ୟ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଆଡିସନାଲ ରିଭିଜନ କୋର୍ଟ ନଂ.୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର

Letter No.2058 Dtd.24.11.2025

ଓ.ଏସ୍.ଏସ୍. କେସ୍ ନଂ.୧୩୯୬/୨୦୧୭

ଶ୍ରୀ ଶାରଦା ମିଶ୍ର ଓଗେର ....ବାଦୀମାନେ/ଦରଖାସ୍ତକାରୀମାନେ

ବନାମ

ବନ ଓରଫ ବନମାଳି ଜେନା ଓଗେର ....ପ୍ରତିବାଦୀମାନେ/ଅପରପକ୍ଷମାନେ

ପ୍ରାପ୍ତେଷୁ:

ପ୍ରତିବାଦୀ ନଂ.(୧)(ଖ) ସୁବଳ ଓରଫ ସୁକାନ୍ତ ଜେନା, ପି.- ୰ ଭାଗବତ ଜେନା, ସା/ପୋ-ମଳିପଡ଼ା, ଥାନା- ଚନ୍ଦକା, ଜି. ଖୋର୍ଦ୍ଧା, ଓଡ଼ିଶା, ପ୍ରତିବାଦୀ ନଂ.(୩)(କ) ଯାନକିକାନ୍ତ ଗରାବଡୁ, ପି.-୰ ଶ୍ରୀକାନ୍ତ ଗରାବଡୁ, ସା- ରଥରୋଡ, ପୋ-ଓଲ୍ଡ ଟାଉନ, ଥାନା-ଶ୍ରୀଲିଙ୍ଗରାଜ, ଭୁବନେଶ୍ୱର-୭୫୧୦୦୨, ଜି.- ଖୋର୍ଦ୍ଧା, ଓଡ଼ିଶା। ... ପ୍ରତିବାଦୀମାନେ

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀମାନେ ଶ୍ରୀ ଶାରଦା ମିଶ୍ର ଓଗେର ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା । କିନ୍ତୁ ଉକ୍ତ ନୋଟିସମାନ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୯.୧୨.୨୦୨୫ରିଖ ଦିବା ଘ.୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ମୌଜା-ଗୋଠପାଟଣା, ସାବିକ ଖାତା ନଂ.୬୭, ପ୍ଲଟ୍ ନଂ.୪୪୪, ଏରିଆ ଏ୩.୦୨୫ଡି. ସୁଧ ଏ୦.୧୬୮.୭୪ଡି. (ସବ୍ ପ୍ଲଟ ନଂ.ଏ) ଏହାର ହାଲ ବନ୍ଦୋବସ୍ତ ଖାତା ନଂ.୨୪୦, ହାଲ ପ୍ଲଟ୍ ନଂ.୨୦୧୬, ଏରିଆ ଏ୦.୩୬୮ଡି. ସୁଧ ଏ୦.୧୬୮.୭୪ଡି. । ଚୌହଦୀ: ଉତ୍ତର- ମୋକଦ୍ଦମା ପ୍ଲଟର ଅବଶିଷ୍ଟାଂଶ, ଦକ୍ଷିଣ-ପ୍ଲଟ ନଂ.୭୩୭, ପୂର୍ବ ମୋକଦ୍ଦମା ପ୍ଲଟର ଅବଶିଷ୍ଟାଂଶ, ପଶ୍ଚିମ-ମୋକଦ୍ଦମା ପ୍ଲଟର ଅବଶିଷ୍ଟାଂଶ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ୱାରିଶମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ଆଡିସନାଲ ରିଭିଜନ କୋର୍ଟ ନଂ.୪
ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର



OFFICE OF THE MUNICIPAL COUNCIL, MALKANGIR
ODISHA, PIN - 764045
Ph.: 06861-230244, e-Mail: eomalkangiri@gmail.com

ନିବେଦନ

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧. ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ସଂଗୃହୀତ କରି ରଖିବେ ଏବଂ ତତ୍‌ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।
୦୨. ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ପୌରପରିଷଦ, ମାଲକାନଗିରିଙ୍କଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ।
୦୫. ଦୁଇଚକିଆ ଓ ଚାରିଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ଅଧ୍ୟକ୍ଷ
ପୌରପରିଷଦ, ମାଲକାନଗିରି

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ
ପୌରପରିଷଦ, ମାଲକାନଗିରି



OFFICE OF THE NOTIFIED AREA COUNCIL, BALIMELA
ODISHA, PIN - 764051, e-Mail: eonacbalimela@gmail.com

ନିବେଦନ

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ। ୦୧. ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ। ୦୨. କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ। ୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ। ୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ବିଜ୍ଞାପିତ ଅଞ୍ଚଳ, ବାଲିମେଳାଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ। ୦୫. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ। ୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ, ବାଲିମେଳା

ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ, ବାଲିମେଳା



ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5276



ଭାରତୀୟ ରିଜର୍ଭ ବ୍ୟାଙ୍କ୍
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ବ୍ଲକ ଏ ରୁ ଇ ଏବଂ କମ୍ୟୁନିଟି ହଲ୍ କୁ ଛାଡି ବିଭିନ୍ନ ବ୍ଲକ ରେ ଥିବା ଏମଏସ / କାଠ ୱିଣ୍ଡୋଗୁଡ଼ିକୁ uPVC ୱିଣ୍ଡୋ ସହିତ ବଦଳାଇବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 16, 2025 ଅପରାହ୍ନ 02:00 ଟା** ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ: 0815samd@iob.in

ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ବାରମ୍ବାର ନୋଟିସ୍ ଜାରି ହେବା ସତ୍ତ୍ୱେ ମଧ୍ୟ ସେମାନେ ସେମାନଙ୍କର ବ୍ୟାଙ୍କ ଦେୟ ପୈଠ କରୁନାହାଁନ୍ତି। ତେଣୁ ଆଇନ ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଗାଡି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ନିମ୍ନଲିଖିତ ଶାଖା ଦ୍ୱାରା ଜବତ କରାଯାଇଅଛି। ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି କି, ସ୍ଥିର କରାଯାଇଥିବା ନିଲାମ ତାରିଖ ପୂର୍ବରୁ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ବକେୟା ଦେୟ ପୈଠ କରନ୍ତୁ ନଚେତ ଗାଡିକୁ ସର୍ବସାଧାରଣ ନିଲାମରେ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ଆଇନ ଅନୁଯାୟୀ ସେମାନଙ୍କ ଠାରୁ ଆଦାୟ କରାଯିବ।

ନିଲାମ ଏବଂ ବିଡ୍ ଫର୍ମ ଖୋଲିବା ତାରିଖ : ତା.୧୯.୧୨.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକାରେ ।

| ଶାଖାର ନାମ ସହିତ ଫୋନ ନମ୍ବର | ଋଣଗ୍ରହୀତାମାନଙ୍କ ନାମ ସହିତ ଋଣ ଆକାଉଣ୍ଟ ନଂ. | ଗାଡିର ପ୍ରକାର / ନିର୍ମାଣ ବର୍ଷ | ପଞ୍ଜିକୃତ ନମ୍ବର / ଇଞ୍ଜିନ୍ ନଂ. / ଚେଚିସ୍ ନଂ. | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୫ | SML ISUZU LTD / 04-2023 | OD05BM5727 / SLT6CM289227 / MBUZT54ADM0298055 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପାତ୍ରପଡା ଷ୍ଟକୟାର୍ଡ, ଉଦୟଗିରି ବିହାର, ପାତ୍ରପଡା, ଯୋଗାଯୋଗ ବ୍ୟକ୍ତି : ଜିତେନ୍ଦ୍ର ନାୟକ, ମୋ.: ୯୯୩୮୧୬୧୪୧୫ | | | | |
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୩ | SML ISUZU LTD / 04-2023 | OD02CK5727 / SLT6DM289831 / MBUZT54ADM0298563 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକ୍‌ୟାର୍ଡ, ଲକ୍ଷେଶ୍ୱର ମନ୍ଦିର ନିକଟ, ପାହାଳ, ଭୁବନେଶ୍ୱର, ପିନ୍-୭୫୪୦୦୧, ଯୋଗାଯୋଗ ବ୍ୟକ୍ତି : ଉମାକାନ୍ତ ମହାନ୍ତି, ମୋ.: ୯୪୩୭୮୮୯୭୪୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ବିଷ୍ଣୁ ଚରଣ ପରିଡା ୩୦୫୦୦୩୫୨୦୦୦୦୦୦୧ | ZOOMLION FH SPEEDSTER 88 COMBINE HARVESTER | NA / Q200791203G / ZLPZ-B02663GW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ଭବ୍ୟା ପାର୍କିଂ ସର୍ଭିସେସ୍, ପ୍ଲଟ ନଂ.: ୩୨/୫୮୪, ରେବତୀ ନଗର, ଶିଶୁପାଳଗଡ, ପୁରୀ କଟକ ବାଏପାସ୍ ରୋଡ, ଭୁବନେଶ୍ୱର-୭୫୧୦୨୨, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ରାଜେନ୍ଦ୍ର ସାହୁ ୩୦୫୦୦୩୭୦୭୦୦୦୦୦୧୧ | ZOOMLION FH SPEEDSTER 88 COMBINE HARVESTER | NA / Q210991452G / ZLPZ-D03146PW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକ୍‌ୟାର୍ଡ, ନଖରା, ଓଡିଶା, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |

ନିଲାମ ସ୍ଥାନ : ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଏସ୍‌ଏଏମ୍‌ଡି ଡିପାର୍ଟମେଣ୍ଟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ : ମୋ.: ୭୯୭୮୯୧୧୭୪୭

ଗାଡିକୁ ତା.୧୮.୧୨.୨୦୨୫ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସମ୍ପୃକ୍ତ ଶାଖାରେ ମୁଦ ବିଡ୍ / ଟେଣ୍ଡର ଫର୍ମ ତା.୧୮.୧୨.୨୦୨୫ରିଖ ସୁଦ୍ଧା ଦାଖଲ କରିପାରିବେ।

ନିଲାମର ନିୟମ ଓ ସର୍ତ୍ତାବଳୀ: ୧) ଗାଡ଼ିର ଖୋଲା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ୧୦,୦୦୦/- (ଦଶ ହଜାର) ଟଙ୍କାର ଅମାନତ ରାଶି ସହିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ ଦର୍ଶାଇ, ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଗାଡ଼ି "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଭିତ୍ତିରେ / ମୂଳ ଆରସି ବୁକ୍ ବିନା ନିଲାମ କରାଯିବ। ୨) ଯଦି ନିଲାମଧାରୀ ଗୋଟିଏ ରୁ ଅଧିକ ଗାଡ଼ି ପାଇଁ ଆବେଦନ କରିଥାନ୍ତି ତେବେ, ଏପରି କ୍ଷେତ୍ରରେ ପ୍ରତ୍ୟେକ ଗାଡ଼ି ପାଇଁ ଅମାନତ ରାଶି ସହିତ ପୃଥକ ଆବେଦନ ଫର୍ମ ଏବଂ ଟେଣ୍ଡର ଫର୍ମ ଦାଖଲ କରାଯିବା ଉଚିତ୍। ୩) ଯେକୌଣସି ଟେଣ୍ଡର ସଂରକ୍ଷିତ ମୂଲ୍ୟରୁ କମ୍ ହେଲେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବ। ୪) ଗ୍ରହଣ କରାଯାଇଥିବା ଟେଣ୍ଡର ଫର୍ମ ଗୁଡ଼ିକ ଉପରୋକ୍ତ ସମ୍ପୃକ୍ତ ଶାଖାର ନିଲାମଧାରୀ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଉଲ୍ଲେଖିତ ତାରିଖ ଏବଂ ସମୟ ଅନୁଯାୟୀ ଖୋଲାଯିବ। ୫) ଇଚ୍ଛୁକ ନିଲାମଧାରୀମାନେ [illegible]

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୯.୧୧.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଆଡିସନାଲ ରିଭିଜନ କୋର୍ଟ ନଂ.୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର

ଓ.ଏସ୍.ଏସ୍. କେସ୍ ନଂ.୧୩୯୪/୨୦୧୭

Letter No.2057 Dtd.24.11.2025

ମେସର୍ସ ଟାଇମ୍‌ସ ସ୍କୋଲାରସ୍ ଗୁରୁକୁଳ, ନିଳାଚଳ ଏଜୁକେଶନାଲ ଟ୍ରଷ୍ଟ .....ବାଦୀ/ଦରଖାସ୍ତକାରୀ

ବନାମ

ବନ ଓରଫ ବନମାଳି ଜେନା ଓଗେର .....ପ୍ରତିବାଦୀମାନେ/ଅପରପକ୍ଷମାନେ

[illegible]

ତଫସିଲ ବୃତ୍ତି

ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ମୌଜା-ଗୋଠପାଟଣା, ସାବିକ ବନ୍ଦୋବସ୍ତ ଖାତା ନଂ.୬୭, ସାବିକ ପ୍ଲଟ ନଂ.୪୪୪, ମୋଟ ଏରିଆ ଏ୩.୦୨୫ଡି. ସୁଧ ଏ୧.୭୦୬.୨୬ଡି., ହାଲ୍ ବନ୍ଦୋବସ୍ତ ଖାତା ନଂ.୨୪୦, ହାଲ ପ୍ଲଟ ନଂ.୨୦୦୪, ୨୦୦୬, ୨୦୧୩, ୨୦୧୪, ୨୦୧୫, ୨୦୧୬ (ଅଂଶ), ୨୦୧୭, ୨୦୧୮, ୨୦୧୯, ୨୦୨୬ (ଅଂଶ) ଓ ୨୦୧୧।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ୱାରିଶମାନେ ନିଜେ ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ, ସ୍ୱା./- କୋର୍ଟ ଅଫିସର



ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର

ନିବେଦନ

୧. ଗୃହର ଶୁଖିଲା ଏବଂ ଓଦା ଅଳିଆ ଅଲଗା ଅଲଗା ରଖନ୍ତୁ ଏବଂ ପୌରପାଳିକାର ଅଳିଆ ସଂଗ୍ରହକାରୀଙ୍କୁ (ଗାଡ଼ି) ପ୍ରଦାନ କରନ୍ତୁ। ୨. ଗୃହ ସାମ୍ନା ରାସ୍ତାରେ ଅଳିଆ ପକାନ୍ତୁ ନାହିଁ। ଯଦି ଆପଣଙ୍କ ଗୃହ ସମ୍ମୁଖରେ ଅଳିଆ ପଡ଼ିଥିବାର ଦୃଷ୍ଟିଗୋଚର ହେଲେ ଜୋରିମାନା ଆଦାୟ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୩. ନିର୍ଦ୍ଧାରିତ ଟିକସ ଠିକ୍ ସମୟରେ ପଇଠ କରନ୍ତୁ। ୪. ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ। ୫. ଗୃହ ନିର୍ମାଣ ସରଞ୍ଜାମ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ। ୬. ସହର ଅଭ୍ୟନ୍ତରଣ ରାସ୍ତା ଗୁଡ଼ିକ ଉପରେ ଗୃହପାଳିତ ପଶୁ ଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ। ୭. ପଲିଥିନ ବ୍ୟବହାର ପରିତ୍ୟକ୍ତ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ୮. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ। ୯. ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। ୧୦. ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବର ଦଖଲରୁ ନିବୃତ୍ତ ରୁହନ୍ତୁ। ୧୧. ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇ ନଥିବା ଖାଲି ସ୍ଥାନ ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ। ୧୨. ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ପୌରପାଳିକାର ସେସ୍‌ପୁଲ ଗାଡ଼ି ଦ୍ୱାରା ସଫେଇ କରନ୍ତୁ। ସଫେଇ କରିବା ପାଇଁ ୦୬୮୫୮-୨୯୫୪୨୮/୧୪୪୨୦ (ଟୋଲ ଫ୍ରି ନମ୍ବର)ରେ ଯୋଗାଯୋଗ କରନ୍ତୁ।

"ଏକ ସ୍ୱଚ୍ଛ ଏବଂ ସୁସ୍ଥ ନବରଙ୍ଗପୁର ପୌରପାଳିକା ଗଢ଼ିବାରେ ସହାୟକ ହୁଅନ୍ତୁ"

ଡ. ଅଶୋକ କୁମାର କର୍ଣ୍ଣ (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ନବରଙ୍ଗପୁର ପୌରପାଳିକା
ଶ୍ରୀମତୀ ସୌମ୍ୟା ମହାପାତ୍ର, ଉପାଧ୍ୟକ୍ଷା, ନବରଙ୍ଗପୁର ପୌରପାଳିକା
ଶ୍ରୀ କୁନୁ ନାୟକ, ଅଧ୍ୟକ୍ଷ, ନବରଙ୍ଗପୁର ପୌରପାଳିକା



OFFICE OF THE EXECUTIVE ENGINEER, MINOR IRRIGATION DIVISION, HAZARIBAG

e-Procurement Tender Notice Two Envelope System
Tender Reference No:- WRD/MID/HAZARIBAG/02 BD/SLI/2025-26

Letter no-1148 Date- 29.11.2025

| | | |
|---|---|---|
| 1 | Name of Work: | Construction of Chief Minister Solar Lift Irrigation Scheme Ledhiya, Block-Chouparan, District- Hazaribag. |
| 2 | Estimated Cost (Rs.) | Rs. 1,30,53,000.00 |
| 3 | Cost of tender document (Rs) | Rs. 10,000.00 only (non-refundable). |
| 4 | Earnest Money Deposit (Rs.) | Rs. 1,30,530.00 only. |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in (As per SOP Issued by Information Technology & e- Governance Department, Govt of Jharkhand vide letter no- 120 Dated 03.10.2023) |
| 7 | Date of Publication of Tender on website (http://jharkhandtenders.gov.in) | Date: 15.12.2025 Time: 2.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:24.12.2025 Time:5.00 PM |
| 9 | Submission of Tender Fee and EMD | Start Date:-15.12.2025 Time:- 2.00 PM<br>Last Date:- 24.12.2025 Time:- 5.00 PM |
| 10 | Technical Bid Opening Date | Date: 26.12.2025 Time: 2.00 PM |
| 11 | Officer Inviting Bids | Executive Engineer, Minor Irrigation Division, Hazaribag |
| 12 | Contact No. of Procurement Officer e-mail of Procurement Officer | 06546-270485/ Email Id-executiveengineerirri@gmail.com |
| 13 | Help line No. of Procurement Cell | 06546-270485 |

Note:-> BOQ amount may be increase or decrease accordingly earnest money required, Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps (**AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.

>Only e-Tender will be accepted.

Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Hazaribag

PR 367374 (Minor Irrigation)25-26*D



୩୦ଦଫା ଦାବି ନେଇ ଏସ୍‌ଏସ୍‌ଡି ଗେଷ୍ଟ ଟିଚର ଆସୋସିଏଶନ ଓଡ଼ିଶା ପକ୍ଷରୁ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଶନିବାର ଦିଆଯାଇଥିବା ଧାରଣା।

# ରମାଦେବୀରେ ଫଳପ୍ରଦ ଶିକ୍ଷକ ଓ ଶିକ୍ଷାଦାନ ସମ୍ପର୍କିତ ଆଲୋଚନାଚକ୍ର

ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ବି.ଏଡ୍. ବିଭାଗ ପକ୍ଷରୁ ଫଳପ୍ରଦ ଶିକ୍ଷକ ଓ ଶିକ୍ଷାଦାନ ଏବଂ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପ୍ରାଧ୍ୟାପକ ଡ. ମାନସ ବେହେରା ଯୋଗଦେଇ ବିଦ୍ୟାର୍ଥୀଙ୍କ ସୃଜନଶୀଳତା ଓ ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ହେବ ବୋଲି କହିଛନ୍ତି। ବିଷୟ ବିଶେଷଜ୍ଞ ଭାବେ ରାଧାନାଥ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶରତ କୁମାର କର୍ଣ୍ଣ ନୂତନ ଶିକ୍ଷାନୀତି ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଅଶୋକ କୁମାର ବିସ୍ୱାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷା ବିଭାଗ ମୁଖ୍ୟ ଡ ସସ୍ମିତା କର ବକ୍ତବ୍ୟ ରଖିଥିଲେ। ଶେଷରେ ଡ ସନ୍ତୋଷ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶତାଧିକା ଛାତ୍ରୀ ଉପସ୍ଥିତ ଥିଲେ।

# ଭବାନୀ ମଲ୍‌ରେ ପିଣ୍ଡି, ଦୋକାନ ଆବଣ୍ଟନ କଲା ବିଏମ୍‌ସି



ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ଦୋକାନ ଘର ପାଇଥିବା ଜଣେ ବ୍ୟବସାୟୀ।

ଭୁବନେଶ୍ୱର,୨୯।୧୧(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶହୀଦନଗରର ଭବାନୀ ମଲ୍ଲିଠାରେ ନବନିର୍ମିତ ପିଣ୍ଡି ଓ ଦୋକାନ ଘର ଆବଣ୍ଟନ କରାଯାଇଛି। ଶନିବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟବସାୟୀମାନଙ୍କୁ ଲଟେରି ମାଧ୍ୟମରେ ଏ ପ୍ରଦାନ କରାଯାଇଛି। ଭବାନୀ ମଲ୍ ବେସ୍‌ମେଣ୍ଟରେ ବିଏମ୍‌ସି ପକ୍ଷରୁ ନୂତନ ପିଣ୍ଡି ଓ ଦୋକାନ ଗୃହ ନିର୍ମାଣ କରାଯାଇଛି। ଅମାନତ ରାଶି ଜମା କରିଥିବା ମୋଟ୍ ୧୩୯ ଜଣ ବ୍ୟବସାୟୀଙ୍କୁ ପିଣ୍ଡି ପ୍ରଦାନ କରିବା ପାଇଁ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ମାତ୍ର ୬୧ ହିତାଧିକାରୀ ଉପସ୍ଥିତ ଥିଲେ। ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା ପାଇଁ ହିତାଧିକାରୀମାନଙ୍କ ଲଟେରି ମାଧ୍ୟମରେ ପିଣ୍ଡି ଓ ଦୋକାନ ଗୃହ ଆବଣ୍ଟନ କରାଯାଇଛି। ହିତାଧିକାରୀଙ୍କ ମଧ୍ୟରୁ ଦୁଇଜଣ ବ୍ୟବସାୟୀଙ୍କୁ ୨ଟି ଦୋକାନ ଘର ଓ ଅବଶିଷ୍ଟମାନଙ୍କୁ ପିଣ୍ଡି ଆବଣ୍ଟନ କରାଯାଇଛି। ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ପିଣ୍ଡି ଓ ଦୋକାନ ଘର ଆବଣ୍ଟନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ପ୍ରିୟଙ୍କା ମଲ୍ଲିକ, ଦକ୍ଷିଣ-ପୂର୍ବ ଜୋନାଲ କମିଶନର ଧନଞ୍ଜୟ ମହାନ୍ତି, ମୁଖ୍ୟ ଅଡିଟର ସୌଦାମିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସେବା ମହାପାତ୍ରଙ୍କୁ 'ଗୀତା ହୋତା ସ୍ମୃତି ସମ୍ମାନ'




କଳିଙ୍ଗ ମହୋତ୍ସବ ମଣ୍ଡପରେ ଅତିଥିଙ୍କ ଗହଣରେ ସମ୍ମାନିତ ସେବା ମହାପାତ୍ରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୯।୧୧ (ସୌମ୍ୟରଞ୍ଜନ ରାଉତ)- ୨୮ତମ କଳିଙ୍ଗ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ 'ପୁଣ୍ଡେନ୍ଦୁ ମିଶ୍ର ସ୍ମୃତି ସ୍ୱାରକୀ ସାହିତ୍ୟ ସମ୍ମାନ' ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ପୂର୍ବତନ ମୁଖ୍ୟ ଆୟକର କମିଶନର ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ଓଡ଼ିଆ ସାହିତ୍ୟର ୧୦ଟିବିଭାଗର ୧୧ଟି ପୁସ୍ତକର ଲେଖକ ଓ ଲେଖିକାଙ୍କୁ ସମ୍ମାନିତ କରାଯାଇଥିଲା।

ସେହିପରି ମେଳାର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଗୀତା ହୋତାଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା 'ଗୀତା ହୋତାଙ୍କ ସ୍ମୃତି ସମ୍ମାନ'ରେ ସ୍ତ୍ରୀରୋଗ ବିଶେଷଜ୍ଞ ସେବା ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହାସହିତ କଳିଙ୍ଗ ପୁସ୍ତକ ମେଳାର ମୁଖପତ୍ର 'ହର୍ଷିତା' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ରେଣୁକା ମିଶ୍ର ସ୍ୱାଗତ ଭାଷଣ ଓ ଭାଷାବିତ୍ ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଉତ୍କଳ ହସ୍ପିଟାଲରେ ବିଶ୍ୱ ମୁଭ୍‌ମେଣ୍ଟ ଡିସ୍‌ଅର୍ଡର ଦିବସ



ଭୁବନେଶ୍ୱର,୨୯।୧୧
(ଅନୁରାଧା ମହାରଣା)

ଉତ୍କଳ ହସ୍ପିଟାଲରେ ଶନିବାର ବିଶ୍ୱ ମୁଭ୍‌ମେଣ୍ଟ ଡିସ୍ ଅର୍ଡର ଦିବସ ପାଳନ କରାଯାଇଛି। ସ୍ନାୟୁଜନିତ ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ପ୍ରାରମ୍ଭିକ ଚିହ୍ନଟ ଓ ଚିକିତ୍ସା ପ୍ରତି ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଛି। ବିଭିନ୍ନ କର୍ପୋରେଟ ସଂଗଠନରୁ ୭୦ରୁ ଅଧିକ ବରିଷ୍ଠ ନାଗରିକ ଏଥିରେ ଯୋଗଦେଇଥିଲେ। ହସ୍ପିଟାଲର ନ୍ୟୁରୋସାଇନ୍ସେସ ଟିମ୍ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଇଣ୍ଟରଆକ୍ଟିଭ ସେଶନ, ଆଲୋଚନା ଏବଂ ପାର୍କିନ୍‌ଶନ ରୋଗ, ଟ୍ରେମର୍, ଡିସ୍ଟୋନିଆ ସହିତ ବିଭିନ୍ନ ଚଳନ ସମସ୍ୟା ସମ୍ବନ୍ଧୀୟ ପରାମର୍ଶ ଦିଆଯାଇଥିଲା। ନ୍ୟୁରୋଲୋଜି ବିଭାଗର ଡା. ଅମିତାଭ ରଥ, ଡା. ଆକାଶ ଗୁପ୍ତା, ଡା. ଅଭିଷେକ ଲେଙ୍କାଙ୍କ ସମେତ ନ୍ୟୁରୋ ସର୍ଜରି ବିଭାଗର ଡା. ସିଦ୍ଧାର୍ଥ ଶଙ୍କର ସାହୁ ଓ ଡା. ବିମଳ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଭୁବନେଶ୍ୱର ଶ୍ରୀରାମ ମନ୍ଦିର ଅନ୍ତରୀଣ ଟ୍ରଷ୍ଟ ବୋର୍ଡର ଅବଧି ବର୍ଷେ ବଢ଼ିଲା

ଭୁବନେଶ୍ୱର,୨୯।୧୧(ସୁଚିସ୍ମିତା ସାହୁ): ଭୁବନେଶ୍ୱର ଖାରବେଳ ନଗରସ୍ଥିତ ଶ୍ରୀରାମ ମନ୍ଦିର ସେବା ସମିତିର ଅନ୍ତରୀଣ ଟ୍ରଷ୍ଟ ବୋର୍ଡ ଅବଧିକୁ ଏକବର୍ଷ ବୃଦ୍ଧି କରାଯାଇଛି। ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା ଶନିବାର ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ଅବଧିକୁ ୨୦୨୫ ସେପ୍ଟେମ୍ବର ୪ରୁ ୨୦୨୬ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏନେଇ ଦେବୋତ୍ତର ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ, ଦେବୋତ୍ତର ଆୟୁକ୍ତ ୨୦୨୪ ସେପ୍ଟେମ୍ବର ୪ରେ ୭ଜଣ ସଦସ୍ୟଙ୍କୁ ନେଇ ଅନ୍ତରୀଣ ଟ୍ରଷ୍ଟବୋର୍ଡ ଗଠନ କରିଥିଲେ। ଜଟଣୀ ବିକାଶ ନଗରର ଅବସରପ୍ରାପ୍ତ ଜିଲା ଜଜ୍ ବିରଞ୍ଚି କୁମାର ରଥ ଟ୍ରଷ୍ଟବୋର୍ଡର ସଭାପତି ଏବଂ ଆଇନଜୀବୀ ନିର୍ମଳ କିଶୋର ରଥ, ସାମ୍ବାଦିକ ଅଜିତ କୁମାର ଶତପଥୀ, ବ୍ୟବସାୟୀ ସୁରେନ୍ଦ୍ର କୁମାର ଝୁନ୍‌ଝୁନ୍‌ୱାଲା, ରାଜନୀତିଜ୍ଞ ଇନ୍ଦିଶ୍ ଚନ୍ଦ୍ର ଭୂୟାଁ ମହାପାତ୍ର, ରାଜନୀତିଜ୍ଞ କାଳୀ ପ୍ରସାଦ ମିଶ୍ର ଓ ଖାରବେଳ ନଗର ଥାନାଧିକାରୀ ରଜନୀକାନ୍ତ ମିଶ୍ରଙ୍କୁ ସଦସ୍ୟ ଭାବେ ଆୟୁକ୍ତ ମନୋନୀତ କରିଥିଲେ।


ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଆଡିସନାଲ ରିଭିଜନ କୋର୍ଟ ନଂ.୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ୍, ଭୁବନେଶ୍ୱର

Letter No.2058 Dtd.24.11.2025

ଓ.ଏସ୍.ଏସ୍. କେସ୍ ନଂ.୧୩୯୬/୨୦୧୭

ଶ୍ରୀ ଶାରଦା ମିଶ୍ର ଓଗେର ....ବାଦୀମାନେ/ଦରଖାସ୍ତକାରୀମାନେ

ବନାମ

ବନ ଓରଫ ବନମାଳି ଜେନା ଓଗେର ....ପ୍ରତିବାଦୀମାନେ/ଅପରପକ୍ଷମାନେ

ପ୍ରାପ୍ତେଷୁ:

ପ୍ରତିବାଦୀ ନଂ.(୧)(ଖ) ସୁବଳ ଓରଫ ସୁକାନ୍ତ ଜେନା, ପି.- ଂ ଭାଗବତ ଜେନା, ସା/ପୋ-ମଳିପଡ଼ା, ଥାନା- ଚନ୍ଦକା, ଜି. ଖୋର୍ଦ୍ଧା, ଓଡ଼ିଶା, ପ୍ରତିବାଦୀ ନଂ.(୩)(କ) ଯାନକିକାନ୍ତ ଗରାବଡୁ, ପି.-ଂ ଶ୍ରୀକାନ୍ତ ଗରାବଡୁ, ସା- ରଥରୋଡ୍, ପୋ-ଓଲ୍ଡ ଟାଉନ, ଥାନା-ଶ୍ରୀଲିଙ୍ଗରାଜ, ଭୁବନେଶ୍ୱର-୭୫୧୦୦୨, ଜି.- ଖୋର୍ଦ୍ଧା, ଓଡ଼ିଶା। ... ପ୍ରତିବାଦୀମାନେ

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀମାନେ ଶ୍ରୀ ଶାରଦା ମିଶ୍ର ଓଗେର ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ଼ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସମାନ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୯.୧୨.୨୦୨୫ରିଖ ଦିବା ଘ.୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତପସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ମୌଜା-ଗୋଠପାଟଣା, ସାବିକ ଖାତା ନଂ.୬୭, ପ୍ଲଟ୍ ନଂ.୪୪୪, ଏରିଆ ଏ୩.୦୨୫ଡି. ସ୍ୱଧ ଏ୦.୧୬୮.୭୪ଡି. (ସବ୍ ପ୍ଲଟ ନଂ.ଏ) ଏହାର ହାଲ ବନ୍ଦୋବସ୍ତ ଖାତା ନଂ.୨୪୦, ହାଲ ପ୍ଲଟ୍ ନଂ.୨୦୧୬, ଏରିଆ ଏ୦.୩୬୮ଡି. ସ୍ୱଧ ଏ୦.୧୬୮.୭୪ଡି.। ଚୌହଦୀ: ଉତ୍ତର- ମୋକଦ୍ଦମା ପ୍ଲଟର ଅବଶିଷ୍ଟାଂଶ, ଦକ୍ଷିଣ-ପ୍ଲଟ ନଂ.୨୩୭, ପୂର୍ବ ମୋକଦ୍ଦମା ପ୍ଲଟର ଅବଶିଷ୍ଟାଂଶ, ପଶ୍ଚିମ-ମୋକଦ୍ଦମା ପ୍ଲଟର ଅବଶିଷ୍ଟାଂଶ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ୱାରଶମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ଆଡିସନାଲ ରିଭିଜନ କୋର୍ଟ ନଂ.୪
ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର



OFFICE OF THE MUNICIPAL COUNCIL, MALKANGIR
ODISHA, PIN - 764045
Ph.: 06861-230244, e-Mail: eomalkangiri@gmail.com

ନିବେଦନ

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧. ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ସଂଗୃହୀତ କରି ରଖିବେ ଏବଂ ତତ୍‌ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।
୦୨. ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ପୌରପରିଷଦ, ମାଲକାନଗିରିଙ୍କଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ।
୦୫. ଦୁଇଚକିଆ ଓ ଚାରିଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ଅଧ୍ୟକ୍ଷ, ପୌରପରିଷଦ, ମାଲକାନଗିରି
ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ, ମାଲକାନଗିରି



OFFICE OF THE NOTIFIED AREA COUNCIL, BALIMELA
ODISHA, PIN - 764051, e-Mail: eonacbalimela@gmail.com

ନିବେଦନ

୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ପୌରପରିଷଦ, ମାଲକାନଗିରିଙ୍କଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ।
୦୫. ଦୁଇଚକିଆ ଓ ଚାରିଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ଅଧ୍ୟକ୍ଷ, ପୌରପରିଷଦ, ମାଲକାନଗିରି | ସ୍ୱା./– କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ, ମାଲକାନଗିରି



OFFICE OF THE NOTIFIED AREA COUNCIL, BALIMELA
ODISHA, PIN - 764051, e-Mail: eonacbalimela@gmail.com

ନିବେଦନ

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ। ୦୧. ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ। ୦୨. କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ। ୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ। ୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ବିଜ୍ଞାପିତ ଅଞ୍ଚଳ, ବାଲିମେଳାଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ। ୦୫. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ। ୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା | ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା



MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5276



ଭାରତୀୟ ରିଜର୍ଭ ବ୍ୟାଙ୍କ୍
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ବ୍ଲକ ଏ ରୁ ଇ ଏବଂ କମ୍ୟୁନିଟି ହଲ୍ କୁ ଛାଡି ବିଭିନ୍ନ ବ୍ଲକ ରେ ଥିବା ଏମଏସ / କାଠ ୱିଣ୍ଡୋଗୁଡିକୁ uPVC ୱିଣ୍ଡୋ ସହିତ ବଦଳାଇବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 16, 2025 ଅପରାହ୍ନ 02:00 ଟା** ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ: 0815samd@iob.in

ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ବାରମ୍ବାର ନୋଟିସ୍ ଜାରି ହେବା ସତ୍ତ୍ୱେ ମଧ୍ୟ ସେମାନେ ସେମାନଙ୍କର ବ୍ୟାଙ୍କ ଦେୟ ପୈଠ କରୁନାହାଁନ୍ତି। ତେଣୁ ଆଇନ ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଗାଡି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ନିମ୍ନଲିଖିତ ଶାଖା ଦ୍ୱାରା ଜବତ କରାଯାଇଅଛି। ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି କି, ସ୍ଥିର କରାଯାଇଥିବା ନିଲାମ ତାରିଖ ପୂର୍ବରୁ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ବକେୟା ଦେୟ ପୈଠ କରନ୍ତୁ ନଚେତ ଗାଡିକୁ ସର୍ବସାଧାରଣ ନିଲାମରେ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ଆଇନ ଅନୁଯାୟୀ ସେମାନଙ୍କ ଠାରୁ ଆଦାୟ କରାଯିବ।

ନିଲାମ ଏବଂ ବିଡ୍ ଫର୍ମ ଖୋଲିବା ତାରିଖ : ତା.୧୯.୧୨.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକାରେ ।

| ଶାଖାର ନାମ ସହିତ ଫୋନ ନମ୍ବର | ଋଣଗ୍ରହୀତାମାନଙ୍କ ନାମ ସହିତ ଋଣ ଆକାଉଣ୍ଟ ନଂ. | ଗାଡିର ପ୍ରକାର / ନିର୍ମାଣ ବର୍ଷ | ପଞ୍ଜିକୃତ ନମ୍ବର / ଇଞ୍ଜିନ୍ ନଂ. / ଚେଚିସ୍ ନଂ. | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୫ | SML ISUZU LTD / 04-2023 | OD05BM5727 / SLT6CM289227 / MBUZT54ADM0298055 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପାତ୍ରପଡା ଷ୍ଟକୟାର୍ଡ, ଉଦୟଗିରି ବିହାର, ପାତ୍ରପଡା, ଯୋଗାଯୋଗ ବ୍ୟକ୍ତି : ଜିତେନ୍ଦ୍ର ନାୟକ, ମୋ.: ୯୯୩୮୧୬୧୪୧୫ | | | | |
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୩ | SML ISUZU LTD / 04-2023 | OD02CK5727 / SLT6DM289831 / MBUZT54ADM0298563 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକ୍‌ୟାର୍ଡ, ଲକ୍ଷେଶ୍ୱର ମନ୍ଦିର ନିକଟ, ପାହାଳ, ଭୁବନେଶ୍ୱର, ପିନ୍-୭୫୪୦୦୧, ଯୋଗାଯୋଗ ବ୍ୟକ୍ତି : ଉମାକାନ୍ତ ମହାନ୍ତି, ମୋ.: ୯୪୩୭୮୮୯୭୪୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ବିଷ୍ଣୁ ଚରଣ ପରିଡା ୩୦୫୦୦୩୫୨୦୦୦୦୦୦୧ | ZOOMLION FH SPEEDSTER 88 COMBINE HARVESTER | NA / Q200791203G / ZLPZ-B02663GW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ଭବ୍ୟା ପାର୍କିଂ ସର୍ଭିସେସ୍, ପ୍ଲଟ ନଂ.: ୩୨/୫୮୪, ରେବତୀ ନଗର, ଶିଶୁପାଳଗଡ, ପୁରୀ କଟକ ବାଏପାସ୍ ରୋଡ, ଭୁବନେଶ୍ୱର-୭୫୧୦୨୨, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ରାଜେନ୍ଦ୍ର ସାହୁ ୩୦୫୦୦୩୭୦୭୦୦୦୦୦୧୧ | ZOOMLION FH SPEEDSTER 88 COMBINE HARVESTER | NA / Q210991452G / ZLPZ-D03146PW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକ୍‌ୟାର୍ଡ, ନଖରା, ଓଡିଶା, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |

ନିଲାମ ସ୍ଥାନ : ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଏସ୍ଏଏମ୍‌ଡି ଡିପାର୍ଟମେଣ୍ଟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ : ମୋ.: ୭୯୭୮୯୧୧୭୪୭
ଗାଡିକୁ ତା.୧୮.୧୨.୨୦୨୫ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସମ୍ପୃକ୍ତ ଶାଖାରେ ମୁଦ ବିଡ୍ / ଟେଣ୍ଡର ଫର୍ମ ତା.୧୮.୧୨.୨୦୨୫ରିଖ ସୁଦ୍ଧା ଦାଖଲ କରିପାରିବେ।
ନିଲାମର ନିୟମ ଓ ସର୍ତ୍ତାବଳୀ: ୧) ଗାଡ଼ିର ଖୋଲା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ୧୦,୦୦୦/- (ଦଶ ହଜାର) ଟଙ୍କାର ଅମାନତ ରାଶି ସହିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ ଦର୍ଶାଇ, ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଗାଡ଼ି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ / ମୂଳ ଆରସି ବୁକ୍ ବିନା ନିଲାମ କରାଯିବ। ୨) ଯଦି ନିଲାମଧାରୀ ଗୋଟିଏ ରୁ ଅଧିକ ଗାଡ଼ି ପାଇଁ ଆବେଦନ କରିଥାନ୍ତି ତେବେ, ଏପରି କ୍ଷେତ୍ରରେ ପ୍ରତ୍ୟେକ ଗାଡ଼ି ପାଇଁ ଅମାନତ ରାଶି ସହିତ ପୃଥକ ଆବେଦନ ଫର୍ମ ଏବଂ ଟେଣ୍ଡର ଫର୍ମ ଦାଖଲ କରାଯିବା ଉଚିତ୍। ୩) ଯେକୌଣସି ଟେଣ୍ଡର ସଂରକ୍ଷିତ ମୂଲ୍ୟରୁ କମ୍ ହେଲେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବ। ୪) ଗ୍ରହଣ କରାଯାଇଥିବା ଟେଣ୍ଡର ଫର୍ମ ଗୁଡ଼ିକ ଉପରୋକ୍ତ ସମ୍ପୃକ୍ତ ଶାଖାର ନିଲାମଧାରୀ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଉଲ୍ଲେଖିତ ତାରିଖ ଏବଂ ସମୟ ଅନୁଯାୟୀ ଖୋଲାଯିବ। ୫) ଇଚ୍ଛୁକ ନିଲାମଧାରୀମାନେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ସମ୍ପୃକ୍ତ ଶାଖାରେ ଶାଖା ପ୍ରବନ୍ଧକଙ୍କ ପ୍ରାକ୍ ଅନୁମତି ସହ ନିଜ ଖର୍ଚ୍ଚରେ ଗାଡ଼ିର ଯାଞ୍ଚ କରିପାରିବେ। ୬) ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମଧାରୀମାନେ ଗାଡିର ଭୌତିକ ଯାଞ୍ଚ କରିବା ଉଚିତ, କ୍ରେତାମାନେ ରୋଡ୍ ପରମିଟ୍, ବୀମା, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧରେ ଯାଞ୍ଚ କରି ନିଜେ ସନ୍ତୁଷ୍ଟ ହେବା ଉଚିତ୍ ଏବଂ ନିଲାମ ପରେ ଏହି ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ ଦାବି ଶୁଣାଯିବ ନାହିଁ। ୭) ବିଡ୍ ଦାଖଲ ସଫଳ ହେବା ପରେ ଗାଡ଼ିର ନିର୍ମାଣ ବର୍ଷ, କାଗଜାତ୍, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧୀୟ କୌଣସି ବିବାଦ ବିଚାରକୁ ନିଆଯିବ ନାହିଁ। ୮) ସଫଳ ନିଲାମଧାରୀମାନଙ୍କୁ ଥରେ ବିକ୍ରୟ କରାଯାଇଥିବା ଗାଡ଼ି ବ୍ୟାଙ୍କ ଦ୍ୱାରା ଫେରସ୍ତ ନିଆଯିବ ନାହିଁ ଏବଂ କୌଣସି ପରିସ୍ଥିତିରେ ଏହି ସମ୍ବନ୍ଧୀୟ କୌଣସି ଆପତ୍ତିକୁ ଗ୍ରହଣ କରାଯିବ ନାହିଁ। ୯) ନିଲାମ ରାଶି ମଧ୍ୟରେ କୌଣସି ବୈଧାନିକ ବକେୟା ଟିକସ ଏବଂ ପ୍ରଯୁଜ୍ୟ ଆରଟିଓ ଫି ଅନ୍ତର୍ଭୁକ୍ତ ନୁହେଁ। ସଫଳ ନିଲାମଧାରୀ ଆଇନ୍ ଅନୁଯାୟୀ ସମସ୍ତ ଦେୟ, ମାଲିକାନା ହସ୍ତାନ୍ତର/ବକେୟା ଦେୟ, ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ଏବଂ ପ୍ରଯୁଜ୍ୟ ଭ୍ୟାଟ/ବିକ୍ରୟ କର/ଜିଏସଟି, ଯଦି କିଛି ଥାଏ ତାହା ବହନ କରିବେ। ୧୦) ବିଡ଼ରମାନେ ବୈଧ ପରିଚୟ ପତ୍ର ସହିତ ବ୍ୟକ୍ତିଗତ ଭାବେ ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ଏବଂ କୌଣସି କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କୁ ନିଲାମଧାରୀଙ୍କ ତରଫରୁ ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। ୧୧) ଯଦି ଗୋଟିଏ ଗାଡ଼ି ପାଇଁ ଗୋଟିଏ ରୁ ଅଧିକ ବିଡ଼ ଗ୍ରହଣ କରାଯାଇଥାଏ, ତେବେ ନିଲାମଧାରୀଙ୍କ ମଧ୍ୟରେ ଖୋଲା ନିଲାମ କରାଯିବ ଏବଂ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୧୨) ଅସଫଳ ନିଲାମଧାରୀମାନଙ୍କ ଦ୍ୱାରା ଜମା କରାଯାଇଥିବା ଅମାନତ ରାଶି ନିଲାମ ପରେ ସେହିଦିନ ଫେରସ୍ତ ଦିଆଯିବ। ୧୩) ସଫଳ ନିଲାମଧାରୀମାନେ ସେହି ଦିନ ନିଲାମ ପ୍ରକ୍ରିୟା ପରେ ନିଲାମ ରାଶିର ୨୫% ଦାଖଲ କରିବେ (ଅମାନତ ରାଶି ସହିତ) ଏବଂ ଅବଶିଷ୍ଟ ରାଶି ୩ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ କରିବେ। ୧୪) ଯଦି ସଫଳ ନିଲାମଧାରୀମାନେ ୩ ଦିନର ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ବିଡ଼ ରାଶି ଜମା କରିବାରେ ବିଫଳ ହୁଅନ୍ତି, ବିନା କୌଣସି ନୋଟିସ୍‌ରେ ଦାଖଲ କରିଥିବା ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ। ୧୫) ସଫଳ ନିଲାମଧାରୀମାନେ ୩ ଦିନ ଅତିକ୍ରାନ୍ତ ପରେ ବକେୟା ରାଶି ଉପରେ ୧୨% ହାରରେ ବିଳମ୍ବିତ ସୁଧ ଏବଂ ସେଥିପାଇଁ ନିଲାମ ତାରିଖ ଠାରୁ ସର୍ବାଧିକ ୭ ଦିନର ଅବଧି ରହିବ। ୧୬) ୭ ଦିନର ଧାର୍ଯ୍ୟ ସମୟଠାରୁ ଦେୟରେ ଖିଲାପ ହେଲେ ନିଲାମ ପ୍ରକ୍ରିୟାକୁ ବାତିଲ କରାଯିବ ଏବଂ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଏବଂ ସଫଳ ନିଲାମଧାରୀମାନଙ୍କୁ ପରବର୍ତ୍ତୀ ନୋଟିସ୍ ବିନା ଗାଡ଼ିକୁ ପୁନଃ ବିକ୍ରି କରାଯିବ। ୧୭) ପରବର୍ତ୍ତୀ ତାରିଖରେ ଦେୟ ଗ୍ରହଣ କରିବା ବ୍ୟାଙ୍କର ନିଷ୍ପତ୍ତି ଅନୁଯାୟୀ ବିବେଚନା କରାଯିବ। ୧୮) ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ବିଡ଼୍ ରାଶି ଦାଖଲ କରି ବିକ୍ରୟ ତାରିଖ ଠାରୁ ୨ ଦିନ ମଧ୍ୟରେ ପାର୍କିଂ ୟାର୍ଡର ସମସ୍ତ ଦେୟ ପ୍ରଦାନ କରି ଗାଡ଼ିକୁ ପାର୍କିଂ ୟାର୍ଡରୁ ଯାହା ଯେପରି ଅଛି, ଯାହା ଯେଉଁଠାରେ ଯେପରି ଅଛି ଭିତ୍ତିରେ ଗ୍ରହଣ କରିବେ। ଅନ୍ୟଥା ପାର୍କିଂ ଚାର୍ଜ ଟ.୩୦୦/- ସହିତ ପ୍ରତିଦିନ ଗାଡ଼ି ପ୍ରତି ପ୍ରଯୁଜ୍ୟ ଟ୍ୟାକ୍ସକୁ ବହନ କରିବେ। ୧୯) ବିକ୍ରୟ ବ୍ୟାଙ୍କ ଦ୍ୱାରା ଚୂଡ଼ାନ୍ତ ହେବା ଆବଶ୍ୟକ। ୨୦) ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଗାଡ଼ିକୁ ଗ୍ରହଣ/ନାକଚ/ବାତିଲ/ସ୍ଥଗିତ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ଏବଂ ଏହି ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ କେହି ଦାୟୀ କରିପାରିବେ ନାହିଁ। ୨୧) ସବିଶେଷ ବିବରଣୀ ଏବଂ କୌଣସି ତଥ୍ୟ ନିମନ୍ତେ ଆଗ୍ରହୀ ନିଲାମଧାରୀମାନଙ୍କୁ ସମ୍ପୃକ୍ତ ଶାଖା କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୯.୧୧.୨୦୨୫ | କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଆଡିସନାଲ ରିଭିଜନ କୋର୍ଟ ନଂ.୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର

ଓ.ଏସ୍.ଏସ୍. କେସ୍ ନଂ.୧୩୯୪/୨୦୧୭

Letter No.2057 Dtd.24.11.2025

ମେସର୍ସ ଟାଇମ୍‌ସ ସ୍କୋଲାରସ୍ ଗୁରୁକୁଳ, ନିଳାଚଳ ଏଜୁକେଶନାଲ ଟ୍ରଷ୍ଟ .....ବାଦୀ/ଦରଖାସ୍ତକାରୀ
ବନାମ
ବନ ଓରଫ ବନମାଳି ଜେନା ଓଗେର .....ପ୍ରତିବାଦୀମାନେ ଅପରପକ୍ଷମାନେ

ପ୍ରାପେଷୁ:
ପ୍ରତିବାଦୀ ନଂ.(୩)(କ) ଯାନକିକାନ୍ତ ଗରାବଡୁ, ପି.-ୱ ଶ୍ରୀକାନ୍ତ ଗରାବଡୁ, ସା-ରଥରୋଡ୍, ପୋ-ଓଲ୍‌ଡ ଟାଉନ, ଥାନା-ଶ୍ରୀଲିଙ୍ଗରାଜ, ଭୁବନେଶ୍ୱର-୭୫୧୦୦୨, ଜି.-ଖୋର୍ଦ୍ଧା, ଓଡ଼ିଶା, ପ୍ରତିବାଦୀ ନଂ.(୫) ଗୌରହରି ନାୟକ, ପିତା- ବିଷ୍ଣୁ ଚରଣ ନାୟକ, ସା-ପ୍ଲଟ ନଂ.୧/୨/୩, ଅଶୋକ ନଗର, ପୋ-ଅଶୋକ ନଗର, ଥାନା- କ୍ୟାପିଟାଲ୍, ଭୁବନେଶ୍ୱର-୭୫୧୦୦୯, ଜି. ଖୋର୍ଦ୍ଧା, ଓଡ଼ିଶା। ... ପ୍ରତିବାଦୀମାନେ

ନୋଟିସ

ସିପିସି ଅର୍ଡର-୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ମେସର୍ସ ଟାଇମ୍‌ସ ସ୍କୋଲାରସ୍ ଗୁରୁକୁଳ, ନିଳାଚଳ ଏଜୁକେଶନାଲ ଟ୍ରଷ୍ଟ ଖରିଦ ଏବଂ ଦଖଲ ଦୃଷ୍ଟେ ଜମିରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସମାନ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୯.୧୨.୨୦୨୫ରିଖ ଦିବା ଘ.୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ମୌଜା-ଗୋଠପାଟଣା, ସାବିକ ବନ୍ଦୋବସ୍ତ ଖାତା ନଂ.୬୭, ସାବିକ ପ୍ଲଟ ନଂ.୪୪୪, ମୋଟ ଏରିଆ ଏ୩.୦୨୫ଡି. ସ୍ୱଧ ଏ୧.୭୦୬.୨୬ଡି., ହାଲ୍ ବନ୍ଦୋବସ୍ତ ଖାତା ନଂ.୨୪୦, ହାଲ ପ୍ଲଟ ନଂ.୨୦୦୪, ୨୦୦୬, ୨୦୧୩, ୨୦୧୪, ୨୦୧୫, ୨୦୧୬ (ଅଂଶ), ୨୦୧୭, ୨୦୧୮, ୨୦୧୯, ୨୦୨୬ (ଅଂଶ) ଓ ୨୦୧୧।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ୱାରିଶମାନେ ନିଜେ ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ, ସ୍ୱା./- କୋର୍ଟ ଅଫିସର



ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର

ନିବେଦନ

୧. ଗୃହର ଶୁଖିଲା ଏବଂ ଓଦା ଅଳିଆ ଅଲଗା ଅଲଗା ରଖନ୍ତୁ ଏବଂ ପୌରପାଳିକାର ଅଳିଆ ସଂଗ୍ରହକାରୀଙ୍କୁ (ଗାଡ଼ି) ପ୍ରଦାନ କରନ୍ତୁ। ୨. ଗୃହ ସାମ୍ନା ରାସ୍ତାରେ ଅଳିଆ ପକାନ୍ତୁ ନାହିଁ। ଯଦି ଆପଣଙ୍କ ଗୃହ ସମ୍ମୁଖରେ ଅଳିଆ ପଡ଼ିଥିବାର ଦୃଷ୍ଟିଗୋଚର ହେଲେ ଜୋରିମାନା ଆଦାୟ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୩. ନିର୍ଦ୍ଧାରିତ ଟିକସ ଠିକ୍ ସମୟରେ ପଇଠ କରନ୍ତୁ। ୪. ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ। ୫. ଗୃହ ନିର୍ମାଣ ସରଞ୍ଜାମ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ। ୬. ସହର ଅଭ୍ୟନ୍ତରଣ ରାସ୍ତା ଗୁଡ଼ିକ ଉପରେ ଗୃହପାଳିତ ପଶୁ ଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ। ୭. ପଲିଥିନ ବ୍ୟବହାର ପରିତ୍ୟକ୍ତ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ୮. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ। ୯. ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। ୧୦. ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବର ଦଖଲରୁ ନିବୃତ୍ତ ରୁହନ୍ତୁ। ୧୧. ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇ ନଥିବା ଖାଲି ସ୍ଥାନ ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ। ୧୨. ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ପୌରପାଳିକାର ସେସ୍‌ପୁଲ ଗାଡ଼ି ଦ୍ୱାରା ସଫେଇ କରନ୍ତୁ। ସଫେଇ କରିବା ପାଇଁ ୦୬୮୫୮-୨୯୫୪୨୮/୧୪୪୨୦ (ଟୋଲ ଫ୍ରି ନମ୍ବର)ରେ ଯୋଗାଯୋଗ କରନ୍ତୁ।

''ଏକ ସ୍ୱଚ୍ଛ ଏବଂ ସୁସ୍ଥ ନବରଙ୍ଗପୁର ପୌରପାଳିକା ଗଢ଼ିବାରେ ସହାୟକ ହୁଅନ୍ତୁ''

ଡ. ଅଶୋକ କୁମାର କର୍ଣ୍ଣ (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ନବରଙ୍ଗପୁର ପୌରପାଳିକା | ଶ୍ରୀମତୀ ସୌମ୍ୟା ମହାପାତ୍ର, ଉପାଧ୍ୟକ୍ଷା, ନବରଙ୍ଗପୁର ପୌରପାଳିକା | ଶ୍ରୀ କୁନୁ ନାୟକ, ଅଧ୍ୟକ୍ଷ, ନବରଙ୍ଗପୁର ପୌରପାଳିକା



OFFICE OF THE EXECUTIVE ENGINEER, MINOR IRRIGATION DIVISION, HAZARIBAG

e-Procurement Tender Notice Two Envelope System
Tender Reference No:- WRD/MID/HAZARIBAG/02 BD/SLI /2025-26

Letter no-1148 Date- 29.11.2025

| | | |
|---|---|---|
| 1 | Name of Work: | Construction of Chief Minister Solar Lift Irrigation Scheme Ledhiya, Block-Chouparan, District- Hazaribag. |
| 2 | Estimated Cost (Rs.) | Rs. 1,30,53,000.00 |
| 3 | Cost of tender document (Rs) | Rs. 10,000.00 only (non-refundable). |
| 4 | Earnest Money Deposit (Rs.) | Rs. 1,30,530.00 only. |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in (As per SOP Issued by Information Technology & e- Governance Department, Govt of Jharkhand vide letter no- 120 Dated 03.10.2023) |
| 7 | Date of Publication of Tender on website (http://jharkhandtenders.gov.in) | Date: 15.12.2025 Time: 2.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:24.12.2025 Time:5.00 PM |
| 9 | Submission of Tender Fee and EMD | Start Date:-15.12.2025 Time:- 2.00 PM<br>Last Date:- 24.12.2025 Time:- 5.00 PM |
| 10 | Technical Bid Opening Date | Date: 26.12.2025 Time: 2.00 PM |
| 11 | Officer Inviting Bids | Executive Engineer, Minor Irrigation Division, Hazaribag |
| 12 | Contact No. of Procurement Officer e-mail of Procurement Officer | 06546-270485/ Email Id- executiveengineerirri@gmail.com |
| 13 | Help line No. of Procurement Cell | 06546-270485 |

Note:-> BOQ amount may be increase or decrease accordingly earnest money required, Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.

>Only e-Tender will be accepted.
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Hazaribag

PR 367374 (Minor Irrigation)25-26*D

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଆରିୟନ୍
ପରିବାରବର୍ଗ


ସଂକଳ୍ପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଭୁବନେଶ୍ୱର ଲୁଇସ୍ ରୋଡ୍‌ସ୍ଥିତ ରୟାଲ ଏନ୍‌ଫିଲ୍ଡ ଡିଲର ଜୟବାବା ଅଟୋମୋବାଇଲ ପକ୍ଷରୁ ନ୍ୟୁ ମେଟେଓର ୩୫୦ ସନ୍‌ଡାଉନର ଅରେଞ୍ଜ ଉନ୍ମୋଚନ କରାଯାଇଛି। ଉନ୍ମୋଚନ ଅବସରରେ ଡ. କୀର୍ତ୍ତି କେତନ ପ୍ରଧାନ, ସାତ୍ତ୍ୱିକ ସାମଲ, ତରୁଣ ବେହେରା, ପ୍ରସାଦ ପଣ୍ଡା, ଡିଲର ପ୍ରିନ୍ସିପାଲ ହର୍ଷିତ ଲୋଧା ଏବଂ ସେଲସ୍ ମ୍ୟାନେଜର ସତ୍ୟ ଧଳ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ପୂର୍ବତଟ ରେଳପଥ ପାଳିଲା ଆଇଆର୍‌ଏଏସ୍ ଦିବସ

**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ୧୬ତମ ଭାରତୀୟ ରେଳବାଇ ଆକାଉଣ୍ଟ୍ସ ସର୍ଭିସ (ଆଇଆର୍‌ଏଏସ୍) ଦିବସ ପାଳନ କରିଥିଲା, ଯେଉଁଥିରେ କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଭାରତୀୟ ରେଳବାଇ ଆକାଉଣ୍ଟ୍ସ ସର୍ଭିସ ଅଧିକାରୀମାନେ ଜ୍ଞାନ-ଆଦାନପ୍ରଦାନ ଏବଂ ସେବାରେ ଉତ୍କର୍ଷର ସ୍ୱୀକୃତି ପାଇଁ ଏକତ୍ର ହୋଇଥିଲେ। ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା ବିଜୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଏବଂ ପରେ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଆର୍ଥିକ ପ୍ରଶାସନ, ଅର୍ଥପୂର୍ଣ୍ଣ କାର୍ଯ୍ୟ ସଂସ୍କୃତି ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରଶାସନିକ ଚ୍ୟାଲେଞ୍ଜର ମୁକାବିଲା କରିବାରେ ଆଇଆର୍‌ଏଏସ୍‌ର ବିକଶିତ ଭୂମିକା ଉପରେ ଆଲୋକପାତ କରିଥିଲେ। ଏକ୍ସଆଇଏମ୍ ୟୁନିଭର୍ସିଟିର ପ୍ରଫେସର ମୌସୁମୀ ପାଢ଼ୀ ବିଶ୍ଳେଷଣାତ୍ମକ ପ୍ରସ୍ତୁତିକୁ ସୁଦୃଢ଼ କରିବା, ଦକ୍ଷତା ନିର୍ମାଣ କରିବା ଏବଂ ଭବିଷ୍ୟତର ଦାୟିତ୍ୱ ପାଇଁ କ୍ୟାଡରକୁ ପ୍ରସ୍ତୁତ କରିବା ବିଷୟରେ ମତ ଦେଇଥିଲେ। ଏହି ଉତ୍ସବରେ ବରିଷ୍ଠ ଅବସରପ୍ରାପ୍ତ ଆଇଆର୍‌ଏଏସ୍ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଆଲୋଚନାରେ କ୍ଷେତ୍ର ବିଶେଷଜ୍ଞତା ବୃଦ୍ଧି, ଡିଜିଟାଲ ରୂପାନ୍ତରଣ ଏବଂ ରେଳ ପରିଚାଳନାରେ ଆର୍ଥିକ ପରିଚାଳନାର ରଣନୈତିକ ଗୁରୁତ୍ୱକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ମାଲାବାର ପକ୍ଷରୁ ରୟାଲ ପୋଲ୍‌କି ଜୁଏଲେରି ଶୋ




**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଶୋ'ରୁମ୍‌ରେ ଶନିବାର ରୟାଲ ପୋଲ୍‌କି ଜୁଏଲେରି ଶୋ'ର ଶୁଭାରମ୍ଭ କରାଯାଇଛି। ଉଭୟ ପାରମ୍ପରିକ ଏବଂ କଣ୍ଟେମ୍ପୋରାରୀ ଡିଜାଇନରେ ପ୍ରସ୍ତୁତ ଗହଣା ପ୍ରଦର୍ଶନୀକୁ ଅଭିନେତ୍ରୀ ସୁଶ୍ରୀ ସବିତା ପଲେଇ ଶୁଭାରମ୍ଭ କରିଥିଲେ। ମାଲାବାରର ଏକ୍ସକ୍ଲୁସିଭ ବ୍ରାଣ୍ଡ 'ଭିରାଜ ରୟାଲ ପୋଲ୍‌କି'ର ଅତ୍ୟନ୍ତ ନିପୁଣ କାରିଗରିରେ ତିଆରି ଗହଣା ଏଠାରେ ପ୍ରଦର୍ଶିତ ହେଉଛି। ଭାରତୀୟ ଡିଜାଇନ୍‌ରେ ପ୍ରଦର୍ଶିତ ପ୍ରତ୍ୟେକଟି ଗହଣାର ସ୍ୱତନ୍ତ୍ରତା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅବସରରେ ସୁନା ଗହଣାଗୁଡ଼ିକର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଉଥିବାବେଳେ ଅନକଟ୍ ଓ ଜେମଷ୍ଟୋନ୍ ଉପରେ ମଧ୍ୟ ଅଫର୍ ପ୍ରଦାନ କରାଯାଉଛି। ମାଲାବାର ଗ୍ରୁପ୍ ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ସହରର ଗ୍ରାହକମାନଙ୍କୁ ଉତ୍ତମଗୁଣବତ୍ତାଯୁକ୍ତ, ଶୁଦ୍ଧ ଏବଂ ସୁଲଭ ମୂଲ୍ୟରେ ଉତ୍ପାଦ ଯୋଗାଇଦେବାକୁ ଆମେ ପ୍ରୟାସ କରୁଛୁ। ସ୍ୱଚ୍ଛତା ପାଇଁ ମାଲାବାର ପରିଚିତ ଏବଂ ଗ୍ରାହକଙ୍କୁ ସୁହାଇଲା ଭଳି ଦରରେ ମନପସନ୍ଦର ଗହଣା ବିକ୍ରି କରିବାକୁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ସୂଚନା ଥାଉ କି, ମାଲାବାର ପକ୍ଷରୁ ୱାନ୍ ଇଣ୍ଡିଆ, ୱାନ୍ ଗୋଲ୍ଡ ରେଟ୍ ସ୍କିମ୍ ପ୍ରଦାନ କରାଯାଉଛି।






# ଜୈଶାଲମେର-ଦିଲ୍ଲୀରେ ଗଡ଼ିଲା 'ସ୍ୱର୍ଣ୍ଣ ନଗରୀ ଏକ୍ସପ୍ରେସ୍'

**ଭୁବନେଶ୍ୱର,୨୯।୧୧**

ଜୈଶାଲମେର-ଦିଲ୍ଲୀ (ଶକୁର ବସ୍ତି) ମଧ୍ୟରେ ସ୍ୱର୍ଣ୍ଣ ନଗରୀ ଏକ୍ସପ୍ରେସ୍ ଗଡ଼ିଛି। କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ତଥ୍ୟ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଶନିବାର ଜୈଶାଲମେର ଷ୍ଟେଶନରୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ



କରିଛନ୍ତି। ଏହି ସେବା ଦିଲ୍ଲୀ ଓ ରାଜସ୍ଥାନର ପଶ୍ଚିମାଞ୍ଚଳରେ ରେଳ ସଂଯୋଗକୁ ସୁଦୃଢ଼ କରିବ। ରାଜସ୍ଥାନର ରାମଦେବରା, ଯୋଧପୁର, ମାକରାନା, ଜୟପୁର, ଅଲୱାର ଆଦି ସହର ଦିଲ୍ଲୀ ସହ ସିଧାସଳଖ ଯୋଡ଼ି ହେବେ। ଏହାଦ୍ୱାରା ଉନ୍ନତ ଚିକିତ୍ସା, ଶିକ୍ଷା, ପର୍ଯ୍ୟଟନ ଓ ବ୍ୟବସାୟିକ ସୁଯୋଗ ବଢ଼ିବ ଏବଂ ଅଞ୍ଚଳର ଅର୍ଥନୈତିକ ବିକାଶକୁ ବଳ ମିଳିବ ବୋଲି ଆଶା କରାଯାଉଛି। ଅଶ୍ୱିନୀ କହିଛନ୍ତି, ରାଜସ୍ଥାନରେ ୫୫,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ଚାଲିଛି। ୨୦୧୪ ପୂର୍ବରୁ ବାର୍ଷିକ ବଜେଟ ୬୮୦ କୋଟିରୁ ବଢ଼ି ପ୍ରାୟ ୧୦,୦୦୦ କୋଟି ହୋଇଛି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶୀତକାଳୀନ ସହାୟତା



**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲାରେ ଏକ ଶୀତକାଳୀନ ପ୍ରସ୍ତୁତି ଅଭିଯାନର ଆୟୋଜନ କରି ଶୀତ ପ୍ରକୋପରୁ ରକ୍ଷା ପାଇବାପାଇଁ ଲୋକଙ୍କୁ କମ୍ବଳ ବଣ୍ଟନ କରିଛି। ଏହି ପଦକ୍ଷେପ ଜାମଖାନୀ, ଘୋଘରପଲ୍ଲୀ ଏବଂ କୁରାଲୋଇ ଗାଁର ୩୦୦୦ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଥିଲା, ଯେଉଁଥିରେ ବୟସ୍କ ବ୍ୟକ୍ତି, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା, ଏସଏଚଜି ସଦସ୍ୟ, ମହିଳା ନେତୃତ୍ୱାଧୀନ ପରିବାର ଏବଂ ଭିନ୍ନକ୍ଷମ ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଶୀତ ଋତୁରେ ଅଧିକ ଲୋକଙ୍କୁ ସହାୟତାର ହାତ ବଢାଇବାପାଇଁ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ବିସ୍ତାର ଲାଗି ଯୋଜନା କରିଛି। ଏହି କାର୍ଯ୍ୟକ୍ରମକୁ କୁରାଲୋଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସନାତନ ନାୟକ, ପିପିଲିମାଲ ପଞ୍ଚାୟତ ସରପଞ୍ଚ ରଙ୍ଗାଧର ଦିଲ୍ଲା ଏବଂ ଘୋଘରପାଲି ପଞ୍ଚାୟତ ସମିତି ସଦସ୍ୟ ମାଧବ ବାରିକ ଉଦଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆମର ସାମାଜିକ ହସ୍ତକ୍ଷେପ ଆମେ ସେବା କରୁଥିବା ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିଥାଏ। ଏହି ଶୀତକାଳୀନ ପ୍ରସ୍ତୁତି ଅଭିଯାନ ସେହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କୁରାଲୋଇ ପଞ୍ଚାୟତର ସରପଞ୍ଚ ସନାତନ ନାୟକ କହିଛନ୍ତି, ସୀମିତ ସମ୍ବଳ ଥିବା ଲୋକଙ୍କ ପାଇଁ ଶୀତଦିନ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ଏହି ସମୟରେ ବେଦାନ୍ତ ଆଲୁମିନିୟମର ସମର୍ଥନ ପ୍ରକୃତରେ ଅର୍ଥପୂର୍ଣ୍ଣ ଏବଂ ଆମ ସମ୍ପ୍ରଦାୟର କଲ୍ୟାଣ ପ୍ରତି ସେମାନଙ୍କର ନିରନ୍ତର ପ୍ରତିବଦ୍ଧତାକୁ ଆମେ ପ୍ରଶଂସା କରୁଛୁ। ଘୋଘରପାଲି ପଞ୍ଚାୟତର ସମିତି ସଦସ୍ୟ ମାଧବ ବାରିକ ବେଦାନ୍ତ ଆଲୁମିନିୟମର ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# ଆର୍ଥିକବର୍ଷ-୨୬ରେ ଜିଡିପି ବୃଦ୍ଧି ଅନୁମାନ

**ଭୁବନେଶ୍ୱର,୨୯।୧୧**

ଭାରତର ୨୦୨୫-୨୬ ଆର୍ଥିକ ବର୍ଷର ଜିଡିପି ବୃଦ୍ଧି ଅନୁମାନକୁ ଦେଶର ଅଗ୍ରଣୀ ରେଟିଂ ଏଜେନ୍ସି କ୍ରିସିଲ ୬.୫%ରୁ ବଢ଼ାଇ ୭% କରିଛି। ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ୮.୨%ର ଜିଡିପି ବୃଦ୍ଧି ଏହି ଆଶାବାଦୀ ଦୃଷ୍ଟିକୋଣର ସବୁଠାରୁ ବଡ଼ କାରଣ ବୋଲି କ୍ରିସିଲ କହିଛି। କ୍ରିସିଲର ରିପୋର୍ଟ ଅନୁଯାୟୀ, ଏପ୍ରିଲ-ସେପ୍ଟେମ୍ବର (ପ୍ରଥମ ଛଅ ମାସ)ରେ ଭାରତର ବାସ୍ତବ ଜିଡିପି ୮% ରହିଛି। ଏହି ପ୍ରଦର୍ଶନ ପୂରା ବର୍ଷର ଆଉଟଲୁକ୍‌କୁ ଆହୁରି ଦୃଢ଼ କରିଦେଇଛି। ଦ୍ୱିତୀୟ ତ୍ରୈମାସରେ ୮.୨% ରିୟଲ ଜିଡିପି ବୃଦ୍ଧି ବିଶେଷଜ୍ଞଙ୍କ ଅନୁମାନଠାରୁ ବହୁତ ଉପରେ ଉତ୍ପାଦନ (ମାନୁଫାକ୍ଚରିଂ) ଓ ସେବା (ସର୍ଭିସେସ) କ୍ଷେତ୍ରର ପ୍ରଦର୍ଶନ ଏବଂ ଦରଦାମ୍ ହ୍ରାସ ଯୋଗୁ ଘରୋଇ କଞ୍ଜପ୍ସନରେ ଜୋରଦାର ବୃଦ୍ଧି, ଘରୋଇ ଚାହିଦା ଓ ମଜଭୁତ୍ ସପ୍ଲାଇ ଚେନ ଆଗକୁ ମଧ୍ୟ ଅଭିବୃଦ୍ଧିକୁ ସହାୟତା କରିବ।


# Classified Everyday

0674-2580101, 9692975378



## MATRIMONIAL

### BRIDE WANTED

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେ କୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

### GROOM WANTED

53ବୟସ୍କା Karan Divorce Govt. Employee ଝିଅଙ୍କ ପାଇଁ Widow/Divorce Anycasteର ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। 7852970280. D-2714

ମାଙ୍କ ସହିତ ରହୁଥିବା 38ବୟସ୍କା ଖଣ୍ଡାୟତ ଜାତିର ଘରୋଇ କନ୍ୟାଙ୍କ ପାଇଁ Anycasteର ବରପାତ୍ର ଆବଶ୍ୟକ। 7873680393. D-2715



## AUTOMOBILE SALE

BOLERO SLX, NOVEMBER 2014, WHITE COLOUR, EXCELLENT RUNNING CONDITION, RUN- 132000Kms, INSURANCE ROAD TAX POLLUTION FITNESS UPDATE, 1ST HAND, OWNER DRIVEN, BHUBANESWAR. CONTACT: 9437027024, 9937992270. D-76082



## REAL ESTATE SALE

**SISUPALGARH: PLOTS 600- 1800 SQFT. FOR IMMEDIATE SALE. BHUBANESWAR: 9776080988.** D-76081

BDA & ORERA approved 2/3BHK newly constructed ready to move flat at Ranga Bazaar, Near BJEM-2 on Sale. Cost: 55Lacs and onwards. Call: 9861944445, 9937082622 D-2723

Book 3BHK / 4BHK premium flat near Jharapada Canal Road and Pokhariput, Near Government Hospital @6000/- sqft. Including parking. Contact: 7978584549. D-76876

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190. D- 2685

**For Sale - Prime Plot, Centrally located, free hold Residential Plot, 7643Sqft., 72ft. frontage with 20ft. wide front and rear roads, Sewerage line, electricity, near Old Station Square, Bhubaneswar - 751006. Contact: 09861129953.** D-2684

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452.** D-218



## CONSTRUCTION

CIVIL ENGINEER CUM CONTRACTOR UNDERTAKE CONSTRUCTION WORKS OF BUILDINGS PLANNING & DESIGN. MOB.- 8144815298. D-2693

## GENERAL

Doberman Pupies for Sale. Only 30 days of age, Contact:- 9658798473. D-2724



## FOR RENT

**Multi purpose RCC Hall 1000 Sqft. (40 ft. x 25 ft.) with toilets, electricity, facing 100 ft. wide, Lewis Road, Bhubaneswar-751002, Hotel Gouri Premises adjacent to Kedargouri Temple on monthly rental basis. Contact : 9861129953.** D-2683



## Healthcare

The massage felt totally professional, & comfortable at all times- 7978109255. D-216

All types of physiotherapy Contact number 9556924059/ 7656969134, Jharapada. D-2686

## AFFIDAVIT

By virtue of an affidavit sworn before the Executive Magistrate, Boudh, No.- 1609, Dtd.- 26.11.25, I, Dillip Chinara, R/o. Village/ P.O./P.S.- Purunakatak, Dist.- Boudh, Odisha, PIN- 762013, declare that I have changed the name of my son from SAI OM CHINARA to ADITYA CHINARA. Henceforth, he shall be known as ADITYA CHINARA for all purposes.

Dillip Chinara D-2719

I, PRASANTA KUMARI LAKRA, W/o.- Patrick Lakra, Resident of Bheluadihi, P.O.- Gyanpali, P.S.- Rajgangpur, Dist.- Sundargarh, PIN- 770023, Odisha declare by this affidavit No.- A/26, dated- 13.10.2025 that now onwards I shall be known as PRASANTA LAKRA for all future purposes. D-2722

By virtue of an affidavit sworn before the Notary Public, Titilagarh, dtd.- 29.11.2025, I, Biju Dharua, S/o.- Anirudha Dharua, R/o. Village- Kandhenbahali, P.O.- Saintala, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Rozy Dharua to Roji Dharua. Henceforth, my daughter shall be known as Roji Dharua for all purposes.

Biju Dharua D-2720

By virtue of an affidavit sworn before Executive Magistrate, Kudumulugumma, Dist.- Malkangiri, No.- 586, dated- 28.11.2025, I, Sanjit Kumar Takri, S/o.- Dayapatra Takri, At/ Post- Podagada, P.S./ Dist.- Koraput. My son's actual name is Soumya Ranjan Takri mentioned in his School Register and Birth Certificate, but in Aadhaar Card No.- xxxx xxxx 4672 his name wrongly mentioned as "Rupel Takri" instead of "Soumya Ranjan Takri", both are one and same person. D-2721

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଚିନାରୀ ସରସ୍ୱତୀ ସୁବୁଦ୍ଧି
ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ ୦୧.୦୧.୧୯୪୩
ତିରୋଧାନ ୨୧.୧୧.୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

### ଏକାଦଶାହ ଉପଲକ୍ଷେ



୰ଗୋବିନ୍ଦ ଚନ୍ଦ୍ର ମହାନ୍ତି
ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ, ଓଡ଼ିଶା ସରକାର
ପ୍ଲଟ ନଂ-୫୦୪ପି, ବରମୁଣ୍ଡା, ଭୁବନେଶ୍ୱର
ଜନ୍ମସ୍ଥାନ : ଓସିଆ, ଅସ୍ତରଙ୍ଗ, ପୁରୀ
ଆବିର୍ଭାବ : ୧୦.୧୧.୧୯୨୭
ତିରୋଧାନ : ୨୦.୧୧.୨୦୨୫
ଆଜିର ଏହି ଏକାଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଆମ୍ଭେମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ପୁତ୍ର-କିଶୋର ମହାନ୍ତି, ପୁତ୍ରବଧୂ-ଅର୍ଚ୍ଚନା, ନାତି-ଅଙ୍କିତ୍, ଅଜିତେଶ, ଜ୍ୱାଇଁ-ପ୍ରଭୁ, କୈଳାଶ, ପ୍ରଶାନ୍ତ, ସୁବ୍ରତ, ଝିଅ-ଲକ୍ଷ୍ମୀ, ବିଷ୍ଣୁ, ସୁଚିତ୍ରା, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

# କଷିଆ ସାମୁଦ୍ରିକ ମୁହାଣରେ ତିମି ମୃତଦେହ ଠାବ


ଠାବ ହୋଇଥିବା ପିଗିମ କିଲର ତିମି

**ବାସୁଦେବପୁର,୨୯।୧୧**
**(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ମାଛଧରା ଜେଟି(ମୁହାଣ)ରେ ଶନିବାର ପୂର୍ବାହ୍ନରେ ଏକ ବିଶାଳକାୟ ପିଗିମ କିଲର ତିମି ମାଛର ମୃତଦେହ ଠାବ କରାଯାଇଛି। ମୃତ ତିମିଟି ସମୁଦ୍ରରୁ ଭାସି ଆସି କଷିଆ ମାଛଧରା ଜେଟି ନିକଟରେ ଲାଗିଥିବା କେତେଜଣ ମତ୍ସ୍ୟଜୀବୀ ଦେଖିବାକୁ ପାଇଥିଲେ। ଏହାପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗର ମିଳିତ ଉଦ୍ୟମରେ ବିରାଟକାୟ ତିମିକୁ କୂଳକୁ ଅଣାଯାଇଥିଲା। ଏହି ମାଛଟିର ନାମ ପିଗିମ କିଲର ତିମି ବୋଲି ବାସୁଦେବପୁର ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି କହିଛନ୍ତି।

ତିମିଟିର ଓଜନ ପ୍ରାୟ ୮/୧୦ କୁଇଣ୍ଟାଲ, ଲମ୍ବ ୧୫ ଫୁଟ ଓ ମୋଟେଇ ୬ ଫୁଟ ହେବ। ଏହି ବିରଳ ପ୍ରଜାତିର ପିଗିମ କିଲର ତିମି ଗଭୀର ସମୁଦ୍ରରେ ରହୁଥିବା ବେଳେ କୌଣସି ବୋଟ୍ କିମ୍ବା ଲଞ୍ଚରେ ଆଘାତପ୍ରାପ୍ତ ହୋଇ କୂଳକୁ ଚାଲିଆସିଥିବା ଅନୁମାନ କରାଯାଉଛି। ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ କଷିଆ ଜେଟିର ମତ୍ସ୍ୟଜୀବୀଙ୍କ ଉଦ୍ୟମକ୍ରମେ ମୃତ ତିମିକୁ ବୋଝେଇ କରାଯାଇ ବାସୁଦେବପୁର ବନ ବିଭାଗ ଅଫିସକୁ ନିଆଯାଇଥିଲା। ରେଞ୍ଜର ମହାନ୍ତିଙ୍କ ଉପସ୍ଥିତିରେ ବାସୁଦେବପୁର ଭେଟେନାରି ଅଫିସରେ କାର୍ଯ୍ୟରତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଦୀପ୍ତା ଜେନା, ସାମୁଦ୍ରିକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଜଗଦୀଶ ବାରିକ ମୃତ ତିମିର ବ୍ୟବଚ୍ଛେଦ କରାଇ ମାଂସ ଓ ରକ୍ତ ସାମ୍ପୁଲ ସଂଗ୍ରହ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ତିମିର ମୃତ୍ୟୁ ଘଟିଲା, ତାହା ଅନୁସନ୍ଧାନ କରାଯାଉଛି ବୋଲି ରେଞ୍ଜର ମହାନ୍ତି ଓ ସାମୁଦ୍ରିକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ବାରିକ କହିଛନ୍ତି।



# ୨୮ ବର୍ଷ ପରେ ବିଦ୍ୟୁତ୍ ଆଲୁଅ ଦେଖିଲା ସୁବର୍ଣ୍ଣପୁର ଗାଁ

**ଧରାକୋଟ,୨୯।୧୧(କୃପାସିନ୍ଧୁ ସ୍ୱାଇଁ)**

୨୮ ବର୍ଷ ପରେ ଗଞ୍ଜାମ ଜିଲା ଝାଡବନ୍ଧ ପଞ୍ଚାୟତର ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ଆଲୁଅ ଜଳିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେମାନେ ଗାଁରେ ବାଜା ବଜାଇ ନାଚ କରି ଖୁସି ମନାଇଛନ୍ତି। ଏହି ଗାଁର ଗ୍ରାମବାସୀ ବର୍ଷବର୍ଷ ଧରି ଅନ୍ଧାରରେ ଚଳୁଥିଲେ।

## ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥାର ଉଦ୍‌ଘାଟନ କଲେ ଜିଲାପାଳ

ଡିବିରି ଆଲୁଅରେ ଗାଁର ପିଲାମାନେ ପାଠ ପଢି ଭବିଷ୍ୟତ ସ୍ୱପ୍ନ ଦେଖୁଥିଲେ। ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ଆଲୋକ ନ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟିକୁ ଆସିଥିଲା। ସେ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ସୁବର୍ଣ୍ଣପୁର ଗାଁକୁ ବିଦ୍ୟୁତ୍ ଯୋଗାଣ ନେଇ ଗତ ୨୯ ତାରିଖରେ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ବିଦ୍ୟୁତ୍ ଆଲୋକ ସଂଯୋଗ କରିଛି। ଶନିବାର ଜିଲାପାଳ ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଫଳରେ ସୁବର୍ଣ୍ଣପୁରବାସୀଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଏହି ସମୟରେ ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା, ବିଡିଓ ସଂଗ୍ରାମ କେଶରୀ ଜେନା, ଏବିଡିଓ ସୁଶୀଳ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।
















































# ଆଜି ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଦିନିକିଆ

ରାଞ୍ଚି,୨୯।୧୧(ପି.ଟି.)

ସ୍ଥାନୀୟ ଜେଏସ୍‌ସିଏ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ନିୟମିତ ଅଧିନାୟକ ଶୁବମନ ଗିଲ ଓ ଉପଅଧିନାୟକ ଶ୍ରେୟସ ଆୟାରଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଏହି ଦିନିକିଆ ସିରିଜ୍‌ରେ ଦଳର ନେତୃତ୍ୱ ଭାର ସମ୍ଭାଳିବେ। ଆସନ୍ତା ବର୍ଷ ଫେବୃଆରୀରେ ଭାରତରେ ଟି୨୦ ବିଶ୍ୱକପ୍ ହେବାକୁ ଥିବାରୁ ଏହି ସିରିଜ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇସାରିଥିବା ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ସଭିଙ୍କ ନଜର ରହିବ। ଦୁହେଁ ଗତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ଆଗାମୀ ଦୁଇ ମାସ ମଧ୍ୟରେ ଭାରତୀୟ ଦଳ ୬ଟି ଦିନିକିଆ ମ୍ୟାଚ୍ ଖେଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବାର ଅଛି। ଏଣୁ ୨୦୨୭ ବିଶ୍ୱକପ୍ ଖେଳିବା ଲକ୍ଷ୍ୟରେ ଥିବା ଉଭୟ ରୋହିତ ଓ କୋହଲିଙ୍କ ଲାଗି ଏହି ଦୁଇ ସିରିଜ୍ ପରୀକ୍ଷା ସଦୃଶ ହେବ। ଉଲ୍ଲେଖଯୋଗ୍ୟ, ଏହି ଜେଏସ୍‌ସିଏ ଷ୍ଟାଡିୟମରେ ୨୦୧୩ରେ ରୋହିତ ପ୍ରଥମ ଥର ଭାରତୀୟ ଦଳ ପାଇଁ ପୂର୍ଣ୍ଣକାଳୀନ ଓପନର ଭାବେ ଖେଳିଥିଲେ, ଯାହାକି ତାଙ୍କ କ୍ୟାରିୟରକୁ ବଦଳାଇ ଦେଇଥିଲା।

ଟେଷ୍ଟ ସିରିଜ୍‌ରେ ଭାରତୀୟ ଦଳର ଶୋଚନୀୟ ପରାଜୟ ପରେ ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ନିଷ୍ପତ୍ତି ଓ ଟିମ୍ ସିଲେକ୍ସନ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିଯୋଗୁ ଏହି ଦିନିକିଆ ସିରିଜ୍ ତାଙ୍କ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏହି ସିରିଜ୍ ଜରିଆରେ ଭାରତୀୟ ହ୍ୱାଇଟ୍ ବଲ ଦଳ ଠିକ୍ ଦିଗରେ ଆଗାଉଥିବା ଗମ୍ଭୀର ପ୍ରଦର୍ଶନ କରିବାକୁ ଚାହିଁବେ।

ଅନେକ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଚୂଡ଼ାନ୍ତ ଏକାଦଶ ଚୟନ କରିବା ଟିମ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଗିଲ ଓ ଶ୍ରେୟସ ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିଥିବା ବେଳେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ସେମାନଙ୍କ ଅନୁପସ୍ଥିତି ଦଳକୁ ତା'ର ବେଞ୍ଚ ଷ୍ଟ୍ରେନ୍ଥ ପରୀକ୍ଷା କରିବାକୁ ସୁଯୋଗ ଦେଇଛି। ଏଥିଯୋଗୁ ତିଳକ ବର୍ମା, ଋତୁରାଜ ଗାଏକ୍ୱାଡ, ଯଶସ୍ୱୀ ଜୟସ୍ୱାଲଙ୍କର ଖେଳିବାର ବିଶେଷ ସମ୍ଭାବନା ରହିଛି। ସିନିୟର ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦଳରେ ଥିବାରୁ ୱାଶିଂଟନ ସୁନ୍ଦର ଓ ନୀତୀଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣେ ହିଁ ଖେଳିପାରନ୍ତି। ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ହର୍ଷିତ ରାଣା ଓ କୁଲଦୀପ ଯାଦବ ବୋଲିଂ ବିଭାଗ ସମ୍ଭାଳିବେ।

ଅନ୍ୟପକ୍ଷରେ ଟେଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଦିନିକିଆ ସିରିଜ୍‌କୁ ଓହ୍ଲାଇବ। କାଗିସୋ ରାବାଡା ଓ ଆନରିଚ ନର୍କିଆଙ୍କ ଅନୁପସ୍ଥିତିରେ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦଳରେ ଲୁଙ୍ଗି ଏନ୍‌ଗିଡି ଓ ନାନ୍ଦ୍ରେ ବର୍ଗର ପେସ ବିଭାଗ ସମ୍ଭାଳିବେ। ମିଡିଲ ଓଭରରେ ବାମହାତୀ ସ୍ପିନର କେଶବ ମହାରାଜ ପିଚ୍‌ରୁ ଫାଇଦା ଉଠାଇ ପାରନ୍ତି। ବ୍ୟାଟିଂରେ ଟପ୍ ଅର୍ଡରରେ ଅଭିଜ୍ଞ କ୍ୱିଣ୍ଟନ ଡି କକ୍ ଥିବା ବେଳେ ମିଡିଲ ଅର୍ଡରରେ ବଭୁମାଙ୍କ ସହ ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ ଓ ଟୋନି ଡି ଜର୍ଜି ରହିଛନ୍ତି।

**ସମ୍ଭାବ୍ୟ ଭାରତୀୟ ଦଳ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା/ ଋତୁରାଜ ଗାଏକ୍ୱାଡ, ରିଷଭ ପନ୍ତ/ଧ୍ରୁବ ଜୁରେଲ (ଉଇକେଟକିପର), ଲୋକେଶ ରାହୁଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା, ନୀତୀଶ କୁମାର ରେଡ୍ଡୀ/ ୱାଶିଂଟନ ସୁନ୍ଦର, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, କୁଲଦୀପ ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରାମ/ରିୟାନ ରିକେଲଟନ, କ୍ୱିଣ୍ଟନ ଡି କକ୍(ଉଇକେଟକିପର), ଟେମ୍ବା ବଭୁମା(ଅଧିନାୟକ), ଟୋନି ଡି ଜର୍ଜି, ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ, ମାର୍କୋ ଜାନସେନ, କର୍ବିନ ବୋଶ୍ଚ, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଓଟନିଲ ବାର୍ଟମାନ।

**ସମୟ: ଅପରାହ୍ନ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**




ନେଟ୍ସରେ ଅଭ୍ୟାସ ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି।

# ପ୍ରଥମ ମ୍ୟାଚ୍‌ରେ ଆର୍‌ସିବିକୁ ଭେଟିବ ଏମ୍‌ଆଇ

## ଡବ୍ଲ୍ୟୁପିଏଲ୍-୪ କାର୍ଯ୍ୟସୂଚୀ ଘୋଷିତ

ମୁମ୍ବାଇ,୨୯।୧୧(ପି.ଟି.)

ଆସନ୍ତାବର୍ଷ ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବାକୁ ଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଲାଗି ଶନିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଡିୱାଇ ପାଟିଲ ଷ୍ଟାଡିୟମରେ ଭେଟିବ। ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଥର ପାଇଁ ଫାଇନାଲ ମ୍ୟାଚ୍ ସପ୍ତାହନ୍ତରେ ହେବ ନାହିଁ। ଫାଇନାଲ ଫେବୃଆରୀ ୫ ତାରଖ ତଥା ଗୁରୁବାର ହେବ। ସମାନ ସପ୍ତାହରେ ପୁରୁଷ ଟି୨୦ ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଦୁଇଟି ଭେନ୍ୟୁରେ ହେବାକୁ ଥିବା ଡବ୍ଲ୍ୟୁପିଏଲ୍‌ରେ ୨୮ ଦିନ ମଧ୍ୟରେ ମୋଟ ୨୨ ମ୍ୟାଚ୍ ଖେଳାଯିବ। ଚଳିତ ମାସରେ ଭାରତୀୟ ମହିଳା ଦଳ ବିଶ୍ୱକପ୍ ଟ୍ରଫି ଉଠାଇଥିବା ଭେନ୍ୟୁ ଡିୱାଇ ପାଟିଲ ଷ୍ଟାଡିୟମରେ ପ୍ରଥମ ୧୧ ମ୍ୟାଚ୍ ଖେଳାଯିବ। ଏହାପରେ ଟୁର୍ନାମେଣ୍ଟର ଦ୍ୱିତୀୟାର୍ଦ୍ଧ ଭଦୋଦରାସ୍ଥିତ କୋଟାମ୍ବି ଷ୍ଟାଡିୟମରେ ଖେଳାଯିବ। ଏହି ଭେନ୍ୟୁରେ ଫାଇନାଲ ଓ ଏଲିମିଟେର ମ୍ୟାଚ୍ ମଧ୍ୟ ଖେଳାଯିବ। ପ୍ରଥମ ଥର ପାଇଁ ଡବ୍ଲ୍ୟୁପିଏଲ୍ ଜାନୁଆରୀ-ଫେବୃଆରୀରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଏହି ଲିଗ୍ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଫେବୃଆରୀ-ମାର୍ଚ୍ଚରେ ହେଉଥିଲା। ଟୁର୍ନାମେଣ୍ଟର ଫର୍ମାଟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ୟୁପି ୱାରିଅର୍ଜ, ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ ଆଦି ଦଳ ପରସ୍ପର ମଧ୍ୟରେ ରାଉଣ୍ଡ ରବିନ ଭିତ୍ତିରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବେ।

## ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନ

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୯।୧୧(ଅନାଦି କର)

କୋଲକାତାସ୍ଥିତ ଖୁଦିରାମ ଅନୁଶିଳନ କେନ୍ଦ୍ରଠାରେ ଚାଲିଥିବା ଭାରୋତ୍ତୋଳନ ପ୍ରତିଯୋଗିତାରେ ତୃତୀୟ ଦିନ ତଥା ଶନିବାର ଓଡ଼ିଶାର ଆଥଲେଟ୍‌ମାନେ ୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୭ କେଜି ଯୁବ ବର୍ଗରେ ଭୁବନେଶ୍ୱରର ସ୍ପୋର୍ଟ୍ସ ହଷ୍ଟେଲର ପ୍ରତିଭା ରାଣୀ ପାତ୍ର ସ୍ନାଚରେ ୬୯ କେଜି ଓ ଜର୍କରେ ୮୫ କେଜି ସହ ମୋଟ ୧୫୪ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୭ରୁ ଊର୍ଦ୍ଧ୍ୱ କେଜି ଓଜନ ବର୍ଗରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଏଚ୍‌ପିସିର ମୌସମୀ ଦାସ ସ୍ନାଚରେ ୭୧ କେଜି ଓ ଜର୍କରେ ୮୯ କେଜି ସହ ମୋଟ ୧୫୯ କେଜି ଭାର ଉଠାଇ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିଯୋଗୁ ଏହି ପ୍ରତିଯୋଗିତାରେ ତୃତୀୟ ଦିନ ଶେଷ ସୁଦ୍ଧା ଓଡ଼ିଶା ୨୦ ପଦକ ଜିତିଛି। ଏହି ତାଲିକାରେ ୬ଟି ସ୍ୱର୍ଣ୍ଣ ଓ ୭ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ରହିଛି।

## ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍

# ଭାରତର ବୃହତ୍ ବିଜୟ

ମଦୁରାଇ,୨୯।୧୧(ପି.ଟି.)

ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ପୁଲ ବି' ମ୍ୟାଚ୍‌ରେ ଭାରତ ୧୭-୦ ଗୋଲର ବୃହତ୍ ବ୍ୟବଧାନରେ ଓମାନକୁ ପରାସ୍ତ କରିଛି। ଦଳ ପାଇଁ ୩ ଖେଳାଳି ଯଥା ଅର୍ଶଦୀପ ସିଂ(ଚତୁର୍ଥ, ୩୩ତମ ଓ ୪୦ତମ ମିନିଟ୍), ମନପ୍ରୀତ ସିଂ (୧୭ତମ, ୨୬ତମ ଓ ୩୬ତମ) ଓ ଦିଲରାଜ ସିଂ (୨୯ତମ, ୩୨ତମ ଓ ୫୮ତମ) ହ୍ୟାଟ୍ରିକ ଗୋଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଙ୍ଗାଲେମ୍ବା ଲୁୱାନ ଥୌରାଓଜାମ (୪୩ତମ ଓ ୫୦ତମ) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଅନମୋଲ ଏକ୍କା (୨୯ତମ), ଗୁର୍ଜୋତ ସିଂ (୩୯ତମ) ଓ ଶରଦା ନନ୍ଦ ତିୱାରୀ (୫୫ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶ୍ରୀଲଙ୍କାରେ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଓ ପବନ ସତ୍ତ୍ୱେ ମ୍ୟାଚ୍ ଖେଳାଯାଇଥିଲା। ଚଳିତ ଟୁର୍ନାମେଣ୍ଟରେ ଏହା ଭାରତର ଲଗାତର ଦ୍ୱିତୀୟ ବିଜୟ। ଏଥିପୂର୍ବରୁ ଶୁକ୍ରବାର ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଚିଲିକୁ ୭-୦ ଗୋଲରେ ହରାଇଥିଲା। ଭାରତୀୟ ଦଳ ଆସନ୍ତା ୨ ତାରିଖରେ ତା'ର ପରବର୍ତ୍ତୀ ଲିଗ୍ ମ୍ୟାଚ୍‌ରେ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜିତ ଥିବା ସ୍ୱିଜରଲାଣ୍ଡକୁ ଭେଟିବେ। ଶନିବାର ଖେଳଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମାଲେସିଆ ୫-୧ ଗୋଲରେ ଅଷ୍ଟ୍ରିଆକୁ ହରାଇଥିବା ବେଳେ ନେଦରଲାଣ୍ଡ୍ସ ୫-୩ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଛି।



ଭାରତ ଏବଂ ଓମାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଗତିକୃଷ୍ଣ ସ୍ମାରକୀ ଫୁଟ୍‌ବଲ

# ଆର୍ଡର ବିଜୟୀ

## ଲିଙ୍ଗରାଜ କ୍ଲବ - ରାମେଶ୍ୱର ଏଫ୍‌ସି ମ୍ୟାଚ୍ ଡ୍ର'

ଭୁବନେଶ୍ୱର,୨୯।୧୧
(ଅନାଦି କର)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଲିଙ୍ଗରାଜ କ୍ଲବ ଓ ରାମେଶ୍ୱର ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଡର ଦଳ ବିଜୟୀ ହୋଇଛି।

ପ୍ରଥମ ମ୍ୟାଚ୍‌ରେ ଲିଙ୍ଗରାଜ କ୍ଲବ ପକ୍ଷରୁ ଅଭିଷେକ ଦିଗଲ ଗୋଲ କରିଥିବା ବେଳେ ରାମେଶ୍ୱର ପାଇଁ ଅନୁଜ ପାଣ୍ଡେ ଗୋଲ ସ୍କୋର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ରାମେଶ୍ୱର ଏଫ୍‌ସିର ବିଶ୍ୱଜିତ ମଲିକଙ୍କୁ ଅତିଥି ଭାବେ ଯୋଗଦେଇଥିବା ବିଏଏର ବରିଷ୍ଠ ସଦସ୍ୟ ଗଣେଶ ପାଲ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଡର ୬-୦ ଗୋଲରେ କିଟ୍‌କୁ ପରାସ୍ତ କରିଥିଲା। ବିଜୟୀ ଦଳ ପାଇଁ ସୁନୀଲ ମଲିକ ହ୍ୟାଟ୍ରିକ ଗୋଲ କରିଥିବା ବେଳେ ବାହାଡା ମାରାଣ୍ଡି, କୌଶଲ ମାଝୀ ଓ ପି. ଚମ୍ପେଇ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ସୁନୀଲ ମଲିକଙ୍କୁ ବିଏଏର କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ।

# କାନାଡାକୁ ହରାଇ ଫାଇନାଲରେ ଭାରତ

## ସୁଲତାନ ଆଜଲାନ ଶାହା କପ୍ ହକି

ଇପୋ, ୨୯।୧୧ (ପି.ଟି.)

ଭାରତ ଏଠାରେ ଏକ ହାଇ ସ୍କୋରିଂ ମ୍ୟାଚରେ କାନାଡାକୁ ୧୪-୩ ଗୋଲ୍‌ରେ ପରାସ୍ତ କରି ପୁଲ୍‌ର ଟପର ଭାବେ ସୁଲତାନ ଆଜଲାନ ଶାହା କପ୍ ହକି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟରେ ଭାରତ କେବଳ ବେଲଜିୟମଠାରୁ ଏକମାତ୍ର ଗୋଲ୍‌ରେ ପରାଜିତ ହୋଇଛି। ପୂର୍ବ ଗେମ୍‌ରେ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ମ୍ୟାଚରେ ୩-୨ ଗୋଲ୍‌ରେ ବିଜୟ ହାସଲ କରିଥିଲା। ଭାରତ ରବିବାର ଫାଇନାଲରେ ବେଲଜିୟମକୁ ଭେଟିବ। ଶନିବାର ମ୍ୟାଚରେ ଯୁଗରାଜ ସିଂ (୧୨ତମ, ୨୭ତମ, ୩୯ତମ ଓ ୫୦ତମ ମିନିଟ) ବ୍ୟକ୍ତିଗତ ସର୍ବାଧିକ ୪ଟି ଗୋଲ ସ୍କୋର କରିଥିବା ବେଳେ ଅମିତ ରୋହିଦାସ (୧୫ତମ ଓ ୪୮ତମ), ରାଜିନ୍ଦର ସିଂ (୧୦ମ ଓ ୨୪ତମ), ଓ ଅଭିଷେକ ଶର୍ମା (୫୭ତମ ଓ ୫୯ତମ) ଦୁଇଟି ଲେଖାଏ ଗୋଲ୍ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳକାନ୍ତ ଶର୍ମା (୪ର୍ଥ), ଦିଲପ୍ରୀତ ସିଂ (୨୫ତମ), ସେଲଭାମ କାର୍ଥି(୪୩ତମ) ଓ ସଞ୍ଜୟ (୫୬ତମ ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। କାନାଡ଼ା ପକ୍ଷରୁ ବ୍ରେଣ୍ଡାନ ଗୁରାଲିଉକ୍ (୧୧ଶ), ମାଥ୍ୟୁ ସାରମେଣ୍ଟୋ (୩୫ତମ) ଏବଂ ଜ୍ୟୋଥସ୍ୱରୂପ ସିଧୁ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ଏସୀୟ ଯୁବ ଚେସ୍ ଚାମ୍ପିୟନଶିପ୍ : ଭାରତକୁ ବ୍ରୋଞ୍ଜ

ଭୁବନେଶ୍ୱର,୨୯।୧୧
(ଅନାଦି କର)

ଥାଇଲାଣ୍ଡର ବ୍ୟାଙ୍କକଠାରେ ଚାଲିଥିବା ଏସୀୟ ଯୁବ ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର କୁନି ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ୧୦ ବର୍ଷରୁ କମ୍ କାଟେଗୋରିରେ ବ୍ରୋଞ୍ଜ ପଦକ ଜିତିଛି। ଦଳଗତ ପ୍ରତିଯୋଗିତାରେ ୩୩ ଦେଶ ଭାଗ ନେଇଥିବା ବେଳେ ଭିଏତନାମ (୨୦.୫ ପଏଣ୍ଟ) ପ୍ରଥମ ଓ କାଜାଖସ୍ତାନ (୧୯) ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ ୧୮.୫ ପଏଣ୍ଟ ସହ ପୋଡିୟମରେ ତୃତୀୟ ସ୍ଥାନ ଅଧିକାର କରିଛି। ଏଥିଲାଗି କିଙ୍ଗ୍ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ ରାୟ, ପ୍ରଚେଷ୍ଟାର ପ୍ରଶାସକ ଆଇ ଏ ସ୍ୱୟାଂଶୁ ସତ୍ୟପ୍ରଜ୍ଞ, ଟ୍ରିପଲ ସି ଚେସ୍ କ୍ଲବର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଓଡ଼ିଶା ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜ, କାର୍ଯ୍ୟକାରୀ ସଦସ୍ୟ ଅଭିଷେକ ଆଚାର୍ଯ୍ୟ, ରିତେଶ ରଥ, ପଦ୍ମିନୀ ସିଂ, ଆନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଶୃଙ୍ଖଳିତ, ସୁରକ୍ଷିତ ମ୍ୟାଚ୍ ପରିଚାଳନାକୁ ଗୁରୁତ୍ୱ

## ଭାରତ-ଦକ୍ଷିଣ ଆଫ୍ରିକା ଟି୨୦




ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ୍ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଉଚ୍ଚପଦାଧିକାରୀ।

କଟକ,୨୯।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଡିସେମ୍ବର ୯ତାରିଖରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଶନିବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମ୍ୟାଚ୍ ପୂର୍ବରୁ ଟିକେଟ ବିକ୍ରି ଓ ମ୍ୟାଚ୍ ସମୟରେ ଦର୍ଶକଙ୍କ ସୁରକ୍ଷା, ସିଟିଂ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ପବ୍ଲିକ ଆଡ୍ରେସ୍ ସିଷ୍ଟମ, ଗ୍ରୀନ କରିଡର ବ୍ୟବସ୍ଥା, ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍, ଭିଭିଆଇପି ଗ୍ୟାଲେରି, ଫ୍ୟାନ ପାର୍କ, ଟିକେଟ, ଷ୍ଟାଡିୟମ ପରିସରରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା, ମ୍ୟାଚ୍ ସମୟରେ ବିଦ୍ୟୁତ୍, ଷ୍ଟାଡିୟମ ପରିସରରେ ସିସିଟିଭି, ଷ୍ଟାଡିୟମରେ ସାନିଟାଇଜେସନ, ସଫେଇ ଓ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା, ଜଳ ନିଷ୍କାସନ, ଅଗ୍ନିନିରାପତ୍ତା, ମ୍ୟାଚ୍ ସମୟରେ ଆମ୍ବୁଲାନ୍ସ ଓ ମେଡିକାଲ ଟିମ୍ ବ୍ୟବସ୍ଥା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀମାନେ ଯୋଗଦେଇ କିପରି ଶୃଙ୍ଖଳିତ ଓ ଠିକ୍ ଢଙ୍ଗରେ ମ୍ୟାଚ୍ ପରିଚାଳନା କରାଯାଇପାରିବ ସେ ନେଇ ମତ ରଖିଥିଲେ। ଏ ନେଇ ଆରଡିସି ଗୁହା ପୁନମ ତାପସ କୁମାର କହିଛନ୍ତି, ସମ୍ପୂର୍ଣ୍ଣ ଭାବେ ମ୍ୟାଚ୍‌କୁ ଶୃଙ୍ଖଳିତ ଢଙ୍ଗରେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଦର୍ଶକ ଓ ଖେଳାଳିଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ମୁଖ୍ୟତଃ ଭାବେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ। ଖେଳାଳିଙ୍କୁ ସ୍ୱାଗତ ଜଣାଇବା ଓ ଯେପରି ଏଠାରୁ ଭଲ ସ୍ମୃତି ନେଇ ଫେରିବେ ସେଥିପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯିବ। ବୈଠକରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ସମେତ ଦୈତନଗରୀ ପୋଲିସ କମିଶନର, ଭୁବନେଶ୍ୱର ଡିସିପି, ଖୋର୍ଦ୍ଧା ଜିଲାପାଳ, ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ, କ୍ରୀଡ଼ା ବିଭାଗ, ପରିବହନ, ଅଗ୍ନିଶମ, ଜିଲା ସ୍ୱାସ୍ଥ୍ୟ ବିଭାଗ, ମହାନଗର ସ୍ୱାସ୍ଥ୍ୟ ବିଭାଗ, ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ, ବିଦ୍ୟୁତ୍ ବିଭାଗ, ୱାଟ୍‌କୋ, ଓଡ଼ିଶା କ୍ରିକେଟ ଆସୋସିଏଶନ୍, ଅଲିମ୍ପିକ୍ସ ଆସୋସିଏଶନ୍ ଆଦି ଅନ୍ୟାନ୍ୟ ୨୦ଟି ବିଭାଗ ଓ ସଂଘର ସଦସ୍ୟମାନେ ଯୋଗଦେଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ